ଧରିତ୍ରୀ
DHARITRI
ଧରିତ୍ରୀ 51 Years
ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୫/୨୦୨୫ (୧୬ ପୃଷ୍ଠା) Bhubaneswar, Friday, December 5/2025 Page 16 ₹ 7.00
୫୨ଶ ଭାଗ ୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 52 ISSUE 12 ମୂଲ୍ୟ ₹୭/-


ନୂଆଦିଲ୍ଲୀର ପାଲାମ୍ ବିମାନବନ୍ଦରରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର୍ ପୁଟିନ୍ ଗୁରୁବାର ସନ୍ଧ୍ୟାରେ ପହଞ୍ଚିବା ପରେ ତାଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଗତ କରୁଛନ୍ତି।

# ଦିଲ୍ଲୀରେ ପୁଟିନ୍

## ଆଜି ୨୩ତମ ଭାରତ-ରୁଷିଆ ସମ୍ମିଳନୀ

**ନୂଆଦିଲ୍ଲୀ,୪।୧୨(ପି.ଟି.)**

ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ପ୍ରାୟ ୭୨ ଘଣ୍ଟିଆ ଭାରତ ଗସ୍ତରେ ଆସି ଗୁରୁବାର ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ୮ ଦଶନ୍ଧି ଧରି ଭାରତ-ରୁଷିଆ ଦ୍ୱିପାକ୍ଷିକ ସମ୍ପର୍କକୁ ଏହି ଗସ୍ତ ଆହୁରି ମଜଭୁତ କରିବ ବୋଲି କୁହାଯାଉଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଭାରତ ଉପରେ କଷିଥିବା ୨୫% ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦ ୨୫% ଜରିମାନାକୁ ନେଇ ଭାରତୀୟ ସାମଗ୍ରୀ ରପ୍ତାନି ପ୍ରଭାବିତ ହୋଇଛି। ଏଭଳି ସମୟରେ ରୁଷିଆ ରାଷ୍ଟ୍ରପତି ପୁଟିନ୍ ଭାରତ ଗସ୍ତ କରିଛନ୍ତି। ୨୦୨୨ ଫେବୃଆରୀ ୨୪ରେ ୟୁକ୍ରେନ୍ ଯୁଦ୍ଧ ☞ପୃଷ୍ଠା-୪

# ଗାନ୍ଧୀ ବିରୋଧୀ ମନ୍ତବ୍ୟକୁ ନେଇ ଝଡ଼

**ଭୁବନେଶ୍ୱର,୪।୧୨(ସୁନିତ୍ ମିଶ୍ର)**

- ୯ ଥରରେ ୧ ଘଣ୍ଟା ୩୩ ମିନିଟ୍ ଗୃହ ମୁଲତବୀ
- ଗୃହ ଭିତରେ ସନ୍ତୋଷ ଖଟୁଆଙ୍କ ମନ୍ତବ୍ୟକୁ ନାପସନ୍ଦକଲେ ସରକାର
- ଗାନ୍ଧୀ ମୂର୍ତ୍ତି ତଳେ ଧାରଣା ଦେଲେ ବିରୋଧୀ


ବିଧାନସଭା ପରିସରସ୍ଥ ଗାନ୍ଧୀମୂର୍ତ୍ତି ତଳେ ଧାରଣା ଦେଇଥିବା ବିରୋଧୀ ଦଳ ସଦସ୍ୟ।

ମହାତ୍ମା ଗାନ୍ଧୀ ଦେଶ ବିଭାଜନକାରୀ ବୋଲି ଭାଜପା ବିଧାୟକ ସନ୍ତୋଷ ଖଟୁଆ କହିଥିବା ଅଭିଯୋଗ କରି ଗୃହ ବାହାରେ ବିରୋଧୀ ଝଡ଼ ସୃଷ୍ଟି କରିଛନ୍ତି। ଏହି ପ୍ରସଙ୍ଗରେ ଉଭୟ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଏକ ହୋଇ ବିଧାନସଭା ପରିସରରେ ଥିବା ଗାନ୍ଧୀମୂର୍ତ୍ତି ତଳେ ଧାରଣାଦେବା ସହ ଶାସକ ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଫଳରେ ଗୃହ କାର୍ଯ୍ୟ ଅପରାହ୍ନ ୫ଟା ୫୨ରୁ ଲଗାତର ୯ ଥର ମୁଲତବୀ ରଖାଯାଇଥିଲା। ଗୃହ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଖର୍ଚ୍ଚଦାବି ଆଲୋଚନା ଏହି ଗୋଟିଏ ମନ୍ତବ୍ୟକୁ ନେଇ ଦୀର୍ଘ ୧ ଘଣ୍ଟା ୩୩ ମିନିଟ୍ ଅଟକିଯାଇଥିଲା। ବିରୋଧୀଙ୍କୁ ବୁଝାଇବାକୁ ବାଚସ୍ପତି ସୁରମା ପାଢ଼ୀ ମନ୍ତ୍ରୀ ମୁକେଶ ମହାଲିଙ୍ଗ, ରବି ନାରାୟଣ ନାଏକ ଏବଂ ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିଧାୟିକା ଉପାସନା ମହାପାତ୍ର ପ୍ରମୁଖଙ୍କୁ ଦାୟିତ୍ୱ ଦେଇଥିଲେ। ସେମାନେ ବହୁ ଚେଷ୍ଟା କରିବା ପରେ ଶେଷରେ ୭ଟା ୨୫ ମିନିଟ୍‌ରେ ଗୃହ କାର୍ଯ୍ୟ ପୁଣିଥରେ ସ୍ୱାଭାବିକ ହୋଇଥିଲା। ଏହା ଭିତରେ ବାଚସ୍ପତିଙ୍କ ପ୍ରକୋଷ୍ଠରେ ସର୍ବଦଳୀୟ ବୈଠକ ଦୀର୍ଘ ସମୟ ଧରି ଚାଲିଥିଲା। ଶେଷରେ କ୍ଷମା ପ୍ରାର୍ଥନା ଲାଗି ବିରୋଧୀ ଯେଉଁ ଦାବି କରିଥିଲେ ତାକୁ ସରକାର ଗ୍ରହଣ କରିବା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | ମହାସାଗରରେ ନିବେଶ






## ଦିଲ୍ଲୀରେ ଆଜି



ଦିଲ୍ଲୀରେ ବାୟୁ ପ୍ରଦୂଷଣ ଗମ୍ଭୀର ସ୍ଥିତିରେ ପହଞ୍ଚିଥିବାବେଳେ ଦୃଶ୍ୟମାନତା ହ୍ରାସ ଯୋଗୁ ଗୁରୁବାର ଆଇଟିଓ ନିକଟରେ ଗାଡ଼ିଗୁଡ଼ିକ ଅଟକିରହିଛି। (ଫଟୋ: ଚମନ ଗୌତମ)

# ଦିଲ୍ଲୀ ପ୍ରଦୂଷଣ: ସଂସଦରେ ବିରୋଧୀଙ୍କ ବିକ୍ଷୋଭ

## ବାୟୁ ପ୍ରଦୂଷଣ ରୋକିବାକୁ କେନ୍ଦ୍ରକୁ ପରାମର୍ଶ ଦେଲେ ସୋନିଆ

ନୂଆଦିଲ୍ଲୀ,୪।୧୨

ଦିଲ୍ଲୀ ଓ ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ବାୟୁ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଏହାକୁ ନେଇ ବିରୋଧୀ ଦଳଗୁଡ଼ିକ ସଂସଦ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ବାୟୁ ପ୍ରଦୂଷଣ ରୋକିବା ଉପରେ ପଦକ୍ଷେପ ନେବା ପାଇଁ କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ବିରୋଧୀ ଏମ୍‌ପିମାନେ ସଂସଦର ମକରଦ୍ୱାର ବାହାରେ ପ୍ଲାକାର୍ଡ ଧରି ସ୍ଲୋଗାନ୍ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଅଯଥା ବୟାନବାଜି ବନ୍ଦ କରି ପ୍ରଦୂଷଣ ସମସ୍ୟାର ସମାଧାନ କରିବାକୁ କହିଥିଲେ। କେତେଜଣ ଏମ୍‌ପି ପ୍ରଦୂଷଣର ଭୟାବହତା ଦର୍ଶାଇବାକୁ ଯାଇ ମାସ୍କ ପିନ୍ଧି ବିକ୍ଷୋଭ କରିଥିଲେ। ସେମାନେ ଧରିଥିବା ଏକ ବ୍ୟାନରରେ ପ୍ରଧାନମନ୍ତ୍ରୀଙ୍କ ଫଟୋ ଥିବାବେଳେ ଲେଖାଥିଲା, ମୌସମ୍ କା ମଜା ଲିଜିୟେ। ପ୍ରଧାନମନ୍ତ୍ରୀ ମୋଦି ପାର୍ଲାମେଣ୍ଟର ଶୀତ ଅଧିବେଶନ ପୂର୍ବରୁ ଦେଇଥିବା ଏହି ମନ୍ତବ୍ୟକୁ କଟାକ୍ଷ କରି ସେମାନେ ବ୍ୟାନରରେ ଏପରି ଉଲ୍ଲେଖ କରିଥିଲେ। ସୋନିଆ କହିଥିଲେ, ଛୋଟ ପିଲାମାନେ ମରୁଛନ୍ତି। ତାଙ୍କ ଭଳି ବୟସ୍କ ବ୍ୟକ୍ତିମାନଙ୍କୁ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ପ୍ରଦୂଷଣ ରୋକିବା ସରକାରଙ୍କ ଦାୟିତ୍ୱ। ସେହିପରି ବିକ୍ଷୋଭରେ ସାମିଲ ଥିବା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ କହିଥିଲେ, ବିଷାକ୍ତ ବାୟୁ ପ୍ରତି ଭାଜପାର ଉଦାସୀନତା ଓ ପ୍ରଧାନମନ୍ତ୍ରୀଙ୍କ ମନ୍ତବ୍ୟ ବିରୋଧରେ ଏହି ବିକ୍ଷୋଭ ଚାଲିଛି। ଆମ ପ୍ରଶ୍ନ ହେଉଛି, ଦିଲ୍ଲୀର ସମସ୍ତେ କାହିଁକି ଅସୁବିଧା ଭୋଗୁଛନ୍ତି। ସେହିପରି ଏହା ଏକ ଅଣରାଜନୈତିକ ପ୍ରସଙ୍ଗ ହୋଇଥିବାରୁ ପ୍ରଦୂଷଣ ଉପରେ ସଂସଦରେ ବିତର୍କ ଆବଶ୍ୟକ ବୋଲି କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଦାବି କରିଥିଲେ।

# ଅଧିକ କର୍ମଚାରୀ ଯୋଗାଇବାକୁ ରାଜ୍ୟଙ୍କୁ ନିର୍ଦ୍ଦେଶ

## ଏସ୍‌ଆଇଆର୍ ଚାପରେ ବିଏଲ୍‌ଓଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୪।୧୨(ପି.ଟି./ଏଜେନ୍ସି)

ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ପାଇଁ ଅତ୍ୟଧିକ କାର୍ଯ୍ୟଚାପ ପଡୁଥିବାରୁ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ମାନଙ୍କ ମୃତ୍ୟୁ ଓ ଆତ୍ମହତ୍ୟା ମାମଲା ବଢ଼ିବାରେ ଲାଗିଛି। ସୁପ୍ରିମକୋର୍ଟ ଗୁରୁବାର ଏହା ଉପରେ ଗଭୀର ଚିନ୍ତାବ୍ୟକ୍ତ କରିବା ସହ ବିଏଲ୍‌ଓମାନଙ୍କ ଉପରୁ କାର୍ଯ୍ୟଚାପ ହ୍ରାସ ସକାଶେ ଅତିରିକ୍ତ କର୍ମଚାରୀଙ୍କୁ ମୁତୟନ କରିବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।

ଅଭିନେତା ବିଜୟଙ୍କ ଦଳ ତାମିଲାଗା ଭେଟ୍ରି କାଝାଗାମ୍ (ଟିଭିକେ) ସୁପ୍ରିମକୋର୍ଟରେ ଏକ ପିଟିଶନ ଦାଖଲ କରିଛି। ଟିଭିକେ ପକ୍ଷରୁ ବରିଷ୍ଠ ଆଇନଜୀବୀ ଗୋପାଳ ଶଙ୍କରନାରାୟଣନ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି, ଏସ୍‌ଆଇଆର୍ ଯୋଗୁ ବିଏଲ୍‌ଓମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟଚାପ ପଡୁଛି। ଏଥିଯୋଗୁ ସେମାନଙ୍କ ମଧ୍ୟରୁ ଅନେକେ ଆତ୍ମହତ୍ୟା କରୁଛନ୍ତି। ସମୟବଦ୍ଧ ଭାବେ ନିଜ ଦାୟିତ୍ୱ ତୁଲାଇପାରୁ ନ ଥିବା ବିଏଲ୍‌ଓ (ଶିକ୍ଷକ/ଅଙ୍ଗନୱାଡି କର୍ମୀ)ମାନଙ୍କ ବିରୋଧରେ ନିର୍ବାଚନ କମିଶନ (ଇସି)ଙ୍କ ଅଧିକାରୀମାନେ ଏଫ୍‌ଆଇଆର୍ ଦେଉଛନ୍ତି। ଜନ ପ୍ରତିନିଧି ଆଇନ ବଳରେ ଏଭଳି କଠୋର କାର୍ଯ୍ୟାନୁଷ୍ଠାନ ନ ନେବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦିଆଯାଉ ବୋଲି ଉକ୍ତ ପିଟିଶନରେ ସେ ନିବେଦନ କରିଛନ୍ତି। ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ଏହାର ଶୁଣାଣିକରି କହିଛନ୍ତି, କାର୍ଯ୍ୟଚାପ ହ୍ରାସ ପାଇଁ ରାଜ୍ୟଗୁଡ଼ିକ ଅତିରିକ୍ତ ଷ୍ଟାଫ୍‌ଙ୍କୁ ନିୟୋଜିତ କରିବା ଉପରେ ବିଚାର କରନ୍ତୁ। ଯେଉଁଠି ବିଏଲ୍‌ଓମାନେ ରୁଟିନ୍ ଡ୍ୟୁଟି କରିବାବେଳେ ଅତ୍ୟଧିକ କାର୍ଯ୍ୟଚାପ ସମେତ ଅନ୍ୟ ଅସୁବିଧା ଭୋଗୁଛନ୍ତି, ରାଜ୍ୟ ସରକାର ସେମାନଙ୍କୁ ଦାୟିତ୍ୱମୁକ୍ତ କରିପାରିବେ। ଅସୁସ୍ଥ ଥିବା ବିଏଲ୍‌ଓଙ୍କୁ ଛୁଟି ଦେଇ ତାଙ୍କ ସ୍ଥାନରେ ଅନ୍ୟ କର୍ମଚାରୀଙ୍କୁ ନିୟୋଜିତ କରାଯାଇପାରିବ। ଯେଉଁଠି ୧୦,୦୦୦ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି, ସେଠାରେ ୩୦,୦୦୦ ଜଣଙ୍କୁ ନିୟୋଜିତ କରି ବିଏଲ୍‌ଓମାନଙ୍କ କାର୍ଯ୍ୟଜନିତ ମାନସିକ ଚାପ ହ୍ରାସ କରାଯାଇପାରିବ। ଏପରି ଆଶ୍ୱସ୍ତି ପ୍ରଦାନ କରା ନ ଗଲେ ବିଏଲ୍‌ଓଙ୍କୁ ନେଇ ପ୍ରଶ୍ନ ଉଠୁଥିବ ବୋଲି ଖଣ୍ଡପୀଠ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ତାମିଲନାଡୁରେ ଆସନ୍ତା ବର୍ଷ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହା ପୂର୍ବରୁ ସେଠାରେ ଏସ୍‌ଆଇଆର୍ କାର୍ଯ୍ୟ ଚାଲିଥିବାରୁ ଟିଭିକେ ପ୍ରଥମ ଥର ପାଇଁ ପ୍ରାର୍ଥୀ ଦେବାକୁ ଯାଉଛି। ରାଜ୍ୟରେ ୩୫ରୁ ୪୦ ବର୍ଷର ଅନେକ ବିଏଲ୍‌ଓଙ୍କ ମୃତ୍ୟୁଜନିତ ବିବାଦ ସୃଷ୍ଟିହେବା ପରେ ବିଜୟଙ୍କ ଦଳ ନିର୍ବାଚନ କମିଶନଙ୍କ ବିରୋଧରେ ଅଭିଯୋଗ ଆଣି ଶୀର୍ଷ ଅଦାଲତଙ୍କ ଦ୍ୱାରସ୍ଥ ହୋଇଛି। ଇସି ଅଧିକାରୀମାନେ ଜନ ପ୍ରତିନିଧି ଆଇନର ଧାରା ୩୨ ବଳରେ ବିଏଲ୍‌ଓମାନଙ୍କୁ ଜେଲରେ ପୂରାଇବା ନେଇ ଧମକ ଦେଉଥିବା ଟିଭିକେ ନିଜ ପିଟିଶନରେ ଅଦାଲତଙ୍କୁ ଅବଗତ କରାଇଛି।

# ମୁନିରଙ୍କ ସିଡିଏଫ୍ ନିଯୁକ୍ତିକୁ ମଞ୍ଜୁରୀ



ଇସ୍‌ଲାମାବାଦ,୪।୧୨

ପାକିସ୍ତାନ ସେନାମୁଖ୍ୟ ଫିଲ୍ଡ ମାର୍ଶଲ ଆସିମ୍ ମୁନିରଙ୍କୁ ଦେଶର ପ୍ରଥମ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏଫ୍) ରୂପେ ନିଯୁକ୍ତି ଦେବା ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଗୁରୁବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏଥିସହ ସିଡିଏଫ୍ ଭାବେ ନିଯୁକ୍ତି ପାଇଁ ରାଷ୍ଟ୍ରପତି ଆସିଫ୍ ଅଲୀ ଜର୍ଦ୍ଦାରୀଙ୍କୁ ସେ ଆନୁଷ୍ଠାନିକ ଭାବେ ପରାମର୍ଶ ଦେଇଛନ୍ତି। ଗତ ମାସରେ ପାକିସ୍ତାନ ପାର୍ଲାମେଣ୍ଟ ୨୭ତମ ସମ୍ବିଧାନ ସଂଶୋଧନକୁ ପାରିତ କରିଥିଲା। ତଦନୁସାରେ ସିଡିଏଫ୍ ପଦବୀ ସୃଷ୍ଟି ହୋଇଥିଲା। ମୁନିର ଏଣିକି ତିନି ସେନା ମଧ୍ୟରେ ସମନ୍ୱୟ ରଖି ଜରୁରୀ ସ୍ଥିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ। ରାଷ୍ଟ୍ରପତିଙ୍କ ଅନୁମୋଦନ ପରେ ସେ ୫ ବର୍ଷ ପାଇଁ ନୂଆ ପଦବୀରେ ଆସିନ ହେବାକୁ ଯାଉଛନ୍ତି। ଏହା ପୂର୍ବରୁ ରହିଥିବା ଚେୟାରମ୍ୟାନ୍, ଜଏଣ୍ଟ ଚିଫ୍ସ ଅଫ୍ ଷ୍ଟାଫ୍ କମିଟି ପୋଷ୍ଟକୁ ହଟାଇ ଦିଆଯାଇଛି। ପ୍ରକାଶ ଯେ, ମୁନିର ଓ ଶରିଫ୍‌ଙ୍କ ମଧ୍ୟରେ ମତଭେଦ ଯୋଗୁ ଏହି ନିଯୁକ୍ତି ବିଳମ୍ବିତ ହେଉଥିବା କେତେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା।

## ଏସିଡ୍ ଆକ୍ରମଣ

# ଶୁଣାଣି ବିଳମ୍ବ 'ବ୍ୟବସ୍ଥାର ଉପହାସ'

ଦେଶର ବିଭିନ୍ନ ଭାଗରେ ଏସିଡ୍ ଆକ୍ରମଣ ଉଦ୍‌ବେଗଜନକ ଭାବେ ବଢ଼ିଚାଲିଛି। କିନ୍ତୁ ଅଦାଲତଗୁଡ଼ିକରେ ଏ ସମ୍ପର୍କିତ ମାମଲା ଶୁଣାଣିରେ ମନ୍ଥରତା ଦେଖିବାକୁ ମିଳୁଛି, ଯାହାକୁ ନେଇ ଗୁରୁବାର ସୁପ୍ରିମକୋର୍ଟ ଗଭୀର ଚିନ୍ତାବ୍ୟକ୍ତ କରିଛନ୍ତି। ଏଭଳି ମାମଲାଗୁଡ଼ିକର ବିଳମ୍ବ ହେବା ଏକ ଜାତୀୟ ଲଜ୍ଜା ଏବଂ ବ୍ୟବସ୍ଥାର ଉପହାସ ବୋଲି ସର୍ବୋଚ୍ଚ ଅଦାଲତ ମତ ଦେଇ କ୍ଷୋଭ ପ୍ରକାଶ କରିଛନ୍ତି। ଦିଲ୍ଲୀରେ ୧୬ ବର୍ଷ ତଳେ ଘଟିଥିବା ଏକ ଏସିଡ୍ ଆକ୍ରମଣ ମାମଲାର ଶୁଣାଣିରେ ବିଳମ୍ବକୁ ନେଇ ସୁପ୍ରିମକୋର୍ଟ ଏଭଳି କଡ଼ା ଟିପ୍ପଣୀ ଦେଇଛନ୍ତି। ଏଥିସହ ସାରା ଦେଶରେ ବିଚାରାଧୀନ ଏସିଡ୍ ଆକ୍ରମଣ ମାମଲାଗୁଡ଼ିକର ବିସ୍ତୃତ ବିବରଣୀ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ ହାଇକୋର୍ଟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି।



- ଅଟକି ରହିଥିବା ମାମଲାର ତଥ୍ୟ ମାଗିଲେ ସୁପ୍ରିମକୋର୍ଟ
- ହାଇକୋର୍ଟଗୁଡ଼ିକୁ ୪ ସପ୍ତାହରେ ଦାଖଲ ନିର୍ଦ୍ଦେଶ

ନୂଆଦିଲ୍ଲୀ,୪।୧୨(ପି.ଟି.)

ଏସିଡ୍ ଆକ୍ରମଣ ମାମଲାଗୁଡ଼ିକର ଦ୍ରୁତ ଫଇସଲା ପାଇଁ ସ୍ୱତନ୍ତ୍ର କୋର୍ଟ ପ୍ରତିଷ୍ଠା ସକାଶେ ସୁପ୍ରିମକୋର୍ଟ ଏ ସମ୍ପର୍କିତ ଆଇନରେ ସଂଶୋଧନ କରିବାକୁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏପରି କି ଆବଶ୍ୟକ ହେଲେ ଏକ ଅଧ୍ୟାଦେଶ ମଧ୍ୟ ଅଣାଯାଉ, ଯଦ୍ୱାରା ଏସିଡ୍ ଆକ୍ରମଣ ପୀଡ଼ିତାମାନେ ଆନୁଷ୍ଠାନିକ ଭାବେ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁବିଧା ହାସଲ ନିମନ୍ତେ ରାଇଟ୍ସ ଅଫ୍ ପର୍ସନ୍ସ ୱିଥ୍ ଡିଜାବିଲିଟିଜ୍ ଆକ୍ଟ ଅନ୍ତର୍ଗତ ଭିନ୍ନକ୍ଷମ ବ୍ୟକ୍ତି ସଂଜ୍ଞାରେ ଆନୁଷ୍ଠାନିକ ଭାବେ ସାମିଲ ହୋଇପାରିବେ ବୋଲି ଶୀର୍ଷ ଅଦାଲତ ସ୍ପଷ୍ଟ କରିଛନ୍ତି। ଦାଖଲ ହୋଇଥିବା ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ସିଜେଆଇ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗ୍‌ଚୀଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଓ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସଶକ୍ତୀକରଣ ବିଭାଗକୁ ନୋଟିସ ଜାରି କରିଛନ୍ତି। ଏସିଡ୍ ଆକ୍ରମଣ ପୀଡ଼ିତା ଶାହିନ୍ ମଲିକ୍ ଉକ୍ତ ପିଟିଶନରେ ଦର୍ଶାଇଛନ୍ତି ଯେ ଯେଉଁମାନେ ଆକ୍ରମଣର ଶିକାର ହେଉଛନ୍ତି, ସେମାନଙ୍କୁ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ଅନ୍ତର୍ଭୁକ୍ତ ନେଇ ସୁନିଶ୍ଚିତ କରିବା ପାଇଁ 'ଭିନ୍ନକ୍ଷମ' ରୂପେ ବର୍ଗୀକୃତ କରାଯାଉ। ଉକ୍ତ ପିଆଇଏଲ୍ ଉପରେ ଶୁଣାଣି ବେଳେ କେନ୍ଦ୍ର ପକ୍ଷରୁ ମାମଲା ପରିଚାଳନା କରୁଥିବା ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହି ପ୍ରସଙ୍ଗରେ ଗମ୍ଭୀରତା ସହ ଚିନ୍ତା କରାଯିବ ବୋଲି ସୁପ୍ରିମକୋର୍ଟଙ୍କୁ ଅବଗତ କରାଇଛନ୍ତି।

ଶାହିନ୍ ମଲିକ୍ ୨୦୦୯ରେ ଏସିଡ୍ ଆକ୍ରମଣର ଶିକାର ହୋଇଥିଲେ। ଦିଲ୍ଲୀର ରୋହିଣୀ କୋର୍ଟରେ ଦୀର୍ଘ ୧୬ ବର୍ଷ ଧରି ତାଙ୍କ ମାମଲା ଗଡୁଥିବାରୁ ଖଣ୍ଡପୀଠ ଏହାକୁ ଏକ 'ଜାତୀୟ ଲଜ୍ଜା' ରୂପେ ଅଭିହିତ କରିଛନ୍ତି। ଏପରିକି ୨୦୧୩ ମସିହା ପର୍ଯ୍ୟନ୍ତ ମାମଲାର ଶୁଣାଣି ଆରମ୍ଭ ନ ହେବା ଏକ ଆଶ୍ଚର୍ଯ୍ୟଜନକ ବିଳମ୍ବ ବୋଲି ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି। ଯଦି ଜାତୀୟ ରାଜଧାନୀ ଦିଲ୍ଲୀରେ ଏଭଳି ସମ୍ବେଦନଶୀଳ ଆହ୍ୱାନର ସମାଧାନ ହୋଇପାରୁନାହିଁ, ତେବେ ଏକଥା କିଏ ବୁଝିବ ? ଏହା ବ୍ୟବସ୍ଥା ପାଇଁ ଏକ ଲଜ୍ଜା। ଏହା ଏକ ଜାତୀୟ ଲଜ୍ଜା ବୋଲି ସିଜେଆଇ କହିଛନ୍ତି। ସୁପ୍ରିମକୋର୍ଟ ଏହି ମାମଲାକୁ ନିଜ ଆଡୁ ସଂଜ୍ଞାନକୁ ନେଇପାରନ୍ତି ବୋଲି ସିଜେଆଇ ପ୍ରକାଶ କରିବା ସହ ଶାହିନ୍‌ଙ୍କୁ ତାଙ୍କ ପିଆଇଏଲ୍‌ରେ ଏକ ଆବେଦନ ଯୋଡ଼ିବାକୁ ପରାମର୍ଶ ଦେଇଛନ୍ତି। ମାମଲାର ଫଇସଲା କାହିଁକି ହୋଇପାରି ନାହିଁ ବୋଲି ସେ ମନେକରୁଛନ୍ତି ତାହା ସେଥିରେ ଉଲ୍ଲେଖ କରିବାକୁ ଶାହିନ୍‌ଙ୍କୁ ସିଜେଆଇ କହିଛନ୍ତି। ଏତିକି ନୁହେଁ, ଏସିଡ୍ ଆକ୍ରମଣର ଶିକାର ହୋଇଥିବା ପୀଡ଼ିତାମାନଙ୍କ ମାମଲାର ବିସ୍ତୃତ ବିବରଣୀ ୪ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ବିବରଣୀ ମିଳିବା ପରେ ଏସିଡ୍ ଆକ୍ରମଣ ପୀଡ଼ିତାମାନେ 'ଭିନ୍ନକ୍ଷମ ବ୍ୟକ୍ତି' ରୂପେ ବିବେଚିତ ହେବେ କି ନାହିଁ ତାହାର ଶୁଣାଣି କରାଯିବ। ଅନ୍ୟପକ୍ଷେ ରୋହିଣୀ କୋର୍ଟରେ ଶାହିନ୍‌ଙ୍କ ମାମଲାର ଶୁଣାଣିରେ ବିଳମ୍ବ ପ୍ରସଙ୍ଗରେ ଆସନ୍ତା ସପ୍ତାହରେ ବିଚାର କରାଯିବ ବୋଲି ସିଜେଆଇ କହିଛନ୍ତି। ସିଜେଆଇ ଆହୁରି କହିଛନ୍ତି, ଏସିଡ୍ ଫିଙ୍ଗି ଆକ୍ରମଣ କରାଯିବା ନେଇ ଅନେକ ମାମଲା ସମ୍ପର୍କରେ ସେ ଅବଗତ ଅଛନ୍ତି। କିନ୍ତୁ କୌଣସି ଯୁବତୀଙ୍କୁ ଜବରଦସ୍ତ ଏସିଡ୍ ପିଆଇବା ଘଟଣା ଏହା ପ୍ରଥମ ଥର ସେ ଶୁଣିବାକୁ ପାଇଛନ୍ତି। ଏହା ବ୍ୟବସ୍ଥା ପ୍ରତି ଏକ ଉପହାସ। ଏପରି ଆପରାଧିକ ମାମଲାଗୁଡ଼ିକର ଶୁଣାଣି ସ୍ୱତନ୍ତ୍ର କୋର୍ଟରେ ହେବା ଜରୁରୀ। ଆକ୍ରମଣ ଅଭିଯୁକ୍ତଙ୍କ ପ୍ରତି କୌଣସି ସହାନୁଭୂତି ରହିବା ଅନୁଚିତ ବୋଲି ସିଜେଆଇ କହିଛନ୍ତି। ସଲିସିଟର ଜେନେରାଲ ମେହେଟ୍ଟା କହିଛନ୍ତି, ଅପରାଧୀମାନେ ଯେପରି ବର୍ବରତା ଦେଖାଉଛନ୍ତି ସେମାନଙ୍କୁ ସେହିପରି ଦଣ୍ଡ ଦିଆଯିବା ଉଚିତ।

# କଫ୍ ସିରପ୍ ମୃତ୍ୟୁ: କୋଲ୍ଡରିଫ୍ କମ୍ପାନୀ ମାଲିକଙ୍କ ସମ୍ପତ୍ତି ବାଜ୍ୟାପ୍ତ

ନୂଆଦିଲ୍ଲୀ,୪।୧୨

ମଧ୍ୟପ୍ରଦେଶରେ ୨ ମାସ ପୂର୍ବେ ବିଷାକ୍ତ କୋଲ୍ଡରିଫ୍ କଫ୍ ସିରପ୍ ଖାଇ ଅନ୍ୟୂନ ୨୦ ଜଣ ପିଲାଙ୍କ ମୃତ୍ୟୁ ଘଟିଥିଲା। ଏହି କଫ୍ ସିରପ୍ ପ୍ରସ୍ତୁତକାରୀ କମ୍ପାନୀ ସ୍ରେସାନ ଫାର୍ମାସ୍ୟୁଟିକାଲ୍ସର ମାଲିକ ଜି. ରଙ୍ଗନାଥନ୍‌ଙ୍କ ଚେନ୍ନାଇରେ ଥିବା ୨ଟି ଫ୍ଲାଟ୍‌କୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବାଜ୍ୟାପ୍ତ କରିଛି। ମନିଲଣ୍ଡରିଂ ପ୍ରତିକାର ଆଇନରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ବୁଧବାର ଇଡି କହିଛି। ୨ଟି ଫ୍ଲାଟ୍‌ର ମୂଲ୍ୟ ୨.୦୪ କୋଟି ଟଙ୍କା ହେବ। ଗତ ଅକ୍ଟୋବରରେ ମଧ୍ୟପ୍ରଦେଶ ପୋଲିସ ରଙ୍ଗନାଥନ୍‌ଙ୍କୁ ଗିରଫ କରିଥିଲା। କମ୍ପାନୀ ଏହାର ଉତ୍ପାଦନ ଖର୍ଚ୍ଚ କମାଇବା ସହ ଅଧିକ ଲାଭ କରିବା ପାଇଁ ଅସାଧୁ ବ୍ୟବସାୟିକ ପନ୍ଥା ଆପଣାଇଥିଲା ବୋଲି ଇଡି ଅଭିଯୋଗ କରିଛି। ତଦନ୍ତ ଅନୁଯାୟୀ, କମ୍ପାନୀ କଫ୍ ସିରପ୍ ପ୍ରସ୍ତୁତି ପାଇଁ ଔଷଧ ଗ୍ରେଡ୍‌ର କଞ୍ଚାମାଲ୍ ପରିବର୍ତ୍ତେ ଶିଳ୍ପ ପାଇଁ ଉଦ୍ଦିଷ୍ଟ କଞ୍ଚାମାଲ୍ ବ୍ୟବହାର କରୁଥିଲା। ସେଗୁଡ଼ିକା ମାନ ଉପଯୁକ୍ତ ଯାଞ୍ଚ କରାଯାଉ ନ ଥିଲା। ରେକର୍ଡରେ ନ ରହିବା ପାଇଁ ବିନା ଇନ୍‌ଭଏସ୍‌ରେ ନଗଦ ଅର୍ଥ ଦିଆଯାଇ କଞ୍ଚାମାଲ୍ କିଣାଯାଉଥିଲା।

## ଇଣ୍ଡିଗୋ ବିଭ୍ରାଟ

# ୫୫୦ ବିମାନ ଉଡ଼ାଣ ବାତିଲ

ମୁମ୍ବାଇ, ୪।୧୨ (ପିଟି)

ପରିଚାଳନାଗତ ସମସ୍ୟାରେ ଛନ୍ଦିହୋଇଥିବା ଦେଶର ସର୍ବବୃହତ୍ ଏୟାରଲାଇନ୍ସ 'ଇଣ୍ଡିଗୋ'ର ଉଡ଼ାଣ ବିଭ୍ରାଟ କ୍ରମାଗତ ୩ ଦିନ ଧରି ଜାରି ରହିଛି। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଅନ୍ୟ ଏୟାରପୋର୍ଟଗୁଡ଼ିକରେ ଇଣ୍ଡିଗୋ ଗୁରୁବାର ୫୫୦ରୁ ଊର୍ଦ୍ଧ୍ୱ ଦେଶୀୟ ଏବଂ ଅନ୍ତର୍ଜାତୀୟ ବିମାନ ଚଳାଚଳକୁ ବାତିଲ କରିଛି। ଏହାସହ ଅନେକ ବିମାନ ଉଡ଼ାଣରେ ବିଳମ୍ବ ଘଟିଛି। ଏଥିପାଇଁ ଯାତ୍ରୀମାନଙ୍କ ଯାତ୍ରା ଯୋଜନା ପ୍ରଭାବିତ ହୋଇଛି। କେତେକ ବିମାନବନ୍ଦରରେ ଯାତ୍ରୀମାନେ ପ୍ରତିବାଦ କରିବାରୁ ଅଶାନ୍ତକର ସ୍ଥିତି ଉପୁଜିଛି। କର୍ମଚାରୀ (ପାଇଲଟ୍ ଏବଂ କ୍ୟାବିନ କ୍ରୁ) ଅଭାବ, ଶୀତଦିନରେ ଯାତ୍ରୀଙ୍କ ସଂଖ୍ୟା ବଢ଼ିବା, ଯାନ୍ତ୍ରିକ ତ୍ରୁଟି, ଖରାପ ପାଗ ଏବଂ ନୂତନ ଫ୍ଲାଇଟ୍ ଡ୍ୟୁଟି ଟାଇମ୍ ଲିମିଟେଶନ (ଏଫ୍‌ଡିଟିଏଲ୍) ନିୟମ ଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସକୁ ଏଭଳି ସଙ୍କଟର ସାମ୍ନା କରିବାକୁ ପଡ଼ିଥିବା କୁହାଯାଉଛି।

ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ନଭେମ୍ବରରେ ଉଡ଼ାଣର ନୂଆ ସମୟସୀମା (ଏଫ୍‌ଡିଟିଏଲ୍) ଲାଗୁ କରିଥିଲା। ଏହାଦ୍ୱାରା ଅଧିକ ବିଶ୍ରାମ ସମୟ ଏବଂ ରାତିର ଉଡ଼ାଣ ଉପରେ କଟକଣା ଲାଗିଥିଲା। ଏଥିଯୋଗୁ ଇଣ୍ଡିଗୋ ଏୟାରଲାଇନ୍ସର




ପାଇଲଟ୍‌ଙ୍କ ରୋଷ୍ଟର ଡ୍ୟୁଟିରେ ପରିବର୍ତ୍ତନ ହେବା ସହ ଆବଶ୍ୟକ ମାନବସମ୍ବଳର ଅଭାବ ଦେଖାଦେଇଥିଲା। ମୁଖ୍ୟତଃ ପାଇଲଟ୍ କାର୍ଯ୍ୟଶକ୍ତି ବିଶେଷ ପ୍ରଭାବିତ ହୋଇଥିଲା। ଇଣ୍ଡିଗୋ ଏୟାରଲାଇନ୍ସ ଦୈନିକ ପ୍ରାୟ ୨୩୦୦ ଉଡ଼ାଣ କରିଥାଏ। ଦିଲ୍ଲୀ, ମୁମ୍ବାଇ, ଚେନ୍ନାଇ, କୋଲକାତା, ବେଙ୍ଗାଲୁରୁ ଓ ହାଇଦ୍ରାବାଦ ବିମାନବନ୍ଦର ତଥ୍ୟ ଅନୁଯାୟୀ, ବୁଧବାର ଇଣ୍ଡିଗୋର ଓନ୍ ଟାଇମ୍ ପରଫର୍ମାନ୍ସ (ଓଟିପି) ୧୯.୭% ହ୍ରାସ ପାଇଥିଲା। ଏହିଦିନ ୨୦୦ରୁ ଊର୍ଦ୍ଧ୍ୱ ବିମାନ ବାତିଲ ହୋଇଥିଲା। ଗୁରୁବାର ଦିଲ୍ଲୀ ବିମାନବନ୍ଦରରେ ୯୫, ମୁମ୍ବାଇରେ ୮୫, ହାଇଦ୍ରାବାଦରେ ୭୦ ଓ ବେଙ୍ଗାଲୁରୁରେ ୫୦ ବିମାନ ବାତିଲ ହୋଇଛି। ଏଭଳି ବିଭ୍ରାଟ ଯୋଗୁ ଇଣ୍ଡିଗୋର ଶେୟାର ମୂଲ୍ୟ ୨.୩୯% ହ୍ରାସ ପାଇ ୫,୪୬୧.୫୦ ଟଙ୍କା ହୋଇଛି। ଭାରତୀୟ ବିମାନ ଚଳାଚଳ ନିୟାମକ ସଂସ୍ଥା ଡିଜିସିଏ ପକ୍ଷରୁ ଇଣ୍ଡିଗୋ ଏୟାରଲାଇନ୍ସ ଅଧିକାରୀମାନଙ୍କ ସହ ସ୍ଥିତି ଉପରେ ଆଲୋଚନା କରାଯାଇଛି।

ଫେଡେରେଶନ ଅଫ୍ ଇଣ୍ଡିଆନ୍ ପାଇଲଟ୍ (ଏଫ୍‌ଆଇପି) ପକ୍ଷରୁ ଅଭିଯୋଗ କରାଯାଇଛି, କକ୍‌ପିଟ୍ ଚାଳକ ଦଳଙ୍କ ପାଇଁ ନୂଆ ଫ୍ଲାଇଟ୍ ଡ୍ୟୁଟି ଏବଂ ବିଶ୍ରାମ ସମୟ ସମ୍ପର୍କିତ ନିୟମ ପୂର୍ଣ୍ଣ ଭାବେ ଲାଗୁ କରିବା ପୂର୍ବରୁ ଇଣ୍ଡିଗୋକୁ ଦୁଇ ବର୍ଷର ପ୍ରସ୍ତୁତି ସମୟ ମିଳିଥିଲା। ଏହାସତ୍ତ୍ୱେ ଇଣ୍ଡିଗୋ ବିନା କାରଣରେ ନିଯୁକ୍ତି ଉପରେ ରୋକ ଲଗାଇଥିଲା। ଏହାସହ ଡିଜିସିଏକୁ ଏଫ୍‌ଆଇପି ନିବେଦନ କରିଛି ଯେ, କୌଣସି ଏୟାରଲାଇନ୍ସ ପାଖରେ ଯଦି ଏଫ୍‌ଡିଟିଏଲ୍ ବ୍ୟବସ୍ଥା ଅନୁଯାୟୀ ସୁରକ୍ଷିତ ଏବଂ ବିଶ୍ୱସନୀୟ ବିମାନ ପରିଚାଳନା ସୁନିଶ୍ଚିତ ହେବା ଭଳି ପର୍ଯ୍ୟାପ୍ତ କର୍ମଚାରୀ ନାହିଁ, ସେହି ସଂସ୍ଥାର ଋତୁକାଳୀନ ଉଡ଼ାଣ ସୂଚୀକୁ ମଞ୍ଜୁରୀ ଦିଆ ନ ଯାଉ।

## ଫୁର୍‌ସତ

# ରଶ୍ମିକାଙ୍କ ଗ୍ରୀନ୍ ସିଗ୍‌ନାଲ



ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ବିବାହକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ୨୦୨୬ରେ ସେ ବିଜୟ ଦେବରକୋଣ୍ଡାଙ୍କ ହାତ ଧରିବେ ବୋଲି ଇଣ୍ଡଷ୍ଟ୍ରିରେ ଫୁସୁରୁଫାସର ଚାଲିଛି। ନିକଟରେ ରଶ୍ମିକା ବିବାହକୁ ନେଇ ମୁହଁ ଖୋଲିଛନ୍ତି। ଯଦିଓ ସେ ଚାଲିଥିବା ବିବାହ ଗୁଜବକୁ ଅସ୍ୱୀକାର କରିନାହାନ୍ତି, କିନ୍ତୁ ସମୟ ଆସିଲେ ଆମେ ସବୁକିଛି କହିବୁ ବୋଲି ହସି ହସି କହିଛନ୍ତି।

ରଶ୍ମିକା ଏବଂ ବିଜୟ ଉଭୟ ଉଦୟପୁରରେ ବିବାହ ପାଇଁ ପ୍ରସ୍ତୁତି ଚଳାଇଛନ୍ତି। ଉଭୟ ଚଳିତ ବର୍ଷ ଅକ୍ଟୋବରରେ ହାଇଦ୍ରାବାଦରେ ଏକ ବ୍ୟକ୍ତିଗତ ଉତ୍ସବରେ ନିର୍ବନ୍ଧ କରିଥିଲେ। ଯଦିଓ ଏହି ଯୋଡ଼ି କୌଣସି ଘୋଷଣା କିମ୍ବା ଫଟୋ ଶେୟାର କରି ନ ଥିଲେ, ବିଜୟଙ୍କ ଟିମ୍ ନିର୍ବନ୍ଧ ହୋଇଥିବାର ନିଶ୍ଚିତ କରିଥିଲେ। 'ଗୀତା ଗୋବିନ୍ଦମ୍' ଏବଂ 'ଡିଅର କମ୍ରେଡ୍' ଫିଲ୍ମରେ ଏକାଠି କାମ କରିବା ପରଠାରୁ ଉଭୟଙ୍କ ଡେଟିଂର ଗୁଜବ ଉଠିଛି। ବିଜୟ ଏବଂ ରଶ୍ମିକାଙ୍କୁ ପ୍ରାୟତଃ ଏକାଠି ସମୟ ବିତାଉଥିବା ଦେଖାଯାଇଛି।

# ଅଣ୍ଡାର ମୂଲ୍ୟ ୨୭୩ କୋଟି

ଗୋଟିଏ ଅଣ୍ଡାର ମୂଲ୍ୟ କେତେ ହୋଇପାରେ ? ୮ ଟଙ୍କା, ୧୦ ଟଙ୍କା କିମ୍ବା ସର୍ବାଧିକ ୨୫ ଟଙ୍କା। କିନ୍ତୁ ଏମିତି ଏକ ଅଣ୍ଡା ଅଛି, ଯାହାର ମୂଲ୍ୟ ପ୍ରାୟ ୨୭୩ କୋଟି ଟଙ୍କା। ଏହା ଆଶ୍ଚର୍ଯ୍ୟ ଲାଗୁଥାଇପାରେ,କିନ୍ତୁ ସତ। ଏତେ ଟଙ୍କାରେ ଜଣେ ସହଜରେ ୧୦୦ରୁ ଅଧିକ ଚମକଦାର ହେଲିକପ୍ଟର କିଣିପାରିବେ। 'ୱିଣ୍ଟର ଏଗ୍' ନିଲାମରେ ବିଶ୍ୱ ରେକର୍ଡ ସ୍ଥାପନ କରିଛି। ଏହା ପ୍ରସିଦ୍ଧ ରୁଷୀୟ ଅଳଙ୍କାର ଫାବର୍ଗେଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଏବଂ ଏହା ତାଙ୍କ କଳାକୃତିର ଏକ ଅନନ୍ୟ ଉଦାହରଣ। ତରଳିଯାଇଥିବା ବରଫ ଖଣ୍ଡ ପରି ଦେଖାଯାଉଥିବା ଏହି ଅଣ୍ଡା ସ୍ଫଟିକରେ ତିଆରି। ଏଥିରେ ପ୍ରାୟ ୪,୫୦୦ ଛୋଟ ହୀରା ଖଚିତ ହୋଇଛି। ଅଣ୍ଡା ଭିତରେ ଏକ ଫୁଲଦାନୀ ମଧ୍ୟ ରଖାଯାଇଛି। ସାମଗ୍ରିକ ଭାବରେ, ଏହି 'କ୍ରିଷ୍ଟାଲ ଫାବର୍ଗେ ଏଗ୍'ର କାରିଗରି ଏତେ ଚମତ୍କାର ଯେ, ଏହା ଲୋକଙ୍କୁ ସହଜରେ ମୋହିତ କରେ। ଏହି ଅଣ୍ଡାର ଇତିହାସ କୌଣସି ଚଳଚ୍ଚିତ୍ର ସ୍କ୍ରିପ୍ଟଠାରୁ ବି କମ୍ ନୁହେଁ। ରିପୋର୍ଟ ଅନୁସାରେ, ଏହି ଅଣ୍ଡା ୧୯୧୩ରେ ଇଷ୍ଟରରେ ରୁଷିଆର ଜାର ନିକୋଲାସ ଦ୍ୱିତୀୟ ତାଙ୍କ ମା' ମହାରାଜା ମାରିଆ ଫିଓଡୋରୋଭନାଙ୍କୁ ଉପହାର ଦେଇଥିଲେ। ଏହା କେବଳ ଏକ କଳାକୃତି ନୁହେଁ, ବରଂ ରାଜ ପରିବାରର ଐଶ୍ୱର୍ଯ୍ୟର ସର୍ବଶ୍ରେଷ୍ଠ ପ୍ରତୀକ ଥିଲା।

କଥିତ ଅଛି ଯେ, ଜାରଙ୍କ ଶାସନ ଶେଷ ହେବା ପରେ ଏହି ଅଣ୍ଡା ହଜିଯାଇଥିଲା, କିନ୍ତୁ ଏହା ୧୯୯୦ ଦଶକରେ ମିଳିଥିଲା। ସେବେଠାରୁ ଏହି ଅଣ୍ଡା ପ୍ରତ୍ୟେକ ଥର ବିକ୍ରି ହୋଇଛି, ଏଥର ପୂର୍ବ ସମସ୍ତ ନିଲାମ ରେକର୍ଡ ଭାଙ୍ଗିଛି। ଏବେ ୨୭୩ କୋଟିରେ ବିକ୍ରୟ ହୋଇଥିବାରୁ ଏହା ପ୍ରମାଣିତ କରିଛି ଯେ, କଳା ଏବଂ ଇତିହାସ ସମ୍ପତ୍ତି ଅପେକ୍ଷା ବହୁ ମୂଲ୍ୟବାନ୍।



# କମୁଛି ହୀରାକୁଦ ଜଳଧାରଣ କ୍ଷମତା

## ବଢ଼ିଲା ଶାସକ-ବିରୋଧୀଙ୍କ ଚିନ୍ତା

ଭୁବନେଶ୍ୱର,୪।୧୨
(ରବିନାରାୟଣ ଜେନା)

ଯେଉଁ ହୀରାକୁଦକୁ ନେଇ ଓଡ଼ିଶା ଗର୍ବିତ ଏବେ ତା'ର ଜଳଧାରଣା କ୍ଷମତା ଦିନକୁ ଦିନ ହ୍ରାସ ପାଇବାରେ ଲାଗିଛି। ଏପରି କି ନଦୀବନ୍ଧର ୨୭ ପ୍ରତିଶତ ଜଳଧାରଣ କ୍ଷମତା କମିସାରିଲାଣି ବୋଲି କହି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଶୂନ୍ୟକାଳରେ ସ୍ୱର ଉଠାଇ ସରକାରଙ୍କଠାରୁ ତୁରନ୍ତ ସୁରକ୍ଷା ଲୋଡ଼ିଥିଲେ। ଏହି ପ୍ରସଙ୍ଗରେ ଉତ୍ତର ଦେବାକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଥିଲେ, ସରକାର ଏନେଇ ଉଦ୍ୟମ କରୁଛନ୍ତି।

ବିଧାନସଭାର ଶୂନ୍ୟକାଳରେ ପ୍ରସନ୍ନ କହିଛନ୍ତି, ହୀରାକୁଦ ଡ୍ୟାମ୍‌ରେ ବାଲି ତଥା ପଙ୍କ ଜମା ହେବା ଫଳରେ ଧୀରେ ଧୀରେ ଡ୍ୟାମର ଜଳ ଧାରଣା କ୍ଷମତା ଦିନକୁ ଦିନ କମି ଯାଉଛି। ରାଜ୍ୟ ସରକାର ହୀରାକୁଦ ଡ୍ୟାମ୍ ସମସ୍ୟା ନେଇ ଗୁରୁତ୍ୱ ଦିଅନ୍ତୁ। ଏହି ବୃହତ୍ ନଦୀବନ୍ଧର ଯୋଜନା ୧୦୦ବର୍ଷକୁ ଲକ୍ଷ୍ୟ ରଖି ନିର୍ମାଣ କରାଯାଇଥିଲା। ଏହାଦ୍ୱାରା ବନ୍ୟା ରୋକିବା ସହିତ ବିଦ୍ୟୁତ୍ ଉତ୍ପାଦନ ଏବଂ ଜଳସେଚନ ବ୍ୟବସ୍ଥା କରାଯିବାକୁ ଆଭିମୁଖ୍ୟ ରହିଥିଲା। ହେଲେ ଏବେ ଯେଉଁ ପରିସ୍ଥିତି ଉପୁଜିଛି ତାହା ହୀରାକୁଦ ପ୍ରତି ବିପଦ ସୃଷ୍ଟି କରିଛି। ହୀରାକୁଦ ଡ୍ୟାମ୍ କୂଳରେ ସରକାର କାହିଁକି ବଡ଼ ବଡ଼ କମ୍ପାନୀମାନଙ୍କୁ ହୋଟେଲ କରିବାକୁ ଜମି ଦେବାକୁ ନିଷ୍ପତ୍ତି ନେଇଛନ୍ତି ତାହା ବୁଝାପଡୁନାହିଁ। ସେହିପରି ହୀରାକୁଦ ଡ୍ୟାମ୍ ସୁରକ୍ଷା ଦାୟିତ୍ୱରେ ଥିବା କର୍ମଚାରୀ କମି କମି ଯାଉଛନ୍ତି। ତେଣୁ ଖାଲି ପଡୁଥିବା ପଦବୀ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି କହି ପ୍ରସନ୍ନ ବାଚସ୍ପତି ସୁରମା ପାଢ଼ୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

ଏହାର ଉତ୍ତର ରଖିବାକୁ ଯାଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି, ବିରୋଧୀ ଦଳ ଉପନେତା ଯେଉଁ ପ୍ରସଙ୍ଗ ଉଠାଇଛନ୍ତି ତାହା ବେଶ୍ ଗୁରୁତ୍ୱପୂର୍ଣ୍ଣ । ହୀରାକୁଦରେ ପଙ୍କ ମାଡ଼ି ଯାଇଥିବାରୁ ଜଳଧାରଣା କ୍ଷମତା କମିବାରେ ଲାଗିଛି । ହୀରାକୁଦ ନଦୀବନ୍ଧ ନିର୍ମାଣ ବେଳେ ୧ଲକ୍ଷରୁ ଅଧିକ ଲୋକ ବାସଚ୍ୟୁତ ହେବା ସହିତ ମୂଲ୍ୟବାନ ଜମି ହରାଇଛନ୍ତି। ସେତେବେଳେ ସରକାରଙ୍କ ପକ୍ଷରୁ ସେଭଳି ଥଇଥାନ ନୀତି ଆପଣା ଯାଇ ନ ଥିଲା। ଏଥିପାଇଁ ଅଞ୍ଚଳବାସୀଙ୍କୁ ବହୁମୂଲ୍ୟ ଦେବାକୁ ପଡ଼ିଛି। ତେବେ ହୀରାକୁଦ ଡ୍ୟାମ୍‌ରୁ ଏବେ ପଙ୍କୋଦ୍ଧାର କରାଯିବା ସହିତ ବାଲି, ଗୋଡ଼ି କାଢ଼ିବାକୁ ହେବ। ପୂର୍ବ ସରକାର ଏନେଇ ଜାପାନ ସରକାରଙ୍କ ଜରିଆରେ ସଫା କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ ବିଫଳ ହୋଇଥିଲେ। ଯେହେତୁ ବଡ଼ ବଡ଼ ଗଛ ରହିଥିଲା ସେସବୁକୁ ସମ୍ପୂର୍ଣ୍ଣ ତାଡ଼ି କାଢ଼ିବା ବଦଳରେ କେବଳ କାଟି ଦେଇ ସଫେଇ କାର୍ଯ୍ୟ କରାଯାଇଥିଲା। ଏବେ ସେହି କାର୍ଯ୍ୟ କରିବା ପାଇଁ ଆମେ କେନ୍ଦ୍ର ସରକାର ଓ ବିଭିନ୍ନ ଟେକ୍‌ନିକାଲ ଟିମ୍ ସହ ଆଲୋଚନା କରୁଛୁ। କେନ୍ଦ୍ର ସରକାର ସବୁ ଡ୍ୟାମ୍‌କୁ ସୁରକ୍ଷା ପାଇଁ ଡ୍ୟାମ୍ ସେଫ୍ଟି ଆଇନ ଆଣିଛନ୍ତି । ପର୍ଯ୍ୟଟନ କଥା ଉଠୁଛି। କିନ୍ତୁ ଆମେ ପ୍ରଥମେ ହୀରାକୁଦର ସୁରକ୍ଷା ଦେଖିବୁ ପରେ ଯାହା ହେବ। ଛତିଶଗଡ଼ ସହ ଥିବା ଜଳବିବାଦ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି, ଏହାର ସମାଧାନ ଖୁବ୍‌ଶୀଘ୍ର ହୋଇଯିବ ବୋଲି ମନ୍ତ୍ରୀ କହିଥିଲେ। ଏହି ସମୟରେ ଗୃହର ମଧ୍ୟଭାଗରେ କଂଗ୍ରେସ ବିଧାୟକଗଣ ଆଦିବାସୀ ଓ ପଛୁଆବର୍ଗଙ୍କ ପାଇଁ ଦଳ ପକ୍ଷରୁ ଦିଆଯାଇଥିବା ସଂକଳ୍ପ କାହିଁକି ଗ୍ରହଣ କରାଯାଉ ନାହିଁ କହି ପ୍ରବଳ ହଟ୍ଟଗୋଳ କରିଥିଲେ। ଗୃହରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ଲାଗି ବାଚସ୍ପତି ସୁରମା ପାଢ଼ୀ ୪ଥର ମୁଲତବୀ ଘୋଷଣା କରିଥିଲେ। ଏହାପରେ ୧୨ଟା ୩୦ ମିନିଟରେ ସ୍ୱରାଷ୍ଟ୍ର ବିଭାଗର ଅତିରିକ୍ତ ଖର୍ଚ୍ଚ ଦାବି ଆଲୋଚନା ଆରମ୍ଭ ହୋଇଥିଲା।

## ଆପୋସ ସମାଧାନରେ ତୁଟିପାରିବ ମହାନଦୀ ଜଳ ବିବାଦ: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର,୪।୧୨
(ରବିନାରାୟଣ ଜେନା)

ଓଡ଼ିଶାର ଜୀବନରେଖା ମହାନଦୀ ଜଳ ବିବାଦ ମାମଲାକୁ ରାଜ୍ୟ ସରକାର ବହୁ ଗୁରୁତ୍ୱର ସହ ପରିଚାଳନା କରୁଛନ୍ତି। ଏଥିପାଇଁ ଉଭୟ ଓଡ଼ିଶା ଓ ଛତିଶଗଡ଼ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି । ଏହି ଜଳବିବାଦକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରିବାକୁ ସମସ୍ତ ଉଦ୍ୟମ ଆରମ୍ଭ ହୋଇଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ବିଧାନସଭାରେ ପ୍ରଶ୍ନକାଳରେ ଅତିରିକ୍ତ ପ୍ରଶ୍ନକର୍ତ୍ତା ଦୁର୍ଗା ପ୍ରସନ୍ନ ନାୟକ ମହାନଦୀ ଜଳ ବିବାଦ ମାମଲାରେ ସମାଧାନ ପାଇଁ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ଜାଣିବାକୁ ଚାହିଁଥିଲେ। ଉତ୍ତରରେ ମନ୍ତ୍ରୀ କହିଥିଲେ, ଏପର୍ଯ୍ୟନ୍ତ ଉଭୟ ରାଜ୍ୟକୁ ନେଇ ଗଠିତ ଯୁଗ୍ମ ବୈଷୟିକ କମିଟିର ୬ଟି ବୈଠକ ଅନୁଷ୍ଠିତ ହୋଇସାରିଛି । ଶୁକ୍ରବାର ଏହାର ପରବର୍ତ୍ତୀ ବୈଠକ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ଉତ୍ତର ରଖି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଥିଲେ, ବର୍ତ୍ତମାନ ମହାନଦୀ ବିବାଦ ମାମଲା ଟ୍ରିବ୍ୟୁନାଲରେ ବିଚାରାଧୀନ ରହିଛି। ଆପୋସ ସମାଧାନ ପାଇଁ ଉଭୟ ରାଜ୍ୟ ଏବେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଛତିଶଗଡ଼ରେ ଭାଜପା ସରକାର ଆସିବା ପରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଏବଂ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏନେଇ ଆଲୋଚନା ହୋଇଯାଇଛି। ଏହାପରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୂର୍ବାଞ୍ଚଳ ପରିଷଦ ବୈଠକରେ ମଧ୍ୟ ଉଭୟ ରାଜ୍ୟର ମୁଖ୍ୟମନ୍ତ୍ରୀ ଏନେଇ ଆଲୋଚନା କରିଥିଲେ। ଏହାବାଦ୍ ୨୦୨୫ ଅଗଷ୍ଟ ୩୦ ତାରିଖରେ ଉଭୟ ରାଜ୍ୟର ମୁଖ୍ୟ ଶାସନ ସଚିବ ଆଲୋଚନା କରିବା ସହ ବିବାଦର ସମାଧାନ ପାଇଁ ରୂପରେଖ ପ୍ରସ୍ତୁତ କରିଥିଲେ। ଇତିମଧ୍ୟରେ ଉଭୟ ରାଜ୍ୟ ପକ୍ଷରୁ ଗଠିତ ଯୁଗ୍ମ ବୈଷୟିକ କମିଟିର ବୈଠକ ୬ଥର ଅନୁଷ୍ଠିତ ହୋଇ ସାରିଲାଣି। ସବୁଠାରୁ ବଡ଼କଥା ହେଲା, ଆସନ୍ତା ୨୦ ତାରିଖରେ ଟ୍ରିବ୍ୟୁନାଲରେ ମହାନଦୀ ଜଳବିବାଦର ପରବର୍ତ୍ତୀ ଶୁଣାଣି ହେବାକୁ ରହିଛି ବୋଲି ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମୂଳ ପ୍ରଶ୍ନକର୍ତ୍ତା ଦୁଷ୍ମନ୍ତ କୁମାର ସ୍ୱାଇଁ ମହାନଦୀ ବନ୍ଦର ଭିତର ପାର୍ଶ୍ୱ ପଥର ପ୍ୟାକିଂ ପାଇଁ ପଦକ୍ଷେପ ନିଆଯିବ କି ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଥିଲେ, ସେନେଇ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଜାରି ରହିଛି।

## ପୁରୁଣା ଆପାର୍ଟମେଣ୍ଟ ବିକ୍ରି ବାଟ ଫିଟିଲା | ପରଖି କିଣିବାକୁ କ୍ରେତାଙ୍କୁ ପରାମର୍ଶ

ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା)

ଦୀର୍ଘଦିନ ଧରି ପୁରୁଣା ଆପାର୍ଟମେଣ୍ଟଗୁଡ଼ିକ କିଣାବିକା ନେଇ ରହିଥିବା କଟକଣାକୁ ରାଜ୍ୟ ସରକାର କେତେକ କ୍ଷେତ୍ରରେ କୋହଳ କରିଛନ୍ତି। ୨୦୧୬ ଅକ୍ଟୋବର ୫ ପୂର୍ବରୁ ଯେଉଁସବୁ ଆପାର୍ଟମେଣ୍ଟ ବିକ୍ରି କରିବାକୁ ଚାହିଁବେ, ସେଗୁଡ଼ିକ ବିକ୍ରି ହୋଇପାରିବ। ତେବେ ନୂତନ କ୍ରେତା ଏହି ଆପାର୍ଟମେଣ୍ଟ କିଣିବା ବେଳେ ତା'ର ବିଭିନ୍ନ ଆଇନଗତ ଦିଗକୁ ଦେଖି ଚାହିଁ ଓ ପରଖି କିଣିବାକୁ ପଡ଼ିବ ବୋଲି ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ଜାରି ନିର୍ଦ୍ଦେଶନାମାରେ କୁହାଯାଇଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ଜାରି କରିଥିବା ଏହି ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ ଏସଂକ୍ରାନ୍ତୀୟ ଆଇନର ତର୍ଜମା କରିବା ପରେ ଏହି ନିଷ୍ପତ୍ତି ନିଆଯାଇଛି। ସେ ଦର୍ଶାଇଛନ୍ତି ଯେ, ୨୦୧୬ ଅକ୍ଟୋବର ୫ ତାରିଖ ପୂର୍ବର ପୁରୁଣା ଆପାର୍ଟମେଣ୍ଟ ଏବେ ବିକ୍ରି ହୋଇପାରିବ। ଏହି ସମୟରେ ସେହି ଆପାର୍ଟମେଣ୍ଟରେ ଯେତିକି କମନ ଏରିଆ ଥିବ ତାହା ଆପଣାଛାଏଁ କ୍ରେତାଙ୍କ ନାମକୁ ଆସିବ ଏବଂ ତାହା ସୋସାଇଟ ହାତକୁ ଚାଲିଯିବ। ମାତ୍ର ପୂର୍ବରୁ ବିଲଡର ଯେଉଁ ଏସବୁ ଅଞ୍ଚଳରେ ନିଜର ମାଲିକାନା ରଖୁଥିଲେ ତାହା ଆଉ ରହିବ ନାହିଁ। ଯଦି ସେଠାରେ ପୂର୍ବରୁ କୌଣସି ସୋସାଇଟି ଗଠନ ହୋଇଥିବ ତାହା ନିକଟକୁ କମନ ଏରିଆ ଯିବ, ମାତ୍ର କେତ୍ରାଙ୍କ ଅଂଶ ରହିବ।




LATE
MANA GOVINDA MOHANTY
05.12.1904 - 21.03.1981
Mandasahi, Jagatsinghapur

Upholding his values and continuing his legacy

*On his **121st Birth Anniversary**, we at **Mana Govinda Mohanty Charitable Trust** pledge to continue our journey as an organisation with the community at its heart*

**Wellness Centre** at Old Age home of RAWA ACADEMY

Collaboration with **RAWA Academy** and other organisations **in the upkeep and education of orphan children**

Ongoing collaboration with **BETTER LIFE FOUNDATION** to promote **talented otherwise-abled athletes / sports person**, helping them excel and achieve their life goals

Sponsored **20 Paediatric Cardiac Surgeries** conducted by **Sri Sathya Sai Sanjeevani Centre for Child Healthcare**

BEST WISHES FROM :
| Sabita | Rajib Lochan & Meenoti | Namita | Kamal Lochan & Annapurna |
| Padma Lochan & Sandhya | Pankaj Lochan & Seema |
| Siddhartha | Anshuman | Tanuj |
| Anamika | Poonam | Priyangana | Ivaani |





# ଆଜି କ’ଣ କେଉଁଠି

**ଭୁବନେଶ୍ୱର**
- ରାଜ୍ୟ ପ୍ରାଥମିକ ମହାସଂଘ ପକ୍ଷରୁ ବିଭିନ୍ନ ଦାବିରେ ଶାନ୍ତିପୂର୍ଣ୍ଣ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।
- ୧୫ତମ ଦୂରଦର୍ଶୀ କ୍ରୀଡ଼ା ସମ୍ମାନ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ଟା ୩୦।
- ମେରା ଭାରତ ମହାନ କାର୍ଯ୍ୟକ୍ରମ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

**କଟକ**
- ଖ୍ରୀଷ୍ଟ ମହାବିଦ୍ୟାଳୟ ପକ୍ଷରୁ ଖ୍ରୀଷ୍ଟମାସ କ୍ୟାରୋଲ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ଅପରାହ୍ନ ୫ଟା ୩୦।

**ଖୋର୍ଦ୍ଧା**
- କ୍ରିକେଟ ଟୁର୍ଣ୍ଣାମେଣ୍ଟ, ସ୍ଥାନ: କୁରାଢ଼ମଲ୍ଲ ଖେଳପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

**ବାଲେଶ୍ୱର**
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ମାର୍କୋଣା, ସମୟ: ସକାଳ ୯ଟା।

**ଭଦ୍ରକ**
- ଦିବଂଗତ ସାମାଜିକ କର୍ମୀ ଉଦ୍ଧବ ମହାପାତ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ବୁଡ଼ଙ୍ଗ, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: କରଞ୍ଜଆଡ଼ିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଆଜୀବନ ସଂଗ୍ରାମୀ ସ୍ୱର୍ଗତ ନିରାକାର ଜେନାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଓ ସ୍ମୃତିସଭା, ସ୍ଥାନ: ଚରମ୍ପା ମାରୱାର ଭବନ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନମଣ୍ଡଳୀ ସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ପୁରୁଷୋତ୍ତମପୁର ନେତାଜୀ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ସାଂସଦ ଖେଳ ମହୋତ୍ସବର ଉଦ୍‌ଘାଟନୀ, ସ୍ଥାନ: ବହୁମୁଖୀ ଇନ୍‌ଡୋର ଷ୍ଟାଡିୟମ୍, ଧାମନଗର, ସମୟ: ପୂର୍ବାହ୍ନ ୧୦ଟା।
- ଭଦ୍ରକ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ଅପରାହ୍ନ ୫ଟା।

**କେନ୍ଦୁଝର**
- ଚନ୍ଦ୍ରଶେଖର ମହାବିଦ୍ୟାଳୟର ୪୯ ତମ ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ଥାନ ; ମହାବିଦ୍ୟାଳୟ ଖେଳପଡ଼ିଆ, ଚମ୍ପୁଆ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ଉତ୍ସବ, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, କେନ୍ଦୁଝର, ସମୟ: ପୂର୍ବାହ୍ନ ୧୦ଟା।

**ମୟୂରଭଞ୍ଜ**
- ବିଶ୍ୱ ମୃତ୍ତିକା ଦିବସ ପାଳନ,ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର-୧, ଶାମାଖୁଣ୍ଟା,ସମୟ: ପୂର୍ବାହ୍ନ ୧୦ଟା।
- ଚିତ୍ରଡ଼ା କାକୁଡ଼ିହା ପ୍ରିମିୟର ଲିଗର ଉଦ୍‌ଘାଟନୀ ଦିବସ, ସ୍ଥାନ:ଚିତ୍ରଡ଼ା କାକୁଡିହା କ୍ରିକେଟ ପଡ଼ିଆ, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।
- ମୟୂରଭଞ୍ଜ ମହୋତ୍ସବ, ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ଋଷିକୁଲ୍ୟା ରୟତ ମହାସଭାର ଖବରଦାତା ସମ୍ମିଳନୀ, ସ୍ଥାନ: ଏନଜିଓ ହଲ, ସମୟ: ପୂର୍ବାହ୍ନ ୧୦ଟା।

**ଢେଙ୍କାନାଳ**
- ବ୍ଲକ ସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ବିଶେଶ୍ୱର ବିଦ୍ୟାପୀଠ,ମୁଣ୍ଡେଇଲୋ, ସମୟ: ସକାଳ ୯ ଟା।
- ବିଶ୍ୱ ମୃତ୍ତିକା ଦିବସପାଳନ, ସ୍ଥାନ: ମୃତ୍ତିକା ସଂରକ୍ଷଣ କେନ୍ଦ୍ର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।
- ଭୁବନ ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ : ଭୁବନ ବ୍ଲକ ବାଲିବୋ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଜଗତସିଂହପୁର**
- ବନ୍ଦର ସାଂସ୍କୃତିକ ମହୋତ୍ସବ ସପ୍ତମ ସନ୍ଧ୍ୟାରେ ବିଦ୍ୟୁତ ବିଭାଗ ପକ୍ଷରୁ ନାଟକ ‘ରୋମିଓ ଟାଇଗର’ ମଞ୍ଚସ୍ଥ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ ବଡ଼ପଡ଼ିଆ ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦ୍ରାପଡ଼ା**
- ଜିଲାସ୍ତରୀୟ ଯୁବ ଉତ୍ସବ, ସ୍ଥାନ: କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ତିନିମୁହାଣୀ, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ଏମ୍‌ପି ଖେଳ ମହୋତ୍ସବ, ସ୍ଥାନ: ଅଙ୍ଗୁଲାଇ ମିନି ଷ୍ଟାଡିୟମ, ମାର୍ଶାଘାଇ, ଏମ୍‌ଏନ୍ ହାଇସ୍କୁଲ, ପଟ୍ଟାମୁଣ୍ଡାଇ, ଜଜାଙ୍ଗ ଖେଳପଡିଆ, କେନ୍ଦ୍ରାପଡ଼ା, ଛେଣ୍ଡିକାନି ଖେଳପଡିଆ, ମହାକାଳପଡା, ହାଇସ୍କୁଲ ଖେଳପଡିଆ, ଡେରାବିଶ, ସମୟ: ସକାଳ ୯ଟା।

**ଯାଜପୁର**
- କାନାଡା ବ୍ୟାଙ୍କର ନୂତନ ଶାଖା ଉଦ୍‌ଘାଟନ, ସ୍ଥାନ : ଯାଜପୁର ଜିଲାର କୁଆଖିଆ, ସମୟ: ପୂର୍ବାହ୍ନ ୧୧ଟା।

**ନୟାଗଡ଼**
- ଘୋଡଲାଗି ପର୍ବର ନବମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା।
- ଘୋଡଲାଗି ପର୍ବର ନବମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର,ନୟାଗଡ ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭ଟା ୩୦।
- ମହାଲକ୍ଷ୍ମୀ ପୂଜାର ୨ୟ ଦିବସରେ ମହିଳା ଭଜନ ସମାରୋହ, ସ୍ଥାନ:ଗୋଡିପଡା ତଳସାହି, ସମୟ:ସନ୍ଧ୍ୟା୬ରୁ ରାତି ୧୦।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୨ୟ ଦିବସରେ ସଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଖଣ୍ଡପଡା ରଥଗଡା ଛକି, ସମୟ:ସନ୍ଧ୍ୟା ୭ଟା।
- ମହାଲକ୍ଷ୍ମୀ ପୂଜାର ୨ୟ ଦିବସରେ ବାଦି ପାଲା, ସ୍ଥାନ:ଖଣ୍ଡପଡା ବ୍ଲକ ବେଣାଗାଡିଆ, ସମୟ:ସନ୍ଧ୍ୟା ୭ ରୁ ରାତି ୧୦ଟା। ସ୍ଥାନ:ଗୋଡିପଡାର ବଡଦେଶ ଯଜ୍ଞାନୁଷ୍ଠାନ ଗୃହ, ସମୟ:ସନ୍ଧ୍ୟା୭ରୁ ରାତି ୧୧ଟା।
- ମହାଲକ୍ଷ୍ମୀ ପୂଜା ମହୋତ୍ସବର ୨ୟ ଦିବସରେ ଦର୍ପନାରାୟଣପୁରର ମହୀରାବଣ ବଧ, ସ୍ଥାନ:ଗୋଡିପଡା ତଳସାହି, ସମୟ:ରାତି୧୧ଟା।

**ରାୟଗଡ଼ା**
- ପାରିବାରିକ ହିଂସା ନିରୋଧ ଆଇନ-୨୦୦୫କୁ ନେଇ କର୍ମଶାଳା, ସ୍ଥାନ: ପୌର ପରିଷଦ କାର୍ଯ୍ୟାଳୟ,ଗୁଣପୁର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ମାର୍ଟ ଇଣ୍ଡିଆ ହାକ୍‌ଥନ-୨୦୨୫କୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଆଇଆଇଟି, ଗୁଣପୁର, ସମୟ: ମଧ୍ୟାହ୍ନ ୧୨ଟା।

**ନବରଙ୍ଗପୁର**
- ଜିଲାସ୍ତରୀୟ ମୃତ୍ତିକା ଦିବସ, ସ୍ଥାନ: ନବରଙ୍ଗପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ମଣ୍ଡେଇ, ସ୍ଥାନ: କୋଷାଗୁମୁଡ଼ା ଟିଓଏମ୍‌ଇ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବ୍ଲକସ୍ତରୀୟ ବିଜ୍ଞାନ ମେଳା, ସ୍ଥାନ: ନନ୍ଦାହାଣ୍ଡି ବ୍ଲକ ସରୁଗୁଡ଼ା ଆଦର୍ଶ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସମସ୍ତଙ୍କ ମତକୁ ଉଚ୍ଚ କରିବା ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କୋରାପୁଟ**
- ଭୂସମ୍ପଦ ତଥ୍ୟାବଳୀ ଯାତ୍ରା, ସ୍ଥାନ: ଭାଟିପଡ଼ା ଗ୍ରାମ, ବୈପାରୀଗୁଡ଼ା ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାପାଳଙ୍କ କୋରାପୁଟ ଓ ସୁନାବେଡା ଅଞ୍ଚଳ ପରିଦର୍ଶନ, ସ୍ଥାନ: କୋରାପୁଟ ଓ ସୁନାବେଡା, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଜାନିଗୁଡା ମିକ୍ସଡ଼ ଫାର୍ମ, ସେମିଳିଗୁଡା, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନ, ସ୍ଥାନ: ପଞ୍ଚାୟତ ସମିତି କନଫେରନ୍ସ ହଲ, କୁନ୍ଦୁରା, ସମୟ: ମଧ୍ୟାହ୍ନ ୧୨ଟା।
- ବିଶ୍ୱ ମୃତ୍ତିକା ଦିବସ, ସ୍ଥାନ: ଆଗ୍ରଗାମୀ ଅନୁଷ୍ଠାନ, ଦଶମନ୍ତପୁର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଜିଲାପାଳଙ୍କ ସୁନାବେଡା ମ୍ୟୁନିସିପାଲିଟି ଅଞ୍ଚଳ ଗସ୍ତ, ସ୍ଥାନ: ସୁନାବେଡା ମ୍ୟୁନିସିପାଲିଟି କାର୍ଯ୍ୟାଳୟ, ସମୟ: ଅପରାହ୍ନ ୪ଟା।

**ମାଲକାନଗିରି**
- ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ଜିଲା ମୁଖ୍ୟ କୃଷି ଅଧିକାରୀ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**ସମ୍ବଲପୁର**
- ୩୦ତମ ଜାତୀୟ ରୋଡ ସାଇକ୍ଲିଂ ଚାମ୍ପିୟନଶିପର ଦ୍ୱିତୀୟ ଦିବସ, ସ୍ଥାନ : ବାଟମଙ୍ଗଳା ମନ୍ଦିର, ସମୟ : ପୂର୍ବାହ୍ନ ୯ଟା।
- ବନବନ୍ଧୁ ପରିଷଦ ସମ୍ବଲପୁର ଚ୍ୟାପ୍ଟର ଆୟୋଜିତ ଭାରତ କେ ରଙ୍ଗ ଲକଲ କେ ସଂଗ କାର୍ଯ୍ୟକ୍ରମର ପ୍ରସ୍ତୁତି ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ସମ୍ବଲପୁର କଳା ଏକାଡେମୀ ପକ୍ଷରୁ ମେଗା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଓଡ଼ିଶା ସାଂସ୍କୃତିକ ସମାଜ ଭବନ, ସମୟ : ଅପରାହ୍ନ ୬ଟା।
- ସାରେ ଯାହାଁ ସେ ଆଚ୍ଛା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଲଳିତକଳା ଏକାଡେମୀ ସ୍ଥିତ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ, ସମୟ : ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୫ଟା।

**ବଲାଙ୍ଗୀର**
- ବଲାଙ୍ଗୀର ଜିଲାସ୍ତରୀୟ ଖରିଫ ଧାନକ୍ରୟ ଶୁଭାରମ୍ଭ, ସ୍ଥାନ: କୃଷି ସମବାୟ ସମିତି ଲୋଇସିଂହା, ସମୟ: ପୂର୍ବାହ୍ନ ୧୧ଟା।

**ରାଉରକେଲା**
- ରାଉରକେଲା କଲେଜର ୩୯ତମ ବାର୍ଷିକ କ୍ରୀଡାର ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୪, ସମୟ: ଅପରାହ୍ନ ୪ଟା।
- ଏକତ୍ର ଆୟୋଜିତ ଇସ୍ପାତ ନାଟ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ନାଟକ, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୧୫।

**ବରଗଡ଼**
- ମହାଲକ୍ଷ୍ମୀ ପୂଜା, ସ୍ଥାନ: କନ୍ଦୁମୁଣ୍ଡା, ଗାଇସିଲେଟ, ସମୟ, ସକାଳ ୮ଟା।
- ରଙ୍ଗୋଲି ପ୍ରତିଯୋଗିତା, ସ୍ଥାନ: ମେହେରପଡ଼ା, ବରପାଲି, ସମୟ: ସକାଳ ୮ଟା।
- ଜୀବ ବିଜ୍ଞାନ ବିଭାଗର ଜାତୀୟ ସେମିନାର, ସ୍ଥାନ:ପଞ୍ଚାୟତ କଲେଜ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଜର୍ଜ ହାଇସ୍କୁଲ ପଡିଆ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- କଂଗ୍ରେସର ଜିଲାପାଳ କାର୍ଯ୍ୟାଳୟ ଘେରାଉ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ବରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

**କଳାହାଣ୍ଡି**
- ଶ୍ରୀମଦ୍ ଭଗବତ ଗୀତା ପାରାୟଣ ଓ ବେଦାନ୍ତ ଧ୍ୟାନ ପ୍ରଶିକ୍ଷଣ, ସ୍ଥାନ: କେସିଙ୍ଗାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଥିବା ଋଷି ସାହା ସଂସ୍କୃତି କେନ୍ଦ୍ର, ସମୟ: ସକାଳ ୬ଟା ୩୦।
- ଜିଲାସ୍ତରୀୟ କୁଇଜ୍, ବକ୍ତୃତା ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ବାଳିକା ଫୁଟ୍‌ବଲ ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

**ବୌଦ୍ଧ**
- ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ସମ୍ମିଳନୀ କକ୍ଷ ନିୟନ୍ତ୍ରିତ ବଜାର କମିଟି, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଜିଲା ଯୁବ ମହୋତ୍ସବ, ସ୍ଥାନ: ଟାଉନ ହଲ, ବୌଦ୍ଧ, ସମୟ: ଅପରାହ୍ନ ୨ଟା ୧୦।

**ଦେବଗଡ଼**
- ଆଥଲେଟିକ୍ ମିଟ୍, ସ୍ଥାନ: ଦେବଗଡ଼ର ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ମୃତ୍ତିକା ଦିବସ ପାଳନ, ସ୍ଥାନ: ଦେବଗଡ଼ ସିଡିଏଓ ନୂତନ କାର୍ଯ୍ୟାଳୟ କୋଠା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ରାଧାକୃଷ୍ଣ ମନ୍ଦିରର ରତ୍ନମୁଦ ଉତ୍ସବ, ସ୍ଥାନ: ଦେବଗଡ଼ ଦୋଳମଣ୍ଡପ ସାହି, ସମୟ: ଅପରାହ୍ନ ୧ଟା ୩୦।
- ମା’ କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ସହର ମଠସାହିସ୍ଥିତ ମା’ କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୬ଟା ୩୦।

**ସୁବର୍ଣ୍ଣପୁର**
- ପୋଲିସର ସେବା ଓ ସୁରକ୍ଷା ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଡୁଙ୍ଗୁରିପାଲି ଥାନା ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବୀରମହାରାଜପୁର ଜଗନ୍ନାଥ ମନ୍ଦିରରେ ନବଦିନବ୍ୟାପି ରାମାୟଣ କଥା ଉଦ୍‌ଯାପନୀ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।

**ନୂଆପଡ଼ା**
- ୨୨ତମ ମାଣବସା ମହାଲକ୍ଷ୍ମୀ ପୂଜା ପୂର୍ଣ୍ଣାହୁତି ଓ ଭସାଣି କାର୍ଯ୍ୟକ୍ରମ, ସ୍ଥାନ: ଖଡିଆଳ ବ୍ଲକ ଡୁମେରଯୋର ଗାଁ, ସମୟ: ସକାଳ ୯ଟା।
- ଲକ୍ଷ୍ମୀପୂଜା ଭସାଣି, ସ୍ଥାନ: କୋମନା ବ୍ଲକ ତରବୋଡ ବସ୍ତିପଡା, ସମୟ: ସକାଳ ୯ଟା।

# ବଢ଼ିବ ଶୀତ, ସମସ୍ୟା ବଢ଼ାଇବ ଘନ କୁହୁଡ଼ି

ଭୁବନେଶ୍ୱର,୪।୧୨(ବନ୍ଦନା ସେଠୀ)

ରାଜ୍ୟରେ ଶୀତ ଲହରୀ ଜାରି ରହିଥିବାବେଳେ ୧୬ ସ୍ଥାନରେ ତାପମାତ୍ରା ୧୫ ଡିଗ୍ରୀ ତଳେ ରହିଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨ରୁ ୩ଦିନ ମଧ୍ୟରେ ତାପମାତ୍ରା ଆହୁରି କମିବ। ଶୀତ ବଢ଼ିବା ସହ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘନ କୁହୁଡି ସମସ୍ୟା ବଢ଼ାଇବ। ବର୍ତ୍ତମାନ ରାଜ୍ୟରେ କୌଣସି ପାଣିପାଗ ନିୟାମକ ସକ୍ରିୟ ନ ଥିବାବେଳେ ଅଧିକାଂଶ ଜିଲାରେ ପାଗ ଶୁଖିଲା ରହିବା ସହ ରାଜ୍ୟର ୭ ଜିଲାରେ ଘନ କୁହୁଡି ଦୃଶ୍ୟମାନ ହେବ। ଏନେଇ ସେସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି, ବର୍ତ୍ତମାନ ରାଜ୍ୟରେ ଶୀତର ପ୍ରଭାବ ସାମାନ୍ୟ କମ୍ ରହିଥିବାବେଳେ ଆଗାମୀ ୨ଦିନ ଯାଏ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ। ପରେ ୨ରୁ ୩ଡିଗ୍ରୀ ତାପମାତ୍ରା କମିବା ସହ ପୁଣି ବଢିବ ଶୀତ। ଏଥିସହ ଶୁକ୍ରବାର ଓ ଶନିବାର କୋରାପୁଟ, ସୁନ୍ଦରଗଡ଼, କଳାହାଣ୍ଡି, କନ୍ଧମାଳ, ବଲାଙ୍ଗୀର, ସୋନପୁର ଓ ଝାରସୁଗୁଡା ଜିଲାର କିଛି ସ୍ଥାନରେ ଘନ କୁହୁଡି ହେବାର ସମ୍ଭାବନା ରହିଛି। ସେହିପରି ସୋମବାର ଭୁବନେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳରେ ସକାଳେ କୁହୁଡି ସହ ଆକାଶ ଆଂଶିକ ମେଘୁଆ ରହିବ। ସର୍ବାଧିକ ତାପମାତ୍ରା ୨୯ ଡିଗ୍ରୀ ଏବଂ ସର୍ବନିମ୍ନ ତାପମାତ୍ରା ୧୫ ଡିଗ୍ରୀ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ତେବେ ଗତ ୨୪ ଘଣ୍ଟାରେ ଦାରିଙ୍ଗବାଡିରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଥିବାବେଳେ ଝାରସୁଗୁଡା ୧୦.୯ ଡିଗ୍ରୀ, ଫୁଲବାଣୀ ୧୧, କୋରାପୁଟ ୧୧.୬, ରାଉରକେଲା ୧୨, ଭବାନୀପାଟଣା ଏବଂ ସୁନ୍ଦରଗଡ଼ରେ ୧୨.୫ ଡିଗ୍ରୀ, ବୌଦ୍ଧ ୧୨.୭, କେନ୍ଦୁଝରଗଡ ୧୨.୮, ଅନୁଗୋଳ ୧୩, ବଲାଙ୍ଗୀର ୧୩.୫, ଢେଙ୍କାନାଳ ୧୩.୯, ଭଦ୍ରକ ଓ ନବରଙ୍ଗପୁରରେ ୧୪ ଡିଗ୍ରୀ, ଟିଟିଲାଗଡ ଓ ସୋନପୁରରେ ୧୪.୪ ଡିଗ୍ରୀ ରହିଥିଲା।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଣ୍ଟା ଦରାଣ୍ଡିଲି କଉଡ଼ି ନାହିଁ
ଦୁଧ ଦହି ଗଲା ଦୁଆର ଡେଇଁ।**

ଆଜିର ଅର୍ଥ ସର୍ବସ୍ୱ ଦୁନିଆରେ ଅର୍ଥ ହିଁ ସବୁକିଛି। ହାତରେ ଅର୍ଥ ନଥିଲେ ସବୁକିଛି ଦୁଷ୍ପ୍ରାପ୍ୟ ହୋଇଯାଏ। ଅର୍ଥାଭାବ କାରଣରୁ ନିଜର ଈପ୍ସିତ ଦ୍ରବ୍ୟ ହାତ ପାଆନ୍ତାରେ ଥାଇ ମଧ୍ୟ ଅପହଞ୍ଚ ହୋଇ ରହିଯାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଘଟ କଥା ଘଟଇ ଦେଖ
ପେଜ ପିଆଠେଇଁ ବାଜଇ ଶଙ୍ଖ।**

ଗରିବ ଅଭାବୀ ଲୋକଙ୍କ ଉପରେ ସମସ୍ତଙ୍କର ଆଖି। ଅଭାବୀ ଲୋକଙ୍କର ସାମାନ୍ୟତମ ଭୁଲ୍ ପାଇଁ ବି କଥା କୋର୍ଟ କଚେରିକୁ ଯାଇଥାଏ, ନ ହେଲେ ସଭା କିମ୍ବା ନିଶାପ ବସିଥାଏ। ଆଜିର ଦୁନିଆରେ ଏହାହିଁ ରୀତି ହୋଇଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଡଲାର= ୯୦.୪୩ ଟଙ୍କା

**ଭାରତୀୟ ମୁଦ୍ରା ଦୁର୍ବଳ ହେବା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ଦର୍ଶାଉଛି: ଖାର୍ଗେ**

ମୁମ୍ବାଇ/ନୂଆଦିଲ୍ଲୀ,୪।୧୨(ପି.ଟି./ଏଜେନ୍ସି)

ଡଲାର ତୁଳନାରେ ଭାରତୀୟ ମୁଦ୍ରା ଗୁରୁବାର ଆହୁରି ୨୮ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୦.୪୩ ଟଙ୍କାକୁ ଖସିଛି। ପୁଞ୍ଜିବଜାରରୁ ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ମୁହଁ ଫେରାଇବା କାରଣରୁ ଟଙ୍କାର ଏପରି ଅବମୂଲ୍ୟାୟନ ହେଉଥିବା କୁହାଯାଉଛି।

ଫରେକ୍ସ ଟ୍ରେଡର୍ସଙ୍କ ମତରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏହାର ଗୁରୁତ୍ୱପୂର୍ଣ୍ଣ ମୁଦ୍ରାନୀତି କମିଟି (ଏମ୍‌ପିସି) ବୈଠକ ପୂର୍ବରୁ ବଡ଼ ହସ୍ତକ୍ଷେପ କରୁ ନ ଥିବାବେଳେ ଡଲାରର ଚାହିଦା ବଢ଼ିଚାଲିଛି। ଫଳରେ ସ୍ଥାନୀୟ ମୁଦ୍ରା ଉପରେ ଚାପ ବଢ଼ିଛି। ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜ ମାର୍କେଟରେ ଟଙ୍କା ୯୦.୩୬ରେ ଖୋଲିଥିଲା। ପରେ ଏହା ୨୮ ପଇସା ଦୁର୍ବଳ ହୋଇ ସର୍ବକାଳୀନ ନିମ୍ନସ୍ତର ୯୦.୪୩କୁ ଖସିଯାଇଥିଲା। ବୁଧବାର ସେସନ୍‌ରେ ଡଲାର



ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୯୦.୧୫ ରହିଥିଲା। ଟଙ୍କା କ୍ରମାଗତ ଭାବେ ଦୁର୍ବଳ ହେବା ପଛରେ ଆମଦାନୀ ମହଙ୍ଗା ହେବ, ଯାହାକି ମୁଦ୍ରାସ୍ଫୀତିକୁ ବଳ ଦେବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏହି ପ୍ରସଙ୍ଗ ଗୁରୁବାର ସଂସଦରେ ମଧ୍ୟ ଉଠିଛି। କଂଗ୍ରେସ ସାଧାରଣ ସମ୍ପାଦିକା ଏନେଇ ଭାଜପାକୁ ଟାର୍ଗେଟ କରିଛନ୍ତି। ୱାୟନାଡ୍ ଏମ୍‌ପି ପ୍ରିୟଙ୍କା ପାର୍ଲାମେଣ୍ଟ ପରିସରରେ କହିଛନ୍ତି, କିଛିବର୍ଷ ତଳେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସରକାର ଅମଳରେ ଟଙ୍କାର ଅବମୂଲ୍ୟାଙ୍କନକୁ ନେଇ ସେମାନେ ଦେଇଥିବା ମନ୍ତବ୍ୟ ଉପରେ ଏବେ କ’ଣ କହିବେ? ସେହିପରି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜ୍ଜୁନ ଖାର୍ଗେ ‘X’ରେ ଲେଖିଛନ୍ତି, ସରକାର ଯେତେ ଡିଣ୍ଡିମ ପିଟିଲେ ବି ଟଙ୍କା ଦୁର୍ବଳ ହେବାରେ ଲାଗିଛି। ଏହା ଦେଶର ବାସ୍ତବ ଆର୍ଥିକ ସ୍ଥିତିକୁ ଦର୍ଶାଉଛି। ଯଦି ମୋଦି ସରକାରଙ୍କ ନୀତିଗୁଡ଼ିକ ଠିକ୍ ଥାଆନ୍ତା ତେବେ ଟଙ୍କା ଖସୁ ନ ଥାନ୍ତା। ୨୦୧୪ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଥିଲେ, ଟଙ୍କା କାହିଁକି ପତଳା ହେବାରେ ଲାଗିଛି, ସରକାରଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ। ଦେଶ ସରକାରଙ୍କଠାରୁ ଉତ୍ତର ମାଗୁଛି। ଆଜି ଆମେ ସମାନ ପ୍ରଶ୍ନ ଉଠାଉଛୁ। ମୋଦିଙ୍କୁ ଏହାର ଉତ୍ତର ଦେବାକୁ ପଡ଼ିବ। ଏହା ପୂର୍ବରୁ ରାଜ୍ୟ ସଭାର ବିରୋଧୀ ଦଳ ନେତା ଖାର୍ଗେ ସଂସଦ ପରିସରରେ ଖବରଦାତାମାନଙ୍କୁ କହିଥିଲେ, ଟଙ୍କାର ଅବମୂଲ୍ୟାଙ୍କନ ଘଟୁଥିବାରୁ ଦେଶର ଆର୍ଥିକ ସ୍ଥିତି ଠିକ୍ ନ ଥିବା ଜଣାପଡୁଛି। ସେମାନେ ଆମ ଆର୍ଥିକ ସ୍ଥିତିରେ ଉନ୍ନତି ଆଣୁଥିବା ବିଷୟ କହିଚାଲିଛନ୍ତି। କିନ୍ତୁ ଟଙ୍କା ଖସିବାରେ ଲାଗିଛି।

ପ୍ରଥମ ପୃଷ୍ଠାରୁ...

## ଗାନ୍ଧୀ ବିରୋଧୀ...

ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଗୃହ ଆରମ୍ଭ ହେବା ମାତ୍ରେ ବାଚସ୍ପତି ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ କହିବାକୁ କହିଥିଲେ। ମନ୍ତ୍ରୀ ମହାଲିଙ୍ଗ କହିଥିଲେ, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପାଇଁ ମାନବଜାତି ସବୁବେଳେ ସମ୍ମାନ ପାଇଥାଏ। ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ଗୃହରେ ରଖିଥିବା ମନ୍ତବ୍ୟକୁ ସରକାରଙ୍କ ତରଫରୁ ନାପସନ୍ଦ କରାଯାଉଛି।

ଗାନ୍ଧୀମୂର୍ତ୍ତି ତଳେ ପ୍ରତିବାଦ ଓ ଧାରଣା ଦେବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି, ମହାତ୍ମା ଗାନ୍ଧୀଙ୍କ ବିରୋଧରେ ଅରୁଚିକର ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଗାନ୍ଧୀ ହେଉଛନ୍ତି ଜାତିର ପିତା। ଗାନ୍ଧୀଙ୍କୁ ନିନ୍ଦା ଚଳିବ ନାହିଁ। ଭାଜପା ବିଧାୟକ ଇତିହାସ ଜାଣିନାହାନ୍ତି। ଗାନ୍ଧୀ କେବେହେଲେ ଦେଶ ବିଭାଜନ ସମ୍ପର୍କରେ ଚିନ୍ତାକରିବା କୌଣସି ଗୋଟିଏ ସ୍ଥାନରେ କେହି ବି ପଢ଼ି ନ ଥିବେ। କୌଣସି ମୂର୍ଖ ବି କହିବେନି ଗାନ୍ଧୀ ଦେଶର ବିଭାଜନ ଚାହୁଁଥିଲେ। ସ୍ୱାଧୀନତା ପରେ ମହାତ୍ମା ଗାନ୍ଧୀ ଭାରତ-ପାକିସ୍ତାନ ଭାଗଭାଗ କରିଦେଲେ ବୋଲି ଗୃହ ଭିତରେ ଭାଜପା ସଦସ୍ୟ ସନ୍ତୋଷ ଖଟୁଆ ମନ୍ତବ୍ୟ ଦେବା ଦୁର୍ଭାଗ୍ୟଜନକ, ନିନ୍ଦନୀୟ ଏବଂ ଭୟଙ୍କର ବୋଲି ସେ କହିଛନ୍ତି।

ଏହି ଅବସରରେ ବିଜେଡି ଏବଂ କଂଗ୍ରେସର ସଦସ୍ୟମାନେ ପ୍ରବଳ ହୋହଲ୍ଲା କରିଥିଲେ। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଧାରଣା ଦେବା ସମୟରେ ଅଭିଯୋଗକରି କହିଥିଲେ, ଗାନ୍ଧୀ କେବେହେଲେ ଦେଶର ବିଭାଜନ ଚାହିଁ ନ ଥିଲେ। ଯିଏ ନିଜକୁ ଜଳାଞ୍ଜଳି ଦେଇ ଦେଶକୁ ସ୍ୱରାଜ୍ୟ ଦେଇଛନ୍ତି, ସେହି ମହାନ୍ ବ୍ୟକ୍ତି ଯାହାକୁ ପୃଥିବୀର ଲୋକମାନେ ମାନୁଛନ୍ତି; ତାଙ୍କ ପ୍ରତି ଭାଜପା ବିଧାୟକ ଯେଉଁଭଳି ଅପଶବ୍ଦ ବ୍ୟବହାର କଲେ ସେଥିରୁ ଦେଶର ପୂଜ୍ୟପୂଜାଙ୍କ ପାଇଁ ଭାଜପା ସରକାରର ମାନସିକତା କଥା ସ୍ପଷ୍ଟ ହୋଇଛି। ଏଭଳି କଥାକୁ କଂଗ୍ରେସ କେବେ ହେଲେ ପ୍ରଶ୍ରୟ ଦେବ ନାହିଁ ବୋଲି କାଡାମ କହିଛନ୍ତି। ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁ ଧାରଣାସ୍ଥଳରୁ କହିଥିଲେ, ସମଗ୍ର ବିଶ୍ୱ ଗାନ୍ଧୀ ଦର୍ଶନକୁ ଗ୍ରହଣ କରୁଛି। ହେଲେ ଓଡ଼ିଶା ବିଧାନସଭାରେ ଗାନ୍ଧୀଙ୍କ ବିରୋଧରେ ଭାଜପା ବିଧାୟକ ସନ୍ତୋଷ ଖଟୁଆ ଅପଶବ୍ଦ ବ୍ୟବହାର କରିବା କଥାକୁ କେବେହେଲେ ଗ୍ରହଣ କରାଯିବ ନାହିଁ। ଗାନ୍ଧୀଙ୍କ ବିରୋଧରେ ଏଭଳି ମନ୍ତବ୍ୟ ଲାଗି ଏଠାରେ ଧାରଣା ଦିଆଯାଇଛି।

## ଦିଲ୍ଲୀରେ ପୁଟିନ୍...

ଆରମ୍ଭ ହେବା ପରେ ଏହା ହେଉଛି ପୁଟିନ୍‌ଙ୍କ ପ୍ରଥମ ଭାରତ ଗସ୍ତ। ପୁଟିନ୍ ନୂଆଦିଲ୍ଲୀର ପାଲାମ ଏୟାରପୋର୍ଟରେ ପହଞ୍ଚିବା ପରେ ତାଙ୍କୁ ରେଡ୍ କାର୍ପେଟ୍ ସମ୍ବର୍ଦ୍ଧନା ଦିଆଯାଇ ସ୍ୱାଗତ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ଗସ୍ତର ଗୁରୁତ୍ୱକୁ ବୁଝି ପ୍ରଟୋକଲ ଭଙ୍ଗକରି ପୁଟିନ୍‌ଙ୍କୁ ସ୍ୱାଗତ କରିବାକୁ ଯାଇଥିଲେ। ସେଠାରେ ଦୁଇନେତା ପରସ୍ପରକୁ କରମର୍ଦ୍ଦନ କରିବା ପରେ ଆଲିଙ୍ଗନ କରିଥିଲେ। ଉଭୟେ ଗୋଟିଏ କାର୍‌ରେ ସେଠାରୁ ଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଥିଲା। ପୁଟିନ୍‌ଙ୍କୁ ମୋଦି ରାତ୍ରିଭୋଜନରେ ଆପ୍ୟାୟିତ କରିଥିଲେ। ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ୨୩ତମ ଭାରତ-ରୁଷିଆ ସମ୍ମିଳନୀରେ ଉଭୟ ନେତା ସାମିଲ ହେବାକୁ ଥିବାବେଳେ ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସମେତ ଅନେକ ଗୁରୁତ୍ୱପୂର୍ଣ୍ଣ ଚୁକ୍ତିନାମା ସ୍ୱାକ୍ଷର ହେବାର କାର୍ଯ୍ୟକ୍ରମ ରହିଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଧାର୍ମିକ କିମ୍ବା ଆନୁଷ୍ଠାନିକ କାର୍ଯ୍ୟ ସକାଶେ ବନ୍ଧୁମାନେ ନିୟୋଜିତ କରିପାରନ୍ତି। କର୍ମକ୍ଷେତ୍ରରେ ମତପାର୍ଥକ୍ୟକୁ ନେଇ ତିକ୍ତତା ଦେଖାଦେବ। ତର୍କବିତର୍କର ଶେଷ ପର୍ଯ୍ୟାୟରେ ବନ୍ଧୁ ସହଯୋଗର ଦୃଢ ପ୍ରତିଶ୍ରୁତି ଦେବେ। ଅତୀତ କଥାକୁ ବିଶେଷ ଆଲୋଚନା କରି ପାରିବାରିକ ସମସ୍ୟାକୁ ବଢ଼ାଇବା ଠିକ୍ ହେବନାହିଁ।

**ବୃଷ** କର୍ମକ୍ଷେତ୍ରରେ ଅଭିଳଷିତ ଦ୍ରବ୍ୟପ୍ରାପ୍ତିରେ ବିଜାତୀୟ ବ୍ୟକ୍ତି ଜଣେ ଅସହଯୋଗ କରିପାରେ। ଶାରୀରିକ ଦୁର୍ବଳତା ଯୋଗୁ କୌଣସି କାମ କରିବାକୁ ଆଗ୍ରହ ପ୍ରକାଶ କରି ନ ପାରନ୍ତି। ସଭାସମିତିରେ ସମ୍ମାନନୀୟ ବ୍ୟକ୍ତିବିଶେଷଙ୍କ ଦ୍ୱାରା ପ୍ରଶଂସିତ ହୋଇପାରନ୍ତି। ପରିବାରରେ ସାଧାରଣ କଥାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ଉପୁଜିପାରେ।

**ମିଥୁନ** ବହୁ ଦିନର ସ୍ୱପ୍ନକୁ ସାକାର କରି ନୂତନ ଯୋଜନାରେ ଆର୍ଥିକ ସ୍ଥିତି ବଦଳିଯିବ। ବନ୍ଧୁଙ୍କ ପରାମର୍ଶକୁ ଗ୍ରହଣ କଲେ ଉପକୃତ ହେବେ। ସନ୍ତାନମାନଙ୍କ ବାଧ୍ୟବାଧକତାରେ ମନୋରଞ୍ଜନ ସମ୍ପର୍କିତ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। ଯାତ୍ରା ସମୟରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହେବାକୁ ପଡିପାରେ।

**କର୍କଟ** ବନ୍ଧୁଙ୍କ ସହାୟତାରେ ଯାତ୍ରାକାଳୀନ ସମସ୍ୟାକୁ ସୁଧାରି ନେଇପାରନ୍ତି। ଦୀର୍ଘ ଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ଆଜି ଆକସ୍ମିକ ଭାବରେ ପୁନଃ ପ୍ରତିଷ୍ଠିତ ହେବ। ଭାବପ୍ରବଣବଶତଃ ବିରକ୍ତିକର କଥାବାର୍ତ୍ତାକରି ଅପଦସ୍ଥ ହୋଇପାରନ୍ତି। କର୍ମକ୍ଷେତ୍ରରେ ପରକଥାରେ ପ୍ରଭାବିତ ହେଲେ ଭୁଲ ମାର୍ଗର ଅନୁସରଣ କରିବାକୁ ପଡିପାରେ।

**ସିଂହ** ପାରସ୍ପରିକ ମତଭେଦ କାରଣରୁ ସହକର୍ମୀ ସହ ବିବାଦୀୟ ସ୍ଥିତି ସୃଷ୍ଟି ହୋଇପାରେ। ବ୍ୟୟ ବୃଦ୍ଧି ଯୋଗୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। କର୍ମକ୍ଷେତ୍ରରେ ଈର୍ଷା ପରାୟଣ ବ୍ୟକ୍ତିଙ୍କ ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବାଣିଜ୍ୟ ଓ ପରିବହନରେ ସନ୍ତୋଷଜନକ ଫଳ ଦେଖାଦେଇପାରେ।

**କନ୍ୟା** ପରିବାରର ପରିସ୍ଥିତିକୁ ସଜାଡିବା ସକାଶେ ବନ୍ଧୁ ଜମିବାଡି ବିକ୍ରିକରିବା ପାଇଁ ପ୍ରବର୍ତ୍ତାଇ ପାରନ୍ତି। କର୍ମକ୍ଷେତ୍ରରେ ହାତକୁ ନେଇଥିବା କାମ ଅଟକିବ ନାହିଁ ଏବଂ ସେଥିରେ ଆଶାଜନକ ଫଳ ପାଇବେ। ସରକାରୀ କାମରେ ବିଶ୍ୱସ୍ତ ସୂତ୍ରରୁ ଶୁଭଖବର ପାଇବେ। ପରିବାରରେ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ଅନୁଭବ କରିବେ। ଯୁକ୍ତିଯୁକ୍ତ କଥା କହି ସମସ୍ୟା ସମାଧାନ ପାଇଁ ଚେଷ୍ଟା କଲେ ଉପକୃତ ହୋଇପାରନ୍ତି। ବିଭିନ୍ନ ସୂତ୍ରରୁ ରୋଜଗାର କରିବା ସାଙ୍ଗକୁ ବିଳାସବ୍ୟସନ ପ୍ରତି ଅଭିରୁଚି ବଳିପାରେ। ବନ୍ଧୁମାନେ ବିଭ୍ରାନ୍ତିକର ଖବର ପରିବେଷଣ କରି ସମସ୍ୟାକୁ ବଢାଇଦେବାର ଆଶଙ୍କା ରହିଛି।

**ବିଛା** ଆଜି ବନ୍ଧୁ ମେଳରେ ରହି ଦୁଃଖକୁ ଭୁଲିପାରିବେ। କେତେକ ପରିସ୍ଥିତିରେ ଇଚ୍ଛା ନ ଥାଇ ମଧ୍ୟ ଖର୍ଚ୍ଚ କରିବାକୁ ବାଧ୍ୟ ହେବେ ଓ ପଶ୍ଚାତେ ମନସ୍ତାପ କରିବାକୁ ପଡିପାରେ। ସାମାଜିକ ପ୍ରତିଷ୍ଠା ବଢିବା ସହ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ଚେଷ୍ଟା କରୁଥିବା କାମରେ ସଫଳତା ପ୍ରାପ୍ତିର ଆଶା ଆପଣଙ୍କୁ ଉତ୍ସାହିତ କରିପାରେ।

**ଧନୁ** ପ୍ରତିକୂଳ ପରିସ୍ଥିତିର ଚାପ ବଢିବାରୁ ପ୍ରତାରିତ ହେବାର ବହୁତ ସମ୍ଭାବନା ରହିଛି। ସାହାଯ୍ୟକାରୀ ମନୋଭାବ ପ୍ରଭାବରେ ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବ। ଆଜି ବନ୍ଧୁଙ୍କ ସହାୟତାରେ ଚେଷ୍ଟା କରୁଥିବା କାମରେ ସଫଳତା ପାଇବାର ସୂଚନା ରହିଛି। ପାରିବାରିକ ପରିସ୍ଥିତି କେତେକାଂଶରେ ସୁଧୁରିଯିବା କାରଣରୁ ମନ ହାଲୁକା ହୋଇଯିବ।

**ମକର** କର୍ମକ୍ଷେତ୍ରରେ ବୁଝିବିଚାରି କାମ ନ କଲେ ଅପରିଣାମଦର୍ଶୀ ହେବା ସହ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱରେ ପଡିବେ। ଅତୀତ ଘଟଣାକୁ କେନ୍ଦ୍ରକରି ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଆନୁଷ୍ଠାନିକ କ୍ଷେତ୍ରରେ ନିନ୍ଦା ଶୁଣିପାରନ୍ତି।


**କୁମ୍ଭ** ବିଶୃଙ୍ଖଳିତ ପରିସ୍ଥିତି ଲାଗି ରହିବାରୁ କର୍ମକ୍ଷେତ୍ରରେ ଶିଥିଳତା ଦେଖାଦେବ। ଶିଳ୍ପ, ବାଣିଜ୍ୟ, ଶେୟାର ବଜାରରେ କ୍ଷତି ଆଶଙ୍କା ରହିଛି। ଭ୍ରାତୃ ସମ୍ପର୍କରେ ଅବନତି ଘଟିବ ମାତ୍ର ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ଆଜିର କର୍ମକ୍ଷେତ୍ର ଏବଂ ପାରିବାରିକ ପରିସ୍ଥିତି ପୂର୍ବାପେକ୍ଷା ଭଲ ରହିବାରୁ ଖୁସି ଅନୁଭବ କରିବେ।

**ମୀନ** ଯେତେ ଭଲ କାମ କଲେ ସୁଦ୍ଧା ସମାଲୋଚିତ ହେବେ। ଶାରୀରିକ ସୁସ୍ଥତା ଓ ବନ୍ଧୁମାନଙ୍କ ସହାନୁଭୂତି ଲାଭକରି କିଛିଟା ଆଶ୍ୱସ୍ତି ଲାଭ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ରାଜନୀତି କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିପାରନ୍ତି। ଶନିଙ୍କ କୁପ୍ରଭାବରୁ ପ୍ରତ୍ୟେକ କାମରେ ଶିଥିଳତା ଅନୁଭବ କରିବା ସହ ନିରୁତ୍ସାହିତ ରହିପାରନ୍ତି।

ଆଜି ଡିସେମ୍ବର ୫ ତାରିଖ, ବିଶ୍ୱ ସ୍ୱେଚ୍ଛାସେବୀ ଦିବସ, ବିଶ୍ୱ ମୃତ୍ତିକା ଦିବସ, ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ, ପୌଷ କୃଷ୍ଣ ପ୍ରତିପଦା ଶୁକ୍ରବାର। ରାଶିନକ୍ଷତ୍ର-ରୋହିଣୀ/ବୃଷ, ଦିବା ଘ.୧୧।୪୬ ମି. ଗତେ, ମୃଗଶିରା ନକ୍ଷତ୍ର, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୧୯ ମି. ଗତେ, ଘ.୦୬।୫୪ ମଧ୍ୟେ, ଘ.୦୭।୩୮ ଗତେ, ଘ.୦୮।୫୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୧୦।୧୫ ମି. ଗତେ, ଘ.୧୧।୩୭ ମି. ମଧ୍ୟେ ରାହୁ କାଳ।

## ଆଜି ରାଜ୍ୟ କ୍ୟାବିନେଟ

ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା): ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ରାତି ୮ଟାରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୫ଟିରୁ ଉର୍ଦ୍ଧ୍ୱ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ଅନୁମୋଦନ ମିଳିବାକୁ ରହିଛି। ତେବେ ବିଧାନସଭାରେ ଅତିରିକ୍ତ ବଜେଟ ଅଧିବେଶନ ଚାଲୁ ରହିଥିବାରୁ ଏହାକୁ ସରକାରଙ୍କ ପକ୍ଷରୁ ସାର୍ବଜନୀନ କରାଯିବ କି ନାହିଁ ସେନେଇ ସ୍ପଷ୍ଟ ହୋଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।




# ହାତୀ ଆକ୍ରମଣରେ ୨ ମୃତ, ଉତ୍ତେଜନା

**ଛେଣ୍ଡିପଦା,୪।୧୨ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବନାଞ୍ଚଳ ଜୋରାଡ଼ଙ୍ଗା ଗାଁର ୨ ଜଣଙ୍କ ଜୀବନ ନେଇଛି ହାତୀ। ଗୁରୁବାର ଗୋଟିଏ ଦିନରେ ଗାଁର ୨ ଜଣଙ୍କୁ ହାତୀ ମାରିଦେଇଥିବାରୁ ଉତ୍ତେଜନା ଦେଖାଦେଇଛି । ମୃତକ ହେଲେ ଜୋରଡ଼ଙ୍ଗା ଗାଁର ଚେରୁ ଦେହୁରୀ (୭୦) ଓ ରଜନୀ ବେହେରା (୩୫)। ଚେରୁଙ୍କ ମୃତଦେହ ଛେଣ୍ଡିପଦା ବନାଞ୍ଚଳ ସୀମାରୁ ଓ ରଜନୀଙ୍କ ମୃତଦେହ କୁଣ୍ଡେଇଗୋଳା ବନାଞ୍ଚଳ ସୀମାରୁ ଜବତ କରାଯାଇଛି।


ଚେରୁ ଦେହୁରୀଙ୍କ ମୃତଦେହ ନିକଟରେ ଗ୍ରାମବାସୀ ଓ ବନ କର୍ମଚାରୀ।

ସୂଚନା ଅନୁଯାୟୀ, ଜୋରାଡ଼ଙ୍ଗା ଗାଁର ଚେରୁ ନିକଟସ୍ଥ ବିଲମାଳକୁ ଶୌଚ ହେବା ପାଇଁ ଯାଉଥିବା ବେଳେ ହାତୀ ପଲ ହାବୁଡ଼ରେ ପଡ଼ିଯାଇଥିଲେ। ହାତୀ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ସେହିପରି ଗାଁର ରଜନୀ ମଧ ଶୌଚ ହେବା ପାଇଁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ରଜନୀ ଗୁରୁତର ହୋଇ ଘଟଣାସ୍ଥଳରେ ପଡ଼ି ରହିଥିଲେ। ଖବରପାଇ ସ୍ଥାନୀୟ ଲୋକେ ରଜନୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ୟମ କରିଥିଲେ ମଧ ହାତୀପଲ ଥିବାରୁ ପାଖକୁ ଯାଇ ପାରି ନ ଥିଲେ। ଗ୍ରାମବାସୀଙ୍କଠାରୁ ଖବରପାଇ ଛେଣ୍ଡିପଦା ଓ ରିଆମାଳ ବନବିଭାଗ କର୍ମଚାରୀମାନେ ପହଞ୍ଚି ହାତୀପଲଙ୍କୁ ଘଉଡ଼ାଇବା ପରେ ଗୁରୁତର ରଜନୀଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଜନୀଙ୍କ ମୃତ୍ୟୁ ହୋଇଥିଲା। ଦୀର୍ଘଦିନ ହେବ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗାଁ ନିକଟରେ ୧୬ ଟିକିଆ ହାତୀପଲ ରହୁଥିବା ବେଳେ ବନବିଭାଗର ଅପାରଗତା ଯୋଗୁ ଗୋଟିଏ ଗାଁର ୨ ଜଣଙ୍କ ଜୀବନ ଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫରେଷ୍ଟର ସୁଶାନ୍ତ ନାଏକ ଓ କର୍ମଚାରୀମାନେ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସରକାରୀ ନିୟମ ଅନୁଯାୟୀ ଥିବା ଅନୁକମ୍ପା ରାଶିରୁ ମୃତକଙ୍କ ଶୁଦ୍ଧିକ୍ରିୟା ପାଇଁ ପରିବାରକୁ ୧ ଲକ୍ଷ ଟଙ୍କା ଲେଖାଏ ଦେବା ପାଇଁ ଛେଣ୍ଡିପଦା ଓ କୁଣ୍ଡେଇଗୋଳା ବନାଞ୍ଚଳ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେବା ପରେ ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବଜ୍ରପାତ: ବର୍ଷକରେ ଗଲାଣି ୯୨ ଜୀବନ

**ଭୁବନେଶ୍ୱର,୪।୧୨ (ରବିନାରାୟଣ ଜେନା)**

ବର୍ଷକ ମଧ୍ୟରେ ବଜ୍ରପାତରେ ୯୨ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସଦସ୍ୟ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଗୃହକୁ ଦର୍ଶାଇଛନ୍ତି ଯେ, ଚଳିତ ବର୍ଷ ବର୍ଷାଋତୁରେ ବଜ୍ରପାତ ଜନିତ ମୃତ୍ୟୁ ଚିନ୍ତାଜନକ ରହିଥିଲା। ଚଳିତ ବର୍ଷ କେବଳ ବଜ୍ରାଘାତରେ ୯୨ଜଣ ପ୍ରାଣ ହରାଇଥିବା ବେଳେ ବନ୍ୟାରେ ୪ ଓ କାଳ ବୈଶାଖୀରେ ୪ ଜଣଙ୍କର ମୃତ୍ୟୁ ହୋଇଛି । ବଜ୍ରପାତରେ ସର୍ବାଧିକ ବରଗଡ଼ରେ ୧୦ ଜଣଙ୍କ ମୃତ୍ୟୁ ହୋଇଥିବାବେଳେ କୋରାପୁଟରେ ୮, ଅନୁଗୋଳରେ ୭ ଜଣଙ୍କର ମୃତ୍ୟୁ ହୋଇଛି। ମନ୍ତ୍ରୀ କହିଛନ୍ତି ଯେ,ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକମାନଙ୍କୁ ବାତ୍ୟା, ବନ୍ୟା ଓ ସୁନାମୀ ଭଳି ପ୍ରାକୃତିକ ବିପର୍ଯ୍ୟୟ ବାବଦରେ ପ୍ରାକ୍ ସୂଚନା ଦେବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟର ୬ ଗୋଟି ଉପକୂଳବର୍ତ୍ତୀ ଜିଲା ଯଥା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ, ଗଞ୍ଜାମରେ ପ୍ରାକ୍ ସୂଚନା ବିତରଣ ବ୍ୟବସ୍ଥା ୨୦୧୯ ମାର୍ଚ୍ଚ ୧୫ରୁ କାର୍ଯ୍ୟକାରୀ କରାଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

# ବରଗଡ଼ ଧନୁଯାତ୍ରା ପାଇଁ କୋଟିଏ ଘୋଷଣା

**ଭୁବନେଶ୍ୱର/ ବରଗଡ଼, ୪।୧୨(ସୌମ୍ୟରଞ୍ଜନ ରାଉତ/ ପ୍ରେମାନନ୍ଦ ଖମାରି)**

- **ବିଭିନ୍ନ ରାଜ୍ୟରେ ଏଲ୍ଇଡି ସ୍କ୍ରିନ୍‌ରେ ହେବ ସିଧା ପ୍ରସାରଣ: ସୂର୍ଯ୍ୟବଂଶୀ**
- **ପୁରୀ, ଭୁବନେଶ୍ୱରରୁ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ସେବା**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା ପାଇଁ ୧ କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରାଯିବ। ଏନେଇ ଗୁରୁବାର ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ବିଭାଗୀୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଘୋଷଣା କରାଯାଇଛି। ଆସନ୍ତା ୨୪ ତାରିଖରୁ ଜାନୁଆରୀ ୩ ପର୍ଯ୍ୟନ୍ତ ବରଗଡ଼ରେ ଧନୁଯାତ୍ରା ମହୋତ୍ସବ ଆୟୋଜନ ହେବ। ଏଥିରେ ଭାଗନେଉଥିବା ପ୍ରାୟ ୨୦୦ଜଣ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏ ସମ୍ମାନ ସୂଚକ ରାଶି ପ୍ରଦାନ କରାଯିବ। ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ ବ୍ୟବସ୍ଥା ହୋଇଛି। ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ପକ୍ଷରୁ ଓଡ଼ିଶା ସମେତ ବିଭିନ୍ନ ରାଜ୍ୟରେ ଏଲ୍ଇଡି ପରଦା ମାଧ୍ୟମରେ ଧନୁଯାତ୍ରାର ସିଧା ପ୍ରସାରଣ କରାଯିବ। ବରଗଡ଼ ସହରର ମୁଖ୍ୟ ପ୍ରବେଶ ଦ୍ୱାରରେ ଧନୁଯାତ୍ରା ଥିମ୍ ସମ୍ବନ୍ଧୀୟ ଗେଟ୍ ନିର୍ମାଣ ହେବ। ପୁରୀ ଓ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ସ୍ୱତନ୍ତ୍ର ଟୁରିଷ୍ଟ ବସ୍ ଚଳାଚଳ ପାଇଁ ବ୍ୟବସ୍ଥା କରାଯିବ। ସ୍ୱତନ୍ତ୍ର ୱେବ୍‌ସାଇଟ୍ ମଧ ଖୋଲିବ, ଯେଉଁଥିରେ ଧନୁଯାତ୍ରାର ଚିତ୍ରାୟନ, ସମସ୍ତ ଦୃଶ୍ୟାବଳୀ, ସହରରେ ଥିବା ପ୍ରମୁଖ ହୋଟେଲ, ପାର୍କିଂ ସ୍ଥାନ, ମହୋତ୍ସବ ସ୍ଥାନ ସମ୍ବନ୍ଧୀୟ ବିବରଣୀ ଏବଂ ଜିପିଏସ୍ ସିଷ୍ଟମ ଉପଲବ୍ଧ ରହିବ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ଧନୁଯାତ୍ରା ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୱେବ୍‌ସାଇଟରେ ଏକ ଡିଜିଟାଲ କୁଇଜ କରାଯାଇ ଡିଜିଟାଲ ପ୍ରମାଣପତ୍ର ପ୍ରଦାନ କରାଯିବ। ପୋଲିସ ସୁରକ୍ଷା, ଅଗ୍ନିଶମ ସୁରକ୍ଷା, ସ୍ୱଚ୍ଛତା, ଆଶୁ ଚିକିତ୍ସା ତଥା ସମସ୍ତ ପ୍ରଶାସନିକ ବନ୍ଦୋବସ୍ତକୁ ସୁନିଶ୍ଚିତ କରିବା ପଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆମ ଗୌରବମୟ ସଂସ୍କୃତି ଓ ଐତିହ୍ୟର ଜୟଯାତ୍ରା ହେଉଛି ଧନୁଯାତ୍ରା। ଏହି ସମୟରେ ବରଗଡ଼ ସହରକୁ ମଥୁରା ନଗରୀ, ଅମ୍ବାପାଲି ଅଞ୍ଚଳକୁ ଗୋପପୁର, ଜୀରା ନଦୀକୁ ଯମୁନା ନଦୀର ନାମରେ ନାମିତ କରାଯାଏ। ଧନୁଯାତ୍ରା ମହୋତ୍ସବକୁ ଚଳିତଥର ଦିବ୍ୟ, ଭବ୍ୟ ଓ ଆଡ଼ମ୍ବରର ସହ ପାଳନ କରାଯିବ ବୋଲି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି। ବୈଠକରେ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଜେପୁର ବିଧାୟକ ସନତ କୁମାର ଗର୍ତ୍ତିଆ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ପଦ୍ମପୁର ବିଧାୟକ ବର୍ଷା ସିଂ ବରିହା, ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ସଚିବ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରେମ ପାଇଁ ଟାୱାରରେ ଚଢ଼ିଲେ ଯୁବକ

**କେନ୍ଦୁଝର/ ପାଟଣା,୪।୧୨ (ନରେଶ ଚନ୍ଦ୍ର ପଟ୍ଟନାୟକ / ବୀର କିଶୋର ଦାଶ)**



ପ୍ରେମିକାଙ୍କୁ ପାଇବାକୁ ଗତ ୭୦ ଦଶକର (୧୯୭୫) 'ଶୋଲେ' ସିନେମା ଭଳି ପନ୍ଥା ଆପଣେଇଛନ୍ତି ଜଣେ ସ୍ଥାନୀୟ ଯୁବକ। ପ୍ରେମିକା ସହ କଥାହେବା ଜିଦ୍‌ରେ ପ୍ରେମିକ ଗୁରୁବାର କେନ୍ଦୁଝର ଜିଲା ଟାଉନ ଥାନା ଅନ୍ତର୍ଗତ ଜୁଡ଼ିଆ ନିକଟରେ ଥିବା ଏକ ଉଚ୍ଚ କ୍ଷମତାସମ୍ପନ୍ନ ବିଦ୍ୟୁତ୍ ଟାୱାରରେ ଚଢ଼ି ଯାଇଥିଲେ। ପ୍ରେମିକା ସହ କଥା ହେବା ପରେ ପ୍ରେମିକ ତଳକୁ ଓହ୍ଲାଇଥିଲେ। ଏ ନେଇ ଦୀର୍ଘ ସମୟ ଧରି ଉଦ୍ଧାରକାରୀ ଦଳକୁ ନାକେଦମ ହେବାକୁ ପଡ଼ିଥିଲା। ଘଟଣା ଏବେ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ପାଟଣା ଥାନା ଅନ୍ତର୍ଗତ କମାରମୋରା ଗ୍ରାମର ଦଶମନ୍ତ ମହାକୁଡ଼ (୨୯) ନୟାକୋଟ ଥାନା ଅଞ୍ଚଳର ଜଣେ ଝିଅକୁ ୩ ବର୍ଷ ହେଲା ପ୍ରେମ କରିଆସୁଛନ୍ତି। ତେବେ ଝିଅର ମା'ବାପା ସେମାନଙ୍କ ପ୍ରେମକୁ ସ୍ୱୀକାର କରୁନାହାନ୍ତି। ଫଳରେ ପ୍ରେମିକା ସହ କଥାବାର୍ତ୍ତା ହୋଇପାରୁ ନ ଥିଲେ। ଝିଅର ମା'ବାପାଙ୍କ ଉପରେ ଚାପ ପକାଇବାକୁ ଗୁରୁବାର ସକାଳ ୬ଟାରେ ଯୁବକ ଟାୱାର ଉପରେ ଚଢ଼ିଯାଇଥିଲେ। ପ୍ରେମିକା ତାଙ୍କ ସହ କଥା ନ ହେଲେ ଆତ୍ମହତ୍ୟା କରିବାକୁ ଧମକ ଦେଇଥିଲେ। ଏହି ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ଖବର ପାଇ ଟାଉନ ଥାନା ପୋଲିସ ପହଞ୍ଚି ଦମକଳ ବାହିନୀ ଜରିଆରେ ତଳେ ଜାଲ ବାନ୍ଧି ଯୁବକଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲା। ସକାଳ ୯ଟା ୩୦ରେ ପ୍ରେମିକା ଓ ପରିବାର ଲୋକଙ୍କ ସହ ଦଶମନ୍ତ ଫୋନ୍ ଯୋଗେ କଥା ହୋଇଥିଲେ। ପରେ ଅଗ୍ନିଶମ କର୍ମଚାରୀଙ୍କ ସହାୟତାରେ ସେ ତଳକୁ ଓହ୍ଲାଇଥିଲେ। ପୋଲିସ ଯୁବକଙ୍କୁ ଆଣି ଥାନାରେ ଅଟକ ରଖିଥିବା ବେଳେ ପରେ ତାଙ୍କ ବାପା ଆସିବା ପରେ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

# ଭୁବନେଶ୍ୱର ବିମାନବନ୍ଦରରେ ଅକ୍ଷୟ କୁମାର


ବିମାନ ବନ୍ଦରରେ ସୁପରଷ୍ଟାର୍ ଅକ୍ଷୟ କୁମାର ।

**ଭୁବନେଶ୍ୱର,୪।୧୨ (ସୌମ୍ୟରଞ୍ଜନ ରାଉତ)**


ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ଗୁରୁବାର ସକାଳେ ବଲିଉଡ୍‌ର ସୁପରଷ୍ଟାର ଅକ୍ଷୟ କୁମାରଙ୍କୁ ହଠାତ୍ ଦେଖିବାକୁ ମିଳିଥିଲା। ଖବର ପ୍ରଚାରିତ ହୋଇଯିବା ପରେ ଲୋକଙ୍କ ପ୍ରବଳ ଗହଳି ଜମିଥିଲା। ଅକ୍ଷୟଙ୍କୁ ଦେଖି ଫ୍ୟାନ୍‌ମାନେ ବହୁତ ଖୁସି ହେବା ସହ ଉତ୍ସାହିତ ହୋଇପଡ଼ିଥିଲେ। ଅକ୍ଷୟ ରାଜସ୍ଥାନ ଯୋଧପୁରରୁ ଭିଏଟ୍‌ନାମକୁ ଯାଉଥିଲେ। ତେବେ ଭିଏଟ୍‌ନାମକୁ ତାଙ୍କର ସ୍ପେଶାଲ କନେକ୍ଟିଂ ଫ୍ଲାଇଟ୍ ଭୁବନେଶ୍ୱରରୁ ଥିବାରୁ ସେ ଏଠାରେ କିଛି ସମୟ ଅଟକି ରହିଥିଲେ। ଏହି ସମୟରେ ସେ ବିମାନବନ୍ଦର ବାହାରକୁ ଫ୍ୟାନ୍‌ମାନଙ୍କୁ ଦେଖାଦେଇଥିଲେ। ପରେ ଭୁବନେଶ୍ୱରରୁ ଭିଏଟ୍‌ନାମକୁ ସ୍ପେଶାଲ ଫ୍ଲାଇଟ୍ ଯୋଗେ ଯାତ୍ରା କରିଥିଲେ। ଅକ୍ଷୟ କୁମାରଙ୍କ ପାଇଁ ବିମାନବନ୍ଦର ପରିସରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।

# ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣା | ତଦନ୍ତ କଲେ ଉପଜିଲାପାଳ


ଉପଜିଲାପାଳ ତଦନ୍ତ କରୁଛନ୍ତି।

**ନୀଳଗିରି, ୪।୧୨(ପ୍ରଶାନ୍ତ ବିଶ୍ୱାଳ)**

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ବେଗୁନିଆ ୟୁଜିୟୁପି ବିଦ୍ୟାଳୟ ଛାତ୍ରାବସରେ ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼ରେ ବେଡ଼ି ପକାଇବା ଘଟଣାର ତଦନ୍ତ ଗୁରୁବାର ଆରମ୍ଭ ହୋଇଛି। ନୀଳଗିରି ଉପଜିଲାପାଳ ଡ. ମଧୁସ୍ମିତା ସାମନ୍ତରାଏ, ଜିଲା ଶିକ୍ଷା ଅଧିକାରୀ ବସନ୍ତ ନାୟକ, ସହକାରୀ ଜିଲା ମଙ୍ଗଳ ଅଧିକାରୀ ତଲୁଆର ଜେନା, ନୀଳଗିରି ସମାଜ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୈଳେନ୍ଦ୍ର ଶତପଥୀ, ଏବିଇଓ ଲମ୍ବୋଧର ସିଂ ବିଦ୍ୟାଳୟରେ ପହଞ୍ଚି ଛାତ୍ରଙ୍କ ବାପା, ପ୍ରଧାନ ଶିକ୍ଷକ ରଘୁନାଥ ବୁଗୁଡ଼ାଇ, ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଯତୀନ କୁମାର ପରିଡ଼ାଙ୍କ ଉପସ୍ଥିତିରେ ତଦନ୍ତ କରିଛନ୍ତି। ଏହି ଘଟଣାକୁ ଘୋର ନିନ୍ଦା କରିବା ପରେ ଜିଲାପାଳଙ୍କୁ ଅବଗତ କରାଇଛନ୍ତି। ୪୦ ଶିଟ୍ ଥିବା ଏହି ଛାତ୍ରାବସରେ ଆଖପାଖ ଅଞ୍ଚଳର ପିଲାମାନେ ରହି ପାଠ ପଢ଼ିଥାନ୍ତି। କମାରଖାଲିଆ ଗ୍ରାମର ଜଣେ ଚତୁର୍ଥ ଶ୍ରେଣୀର ଛାତ୍ରଙ୍କ ଗୋଡ଼କୁ ଲୁହା ଜଞ୍ଜିରରେ ବନ୍ଧା ହୋଇଥିବା ବୁଧବାର ଭିଡିଓ ଭାଇରାଲ ହେବା ପରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏହାର ତଦନ୍ତ ପାଇଁ ବାଲେଶ୍ୱର ଜିଲାପାଳ, ଜିଲା ମଙ୍ଗଳ ଅଧିକାରୀ ଏବଂ ନୀଳଗିରି ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଏଭଳି ନିନ୍ଦନୀୟ କାର୍ଯ୍ୟ ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ।




## ଗଛରେ ବାଡ଼େଇହେଲା ବାଇକ୍, ୨ମୃତ

**କୁଚିଣ୍ଡା,୪।୧୨(ବିରଞ୍ଚି ଦର୍ଶୀ)**

ସମ୍ବଲପୁର ଜିଲା ମହୁଲପାଲି ଥାନା ଅନ୍ତର୍ଗତ ଜରାବଗା ମଦଭାଟିପଡ଼ା ନିକଟରେ ଗୁରୁବାର ଏକ ବାଇକ୍ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ବାଡ଼େଇ ହୋଇଯିବାରେ ୨ ଆରୋହୀଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକମାନେ ହେଲେ ମହୁଲପାଲି ଥାନା ଭିକାପାଲି କନ୍ଧାମୁଣ୍ଡା ଗ୍ରାମର ମାନେଶ ମୁଣ୍ଡା(୨୧) ଓ ଆକାଶ ମୁଣ୍ଡା(୨୪)। ଗୁରୁତର ହୋଇ ବୁର୍ଲା ଭିମ୍‌ସାରରେ ଶିବାନ ମୁଣ୍ଡା(୨୧) ଚିକିତ୍ସିତ ହେଉଛନ୍ତି। ମହୁଲପାଲି ଥାନା ପୋଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ମୃତ ଓ ଗୁରୁତର ୩ ଯୁବକ ବାଇକ୍(ଓଡି-୧୬ଏନ୍‌ଓ- ୨୬୩) ଯୋଗେ କୌଣସି କାମରେ ଜରାବଗା ଯାଇଥିଲେ। ସେଠାରୁ ଗାଁକୁ ଫେରୁଥିବା ବେଳେ ଅପରାହ୍ନ ପ୍ରାୟ ସାଢେ ୩ଟାରେ ଜରାବଗା ମଦଭାଟିପଡ଼ା ନିକଟ ରାସ୍ତାକଡ଼ ଗଛରେ ବାଡ଼େଇହୋଇଥିଲା। ଫଳରେ ୩ଜଣ ଯାକ ଗାଡିରୁ ଛିଟିକିପଡିଥିଲେ। ଘଟଣାସ୍ଥଳରେ ମାନେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହଯୋଗରେ ଆକାଶ ଓ ଶିବାନଙ୍କୁ କୁଚିଣ୍ଡା ଉପଖଣ୍ଡ ମେଡିକାଲ ଚିକିତ୍ସା ପାଇଁ ନିଆଯାଇଥିଲା। ହେଲେ ସେଠାରେ ଆକାଶଙ୍କର ମୃତ୍ୟୁ ଘଟିଥିଲା।

# ଜାଲରେ ପଡ଼ିଲା ୭ ଟନର ସାର୍କ

**ଭୋଗରାଇ, ୪।୧୨(ପ୍ରଦୀପ ଦାସ)**

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ତାଳସାରୀ ସମୁଦ୍ର କୂଳ ମତ୍ସ୍ୟଜୀବୀଙ୍କ ଜାଲରେ ଧରାପଡ଼ିଲା ବିଶାଳକାୟ ସାର୍କ ମାଛ। ଏହି ମାଛକୁ ନିକଟସ୍ଥ ଗ୍ରାମର ମତ୍ସ୍ୟଜୀବୀମାନେ କୂଳକୁ ଟାଣିବାରେ ନାକେଦମ ହୋଇଥିଲେ। ବୁଧବାର ରାତି ୯ଟାରେ ଜାଲ ସହିତ ମାଛକୁ ମୃତ ଅବସ୍ଥାରେ କୂଳକୁ ଆଣିଥିଲେ। ଗୁରୁବାର ସକାଳୁ ଏତେବଡ ମାଛକୁ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ପ୍ରକାଶ କରିବା ସହ ଦେଖିବା ଲାଗି ସେଠାରେ ସ୍ଥାନୀୟ ଲୋକ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ଼ ହୋଇଥିଲା। ଖବରପାଇ ବନବିଭାଗର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଏହି ବିରଳ ପ୍ରଜାତିର ମାଛ ମୃତବସ୍ଥାରେ କିପରି ଜାଲରେ ଛନ୍ଦି ହେଲା, ତାହାର ତଦନ୍ତ କରିଥିଲେ। ମୃତ ମାଛର ଲମ୍ବ ୧୭ ଫୁଟ ୭ ଇଞ୍ଚ ଥିବାବେଳେ ଓଜନ ୭ଟନ। ଏହା ୨୦ବର୍ଷର ମାଛ ବୋଲି ବନବିଭାଗ ସୂଚନା ଦେଇଛି। ମାଛକୁ ଉଦୟପୁର ବନବିଭାଗ ପରିସରକୁ ଅଣାଯାଇଥିଲା। ଜିଲା ବନ୍ୟଜୀବ ବନ୍ୟଖଣ୍ଡ ଅଧିକାରୀ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ସହକାରୀ ବନ୍ୟ ସଂରକ୍ଷକ ଜୟଶ୍ରୀ ମୁର୍ମୁ, ବନ୍ୟପ୍ରାଣୀ ତତ୍ତ୍ୱବଧାରକ ଅଶ୍ୱିନୀ କୁମାର ଦାସ, ଜୀବବିଜ୍ଞାନୀ ସ୍ୱରୂପ ଫୁଲନଟନ, ବନପାଳ ସଞ୍ଜୟ କୁମାର ମହାନ୍ତି, ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଚିନ୍ମୟ କୁମାର ସାହୁ, ବନରକ୍ଷୀ ପ୍ରମିଳା ସେନ, ସବୁଜ ବାହିନୀର ହରିଶଙ୍କର ସାହୁ, ବାବୁଲି ଦାସ ପ୍ରମୁଖ ଉପସ୍ଥିତିରେ ବ୍ୟବଚ୍ଛେଦ କରାଯାଇ ମାଛକୁ ପୋତି ଦିଆଯାଇଥିଲା। ଏହି ବିରଳ ମାଛ ସାଧାରଣତଃ ଆରବସାଗରରେ ଦେଖା ଦେଇଥିବାବେଳେ ତାପମାତ୍ରର ଉଷ୍ମତା ଯୋଗୁ କାଁ ଭାଁ ଅନୁକୂଳ ପାଗ ଯୋଗୁ ବଙ୍ଗୋପସାଗରକୁ ଆସିଥାଇପାରେ ଓ ଗଭୀର ସମୁଦ୍ରରେ ଜାହାଜରେ ଧକ୍କା ଖାଇ ମୃତ ହୋଇଥାଇପାରେ ବୋଲି ମତ୍ସ୍ୟଜୀବୀମାନେ ଅନୁମାନ କରିଥିଲେ।



ଯୋଉ ମୁହୂର୍ତ୍ତରେ ଆମର ବୋଧ ହେବ ଯେ, ସବୁ କିଛି ଖରାପରୁ ବେଶି ଖରାପ ଆଡକୁ ଗତି କରୁଛି– ସେତିକି ବେଳେ ହିଁ ଆମର ବିଶ୍ୱାସ ଖୁବ୍ ଦୃଢ ହୋଇଯିବା ଉଚିତ। ପରମ ବିଶ୍ୱାସର ସହିତ ଆମେ ନିଶ୍ଚିତ ହେବା ଯେ, ଈଶ୍ୱରଙ୍କ କୃପା କେବେ ବି ଆମକୁ ତ୍ୟାଗ କରିବ ନାହିଁ। –ଶ୍ରୀମା

# ମହାସାଗରରେ ନିବେଶ





ପିଟର ବ୍ରିୟାଣ୍ଟ
ଓସେନ୍ ପ୍ରୋଗ୍ରାମ୍ ଡାଇରେକ୍ଟର, ବିଲ୍ଡର୍ସ ଭିଜନ (ଇନ୍‌ଭେଷ୍ଟିଂ ପ୍ଲାଟଫର୍ମ)

ସିନ୍ଦ୍ରେ ଓଷ୍ଟଗାର୍ଡ
ମ୍ୟାନେଜିଂ ପାର୍ଟନର, ଓ୍ୱି ଆର୍ ହ୍ୟୁମ୍ୟାନ୍ (କ୍ୟାପିଟାଲ ଫାର୍ମ)

ନିବେଶକମାନେ ନିବେଶ କରିବାକୁ ନିଷ୍ପତ୍ତି ନେବାବେଳେ ସେଥିରେ ଥିବା ସୁଯୋଗ, ବିପଦ ଏବଂ ଆଶା କରାଯାଉଥିବା ଲାଭ ସମ୍ପର୍କରେ କିଛି ମୌଳିକ ପ୍ରଶ୍ନ ଉତ୍ଥାପନ କରିଥାଆନ୍ତି। ମହାସାଗରେ ନିବେଶ କ୍ଷେତ୍ରରେ ଶେଷ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ଉତ୍ସାହପ୍ରଦ। ଏକ ସହନୀୟ ତଥା ସ୍ଥାୟୀ ବ୍ଲୁ ଇକୋନୋମୀ (ମହାସାଗର ଓ ଉପକୂଳ ସମ୍ବଳକୁ ବ୍ୟବହାର କରି ଆର୍ଥିକ ଅଭିବୃଦ୍ଧି ଆପଣଉଥିବା ଅର୍ଥ ବ୍ୟବସ୍ଥା)ରେ ନିବେଶ କରିବାରେ ଅତ୍ୟଧିକ ପରିବେଶଗତ, ସାମାଜିକ ଓ ଆର୍ଥିକ ଲାଭ ରହିଛି। ମହାସାଗରକୁ ଏକ ମୁକ୍ତ ଉପଲବ୍ଧ ସମ୍ବଳ ଭାବେ ବ୍ୟବହାର କରାଯାଇଆସିଛି। ସେଥିରୁ ମାଛ ଧରାଯାଉଛି। ତାହାକୁ ପ୍ରଦୂଷିତ କରାଯିବା ସହ ତାହାର ସୁରକ୍ଷା କଥା ଦିଗକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଏବକାର ଏହି ଦୃଷ୍ଟିକୋଣ ବିପଜ୍ଜନକ ତଥା କ୍ଷତିକାରକ। ଜୈବ ବିବିଧତାର ପ୍ରମୁଖ ସ୍ଥଳ ଏବଂ ସର୍ବାଧିକ ଅଙ୍ଗାରକ ଶୋଷଣ କରୁଥିବା ମହାସାଗର ଜଳବାୟୁ ନିୟନ୍ତ୍ରଣ କରିବା ସହ ପାଣିପାଗ ସ୍ଥିରତା, ଆର୍ଥିକ ଅଭିବୃଦ୍ଧି ଏବଂ ଖାଦ୍ୟ ପ୍ରଣାଳୀକୁ ମଜଭୁତ କରୁଛି। ସାମୁଦ୍ରିକ ପରିସଂସ୍ଥାକୁ ପୁନର୍ବାର ଦୃଢ଼ କରିବା ପାଇଁ ନୂଆ ଯୋଜନା ଓ ବିଜ୍‌ନେସ୍ ମଡେଲ ଆପଣାଇବା ଦ୍ୱାରା ମହାସାଗରକୁ ସୁରକ୍ଷିତ ରଖିବା ସହ ବ୍ୟବସ୍ଥାଗତ ଅସ୍ଥିରତା ଦୂର କରାଯାଇପାରିବ।

ସାମୁଦ୍ରିକ ପରିସଂସ୍ଥାଗୁଡ଼ିକ ହେଉଛି ଏକ ପ୍ରକାର ଉତ୍ପାଦନକ୍ଷମ ଆର୍ଥିକ ସମ୍ପତ୍ତି ଏବଂ ସମୟକ୍ରମରେ ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଚାଲିଛି। ହେଲେ ସେଗୁଡ଼ିକୁ ଗୌଣ କରିଦିଆଯାଉଛି। ଓଇସିଡିର ମହାସାଗର ଅର୍ଥ ବ୍ୟବସ୍ଥା ୨୦୫୦ ରିପୋର୍ଟରୁ ଜଣାପଡ଼ିଛି ଯେ, ୧୯୯୫ରୁ ୨୦୨୦ ମଧ୍ୟରେ ମହାସାଗର ଅର୍ଥ ବ୍ୟବସ୍ଥା ବଢ଼ି ଦୁଇଗୁଣ ହୋଇଛି। ବୈଶ୍ୱିକ ଜିଡିପିକୁ ଏହାର ଯୋଗଦାନ ୨.୬ ଟ୍ରିଲିୟନ ଆମେରିକୀୟ ଡଲାର ରହିଆସିଛି ଏବଂ ଏଥିରେ ୧୦୦ ମିଲିୟନରୁ ଅଧିକ ଲୋକ ନିଯୁକ୍ତ ହୋଇଛନ୍ତି। ଯଦି ଏହା ଏକ ଦେଶ ହୋଇଥାଆନ୍ତା, ତେବେ ବିଶ୍ୱର ପଞ୍ଚମ ବୃହତ୍ ଅର୍ଥ ବ୍ୟବସ୍ଥା ହୋଇ ପାରିଥାନ୍ତା। ଜୁଆର ଓ ପବନରୁ ଅକ୍ଷୟଶକ୍ତି ଉତ୍ପାଦନ, ସ୍ଥାୟୀ ଜଳକୃଷି, ଅଙ୍ଗାରକ ପୃଥକୀକରଣ ଏବଂ ସାମୁଦ୍ରିକ ଟେକ୍‌ନୋଲୋଜି ଶୀଘ୍ର ଅଭିବୃଦ୍ଧି ଆଣିବାକୁ ପ୍ରସ୍ତୁତ ରହିଛି। ଭବିଷ୍ୟତରେ ଲାଭ ଆଶା କରୁଥିବା ନିବେଶକମାନେ ମହାସାଗରକୁ ନୂତନତ୍ୱ ଏବଂ ଜଳବାୟୁ ମୁକାବିଲା କ୍ଷେତ୍ରରେ ନିର୍ଣ୍ଣାୟକ କାର୍ଯ୍ୟ କରିବା ଦରକାର। ତେବେ ଜରୁରୀ ପଦକ୍ଷେପ ନିଆ ନ ଗଲେ ସୁଯୋଗ ହାତଛଡ଼ା ହୋଇଯିବ। ଓ୍ୱାର୍ଲ୍ଡ ଓ୍ୱାଇଡ୍ ଫଣ୍ଡ ଫର୍ ନେଚର ଏବଂ ଓସେନ ରିସ୍କ ଆଣ୍ଡ ରିଜିଲାନ୍ସ ଆକ୍ସନ ଆଲିଆନ୍ସ ଆଣ୍ଡ ମେଟାବୋଲିକ୍ ଦ୍ୱାରା ମିଳିତ ଭାବେ ପ୍ରସ୍ତୁତ ଏକ ରିପୋର୍ଟରୁ ଜଣାଯାଏ ଯେ, ମହାସାଗରର ଅଧୋଗତି ହୋଇ ଚାଲିଲେ ବୈଶ୍ୱିକ ସ୍ତରରେ ତାଲିକାଭୁକ୍ତ କମ୍ପାନୀଗୁଡ଼ିକର କ୍ଷତି ଆସନ୍ତା ୧୫ ବର୍ଷରେ ୮.୫ ଟ୍ରିଲିୟନ ଡଲାର ହୋଇପାରେ। ବ୍ୟବସାୟିକ ମାଛଧରା, ଉପକୂଳ ରିୟଲ ଇଷ୍ଟେଟ୍, ପର୍ଯ୍ୟଟନ, ସାମୁଦ୍ରିକ ଭିତ୍ତିଭୂମି ଏବଂ ବନ୍ଦରଗୁଡ଼ିକ ଅତ୍ୟଧିକ ପ୍ରଭାବିତ ହେବେ। ଏକ ଅଧିକ ନିରନ୍ତର ପଦ୍ଧତି ଗ୍ରହଣ କରାଗଲେ ଏହି କ୍ଷତି ୫.୧ ଟ୍ରିଲିୟନ ଡଲାରକୁ ହ୍ରାସ ପାଇପାରିବ।



ନିବେଶକମାନେ ଜଳବାୟୁ ଓ ଜୈବ ବିବିଧତା ବିପଦ ପ୍ରତି ପ୍ରତିକ୍ରିୟା ବ୍ୟକ୍ତ କରୁଛନ୍ତି। ତଥାପି ଏବେ ସୁଦ୍ଧା ସେମାନେ ସାମୁଦ୍ରିକ ପରସଂସ୍ଥାର ପୁନରୁଦ୍ଧାର ଓ ପୁନର୍ଜୀବିତ କରିବା ପାଇଁ ବହୁ ଟ୍ରିଲିୟନ ଡଲାରର ଏକ ମହାସାଗର ଅର୍ଥ ବ୍ୟବସ୍ଥାର ସୁଯୋଗରୁ ଲାଭ ଉଠାଇ ପାରିନାହାନ୍ତି। ମୋଟ ନିବେଶର ୦.୦୧ ପ୍ରତିଶତରୁ କମ୍, ଅନ୍ତର୍ଜାତୀୟ ସହାୟତା ପାଣ୍ଠିର ୧%ରୁ କମ୍ ଏବଂ ସରକାରୀ ବିକାଶ ସହାୟତାର ୧%ରୁ କମ୍ ମହାସାଗର ଅର୍ଥ ବ୍ୟବସ୍ଥାକୁ ଯାଏ। ପ୍ରଥମରୁ ଛୋଟ ବ୍ୟବସାୟକୁ ଦିଆଯାଉଥିବା ପ୍ରାରମ୍ଭିକ ପୁଞ୍ଜିର ମଧ୍ୟ ଅଭାବ ରହିଛି। ଉଦାହରଣ ସ୍ୱରୂପ, ସାମୁଦ୍ରିକ ଅକ୍ଷୟ ଶକ୍ତି ଉତ୍ପାଦନ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକ ୨୦୨୩ରେ କେବଳ ୩୦୦ ମିଲିୟନ ଡଲାର ପାଇଛନ୍ତି। ଏପରିକି ଭାସମାନ ଓ୍ୱିଣ୍ଡ୍ ଟର୍ବାଇନ ବୃଦ୍ଧି ଏବଂ ଜୁଆର ଓ ପବନରୁ ଅଧିକ ଶକ୍ତି ପାଇବା ପାଇଁ ବାର୍ଷିକ ନିବେଶ ୩୨ ଟ୍ରିଲିୟନ ଡଲାର ଦରକାର। ଏହା ୨୦୫୦ ସୁଦ୍ଧା କାର୍ବନ ନିର୍ଗମନ ହ୍ରାସ କରିବାରେ ବି ସାହାଯ୍ୟ କରିବ। ଏକ ଉନ୍ନତ ବଜାର, ବିକଶିତ ଉପକୂଳ ସମୁଦାୟ ଏବଂ ସମୃଦ୍ଧ ମହାସାଗର ପରିସଂସ୍ଥାର ଏକ ଭଲ ଚକ୍ର ସୃଷ୍ଟି କରୁଥିବା ଭବିଷ୍ୟତ ବିଷୟରେ ଚିନ୍ତା କରିବା କଷ୍ଟକର ନୁହେଁ। ଯଦି ସାମୁଦ୍ରିକ ଜୀବଙ୍କୁ ଶିଳ୍ପ ପ୍ରଦୂଷଣମୁକ୍ତ କରାଯାଏ, ଅନିୟନ୍ତ୍ରିତ ମାଛଧରା ବନ୍ଦ କରାଯାଏ ଏବଂ ଏକ ଉତ୍ତରଦାୟୀ ଜଳକୃଷି ଉପରେ ଗୁରୁତ୍ୱ ଦିଆଯାଏ, ତେବେ ନିରନ୍ତର ସାମୁଦ୍ରିକ ଖାଦ୍ୟ ଉତ୍ପାଦନ ସମ୍ଭବ ହେବ। କିନ୍ତୁ ନିବେଶକମାନେ ପରିବର୍ତ୍ତନ ଆଣିବାକୁ ଆଗକୁ ବଢୁନାହାନ୍ତି। ସ୍ୱଳ୍ପ ମିଆଦୀ ଲାଭ ଆଶା ଏବଂ ଦୀର୍ଘ ମିଆଦୀ ମୂଲ୍ୟ ସୃଷ୍ଟି କରିବା ମଧ୍ୟରେ ଅସନ୍ତୁଳନ ରହୁଛି। କିନ୍ତୁ ଏବେ ୭ରୁ ୧୦ ବର୍ଷ ଅବଧିଯାଏ ସଂସ୍ଥାଗତ ପୁଞ୍ଜି ସୀମିତ ରହିଛି।

ଏହି ପରିପ୍ରେକ୍ଷୀରେ, ଯେଉଁ ବ୍ୟକ୍ତିମାନଙ୍କ ମୋଟ ସମ୍ପତ୍ତି ୨୦୨୪ରେ ୯୦.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି, ସେମାନେ ଏକ ଅପ୍ରଯୁକ୍ତ ନିବେଶକ ଆଧାରର ପ୍ରତିନିଧିତ୍ୱ କରନ୍ତି। ତେବେ ସମ୍ପତ୍ତି ଆବଣ୍ଟନର ପୁନର୍ଗଠନ କରି ଆସନ୍ତା ଦୁଇ ଦଶନ୍ଧିରେ ଆର୍ଥିକ ପ୍ରଭାବଶାଳୀ ଏଇ ବ୍ୟକ୍ତିମାନେ ସେମାନଙ୍କ ପିଲା ଓ ନାତିଙ୍କୁ ୮୩ ଟ୍ରିଲିୟନ ଡଲାର ହସ୍ତାନ୍ତର କରିବେ ବୋଲି ଆଶା କରାଯାଏ। ଏମାନଙ୍କ ମଧ୍ୟରୁ ଅନେକ ବ୍ୟକ୍ତି ପରିବାର ମାଧ୍ୟମରେ ସେମାନଙ୍କ ସମ୍ପତ୍ତି ପରିଚାଳନା କରିଥାନ୍ତି, ଯେଉଁଥିପାଇଁ ସବୁ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବା ସକାଶେ ସେମାନେ ଭଲ ସ୍ଥିତିରେ ଅଛନ୍ତି। ମହାସାଗର ଅର୍ଥ ବ୍ୟବସ୍ଥାରେ ସକାରାତ୍ମକ ପରିବର୍ତ୍ତନ ଲାଗି ପଦକ୍ଷେପ ନେଇ ଲାଭ ପାଇବା ନିମନ୍ତେ ସେମାନଙ୍କ ନିକଟରେ ସାଧନ ଓ ଦକ୍ଷତା ରହିଛି। ଜୁନ୍‌ରେ ମୋନାକୋରେ ତୃତୀୟ ଜାତିସଂଘ ମହାସାଗର ସମ୍ମିଳନୀର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବ୍ଲୁ ଇକୋନୋମୀ ଆଣ୍ଡ୍ ଫାଇନାନ୍ସ ଫୋରମ ମହାସାଗରରେ ସକାରାତ୍ମକ ପ୍ରୋଜେକ୍ଟଗୁଡ଼ିକରେ ନିବେଶ କ୍ଷମତାକୁ ପ୍ରଦର୍ଶନ କରିଥିଲା। ବ୍ରାଜିଲର ବେଲେମ୍‌ରେ ଆୟୋଜିତ ଜାତିସଂଘ ଜଳବାୟୁ ସମ୍ମିଳନୀ ସେହି ଦୃଷ୍ଟିକୋଣକୁ ପ୍ରତିପାଦିତ କରିବା ସହ ମହାସାଗରକୁ ଏକ ଗୁରୁତ୍ୱପୂର୍ଣ୍ଣ ଜଳବାୟୁ ନିୟନ୍ତ୍ରକ ଏବଂ ଗୁରୁତ୍ୱପୂର୍ଣ୍ଣ ନିବେଶ ସୁଯୋଗ ଭାବେ ଦର୍ଶାଇଛି।

ଏହି ସୁଯୋଗରୁ ଲାଭ ଉଠାଇବାକୁ ପ୍ରାରମ୍ଭିକ ପର୍ଯ୍ୟାୟରେ ସମର୍ଥନ ଲୋଡ଼ା। ମହାସାଗର ପାଣ୍ଠି ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ତଥା ମୌଳିକ ଢାଞ୍ଚା ପ୍ରସ୍ତୁତ କରିବାକୁ ପଡ଼ିବ। ମହାସାଗରକୁ ପୁନର୍ଗଠନ କରିବା ସହ ଏହା ଶକ୍ତିକୁ ବୃଦ୍ଧି କରିବା ପାଇଁ ନିବେଶକୁ ଚାହିଁ ଏକ ବିଜ୍‌ନେସ୍ ମଡେଲ ଆପଣାଇବାକୁ ହେବ। ସମ୍ମିଳିତ ବିତ୍ତୀୟ ବ୍ୟବସ୍ଥା, ରିହାତି ପୁଞ୍ଜି ଯୋଗାଣ ସବୁ ଦିଗରେ ନିବେଶକଙ୍କୁ ସାହାଯ୍ୟ କରିବ। ମହାସାଗର ସୁରକ୍ଷା ଏକ ନୈତିକ ଆବଶ୍ୟକତା ଏବଂ ଏହା ମଧ୍ୟ ଏକ ସ୍ମାର୍ଟ ବିତ୍ତୀୟ ରଣନୀତି। ମହାସାଗରର ପରିସଂସ୍ଥା ଓ ଉପକୂଳ ସମୁଦାୟଗୁଡ଼ିକ ଉପରେ ନିବେଶ ହେଉଛି ଆଗାମୀ ଦିନର ସୁରକ୍ଷା କବଚ। ଯେଉଁମାନେ ଆରମ୍ଭରୁ ପଦକ୍ଷେପ ନେଇଛନ୍ତି, ସେମାନେ ପ୍ରକ୍ରିୟା ସ୍ଥିର କରିବା ସହ ମାନକ ନିର୍ଦ୍ଧାରଣ କରିବେ ଏବଂ ଲାଭ ପାଇବେ। 'ସୁସ୍ଥ ମହାସାଗର ହିଁ ସୁସ୍ଥ ପୃଥିବୀ'– ଏହା ହେଉଛି ସବୁ ଆର୍ଥିକ ମୂଲ୍ୟର ଆଧାର। ତେବେ ପ୍ରଶ୍ନ ହେଉଛି ଧନିକଙ୍କ ପରିବାର, ସହାୟତା ଯୋଗାଉଥିବା ବ୍ୟକ୍ତି ବା ସଂସ୍ଥା, ପେନ୍‌ସନ ଫଣ୍ଡ୍ କିମ୍ବା ଅନ୍ୟ ଘରୋଇ ନିବେଶ ସଂସ୍ଥାଗୁଡ଼ିକରେ ଥିବା ପୁଞ୍ଜି ପରିଚାଳନାକାରୀମାନେ କିଭଳି ବ୍ଲୁ ଇକୋନୋମୀ ସହ ଜଡ଼ିତ ହେବା ଦରକାର।

# ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି



ଯତିଦାନନ୍ଦ ଦାଶ

ଗତ କିଛିଦିନ ତଳେ ଆଧାର କାର୍ଡ ନବୀକରଣ କରିବା ପାଇଁ ସକାଳ ୯ଟା ସମୟରେ ଘରୁ ବାହାରିପଡିଲି। ଆଧାର କାର୍ଡ ନବୀକରଣ ଚାନ୍ଦିନୀଚୌକ ନିକଟସ୍ଥ ସବ୍‌ପୋଷ୍ଟ ଅଫିସରେ ହେଉଥାଏ। କିଛି ସମୟ ମଧ୍ୟରେ ସେଠାରେ ପହଞ୍ଚି ଦେଖେ ତ ସ୍ଥିରୀକୃତ କାର୍ଯ୍ୟ ପାଇଁ ଏକ ଲମ୍ବା ଧାଡ଼ି ଲୋକମାନେ କରିଚାଲିଛନ୍ତି। ମୁଁ ନିଜେ ଲାଇନରେ ଠିଆ ହୋଇଗଲି। ଲାଇନରେ ଠିଆ ହୋଇଥିବା ଲୋକଙ୍କ ମଧ୍ୟରେ କିଛି ବରିଷ୍ଠ ନାଗରିକ ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କୁ ଦେଖିବାକୁ ପାଇଲି। ଖରାରେ ଧାଡ଼ିରେ ସେମାନେ ଅପେକ୍ଷା କରିଥିବାର ଦେଖି ମୋତେ ଖୁବ୍ କଷ୍ଟ ଲାଗିଲା। ବରିଷ୍ଠ ନାଗରିକ ମଧ୍ୟରୁ ଜଣେ ହୃଦ୍‌ରୋଗୀ ଥିଲେ, ଧାଡ଼ିରେ ଠିଆ ହୋଇଥିବା ସମୟରେ ଭଦ୍ରବ୍ୟକ୍ତି ଜଣକ କିଛି ସମୟ ତଳେ ପଡ଼ି ବେହୋସ ହେବାର ଦୃଶ୍ୟମାନ ହେଲା। ସଙ୍ଗେ ସଙ୍ଗେ ତାଙ୍କ ମୁହଁରେ ପାଣି ଛାଟିଲା ଫଳରେ ଚେତା ଫେରିଆସିଲା। ତା'ପରେ ବରିଷ୍ଠ ନାଗରିକ ଜଣଙ୍କୁ ଏକ ଖାଲି ପଡ଼ିଥିବା ଚେୟାରରେ ବସେଇ ଦେଲି। ଜଣେ, ଦୁଇଜଣ ମହିଳା ବରିଷ୍ଠ ନାଗରିକ ମଧ୍ୟ ଲାଇନରେ ଥା'ନ୍ତି। ମଝିରେ ମଝିରେ କିଛି ଯୁବା ଓ ପ୍ରୌଢ଼ ଶ୍ରେଣୀର ଲୋକ ପାଟିତୁଣ୍ଡ କରିବାରେ ଏବଂ କାର୍ଯ୍ୟରେ ନିୟୋଜିତ ହୋଇଥିବା କର୍ମଚାରୀଙ୍କୁ ଗାଳି କରିବାରେ ମଜ୍ଜି ଯାଉଥିଲେ। କାରଣ ଦରକାରଠାରୁ କମ୍ ଷ୍ଟାଫ୍‌ମାନଙ୍କୁ ନେଇ କାମ ଚାଲିଥାଏ। ଇତିମଧ୍ୟରେ ମୁଁ ବରିଷ୍ଠ ନାଗରିକ ମହିଳା ଏବଂ ଶାରୀରିକ ଅକ୍ଷମ ବ୍ୟକ୍ତିମାନଙ୍କୁ ଆଗ ଛାଡ଼ି ଦେବା ପାଇଁ ନିୟୋଜିତ ଅଧିକାରୀଙ୍କୁ ଅନୁରୋଧ କିଲି। ମାତ୍ର କିଛି ଫଳ ମିଳିଲା ନାହିଁ। କିଛି ସମୟ ପରେ ଜଣେ ଅଧିକାରୀ ଆସି ଖୁବ୍ ଜୋରରେ ପାଟିକରି କହିଲେ, ବ୍ୟସ୍ତ ହୁଅନ୍ତୁନି, ମୁଁ ଅଛି। 'ବହୁତ ଶୀଘ୍ର ଆପଣମାନଙ୍କ କାମ ହୋଇଯିବ।' ଅଧିକାରୀ ମହାଶୟଙ୍କ ଏପରି କଡ଼ା କଥା ଶୁଣି ଲୋକେ ପୂରା ନୀରବ ହୋଇଗଲେ। ତା'ପରେ ଅଧିକାରୀ ଜଣକ ନିଜେ ବାହାରକୁ ଆସି ତିନୋଟି ପୃଥକ୍ ଧାଡ଼ି କରିବା ପାଇଁ ଆହ୍ୱାନ କଲେ। ପ୍ରଥମ ଧାଡ଼ି ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମଙ୍କ ପାଇଁ, ଦ୍ୱିତୀୟଟି ମହିଳା ଏବଂ ତୃତୀୟଟି ଅନ୍ୟମାନଙ୍କ ପାଇଁ। ତା'ପରେ ସୁରୁଖୁରୁରେ କାମ ଆରମ୍ଭ ହେଲା। ପାଠକେ, ପ୍ରକୃତରେ 'ବ୍ୟସ୍ତ ହୁଅନ୍ତୁନି ମୁଁ ଅଛି' ଉଚ୍ଚସ୍ୱରରେ ଉଚ୍ଚାରଣଟି ଲୋକଙ୍କ ମନରେ ଆଚରଣର ପରିବର୍ତ୍ତନ ନେଇଆସିଲା।

ଏଥିରୁ ସ୍ପଷ୍ଟ ଅନୁମେୟ ଯେ ଏ ପ୍ରକାର ଆଶ୍ୱାସନାର ବାଣୀ ସାଧାରଣ ଲୋକଙ୍କ ମନରେ ଆନନ୍ଦ, ଖୁସି ଓ ଶାନ୍ତି ଆଣି ଦେଇଥାଏ। ବିଶେଷତଃ ବରିଷ୍ଠ ନାଗରିକ ଓ ଶାରୀରିକ ଅକ୍ଷମ ବ୍ୟକ୍ତିଙ୍କ ପ୍ରତି ଆମେମାନେ ସହାନୁଭୂତି ସହିତ ସମ୍ବେଦନଶୀଳ ହେବା ଦରକାର। ଯତ୍ନ ସହକାରେ ସେମାନଙ୍କର କାର୍ଯ୍ୟ ସମ୍ପନ୍ନ କରିଦେବା ଉଚିତ। ସେମାନଙ୍କୁ ମାନସିକ ଆଘାତ ଦେଲାଭଳି କଥା କହିବା ଉଚିତ ନୁହେଁ ଏବଂ ତତ୍‌ସଙ୍ଗେ ସେମାନଙ୍କର ସମ୍ମାନ ଉପରେ ଆମେମାନେ ଧ୍ୟାନ ଦେବା ଉଚିତ। କାରଣ ବରିଷ୍ଠ ନାଗରିକମାନେ ଦେଶରେ ହିତ ପାଇଁ ନିଜର ଜ୍ଞାନ, ଅଭିଜ୍ଞତା ଏବଂ କଠିନ ପରିଶ୍ରମର ଅବଦାନ ଚିରସ୍ମରଣୀୟ। ବରିଷ୍ଠ ନାଗରିକମାନଙ୍କର ଶାରୀରିକ ସ୍ୱାସ୍ଥ୍ୟ, ମାନସିକ ଅବସ୍ଥା ଏବଂ ବୟସାନୁଭିତ୍ତିକ ଭାବପ୍ରବଣତାକୁ ସହାନୁଭୂତି ନ ଦେଖାଇ ସମାନୁଭୂତି ପ୍ରଦର୍ଶନ କରିବା ଉଚିତ, ଯାହାଦ୍ୱାରା ସେମାନେ ସମ୍ବନ୍ଧ୍ୟ ବ୍ୟକ୍ତିତ୍ୱ, ବୁଦ୍ଧିଗତ ଅକ୍ଷମତା ଓ ଶାରୀରିକ ଅସୁସ୍ଥତା ଇତ୍ୟାଦିର ଶିକାର ହୋଇପାରିବେ ନାହିଁ। ସେମାନଙ୍କ ସହିତ କିଛି ସମୟ ବିତେଇବା ଦରକାର, ଯାହାଫଳରେ ବରିଷ୍ଠମାନେ ବୁଝିପାରିବେ ଯେ ଲୋକେ ସେମାନଙ୍କୁ ଭଲ ପାଆନ୍ତି ଏବଂ ପରିଣତ ଜୀବନର ମୂଲ୍ୟ ଦେଇପାରୁଛନ୍ତି। ସଦାବେଳେ ବରିଷ୍ଠମାନଙ୍କୁ ଖାଇବା, ବୁଲିବା, ଖେଳିବାରେ ସ୍ୱାଧୀନତା ଦେବା ସଙ୍ଗେ ସଙ୍ଗେ ପ୍ରଥମେ ସେମାନଙ୍କର ପସନ୍ଦକୁ ସମ୍ମାନ ଦେବା ଉଚିତ। ସଂଘ ମାଧ୍ୟମରେ ସେମାନଙ୍କୁ ବହି ପଢ଼ିବା ପାଇଁ ଦେବା, ସୁନ୍ଦର ଭ୍ରମଣ ସ୍ଥାନମାନ ବୁଲେଇନେବା ଇତ୍ୟାଦିରେ ପ୍ରୋତ୍ସାହନ ଦିଆଯିବା ଉଚିତ।

ଠିକ୍ ସେହିପରି ଶାରୀରିକ ଅକ୍ଷମ ବ୍ୟକ୍ତି, ବିକଳାଙ୍ଗ ଲୋକମାନଙ୍କୁ ମଧ୍ୟ ସହାନୁଭୂତି ପ୍ରଦର୍ଶନ ଅନିବାର୍ଯ୍ୟ। ସେମାନଙ୍କ ମାନସିକ ସ୍ଥିତି ଓ ଭାବପ୍ରବଣତାକୁ ଆଘାତ ଦେବା ଉଚିତ ନୁହେଁ। ସେମାନଙ୍କର କୌଣସି କାର୍ଯ୍ୟାଳୟରେ କିଛି କାମ ଥିଲେ, ତାହା ତୁରନ୍ତ ପ୍ରାଥମିକତା ଦେଇ ସମ୍ପାଦନ କରିଦେବା ଆବଶ୍ୟକ। ତୃତୀୟତଃ ଅସହାୟଙ୍କୁ ସାହାଯ୍ୟ କରିବା ପାଇଁ ବ୍ୟକ୍ତିବିଶେଷ ହେଉ ବା କୌଣସି ସଂଗଠନ ହେଉ, ଉଭୟେ ଆଗଭର ହୋଇ ବାହାରି ଆସିବା ଉଚିତ। ଫଳରେ ଅସହାୟ ଲୋକଟିର ମନରେ ବଞ୍ଚିବାର ପ୍ରୟାସ ଓ ଉତ୍ସାହ ଜନ୍ମିବାକୁ ଲାଗିବ। ଶେଷରେ 'ବ୍ୟସ୍ତ ହୁଅନ୍ତନି, ମୁଁ ଅଛି'ର ତାତ୍ପର୍ଯ୍ୟକୁ ହୃଦୟଙ୍ଗମ କରିପାରିବା ଯଦି ଆମେ ଉପରୋକ୍ତ ଧାରା ଅନୁସାରେ ବରିଷ୍ଠ ନାଗରିକ, ଅସହାୟ ବୃଦ୍ଧଲୋକ, ଦିବ୍ୟାଙ୍ଗଙ୍କ ହୃଦୟ ଓ ମନକୁ ଜିଣି ସେମାନଙ୍କ ଉନ୍ନତି ପାଇଁ କିଛି କରିପାରିବା।

ସିଡିଏ, କଟକ
ମୋ: ୭୦୦୮୬୫୦୬୯୩

## ଏଇ ଭାରତରେ

ଇଚ୍ଛାଶକ୍ତି ଥିଲେ ପରିଣତ ବୟସର ଅବସନ୍ନତା ଅପସରିଯାଏ। ପୁଣି ଜୀବନ ଚଳଚଞ୍ଚଳ ହୋଇଉଠେ। କାର୍ଯ୍ୟଦକ୍ଷତା ବଜାୟ ରହେ। ମଣିଷ ଥକିଯିବା ବଦଳରେ ଥୋଡାଏ କାମ କରେ କିମ୍ବା ଲକ୍ଷ୍ୟ ହାସଲ କରିବା ପାଇଁ ସକ୍ରିୟ ହୋଇଉଠେ। ଏଇ ଯେମିତି କେରଳର ୭୦ ବର୍ଷ ବୟସ୍କା ଇନ୍ଦିରା ଏମ୍ ୩୫ଟି ଦେଶ ଭ୍ରମଣ କରିସାରିଲେଣି। ସେ ଏହି ଯାତ୍ରା ୬୦ ବର୍ଷ ବେଳକୁ ଆରମ୍ଭ କରିଥିଲେ। ସବୁ ଦେଶକୁ ସେ ଏକୁଟିଆ ଯାଉଛନ୍ତି। ୨୦୧୫ରେ ସେ ପ୍ରଥମେ ଦକ୍ଷିଣ ଆଫ୍ରିକାର ସ୍କାଭାନ୍ନାକୁ ଯାତ୍ରା କରିଥିଲେ ଏବଂ ତା'ପରଠାରୁ ବିଦେଶ ଭ୍ରମଣ ଜାରି ରଖିଛନ୍ତି। ବିବାହ ପୂର୍ବରୁ ଇନ୍ଦିରା ବିଦେଶ ଭ୍ରମଣ କରିବାକୁ ଚାହୁଁଥିଲେ, କିନ୍ତୁ ଏଥିରେ ଅର୍ଥ ବାଧକ ସାଜିଥିଲା। ପରେ ପିଲା ଓ ପରିବାର ଯତ୍ନ ନେବାରେ ବ୍ୟସ୍ତ ରହିଲେ। ପିଲାମାନେ ଯୋଗ୍ୟ ହେବା ପରେ ସେ ଏକୁଟିଆ ବିଦେଶ ଭ୍ରମଣ ଆରମ୍ଭ କରିଥିଲେ। ଏଭଳି ଯାତ୍ରାରେ ଅତ୍ୟଧିକ ଖର୍ଚ୍ଚ ହେଉଥିଲେ ମଧ୍ୟ ସେ ଏଥିରୁ ଓହରିବାକୁ ଚାହିଁ ନ ଥିଲେ। ବଡ଼ କଥା ହେଉଛି ସେ ଯେଉଁ ଦେଶକୁ ଯାଉଛନ୍ତି ସେଠାକାର କଳା, ସଂସ୍କୃତି ଓ ଚଳଣି ବିଷୟରେ ଜାଣିବା ସହ ନୂଆ ବନ୍ଧୁତ୍ୱ ସୃଷ୍ଟି କରିପାରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୫ ଡିସେମ୍ବର ୧୯୭୬**

- ରାଜ୍ୟରେ 'ଗ୍ରାମ ସ୍ୱରାଜ୍ୟ' ସଙ୍ଗଠନକୁ ଦୃଢ଼ କରିବା ନିମନ୍ତେ ଓଡ଼ିଶା ସର୍ବୋଦୟ ପରିଷଦ ନାମରେ ଏକ ନୂତନ ସଙ୍ଗଠନ ଗଠିତ।
- ଆମେରିକା ଇସ୍ରାଏଲକୁ ୩୦୦ଟି ପର୍ଯ୍ୟନ୍ତ ନୂତନ କେ-୧୬ ଜେଟ ଲଢୁଆ ବିମାନ ବିକ୍ରୟ ନିମନ୍ତେ ନୀତିଗତ ଭାବେ ନିଷ୍ପତ୍ତି ଗ୍ରହଣ କରିଛି।

# ପରମ୍ପରାରେ ସୁନାର ମହତ୍ତ୍ୱ



ଦୋଳଗୋବିନ୍ଦ ମହାପାତ୍ର

ବିଶ୍ୱର ପ୍ରାୟ ସମସ୍ତ ରାଷ୍ଟ୍ରରେ ସୁନା ପ୍ରତି ବିଶେଷ ଆକର୍ଷଣ ରହିଆସିଛି। ସୁନା ପ୍ରତି ଥିବା ଅହେତୁକ ମୋହ ଅନ୍ୟ କୌଣସି ଧାତୁଠାରେ ଦେଖିବାକୁ ମିଳେ ନାହିଁ। ସୁନା ତୁଳନାରେ ଅନ୍ୟାନ୍ୟ ମୂଲ୍ୟବାନ ସମ୍ପଦଗୁଡ଼ିକର ନଗଦମୁଦ୍ରା (ଲିକ୍ୱିଡିଟି) ସ୍ୱଳ୍ପ। ଜମି, କୋଠାଘର କିମ୍ବା ଅନ୍ୟାନ୍ୟ ମୂଲ୍ୟବାନ ଦ୍ରବ୍ୟ ତୁଳନାରେ ସୁନା ବିନା କ୍ଷତିରେ ହସ୍ତାନ୍ତରିତ ହୋଇପାରେ। ଏହା କେବଳ ଏକ ମୂଲ୍ୟବାନ ଧାତୁ ନୁହଁ ଏହା ମଧ୍ୟ ଏକ ଭରସାଯୋଗ୍ୟ ପରିସମ୍ପତ୍ତି। ଆର୍ଥିକ ସଙ୍କଟ ସମୟରେ ଏହା ଉଭୟ ପରିବାର ଓ ରାଷ୍ଟ୍ର ପାଇଁ ସର୍ବଶେଷ ଆଶ୍ରୟ । ସୁନା ଶାରୀରିକ ସୌନ୍ଦର୍ଯ୍ୟ, ଶକ୍ତି, ସୁରକ୍ଷା, ସୌଭାଗ୍ୟ ଓ ସମ୍ମାନର ପ୍ରତୀକ । ଆମ ଦେଶରେ ନାରୀ ଓ ପୁରୁଷମାନଙ୍କର ଆଭୂଷଣ ନିମନ୍ତେ ସୁନା ଅଧିକ ଆଦୃତ । ବଜାରରେ ଅନ୍ୟାନ୍ୟ ଉତ୍ପାଦିତ ଦ୍ରବ୍ୟଗୁଡ଼ିକ ଉତ୍ପାଦନ ବ୍ୟୟ ସହ ବିଭିନ୍ନ ଟିକସ ଯୁକ୍ତ ହୋଇ ଏକ ନିର୍ଦ୍ଦିଷ୍ଟ ଦରରେ ଉପଲବ୍ଧ ହୋଇଥାଏ କିନ୍ତୁ ସୁନା ଅଳଙ୍କାର କ୍ଷେତ୍ରରେ ଉଭୟ ଧାତୁ ମୂଲ୍ୟ ଓ ଗଢ଼ା ମୂଲ୍ୟ ଅଲଗା ଅଲଗା ଦେବାକୁ ହୋଇଥାଏ।

ଭାରତରେ ସୁନାର ବଜାର ବିଶ୍ୱରେ ବୃହତ୍ତମ । ଉତ୍ତମ ମୂଲ୍ୟର ସଞ୍ଚୟକ ଭାବେ ସୁନା ସମସ୍ତ ପର୍ବପର୍ବାଣି, ଉତ୍ସବ ଓ ପରମ୍ପରାର ମୌଳିକ ତଥା ଅବିଚ୍ଛେଦ୍ୟ ଅଂଶ। ହିନ୍ଦୁ ଓ ଜୈନ ସଂସ୍କୃତିରେ ସ୍ୱର୍ଣ୍ଣ ଧାତୁକୁ ଶୁଭ ବୋଲି ବିବେଚନା କରାଯାଏ। ପବିତ୍ର ସାମାଜିକ ଅନୁଷ୍ଠାନ ଯଥା ବ୍ରତ ଓ ବିବାହ ଉତ୍ସବରେ ସୁନା ଅଳଙ୍କାରର ଆବଶ୍ୟକତା ଅଧିକ। ସୁନା ପରିବାର ଓ କନ୍ୟାର ନିରାପଦ ଭବିଷ୍ୟତ,ସମୃଦ୍ଧି ଓ ଆର୍ଥିକ ନିରାପତ୍ତାର ପ୍ରତୀକ ବୋଲି କେଉଁ ପୁରାତନ କାଳରୁ ବିଶ୍ୱାସ ରହିଛି। ଆମ ଦେଶରେ ବିବାହ ପରି ମାଙ୍ଗଳିକ ଉତ୍ସବରେ ସୁନାର ବାର୍ଷିକ ଚାହିଦା ପାଖାପାଖି ପଚାଶ ପ୍ରତିଶତ।

ଆଧୁନିକ ଅର୍ଥ ବ୍ୟବସ୍ଥାରେ ସୁନାର ଗୁରୁତ୍ୱ ବହୁ ଅଧିକ। ସୁବର୍ଣ୍ଣ ଧାତୁର ଏକ ଅନନ୍ୟ ମୌଳିକ ବୈଶିଷ୍ଟ୍ୟ ହେଲା ଏହାର ଅନ୍ତର୍ନିହିତ ମୂଲ୍ୟ। ଅନ୍ୟାନ୍ୟ ଧାତୁ ତୁଳନାରେ ଏହାର ଧାତବ କ୍ଷୟ ସ୍ୱଳ୍ପ। ଏହାର ଯୋଗାଣ ଆବଶ୍ୟକ ଚାହିଦାଠାରୁ କମ୍ ହୋଇଥିବାରୁ ସୁନା ଦୁର୍ଲଭ। ଅଳଙ୍କାର ବ୍ୟତୀତ ଉତ୍ତମ ମୁଦ୍ରାର ସମସ୍ତ ଗୁଣାବଳୀ ସୁନା କ୍ଷେତ୍ରରେ ଦେଖାଯାଏ। ମୂଲ୍ୟର ସଞ୍ଚୟକ, ବିନିମୟରେ ମାଧ୍ୟମ, ନମନୀୟତା, ସ୍ୱଳ୍ପ ଧାତୁରେ ବହୁ ମୂଲ୍ୟ ଧାରଣ,ସହଜ ବାହି ଆଦି ସମସ୍ତ ମୌଦ୍ରିକ ଗୁଣାବଳୀ ସୁନା ଧାତୁରେ ରହିଛି। ସୁନା ରାଷ୍ଟ୍ରର ଉଭୟ ମୂଲ୍ୟବାନ ସମ୍ପଦ ଓ ଆର୍ଥିକ ସ୍ୱାସ୍ଥ୍ୟର ସୂଚକ। ସୁନା ବନ୍ଧକ କ୍ଷେତ୍ରରେ ସହଜ ଋଣ, ସ୍ୱଳ୍ପ ସୁଧହାର ଓ ତୁରନ୍ତ ଋଣ ମଞ୍ଜୁରୀର ସୁଯୋଗ ରହିଛି। ସୁନା ନିର୍ଭରଯୋଗ୍ୟ ନିବେଶ,ସୁଗମ୍ୟ ଋଣର ଉତ୍ସ, ସାଂସ୍କୃତିକ ଓ ଆଲଙ୍କାରିକ ମହତ୍ତ୍ୱ ବହନ କରେ। ମୁଦ୍ରାସ୍ଫୀତି ତଥା ଅର୍ଥନୈତିକ ଅନିଶ୍ଚିତତାକୁ ମୁକାବିଲା କରିବା ସହ ପ୍ରତିକୂଳ ଦର ଚଳନ ହେତୁ ଯେଉଁ ସମ୍ଭାବ୍ୟ କ୍ଷତିର ସୂତ୍ରପାତ ହୁଏ ସେଥିରୁ ରକ୍ଷା ପାଇବା ନିମିତ୍ତ ସୁନା ବିପଦ ପରିଚାଳନା କୌଶଳ(ହେଜିଂ) ରୂପେ କାର୍ଯ୍ୟ କରିଥାଏ। ଯେତେବେଳେ ମୁଦ୍ରାସ୍ଫୀତି ଉପରମୁହାଁ ହେବା ସହ କାଗଜ ମୁଦ୍ରାର କ୍ରୟ ଶକ୍ତି ହ୍ରାସ ପାଇବାକୁ ଲାଗେ ସେତେବେଳେ ସୁନା ଘରୋଇ ସମ୍ପଦକୁ ସୁରକ୍ଷା ଦେବାକୁ ଯାଇ ଏହାର ମୂଲ୍ୟକୁ ସ୍ଥିର ରଖେ। ସୁତରାଂ, ପାରମ୍ପରିକ ନିବେଶର ବିକଳ୍ପ ଭାବେ ଅନେକ ନିବେଶକ ସୁନାକୁ ପସନ୍ଦ କରିଥାନ୍ତି।



ବିଗତ କେତେ ବର୍ଷ ଧରି ଭାରତରେ ବଜାର ଧାରା (ଟ୍ରେଣ୍ଡ),ମୁଦ୍ରା ଚଳନ (କରେନ୍ସି ମୁଭମେଣ୍ଟ) ଓ ନିବେଶକଙ୍କ ଦୃଷ୍ଟିଭଙ୍ଗୀରେ ପରିବର୍ତ୍ତନ ଆଦି କେତେକ ଉପାଦାନ ଯୋଗୁ ସୁନାର ଦାମ ରକେଟ ଗତିରେ ବୃଦ୍ଧି ପାଉଛି। ପ୍ରଥମତଃ, ସାମ୍ପ୍ରତିକ ଭୂରାଜନୈତିକ ଘଟଣାବଳୀ, ବାଣିଜ୍ୟ ଯୁଦ୍ଧ ଓ କୁଟନୈତିକ ଚାପ ଆଦି ନିବେଶକଙ୍କୁ ମୂଲ୍ୟବାନ ଧାତୁ ସୁନା ଉପରେ ନିବେଶ କରିବା ନିମନ୍ତେ ବାଧ କରିଛି। ସେମାନେ ବଜାର ଅସ୍ଥିରତା ଯୋଗୁ ସୁନାକୁ ନିବେଶର ସୁରକ୍ଷିତ ମାଧ୍ୟମ ଭାବେ ବିବେଚନା କରୁଛନ୍ତି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଅଭିସନ୍ଧିମୂଳକ ପାରସ୍ପରିକ ଶୁଳ୍କ ଲାଗୁ କରିବା ଯୋଗୁ ସମଗ୍ର ବିଶ୍ୱରେ ଅସ୍ଥିରତା ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିବେଶକମାନେ ସୁରକ୍ଷିତ ନିବେଶ ଅନ୍ୱେଷଣରେ ରହୁଛନ୍ତି।

ଦ୍ୱିତୀୟତଃ,ଡଲାର ତୁଳନାରେ ଭାରତୀୟ ମୁଦ୍ରା ଟଙ୍କାର ମୂଲ୍ୟ ହ୍ରାସ ପାଉଛି, ଯଦ୍ଦ୍ୱାରା ଡଲାର ସମ୍ମୁଖରେ ଟଙ୍କା ଦୁର୍ବଳ ହୋଇପଡୁଛି। ସୁନା ଆମଦାନୀ ବ୍ୟୟ ବୃଦ୍ଧି ପାଇବା ଯୋଗୁ ସୁନା ଦର ଉପରମୁହାଁ ହେଉଛି। ସେଥିଯୋଗୁ ଭାରତୀୟ କ୍ରେତାମାନଙ୍କ ନିମନ୍ତେ ସୁନା କ୍ରୟ କରିବା ଅଧିକ ବ୍ୟୟ ସାପେକ୍ଷ ହୋଇଯାଉଛି। ତୃତୀୟତଃ,ବିଶ୍ୱରେ ଯୁଦ୍ଧ ସଙ୍କଟ ଭଳି ଆପତକାଳୀନ ପରିସ୍ଥିତି ମଧ୍ୟରେ ବୈଦେଶିକ ମୁଦ୍ରା ଭଣ୍ଡାରକୁ ଆଦର୍ଶ ସ୍ତରରେ ବଜାୟ ରଖିବା ପାଇଁ ସୁନା ଏକ ଅମୋଘ ଅସ୍ତ୍ର। ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ବିଶ୍ୱର ସମସ୍ତ କେନ୍ଦ୍ରୀୟ ବ୍ୟାଙ୍କ ସମୂହ ପାରମ୍ପରିକ ମୁଦ୍ରା ସଂରକ୍ଷଣ ପରିବର୍ତ୍ତେ ପ୍ରଚୁର ପରିମାଣରେ ସୁନା ମହଜୁଦ ରଖିବା ଯୋଗୁ ବଜାରରେ ସୁନା ଦର ଦେଶରେ ବୃଦ୍ଧି ପାଉଛି। ବିଗତ ଦୁଇ ବର୍ଷ ମଧ୍ୟରେ ବିଶ୍ୱର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପାଖାପାଖି ୨୭ ଥର ସୁନା କିଣି ସାରିଛନ୍ତି। ଆମ ଦେଶରେ ଚଳିତ ବର୍ଷ ଏପ୍ରିଲ ମାସ ଠାରୁ ସୁନା ଦର କୂଳ ଲଙ୍ଘନ କରୁଛି।ପ୍ରତ୍ୟେକ ଦିନ ସୁନା ଦର ବୃଦ୍ଧି ରେକର୍ଡ ଭାଙ୍ଗୁଛି।ଏପ୍ରିଲ ମାସରେ ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପିଛା ଏକ ଲକ୍ଷ ଅତିକ୍ରମ କରିଥିବା ବେଳେ ଚଳିତ ଅକ୍ଟୋବରରେ ତାହା ଏକ ଲକ୍ଷ କୋଡିଏ ହଜାରକୁ ବୃଦ୍ଧି ପାଇ ଇତିହାସ ରଚିଛି।

ସୁନା ପ୍ରତି ଥିବା ଭାବପ୍ରବଣତା, ଅହେତୁକ ଆକର୍ଷଣ ଓ ଦୁର୍ବାର ଲାଳସା ହିଁ ଦର ବୃଦ୍ଧିରେ ନିଆଁ ଲଗାଇ ଦେଉଛି। ଏହା ଆମ ସଂସ୍କୃତି ଓ ପରମ୍ପରାକୁ ଦୃଢ଼ ଭାବେ ସଂଯୋଗ କରିଛି। ଆଭୂଷଣ ପ୍ରବଣତା, ମାଙ୍ଗଳିକ କାର୍ଯ୍ୟ ତଥା ଧର୍ମ କାର୍ଯ୍ୟ ନିମନ୍ତେ ଗରିବଠାରୁ ଧନୀ ପର୍ଯ୍ୟନ୍ତ ସମସ୍ତେ ସୁନା କାମନା କରିଥାନ୍ତି। ଅର୍ଥଶାସ୍ତ୍ରରେ ସୁନା ମୂଲ୍ୟର ଏକ ବିରୋଧାଭାସ ରହିଛି। ସୁନାର ବିନିମୟ ମୂଲ୍ୟ ବହୁ ଅଧିକ, କିନ୍ତୁ ଏହା ଜୀବନ ରକ୍ଷା ନିମନ୍ତେ ଜରୁରୀ ନୁହଁ, ଅର୍ଥାତ ଏହାର ବ୍ୟବହାରିକ ମୂଲ୍ୟ ନାସ୍ତି। ସୁନା ଦର ଆକାଶଛୁଆଁ ହେବା ସତ୍ତ୍ୱେ ମଧ୍ୟ ଲୋକଙ୍କର ଏହା ପ୍ରତି ମୋହ ଭଙ୍ଗ ହେଉନାହିଁ। ସୁନାର ଦର ଯେଭଳି ହୁ ହୁ ହୋଇ ବଢୁଛି ସେଥିରୁ ପ୍ରତୀୟମାନ ହେଉଛି ଯେ ଏହାର ମୂଲ୍ୟ ସାଧାରଣ ସ୍ତରକୁ ପୁନର୍ବାର ଖସି ଆସିବା ସମ୍ଭବ ନୁହେଁ। ଭାରତ ଭଳି ଏକ ସୁନା ଆମଦାନୀକାରୀ ରାଷ୍ଟ୍ର ନିମନ୍ତେ ଆର୍ଥିକ ସ୍ଥିରତା ଯେ ନିଶ୍ଚିତ ବାଧାପ୍ରାପ୍ତ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ।

ଅବସରପ୍ରାପ୍ତ ପ୍ରାଧ୍ୟାପକ
ମୋ:୯୪୩୮୧୯୨୨୨୪

## ସୁ-ଡୋ-କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | 1 | | 6 | | 7 | |
| | | 2 | | 4 | | | 3 | 9 |
| | | | | | | 5 | | |
| 1 | 8 | | | 9 | 2 | | | |
| | | 4 | | | | | | 7 |
| | 7 | | | | | | 8 | |
| | | | | | | | | |
| | | 6 | 3 | | 9 | | 5 | |
| | | 5 | | | | 9 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 4 | 5 | 1 | 7 | 9 | 6 | 2 | 3 |
| 7 | 2 | 1 | 6 | 3 | 4 | 5 | 8 | 9 |
| 3 | 9 | 6 | 8 | 5 | 2 | 7 | 4 | 1 |
| 5 | 8 | 3 | 7 | 9 | 1 | 4 | 6 | 2 |
| 1 | 6 | 9 | 4 | 2 | 5 | 8 | 3 | 7 |
| 4 | 7 | 2 | 3 | 8 | 6 | 9 | 1 | 5 |
| 2 | 1 | 8 | 5 | 4 | 7 | 3 | 9 | 6 |
| 6 | 3 | 7 | 9 | 1 | 8 | 2 | 5 | 4 |
| 9 | 5 | 4 | 2 | 6 | 3 | 1 | 7 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ବିପଦ ସାଜୁଛି ସେକେଣ୍ଡ ହାଣ୍ଡ ମୋବାଇଲ

ମହାଶୟ,

ସେକେଣ୍ଡ ହାଣ୍ଡ ମୋବାଇଲ କିଣୁଥିଲେ ସାବଧାନ ହୁଅନ୍ତୁ । କାରଣ ଏହି ମୋବାଇଲକୁ ପୂର୍ବରୁ ଅପରାଧୀ ଏବଂ ସାଇବର ଠକ ବ୍ୟବହାର କରିଥାଇପାରନ୍ତି। ତେଣୁ ସେକେଣ୍ଡ ହାଣ୍ଡ ମୋବାଇଲ କିଣିବା ସମୟରେ ସଚେତନ ହେବାକୁ ପୋଲିସ ଲୋକଙ୍କୁ ସତର୍କ କରୁଛି, ତଥାପି ଲୋକମାନେ ଚେତୁନାହାନ୍ତି। ଅପରାଧୀମାନେ ପ୍ରଥମେ ବ୍ୟବହାର କରୁଥିବା ମୋବାଇଲ ମାଧ୍ୟମରେ ଅପରାଧ ଘଟାଇବା ପରେ ସେମାନେ ସେହି ଫୋନକୁ ଶସ୍ତାରେ ବିକ୍ରି କରିଦେଉଛନ୍ତି। ଏହି ମୋବାଇଲକୁ ସାଧାରଣ ଲୋକ କିଣି ଫସିଯାଉଛନ୍ତି। ସାଇବର ଠକ ଏବେ ଠକେଇ ପାଇଁ ସେକେଣ୍ଡ ହାଣ୍ଡ ମୋବାଇଲ ଫୋନର ସାହାରା ନେଉଛନ୍ତି। ସେମାନେ କମ୍ ଦାମରେ ମୋବାଇଲ କିଣି ସେଥିରେ ଭିନ୍ନ ଏକ ଆପ୍ ଇନ୍‌ଷ୍ଟଲ କରି ଦେଉଛନ୍ତି। ଏହି ମୋବାଇଲକୁ ପରେ ଅନ୍ୟ ଜଣେ ବ୍ୟକ୍ତି ଶସ୍ତାରେ ପାଇ କିଣି ନେଉଛନ୍ତି। ଏଥିରେ ସେ ଫୋନ ପେ'ଠାରୁ ଆରମ୍ଭ କରି ଗୁଗ୍‌ଲ ପେ' ଇନ୍‌ଷ୍ଟଲ କରୁଛନ୍ତି। କିନ୍ତୁ ଅପରାଧୀ ଉକ୍ତ ମୋବାଇଲରେ ପୂର୍ବରୁ ଇନ୍‌ଷ୍ଟଲ କରିଥିବା ଆପ୍ ମାଧ୍ୟମରେ ସେ ଗୁଗ୍‌ଲ ଏବଂ ଫୋନ ପେ'ର ସମସ୍ତ ପାସ୍‌ୱାର୍ଡ ଜାଣି ଆକାଉଣ୍ଟ ଖାଲି କରି ନେଇ ଯାଉଛନ୍ତି।

**–ଗଙ୍ଗାଧର ସାମଲ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆକାଶେ ଅଶନି ଡାକିଗଲା ଦୂରୁଦୂରୁ
ମରମେ ବାଜିଲା ବରଷା ବେଦନା ଗୁରୁ
ରସର ଆବେଶେ ନୟନ ହୋଇଛି ଭାରି
ଦଶନର ହାସେ ନାଚି ଉଠେ ଚାରୁ ଭୁରୁ ।
–(ରୂପର ମୋହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଜଳବାୟୁ ପରିବର୍ତ୍ତନ ଓ ମୃତ୍ତିକା ସୁରକ୍ଷା



ଉତ୍ତାପ, ବୃଷ୍ଟିପାତ ଏବଂ ବାୟୁ ପ୍ରବାହ ଜଳବାୟୁର ମୁଖ୍ୟ ତିନିଗୋଟି ଉପାଦାନ। ଉକ୍ତ ଉପାଦାନଗୁଡ଼ିକ ମଧ୍ୟରେ ଅସମାନତା ଦେଖାଦେଲେ ଜଳବାୟୁର ପରିବର୍ତ୍ତନ ଘଟେ। ଏଥିମଧ୍ୟରୁ ଉତ୍ତାପ ଜଳବାୟୁ ପରିବର୍ତ୍ତନର ମୁଖ୍ୟ ଭୂମିକା ନେଇଥାଏ। ଉତ୍ତାପର ପ୍ରଭାବ ଦୁଇ ପ୍ରକାର, ଯଥା ପ୍ରାକୃତିକ ଏବଂ ମନୁଷ୍ୟକୃତ। ସୂର୍ଯ୍ୟଙ୍କର ଉପସ୍ଥିତିକୁ ନେଇ ଉତ୍ତାପର ବୃଦ୍ଧି ଏବଂ କ୍ଷୟ ଘଟିଲେ, ପ୍ରାକୃତିକ ଉତ୍ତାପ ସୃଷ୍ଟି ହୁଏ। ପ୍ରାକୃତିକ ଉତ୍ତାପକୁ ଏଡ଼ାଇ ଦେଇହେବନି। ମନୁଷ୍ୟକୃତ ଉତ୍ତାପ ବୃଦ୍ଧି ଯଥା ଅନୈତିକ ଜଙ୍ଗଲ କଟା, ମାତ୍ରାଧିକ କଳକାରଖାନା ପ୍ରତିଷ୍ଠା, ଅସୀମ ଯାନବାହନ ବ୍ୟବହାର, ଜନସଂଖ୍ୟା ବୃଦ୍ଧି, ପ୍ରାଣୀ ହତ୍ୟା ଆଦି ମନୁଷ୍ୟକୃତ ଉତ୍ତାପ ବୃଦ୍ଧିର କାରଣ। ଏହିସବୁ କାର୍ଯ୍ୟ ଯୋଗୁ ଅଙ୍ଗାରକାମ୍ଳ ବାଷ୍ପ ଏବଂ ମିଥେନ ଗ୍ୟାସ୍ ବାୟୁମଣ୍ଡଳରେ ସୃଷ୍ଟି ଯୋଗୁ ଭୂପୃଷ୍ଠରେ ସବୁଜ ଗୃହ ବାଷ୍ପ ସୃଷ୍ଟି ହୋଇ ଉତ୍ତାପ ବଢେ।

ଉତ୍ତାପ ବୃଦ୍ଧି ଯୋଗୁ ଭୂପୃଷ୍ଠସ୍ଥ ପ୍ରସ୍ତର ଖଣ୍ଡ ମଧ୍ୟରେ କମ୍ପନ ସୃଷ୍ଟି ହୋଇ ପଥର ଫାଟେ। ସମୟକ୍ରମେ ଏଥିରୁ କ୍ଷୁଦ୍ରରୁ କ୍ଷୁଦ୍ରତମ ଅଣୁ ଯଥା ବାଲି, ପଟୁ ଏବଂ କର୍ଦ୍ଦମ ସୃଷ୍ଟି ହୋଇ ମୃତ୍ତିକା ଗଠନ ହୁଏ। ମୃତ୍ତିକାର କ୍ଷୁଦ୍ରତମ ଅଣୁ କର୍ଦ୍ଦମର ଆକାର ସବୁଠାରୁ ଛୋଟ, ଅର୍ଥାତ୍ ୦.୦୦୨ ମିଲିମିଟରରୁ କମ୍ ହୁଏ। ଉତ୍ତାପ ବୃଦ୍ଧି ଯୋଗୁ ମୃତ୍ତିକାର ବୟନ, ସାଜସଜା, ସାନ୍ଦ୍ରତା, ଆପେକ୍ଷିକ ଗୁରୁତ୍ୱ, ଜଳଧାରଣ ଶକ୍ତି ଆଦିର ପରିବର୍ତ୍ତନ ଘଟି ମୃତ୍ତିକାର ଧର୍ମ ଓ ଗୁଣ ବଦଳି ଯାଏ। ଉତ୍ତାପ ବୃଦ୍ଧି ହେତୁ ମୃତ୍ତିକାସ୍ଥ ଜୈବିକ ପଦାର୍ଥର ଦହନ ହୋଇ ଏହାର ରଙ୍ଗରେ ପରିବର୍ତ୍ତନ ଘଟେ। ମୃତ୍ତିକାରେ ଥିବା କୋଟି କୋଟି ଅଣୁ ବୀଜାଣୁଙ୍କର ଅବକ୍ଷୟ ହୁଏ। ଏହାଦ୍ୱାରା ମୃତ୍ତିକାର ଉର୍ବରତା କ୍ଷୟ ଘଟେ। ସବୁଜ ଗୃହ ସୃଷ୍ଟି ଦ୍ୱାରା ଉତ୍ତାପ ବୃଦ୍ଧିରୁ ମୃତ୍ତିକା ସୁରକ୍ଷା ପାଇଁ ଜଙ୍ଗଲ ସଂରକ୍ଷଣ, ନୂତନ ଜଙ୍ଗଲ ସୃଷ୍ଟି, ଇ-ଯାନର ବ୍ୟବହାର ଭଳି କେତେକ ବିଷୟକୁ ଗୁରୁତ୍ୱ ଦେବାକୁ ପଡିବ।

ବୃଷ୍ଟିପାତ ଜଳବାୟୁର ଦ୍ୱିତୀୟ ଉପାଦାନ। ବୃଷ୍ଟିପାତ ବିଭିନ୍ନ ରୂପରେ ଭୂପୃଷ୍ଠକୁ ଆସେ। ଘଣ୍ଟାକୁ ୨.୫ ମିଲିମିଟର (ମି.ମି.) କିମ୍ବା ଏହାଠାରୁ କମ୍ ବୃଷ୍ଟିପାତ ହେଲେ, ଏହାକୁ ସ୍ୱଳ୍ପ ବର୍ଷା କୁହାଯାଏ। ଏହି ବର୍ଷା ଶୁଷ୍କ ମାଟିକୁ ଓଦା କରେ। ଉକ୍ତ ବର୍ଷା ମୃତ୍ତିକା କ୍ଷୟର କାରଣ ହୋଇ ନ ଥାଏ। ମୃତ୍ତିକାର ଅଣୁ ବୀଜାଣୁ କାର୍ଯ୍ୟକ୍ଷମ ହୋଇଥାଏ। ଘଣ୍ଟାକୁ ବୃଷ୍ଟିପାତ ୨.୫ ରୁ ୧୦ ମି.ମି. ହେଲେ ଏହାକୁ ମଧ୍ୟମ ବର୍ଷା କୁହାଯାଏ। ଉକ୍ତ ବର୍ଷା ମୃତ୍ତିକା କର୍ଷଣରେ ସାହାଯ୍ୟ କରେ। କିନ୍ତୁ ଗଡାଣି ଜମିରେ ଭୂପୃଷ୍ଠସ୍ଥ ଉପର ମୃତ୍ତିକା ଧୋଇ ନଷ୍ଟ ହୁଏ। ଘଣ୍ଟା ପ୍ରତି ୧୦ ମି.ମି.ରୁ ଅଧିକ ବର୍ଷାକୁ ଭାରି ବର୍ଷା କୁହାଯାଏ। ଏହି ବର୍ଷାର ୨ରୁ ୩ ସେ.ମି.ର ଟୋପାମାନ ବର୍ଷି ସମତଳ କ୍ଷେତର ଉପର ମାଟିକୁ ସ୍ଥାନାନ୍ତରିତ କରେ। ଉକ୍ତ ବର୍ଷା ଦ୍ୱାରା କ୍ଷେତର ଉର୍ବର ମୃତ୍ତିକା ସ୍ଥାନାନ୍ତରିତ ହୋଇ ମାଟିକୁ ଅନୁର୍ବର କରେ। ବର୍ଷା ଜଳ ଗଡାଣିରେ ବହି ନାଳିମାନ ସୃଷ୍ଟିକରେ। ନାଳିରେ ଜଳସ୍ରୋତ ବହି ମାଟିକୁ ସ୍ଥାନାନ୍ତରିତ କରେ। ଏହି ବର୍ଷା ଦ୍ୱାରା ନଦୀରେ ବନ୍ୟା ସୃଷ୍ଟି ହୋଇ ଭୂପୃଷ୍ଠର ଟନ୍ ଟନ୍ ଉର୍ବର ମୃତ୍ତିକା ଧୋଇ ହୋଇ ନଦୀଗର୍ଭକୁ ବହିଯାଏ। ଘଣ୍ଟା ପ୍ରତି ୧୦୦ ମି.ମି. ଏବଂ ଏହାଠାରୁ ଅଧିକ ବର୍ଷା ହେଲେ, ଏହାକୁ ବାଦଲ ଫଟା ବର୍ଷା କୁହାଯାଏ। ଉକ୍ତ ବର୍ଷା ସମତଳ ଅଞ୍ଚଳ ଅପେକ୍ଷା ପାର୍ବତ୍ୟ ଅଞ୍ଚଳରେ ଅଧିକ ବର୍ଷେ। ଉକ୍ତ ବର୍ଷା ଦ୍ୱାରା ଭୂସ୍ଖଳନ ଘଟି ମାଟି ସହ ସାନ ବଡ ପଥର ଖଣ୍ଡମାନ ବହୁ ଦୂରକୁ ସ୍ଥାନାନ୍ତରିତ ହୁଏ। ବାଦଲ ଫଟା ବର୍ଷା ଦ୍ୱାରା ଅନେକ ଧନ ଜୀବନ ନଷ୍ଟ ହୁଏ।

ମାତ୍ରାଧିକ ବୃଷ୍ଟିପାତର କୁପ୍ରବାହରୁ ମୃତ୍ତିକା ସୁରକ୍ଷା ପାଇଁ ଦୁଇ ପ୍ରକାର ପଦ୍ଧତି ଅବଲମ୍ବନ କରାଯାଇଥାଏ। ପ୍ରଥମଟି ଯାନ୍ତ୍ରିକ ଏବଂ ଦ୍ୱିତୀୟଟି କ୍ଷେତ୍ରୀୟ। ଯାନ୍ତ୍ରିକ ପଦ୍ଧତି ମଧ୍ୟରେ ଗଡାଣି ଜମିରେ ସମତଳ ବନ୍ଧ, ଶ୍ରେଣୀକୃତ ବନ୍ଧ, ସୋପାନୀକରଣ ଆଦି କରାଯାଇ ଜଳ ସ୍ରୋତକୁ ରୋକାଯାଇପାରେ। କ୍ଷେତ୍ରୀୟ ପଦ୍ଧତି ଅନୁସାରେ ସମତଳ ଚାଷ ଜମିର ମାଟିକୁ ଗଭୀର ହଳ କରି ମାଟି ଓଲଟପାଲଟ କଲେ ବର୍ଷାଜଳ କ୍ଷେତରେ ବହି ନ ଯାଇ ଭୂଗର୍ଭକୁ ଚାଲିଯିବ। ମୃତ୍ତିକାକୁ ବର୍ଷା ଟୋପାର ଆଘାତରୁ ରକ୍ଷା ପାଇଁ ମାଟିକୁ ଘୋଡାଇବା ଭଳି ଫସଲ ଯଥା ମୁଗ, ବିରି, କୋଳଥ, ସୋୟାବିନ ଏବଂ ମିଶ୍ରିତ ଚାଷ ଅର୍ଥାତ୍ ଗଡାଣି ଜମିରେ ଧାନ ସହ ହରଡ କିମ୍ବା ମାଣ୍ଡିଆ ଏବଂ ମକା ସହ ବରଗୁଡି କିମ୍ବା ଗୁଆଁର ଚାଷ କଲେ ମୃତ୍ତିକା କ୍ଷୟରୁ ରକ୍ଷାମିଳେ।

ବାୟୁ ପ୍ରବାହ ମୃତ୍ତିକା କ୍ଷୟର ତୃତୀୟ କାରଣ। କୌଣସି ଏକ ସ୍ଥାନର ବାୟୁ ଉତ୍ତପ୍ତ ହେଲେ ସେ ସ୍ଥାନରେ ଲଘୁଚାପ ସୃଷ୍ଟି ହୋଇ ଗୁରୁଚାପ ଅଞ୍ଚଳରୁ ଲଘୁଚାପ ମଧ୍ୟକୁ ବାୟୁ ପ୍ରବଳ ବେଗରେ ପ୍ରବାହିତ ହୋଇ ସେହି ସ୍ଥାନର ମୃତ୍ତିକାକୁ ସ୍ଥାନାନ୍ତରିତ କରେ। ମୃତ୍ତିକା କ୍ଷୟ ବାୟୁର ବେଗ ଉପରେ ନିର୍ଭର କରେ। ବାୟୁର ବେଗ ଘଣ୍ଟା ପ୍ରତି ୧୦ରୁ ୧୫ କିଲୋମିଟର ହେଲେ ସୂକ୍ଷ୍ମ କର୍ଦ୍ଦମ କଣିକା ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୨୦ ରୁ ୨୫ କିଲୋମିଟର ହେଲେ ପଟୁ, କର୍ଦ୍ଦମ ସହ ସୂକ୍ଷ୍ମ ବାଲି ସ୍ଥାନାନ୍ତରିତ ହୁଏ। ବାୟୁର ବେଗ ଘଣ୍ଟା ପ୍ରତି ୩୦ରୁ ୪୫ କି.ମି. ହେଲେ ୧.୦ ରୁ ୨.୦ ମି.ମି. ବ୍ୟାସ ବିଶିଷ୍ଟ ବାଲୁକା କଣିକାମାନ ଉଡିଯାଏ। କୌଣସି ସ୍ଥାନର ବାୟୁ ପ୍ରବାହ ଘଣ୍ଟା ପ୍ରତି ୫୦ରୁ ୭୫ କି.ମି. ହେଲେ ୨ମି.ମି. ବ୍ୟାସଠାରୁ ବୃହତ୍ ବାଲୁକା ରାଶି ଉଡିଯାଏ। ଏପ୍ରକାର ପ୍ରଚଣ୍ଡ ବାୟୁର ବେଗ ମରୁଭୂମି ଅଞ୍ଚଳରେ ଦେଖାଯାଏ। ବାୟୁ ପ୍ରବାହରୁ ସ୍ଥାନାନ୍ତରିତ ହେଉଥିବା ମୃତ୍ତିକା ସଂରକ୍ଷଣ ପାଇଁ ନିଜର ଅଭିଜ୍ଞତାରୁ ବାୟୁ ପ୍ରବାହର ଦିଗ ଅନୁମାନ କରି ବିବିଧ ଉଚ୍ଚତା ବିଶିଷ୍ଟ ବୃକ୍ଷ ଧାଡିରେ ରୋପଣ କରାଯାଏ। ବାୟୁ ପ୍ରବାହର ଅନୁକୂଳରେ ପ୍ରଥମ ଧାଡିରେ ଅଧିକ ଉଚ୍ଚ, ଦ୍ୱିତୀୟ ଧାଡିରେ ମଧ୍ୟମ ଉଚ୍ଚ ଏବଂ ତୃତୀୟ ଧାଡିରେ କମ୍ ଉଚ୍ଚତା ବିଶିଷ୍ଟ ବୃକ୍ଷ ରୋପଣ କରାଯାଏ।

ଉପକୂଳ ଅଞ୍ଚଳରେ ପ୍ରଚଣ୍ଡ ବେଗର ପବନ ସହ ପ୍ରବଳ ବର୍ଷା ହେଲେ ବାତ୍ୟା ସୃଷ୍ଟି ହୁଏ। ବାତ୍ୟା ଦ୍ୱାରା ସମୁଦ୍ରର ଲୁଣା ଜୁଆର ବାଲି ସହ ଚାଷ ଜମିକୁ ପ୍ରବାହିତ ହୋଇ ଧନ ଜୀବନ ନଷ୍ଟ ହୋଇ ଶହ ଶହ ଏକର ଚାଷଜମି ବାଲି ସ୍ତୂପରେ ପରିଣତ ହୁଏ। ସମୁଦ୍ର କୂଳରେ ଝାଉଁ ଏବଂ ନଦୀ ମୁହାଣରେ ହେନ୍ତାଳ ଜଙ୍ଗଲ ସୃଷ୍ଟି କଲେ ବାତ୍ୟାର କରାଳ ପ୍ରଭାବରୁ ମୃତ୍ତିକାକୁ ସୁରକ୍ଷା ଦେଇ ହେବ।

**– ପ୍ରଫେସର ସୁବୋଧ କୁମାର ସାହୁ**
ମୋ: ୯୫୫୬୨୬୬୦୮୫

## ୨୦୧୫ରୁ ଆରମ୍ଭ




ମୃତ୍ତିକା ଖାଦ୍ୟ, ପ୍ରାଣୀ ଖାଦ୍ୟ, ଜାଳେଣି ଓ ତନ୍ତୁ ଉତ୍ପାଦନ, ପରିବେଶର ଯତ୍ନ ତଥା ମନୁଷ୍ୟ ଓ ପ୍ରାଣିମାନଙ୍କ ଶାନ୍ତିପୂର୍ଣ୍ଣ ସହାବସ୍ଥାନର ଆଧାର। କହିବା ବାହୁଲ୍ୟ, ବିଶ୍ୱ ଜୈବ ବିବିଧତା ପରି ମୃତ୍ତିକା ମଧ୍ୟ ଏକ ଅଂଶ। ମୃତ୍ତିକା, ପରିଷ୍କାର ଜଳଯୋଗାଣ ତଥା ବନ୍ୟା, ମରୁଡ଼ି ପରି ପ୍ରାକୃତିକ ଦୁର୍ବିପାକରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥାଏ। ଆହୁରି ମଧ୍ୟ ପାର୍ଥିବ ଅଙ୍ଗାରର ବୃହତ୍ ଭଣ୍ଡାର ହେଉଛି ମୃତ୍ତିକା। ଏହି ଅଙ୍ଗାରର ସଂରକ୍ଷଣ, ଜଳବାୟୁ ପରିବର୍ତ୍ତନର ଉପଯୋଗିତା ତଥା ସଞ୍ଚାରଣରେ ବିଶେଷ ସହାୟକ ହୋଇଥାଏ। ଅତଏବ ମାନବ ସମାଜର ଖାଦ୍ୟ, ପାଣି ଓ ଶକ୍ତି ନିରାପତ୍ତା ନିମନ୍ତେ ବିଶ୍ୱସ୍ତରରେ ମୃତ୍ତିକା ସମ୍ବଳର ସଂରକ୍ଷଣ କିମ୍ବା ବର୍ଦ୍ଧନ ଜରୁରୀ। ତେବେ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଜନସଚେତନତା ସୃଷ୍ଟି ଲାଗି ୨୦୧୫ରୁ ଡିସେମ୍ବର ୫ରେ ପାଳିତ ହୋଇଆସୁଛି ବିଶ୍ୱ ମୃତ୍ତିକା ଦିବସ। ସୂଚନାଯୋଗ୍ୟ, ମୃତ୍ତିକା ବିଷୟରେ ଜନ ସଚେତନତା ଲାଗି ଉଦ୍ୟମ ଆରମ୍ଭ କରିଥିବା ଥାଇଲାଣ୍ଡର ରାଜା ଏଚ୍. ଏମ୍. କିଙ୍ଗ୍ ଭୂମିବୋଲ୍ ଆଦୁଲ୍ୟାଦେଜ୍‌ଙ୍କ ସରକାରୀ ଜନ୍ମଦିବସ ଡିସେମ୍ବର ୫ରେ ପାଳନ ହୋଇଥାଏ। ତେଣୁ ବିଶ୍ୱ ମୃତ୍ତିକା ଦିବସକୁ ଏହି ଦିନ ପାଳନ କରାଯାଇଥାଏ।

## ଏ ବର୍ଷର ବାର୍ତ୍ତା

### ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା

ଚଳିତବର୍ଷ ବିଶ୍ୱ ମୃତ୍ତିକା ଦିବସ ଲାଗି ବାର୍ତ୍ତା ବା ବିଷୟବସ୍ତୁ ରହିଛି 'ସ୍ୱାସ୍ଥ୍ୟକର ସହର ପାଇଁ ସୁସ୍ଥ ମୃତ୍ତିକା', ଯାହାକି ସହରାଞ୍ଚଳ ପରିବେଶରେ ସୁସ୍ଥ ମୃତ୍ତିକାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ କରେ। ସୁସ୍ଥ ସହରାଞ୍ଚଳ ମୃତ୍ତିକା ବର୍ଷାଜଳ ଶୋଷଣ, ସ୍ଥାନୀୟ ତାପମାତ୍ରା ନିୟନ୍ତ୍ରଣ, କାର୍ବନ ସଂରକ୍ଷଣ ଏବଂ ବାୟୁ ଗୁଣବତ୍ତାକୁ ଉନ୍ନତ କରିବା ଭଳି ଗୁରୁତ୍ୱପୂର୍ଣ୍ଣ ସେବା ପ୍ରଦାନ କରେ। ଯେତେବେଳେ ସହରର ମାଟି ସିମେଣ୍ଟ ଏବଂ କୋଠା ଦ୍ୱାରା ଆଚ୍ଛାଦିତ ହୁଏ (ମାଟି ସିଲିଂ), ସେତେବେଳେ ମୃତ୍ତିକାର ଏହି କାର୍ଯ୍ୟଗୁଡ଼ିକ ହଜିଯାଏ। ଫଳରେ ସହରଗୁଡ଼ିକୁ ବନ୍ୟା, ଅତ୍ୟଧିକ ଗରମ ଏବଂ ପ୍ରଦୂଷଣ ଅଧିକ ଦୁର୍ବଳ କରିଥାଏ। ତେବେ ଚଳିତବର୍ଷ ବିଷୟବସ୍ତୁର ଲକ୍ଷ୍ୟ ନୀତି ନିର୍ଦ୍ଧାରକଙ୍କଠାରୁ ନାଗରିକ ପର୍ଯ୍ୟନ୍ତ ସମସ୍ତଙ୍କୁ, ମାଟି ସ୍ୱାସ୍ଥ୍ୟ ଉପରେ ଧ୍ୟାନ ଦେଇ ସବୁଜ ଏବଂ ସୁସ୍ଥ ସହରାଞ୍ଚଳ ଗଠନ କରିବାରେ ସାହାଯ୍ୟ କରିବା।



## ରାଜ୍ୟ ଖବର

# ତଦନ୍ତକଲେ ଯୁଗ୍ମ କମିଟି

- ସରକାରଙ୍କ ସୁଯୋଗକୁ ନେଇ ବେଆଇନ ଫାଇଦା
- ଭିସିଆଇ ବିରୋଧରେ ଏନ୍‌ଜିଟି ମାମଲା



ଭିସିଆଇ କମ୍ପାନୀ ପରିସରରେ ତଦନ୍ତକାରୀ ଟିମ୍।

**ଯାଜପୁର,୪।୧୨(ହର୍ଷବର୍ଦ୍ଧନ ବେହେରା)**

ରାଜ୍ୟର ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୃଷ୍ଟି ପାଇଁ ଶିଳ୍ପାୟନ ଲୋଡ଼ା। ତେଣୁ ରାଜ୍ୟର ବୃହତ୍ତର ସ୍ୱାର୍ଥରେ ଶିଳ୍ପାୟନ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ଶିଳ୍ପପତିମାନଙ୍କୁ ସରକାର ଗୁରୁତ୍ୱ ଦେଇ ଜମି, ଜଳ ସହ ଅନେକ ସୁଯୋଗ ଦେଉଛନ୍ତି। ହେଲେ କେତେଜଣ ଶିଳ୍ପପତି ରାଜ୍ୟ ସରକାରଙ୍କ ଏଭଳି ସୁଯୋଗର ବେଆଇନ ଫାଇଦା ନେଉଛନ୍ତି। ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଭିସିଆଇ କେମିକାଲ୍ସ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ୍ ଲିଃ କାରଖାନା ପ୍ରତିଷ୍ଠା କ୍ଷେତ୍ରରେ ଏଭଳି କାର୍ଯ୍ୟ ଦେଖିବାକୁ ମିଳିଛି। ଇଡ୍‌କୋଠାରୁ ୨୨ ଏକର ଜମି ନେଇ ଶିଳ୍ପ କାରଖାନା ପ୍ରତିଷ୍ଠା କରିବାରେ ବିଳମ୍ବ କରି ଜଙ୍ଗଲ ଜମିରୁ ମୋରମ ଲୁଟ କରିଥିବା ପ୍ରମାଣିତ ହୋଇଛି। ଏନେଇ ଲଘୁ ଖଣି ଉପନିର୍ଦ୍ଦେଶକଙ୍କ ମାପଚୁପ ପରେ ମୋରମ ଲୁଟ୍ ବାବଦକୁ ୩୭ ଲକ୍ଷ ୯୮ ହଜାର ୧୧୩ ଟଙ୍କା କମ୍ପାନୀ ପକ୍ଷରୁ ପଇଠ କରାଯାଇଛି। ଏହି ମର୍ମରେ ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି)ରେ ୧୯୪/୨୦୨୫/ଇଜେଡ୍ ନମ୍ବରରେ ମାମଲା ରୁଜୁ ହେବା ପରେ ଗୁରୁବାର ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଯୁଗ୍ମ କମିଟି ତଦନ୍ତ କରିଛନ୍ତି।

ଜିଲାପାଳ ଅମ୍ବର କୁମାର କରଙ୍କ ନେତୃତ୍ୱରେ ସେଣ୍ଟ୍ରାଲ ପଲ୍ୟୁଶନ କଣ୍ଟ୍ରୋଲ ବୋର୍ଡ(ସିପିସିବି), ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ(ଏସ୍‌ପିସିବି), ଇଡକୋ, ଲଘୁ ଖଣି ଉପନିର୍ଦ୍ଦେଶକ(ଡିଡିଏମ୍), ଦାନଗଦି ତହସିଲଦାର, ଜଙ୍ଗଲ ବିଭାଗ, କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପ୍ରମୁଖ ଅଭିଯୋଗ ଅନୁସାରେ ସଂପୃକ୍ତ କାଗଜପତ୍ର ଯାଞ୍ଚ ସହ ବିଭିନ୍ନ ଦିଗ ଉପରେ ତଦନ୍ତ କରି ଫେରିଛନ୍ତି। ତେବେ ତଦନ୍ତ ସମୟରେ ଜିଲାପାଳ କମ୍ପାନୀ କର୍ତ୍ତୃପକ୍ଷଙ୍କ ଉପରେ ଉଦବେଗ ପ୍ରକାଶ କରିଥିବା ସୂଚନା ମିଳିଛି।

ଏନ୍‌ଜିଟିରେ ହୋଇଥିବା ଅଭିଯୋଗ ଅନୁସାରେ, କମ୍ପାନୀ ଇଡକୋଠାରୁ ନେଇଥିବା ଜମି ମଧ୍ୟରୁ ୧୧ ଏକର ଜଙ୍ଗଲ କିସମ ରହିଛି। କାରଖାନା ପ୍ରତିଷ୍ଠା ପାଇଁ ବିନା ଅନୁମତିରେ ଜଙ୍ଗଲ ଜମିରୁ ପ୍ରାୟ ୪୦ ହଜାର ଗଛ କଟାଯାଇଛି ଏବଂ ଗଛ କଟା ଏବେ ମଧ୍ୟ ଜାରି ରହିଛି। ଏହାବାଦ କାରଖାନା ପ୍ରତିଷ୍ଠା ନାମରେ ଜଙ୍ଗଲ ଜମିରୁ ଗଛକାଟି ବିପୁଳ ମୋରମ ଲୁଟ ହୋଇଛି। ପରିବେଶଗତ ପ୍ରଭାବ ମୂଲ୍ୟାଙ୍କନ ନିୟମ-୩୪ ଅନୁଯାୟୀ ବ୍ୟାପକ ଜୈବ ବିବିଧତା ଏବଂ ପରିବେଶଗତ କ୍ଷତି ମୂଲ୍ୟାଙ୍କନ, ପରିବେଶ ସୁରକ୍ଷା ଆଇନ-୧୯୮୬ ଏବଂ ଆପରାଧିକ ଆଇନ ଅନୁଯାୟୀ ଭିସିଆଇ ବିରୋଧରେ ଫୌଜଦାର ମାମଲା ରୁଜୁ ଆଦି ଦାବି କରି ଅଞ୍ଚଳବାସୀଙ୍କ ପକ୍ଷରୁ ସୁବ୍ରତ କୁମାର ସାହୁ ଏନଜିଟିରେ ଅଭିଯୋଗ କରିଥିଲେ। ଏହି ମାମଲା ଉପରେ ଏନ୍‌ଜିଟି ପକ୍ଷରୁ ଜଷ୍ଟିସ ଅରୁଣ କୁମାର ତ୍ୟାଗୀ ଏବଂ ଏକ୍ସପର୍ଟ ମେମ୍ବର ଈଶ୍ୱର ସିଂହଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଯୁଗ୍ମ ତଦନ୍ତକାରୀ ଦଳ ଗଠନ କରି ୧୨।୧୨।୨୦୨୫ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଯାଜପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି କ୍ରମରେ ତଦନ୍ତକାରୀ ଦଳ ଭିସିଆଇ କାରଖାନା ପରିସରରେ ପହଞ୍ଚି ବିଭିନ୍ନ ଦିଗ ଉପରେ ସମୀକ୍ଷା କରିଛନ୍ତି। ସ୍ଥାନ ସମତୁଲ କରିବାକୁ ମୋରମ ଖୋଳାଯାଇଥିଲା ବୋଲି କମ୍ପାନୀ କର୍ତ୍ତୃପକ୍ଷ ସଫେଇ ଦେଇଥିବାବେଳେ କାହିଁକି ଜରିମାନା ଦେଉଥିଲ ବୋଲି ତଦନ୍ତକାରୀ ଦଳ ପ୍ରଶ୍ନ କରିଥିଲେ। ଏହାସହ ଜଙ୍ଗଲ ଜମିରେ ବହୁ ଗଛ ଥିଲା ବୋଲି ଜଙ୍ଗଲ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି ଜଙ୍ଗଲ ଜମିରୁ ପ୍ରାୟ ୨୦ କୋଟି ଟଙ୍କାର ମୋରମ ଲୁଟ ହୋଇଛି ଏବଂ ଜରିମାନା ନିର୍ଦ୍ଧାରଣରେ ରଫାଦଫା କରାଯାଇଛି ବୋଲି ଅଭିଯୋଗକାରୀ ପ୍ରକାଶ କରିଥିଲେ।

## କୀଟନାଶକ ପିଇ ମହିଳାଙ୍କ ଆତ୍ମହତ୍ୟା

**ଢେଙ୍କିକୋଟ,୪।୧୨(ନୀଳମଣି ମଣ୍ଡଳ)**

କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ବଡ଼ମସିଣାବିଲା ପଞ୍ଚାୟତ ସାନମସିଣାବିଲା ଗ୍ରାମ ମୁଣ୍ଡା ସାହିରେ କୀଟନାଶକ ପିଇ ଜଣେ ମହିଳା ଆତ୍ମହତ୍ୟା କରିଛନ୍ତି। ମୃତା ଗ୍ରାମର ଚକ୍ରଧର ମୁଣ୍ଡାଙ୍କ ସ୍ତ୍ରୀ ସୀତା ମୁଣ୍ଡା(୪୮)। ସେ କିଛି ବର୍ଷ ହେଲା ଟିବି ରୋଗରେ ଆକ୍ରାନ୍ତ ଥିବା ବେଳେ ଘରେ ସର୍ବଦା ଅଶାନ୍ତ ଲାଗି ରହୁଥିଲା। ଏ ନେଇ ବ୍ୟତିବସ୍ତ ହୋଇ ବୁଧବାର କୀଟନାଶକ ପିଇଦେଇଥିଲେ। ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଗାଁ ପୋଲିସ କେନ୍ଦୁଝର ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଘଟଗାଁ ଥାନାରେ ଏକ ମାମଲା(ନଂ.୮୯/୨୫) ରୁଜୁ ହୋଇଛି।

## 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'

### ଆଜି ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ

ସାମାଜିକ ବିକାଶ, ଅର୍ଥନୈତିକ ବ୍ୟବସ୍ଥା ଏବଂ ପରିବେଶ ସୁରକ୍ଷାରେ ସ୍ୱେଚ୍ଛାସେବୀଙ୍କ ଭୂମିକାକୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ପ୍ରତିବର୍ଷ ଡିସେମ୍ବର ୫ରେ ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ କରାଯାଉଛି। ଲୋକଙ୍କୁ ସ୍ୱଇଚ୍ଛାରେ ସମାଜସେବା କରିବା ପାଇଁ ପ୍ରେରିତ କରିବା ଏହି ଦିବସର ଅନ୍ୟତମ ଲକ୍ଷ୍ୟ। ୧୯୮୫ରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ଏହି ଦିବସ ପାଳନ କରାଯିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନ ଏବଂ ବ୍ୟକ୍ତିଗତ ସ୍ୱେଚ୍ଛାସେବୀମାନଙ୍କ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହା ଏକ ସୁଯୋଗ ପ୍ରଦାନ କରିଥାଏ। ପ୍ରତିବର୍ଷ ଏହି ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତବର୍ଷ ଏହି ଦିବସର ବାର୍ତ୍ତା ହେଉଛି 'ପ୍ରତ୍ୟେକ ଅବଦାନ ଗୁରୁତ୍ୱପୂର୍ଣ୍ଣ'। ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ (ୟୁଏନ୍‌ଭି) କାର୍ଯ୍ୟକ୍ରମ ଦ୍ୱାରା ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ପାଳନ ପାଇଁ ସାଧାରଣ ସଭା ଦ୍ୱାରା ୧୯୮୫ ଡିସେମ୍ବର ୧୭ରେ ରିଜୋଲ୍ୟୁଶନ ପାସ୍ କରାଯାଇଥିଲା। ୨୦୧୨ରେ ବିକାଶଶୀଳ ଅଭିଜ୍ଞତା ଏବଂ ସୁପାରିଶକ୍ରମେ ମିଳିତ ଜାତିସଂଘର ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ଏକ ୫ବର୍ଷର ଅନ୍ତର୍ଜାତୀୟ ସ୍ୱେଚ୍ଛାସେବୀ ଦିବସ ରଣନୀତିର ନେତୃତ୍ୱ ନେଇଥିଲା। ଏହାକୁ ବିଶ୍ୱସ୍ତରରେ ତୃଣମୂଳସ୍ତରରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖାଯାଇଥିଲା।

– ବନ୍ଦନା ସେଠୀ

# ପଣ୍ଡୁନୃସିଂହଙ୍କ ୪ ଆଶ୍ରମ ବିଜେ

**ପୁରୀ,୪।୧୨(ଅଜିତ୍ କୁମାର ମହାନ୍ତି)**

ମାର୍ଗଶିର ଶୁକ୍ଳ ପକ୍ଷ ଚତୁର୍ଦ୍ଦଶୀ ତିଥି ଅବସରରେ ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ପଣ୍ଡୁନୃସିଂହ ୪ ଆଶ୍ରମ ବିଜେ ନୀତି ସମ୍ପନ୍ନ ହୋଇଛି। ଗୁରୁବାର ଶ୍ରୀମନ୍ଦିର ଦ୍ୱାର ଖୋଲାଯାଇ ଭିତର ଶୋଧ, ମଙ୍ଗଳ ଆଳତି ଓ ମଇଲମ ସହ ଅନ୍ୟାନ୍ୟ ନୀତି ସମ୍ପନ୍ନ ହୋଇ ସକାଳ ଧୂପ ଶେଷ ହୋଇଥିଲା। ପରେ ଅନ୍ୟାନ୍ୟ ନୀତି ବଢ଼ି ଶ୍ରୀବିଗ୍ରହଙ୍କ ମଧ୍ୟାହ୍ନରେ ବେଶ ଶେଷ ହୋଇଥିଲା। ମଧ୍ୟାହ୍ନ ଧୂପ ପରେ ମହାଜନ ସେବକମାନେ ପଣ୍ଡୁନୃସିଂହ ଦେବଙ୍କୁ ଦକ୍ଷିଣ ଘରୁ ଆଣି ସିଂହାସନକୁ ବିଜେ କରାଇଥିଲେ। ପାଳିଆ ପୂଜାପଣ୍ଡା ସାମନ୍ତ ମହାପ୍ରଭୁଙ୍କ ବାଡ଼ରୁ ମହାପ୍ରଭୁଙ୍କ ଶ୍ରୀଅଙ୍ଗଲାଗି ଆଜ୍ଞାମାଳ ଆଣି ପଣ୍ଡୁନୃସିଂହଙ୍କୁ ଆଜ୍ଞାମାଳ ଲାଗି କରିଥିଲେ। ମହାଜନ ସେବକମାନେ ପଣ୍ଡୁନୃସିଂହଙ୍କୁ ହସ୍ତରେ ଆଣି ମୁକ୍ତିମଣ୍ଡପ ତଳେ ଥିବା ବିମାନରେ



ଶ୍ରୀକ୍ଷେତ୍ରରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରରୁ ବାହାରି ଚାରି ଆଶ୍ରମ ବିଜେ କରୁଛନ୍ତି।

ବିଜେ କରାଇଥିଲେ। ସେଠାରେ ବିଭିନ୍ନ ନୀତି ସମ୍ପନ୍ନ ହେବା ପରେ ବିମାନବଡୁ ସେବକମାନେ ବିମାନ ନେଇ ଶ୍ରୀମନ୍ଦିରରୁ ୪ ଆଶ୍ରମ ଅଭିମୁଖେ ବିଜେ କରିଥିଲେ। ପଣ୍ଡୁନୃସିଂହ ମାର୍କଣ୍ଡେଶ୍ୱର ସାହିରେ ଥିବା ମାର୍କଣ୍ଡେୟ ଆଶ୍ରମ, ଦୋଳମଣ୍ଡପ ସାହିସ୍ଥିତ ଜହ୍ନିମୁଣ୍ଡିଆ ଛକ ଅଙ୍ଗିରା ଆଶ୍ରମ, ବାଲିସାହିସ୍ଥିତ ଭୃଗୁ ଆଶ୍ରମ ଏବଂ ହରଚଣ୍ଡୀ ସାହି ସ୍ଥିତ ପଣ୍ଡୁ ଆଶ୍ରମକୁ ବିଜେ କରିଥିଲେ। ସେଠାରେ ବନ୍ଦାପନା ଏବଂ ଶୀତଳ ଭୋଗ ମଣୋହି କରାଯିବା ସହ ବିଭିନ୍ନ ନୀତି ସମ୍ପନ୍ନ ହୋଇଥିଲା। ନୀତି ସମ୍ପନ୍ନ ପରେ ପଣ୍ଡୁନୃସିଂହ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

## ମୃତ ଗୋରୁକଟାକୁ ନେଇ ଉତ୍ତେଜନା

### ବଜରଙ୍ଗ ଦଳର ବିରୋଧ

**ଯୋଡ଼ା/ବଡ଼ବିଲ,୪।୧୨(ମାନସ ମହାନ୍ତି)**

କେନ୍ଦୁଝର ଜିଲା ବଡ଼ବିଲ ସହରରେ ଗୋରୁ କଟାକୁ କେନ୍ଦ୍ର କରି ଉତ୍ତେଜନା ପରିସ୍ଥିତି ଉପୁଜିଛି। କେତେଜଣ ଲୋକେ ଏକ ମୃତ ଗାଈ କାଟୁଥିବା ବେଳେ ବଜରଙ୍ଗ ପକ୍ଷରୁ ବିରୋଧ କରାଯାଇଥିଲା। ଖବର ପାଇ ପୋଲିସ ପହଞ୍ଚି ଗୋମାଂସକୁ ପୋତି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ପ୍ରାୟ ଦୁଇ ଦିନ ପୂର୍ବରୁ ବଡ଼ବିଲ ଥାନା ଅନ୍ତର୍ଗତ ଚଟେଇହାଟିଂସ୍ଥିତ ଚମ୍ପୁଆ ନାଳ ରେଳପୋଲ ତଳେ ଏକ ଗାଈର ମୃତ୍ୟୁ ହୋଇଥିଲା। ବୁଧବାର ବଲାଣି ସୀମାନ୍ତ ଝାଡ଼ଖଣ୍ଡ ଟାଟିବା ଅଞ୍ଚଳର କିଛି ଲୋକେ ଉକ୍ତ ମୃତ ଗାଈଟିକୁ ଦେଖି ତାଙ୍କ ସମ୍ପ୍ରଦାୟର ଲୋକଙ୍କୁ ଏ ବିଷୟରେ ଖବର ଦେଇଥିଲେ। ଗୁରୁବାର ଟାଟିବା ଅଞ୍ଚଳର କେତେଜଣ ଯୁବତୀ, ଯୁବକ, ପିଲା ଗୋ ମାଂସ ଖାଇବା ଉଦ୍ଦେଶ୍ୟରେ ମୃତ ଗାଈଟିକୁ କାଟୁଥିଲେ। ଚମ୍ପୁଆ ନାଳକୁ ସ୍ଥାନୀୟ ଚଟେଇ ହାଟିଂ ଗ୍ରାମର କିଛି ଯୁବକ ଗାଧୋଇବାକୁ ଯାଇଥିବା ଏହା ଦେଖି ସ୍ଥାନୀୟ ବଜରଙ୍ଗ ଦଳର ସଦସ୍ୟଙ୍କୁ ଖବର ଦେଇଥିଲେ। ବଜରଙ୍ଗ ଦଳର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ପରେ ଗୋରୁ କାଟୁଥିବା ଯୁବତୀ, ଯୁବକମାନେ ଦୌଡ଼ି ପଳାଇଥିଲେ। ସେମାନଙ୍କ ମଧ୍ୟରୁ ୩ ଯୁବକ, ୫ ନାବାଳିକା ବ୍ୟାଗରେ ମାଂସ ନେଇ ଯାଉଥିବା ସମୟରେ ବଲାଣି ଥାନା ଅନ୍ତର୍ଗତ ମୁକ୍ତି ଧାମ ଶ୍ମଶାନ ନିକଟରେ ବଜରଙ୍ଗ ଦଳର ସଦସ୍ୟମାନେ ଅଟକାଇ ବଲାଣି ପୋଲିସକୁ ଖବର ଦେଇଥିଲେ। ବଲାଣି ପୋଲିସ ପହଞ୍ଚି ଏକ ନିଛାଟିଆ ସ୍ଥାନରେ ଉକ୍ତ ଗୋମାଂସକୁ ପୋତି ଦେବା ପାଇଁ କହିଥିଲା। ବଜରଙ୍ଗ ଦଳ ପକ୍ଷରୁ ଗୋମାଂସ ପୋତି ଦିଆଯାଇଥିବା ବେଳେ ପୋଲିସ ଯୁବକ ଓ ନାବାଳିକାଙ୍କୁ ଥାନକୁ ନେଇ ଅଟକ ରଖି ତଦନ୍ତ କରୁଛି।

# ଯାଜପୁର ପୋଲିସର ଅପରେଶନ ନାଇଟ୍ ସୁଇପର



କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଓ ଏସ୍‌ପି ଯଶପ୍ରତାପ ଶ୍ରୀମଲ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।



ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ମୋବାଇଲ ଫୋନ୍, ଟଙ୍କା, ସୁନାରୁପା ଓ ମାରଣାସ୍ତ୍ର।

**ପାଣିକୋଇଲି, ୪।୧୨(ବିକାଶ ଚନ୍ଦ୍ର ମଲ୍ଲିକ):**

ଯାଜପୁର ଜିଲାରେ ଅପରାଧ ରୋକିବାକୁ ପୋଲିସ ପକ୍ଷରୁ ଏସ୍‌ପି ଯଶପ୍ରତାପ ଶ୍ରୀମଲଙ୍କ ନେତୃତ୍ୱରେ ଅପରେଶନ ନାଇଟ ସୁଇପର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି। ଏଥିରେ କୋରେଇ, ପାଣିକୋଇଲି, ଧର୍ମଶାଳା, ବାଲିଚନ୍ଦ୍ରପୁର ପ୍ରମୁଖ ଥାନାଧିକାରୀ ସାମିଲ ହୋଇ ୧୪ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୧୫ ମୋବାଇଲ ସହ ମାରଣାସ୍ତ୍ର, ୬ ଲକ୍ଷ ଟଙ୍କା, ୨ ବାଇକ, ୧ ବୋଲେରୋ, ଅଢ଼େଇ କେଜି ରୁପା, ୨୫୦ ଗ୍ରାମ ସୁନା ଜବତ କରାଯାଇଛି। ଏଥିରେ ସଂପୃକ୍ତ ଅନ୍ୟ ୩ ଜଣଙ୍କୁ ପୋଲିସ ଖୋଜୁଛି। ଗିରଫ ଅଭିଯୁକ୍ତ ବ୍ରହ୍ମବରଦା, କୁଆଖିଆ, ଜେନାପୁର, ଚଣ୍ଡିଖୋଲ, ବାଲିଚନ୍ଦ୍ରପୁର, ଧର୍ମଶାଳା ଆଦି ଥାନାରେ ୩୦ଟି ମାମଲାରେ ସମ୍ପୃକ୍ତ ଅଛନ୍ତି। ଏନେଇ କେନ୍ଦ୍ରାଞ୍ଚଳ ଡିଆଇଜି ସତ୍ୟଜିତ ନାୟକ ଓ ଏସ୍‌ପି ଶ୍ରୀମଲ ପାଣିକୋଇଲି ପୋଲିସ ମୁଖ୍ୟାଳୟରେ ଗୁରୁବାର ଏକ ଖବରଦାତା ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି।

**୧୪ ଗିରଫ, ୧୫ ମୋବାଇଲ ସହ ମାରଣାସ୍ତ୍ର, ୬ ଲକ୍ଷ ଟଙ୍କା, ୨ ବାଇକ, ୧ ବୋଲେରୋ, ଅଢ଼େଇ କେଜି ରୁପା ଓ ୨୫୦ ଗ୍ରାମ ସୁନା ଜବତ**

ଗିରଫ ଅଭିଯୁକ୍ତ ହେଲେ ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଲ ଅଞ୍ଚଳର ସେକ୍ ଅଲିମୁଦ୍ଦିନ ଓରଫ ଗୋରା, ରହିମ ଖାଁ, ସେକ ଇମଉଦ୍ଦିନ ଓରଫ ଚୁଆ, ସେକ ମୁସ୍ତାକିମ ଅଲ୍ଲୀ ଓ ଖଡ଼କପୁର ଗ୍ରାମର ସ୍ମୃତିରଞ୍ଜନ ବେହେରା ଓରଫ ବାଘ, କେନ୍ଦ୍ରାପଡା ଜିଲା ପାଟକୁରା ଥାନା ପାଟକୁରା ଗ୍ରାମର ରାଜୁ ଖାଁ, ଜଇପୁରା ଗ୍ରାମର ସେକ୍ ମେହେବୁବ, ମଣ୍ଡିଆ ଅଞ୍ଚଳର ମନୋଜ ମଲିକ, କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ଦିଲହାରପୁର ଗ୍ରାମର ସେକ ଚାନ୍ଦ, ଡେରାବିଶ ଥାନା ଦରବୁଲ ଗ୍ରାମର ଗୌତମ ଜେନା ଓରଫ୍ ନଣ୍ଡା ଏବଂ ସୁନା ରିସିଭର ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ନାନପୁର ପାଟଣା ଗ୍ରାମର ଜନ୍ମେଜୟ ସାହୁ ଓରଫ କାହ୍ନା, କଟକ ପୁରୀଘାଟ ଥାନା ଅନ୍ତର୍ଗତ ନୟାସଡ଼କ ଗ୍ରାମର ଅମଲ ସେଠ, ଲାଲବାଗ ଥାନା ଜଗନ୍ନାଥବଲ୍ଲଭ ଅଞ୍ଚଳର ବିକ୍ରମ ବେହେରା, ବେଣ୍ଟକାର ଥାନା ଅନ୍ତର୍ଗତ ତଇନକଣା ଗ୍ରାମର ପବିତ୍ର ସେଠ। ଫେରାରଥିବା ଅନ୍ୟ ତିନିଜଣ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ଲାଲୁ ଓ ଅମାନ ଏବଂ କେନ୍ଦ୍ରାପଡ଼ା ଜିଲା ଡେରାବିଶର ମେହେବୁବ ବୋଲି ସୂଚନା ଦିଆଯାଇଛି।

ଅଭିଯୁକ୍ତ ବିଭିନ୍ନ ରାଜପଥ ଓ ଗ୍ରାମାଞ୍ଚଳ ରାସ୍ତାରେ ଅଭିଯୁକ୍ତ ଛିନତାଇ, ଲୁଟ ଜାରି ରଖିଥିଲେ। ସେମାନଙ୍କ ବିରୋଧରେ ଧର୍ମଶାଳା ଥାନାରେ ୧୬, ଜେନାପୁର ଥାନାରେ ୨, ବାଲିଚନ୍ଦ୍ରପୁର ଥାନାରେ ୬, ବ୍ରହ୍ମବରଦା ଥାନାରେ ୩ ଓ କୁଆଖିଆ ଥାନାରେ ୩ ମାମଲା ରହିଛି। ଯାଜପୁର ସମେତ କେନ୍ଦ୍ରାପଡ଼ା ଜିଲାରେ ମଧ ସେମାନଙ୍କ ଆପରାଧିକ ସମ୍ପୃକ୍ତି ରହିଛି। ଅଭିଯୁକ୍ତଙ୍କୁ ରିମାଣ୍ଡରେ ଅଣାଯାଇ ଆହୁରି ତଦନ୍ତ କରାଯିବ। ଗିରଫ ଯୁବକଙ୍କ ମଧ୍ୟରୁ ୧୦ ଜଣ ଅଭିଯୁକ୍ତ ଓ ୪ ଜଣ ସୁନା ରଖୁଥିବା ଲୋକ ବା ରିସିଭର ଅଛନ୍ତି। ମାଷ୍ଟର ମାଇଣ୍ଡ ମେହେବୁବ(ଗୋରା) ଓ ଅମନ ନିୟମିତ ଲୁଟ କରି ବାଲିଚନ୍ଦ୍ରପୁରର ସୁନା ଦୋକାନୀ କାହ୍ନା ଓରଫ ଜନ୍ମେଜୟ ସାହୁଙ୍କୁ ଦିଅନ୍ତି। ଉକ୍ତ ସୁନାକୁ ସେ ନେଇ କଟକ ନୟାସଡ଼କର ଅଞ୍ଚଳର ଅମଲ ସେଠଙ୍କୁ ବିକ୍ରି କରନ୍ତି ବୋଲି ଡିଆଇଜି ଏବଂ ଏସ୍‌ପି କହିଛନ୍ତି।

# ଭିନ୍ନକ୍ଷମ ହୁଇଲଚେୟାର କ୍ରିକେଟ: ଗୋଆ ଚାମ୍ପିୟନ

**କାଏମା,୪।୧୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଷ୍ଟାଡିୟମଠାରେ ଖେଲ ଇଣ୍ଡିଆ ୨୦୨୫ ଆନୁକୂଲ୍ୟରେ ଚାଲିଥିବା ଭିନ୍ନକ୍ଷମ ହୁଇଲଚେୟାର କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଗୋଆ ଟିମ୍ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଛତିଶଗଡ଼ ଓ ଗୋଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଛତିଶଗଡ଼ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୧୯ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ କିଷାନ ରାବତ ୩୬ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ନିଖିଲେଶ ୨ଟି ଉଇକେଟ ନେଇଥିଲେ। ଜବାବରେ ଗୋଆ ବ୍ୟାଟିଂ କରି ୧୯ ଓଭରରେ ବିଜୟ ହାସଲ କରିଥିଲା। ଦଳ ପକ୍ଷରୁ ନିଖିଲେଶ ୬୦ ରନ ସଂଗ୍ରହ କରିଥିଲେ। ବିପକ୍ଷ ଛତିଶଗଡ଼ ଦଳର କିଷାନ ରାବତ ୨ ଉଇକେଟ ଅକ୍ତିଆର କରିଥିଲେ। ମ୍ୟାନ୍ ଅଫଦି ମ୍ୟାଚ୍ ଓ ସିରିଜରେ ଶ୍ରେଷ୍ଠ ଖେଳାଳିଭାବେ ନିଖିଲେଶଙ୍କ ନାମ ଘୋଷଣା କରାଯାଇଥିଲା। ସର୍ବୋତ୍କୃଷ୍ଟ ବ୍ୟାଟ୍ସମ୍ୟାନ ଭାବେ କିଷାନ ରାବତ ଓ ସର୍ବୋତ୍କୃଷ୍ଟ ବୋଲର ଭାବେ ଓଡ଼ିଶାର ଶଙ୍କରଙ୍କ ନାମ ଘୋଷଣା କରାଯାଇ ପୁରସ୍କୃତ କରାଯାଇଥିଲା। ଅତିଥି ଭାବେ ଷ୍ଟାଡିୟମ କମିଟି ସଭାପତି ଦେବରାଜ ମିଶ୍ର, ଆରୁହା ମଣ୍ଡଳ ସଭାପତି ଜିତେନ୍ଦ୍ର ରାଉତ, ଅବସରପ୍ରାପ୍ତ ଶିକ୍ଷକ ସୁଦୀପ୍ତ ମହନ୍ତି ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ମ୍ୟାଚ୍‌କୁ ସୁରଥ ପାତ୍ର ଓ ଗୌରୀଶଙ୍କର ଜେନା ପରିଚାଳନା କରିଥିଲେ। ସ୍କୋରରଭାବେ ଶିବସୁନ୍ଦର ଦାସ ସହୟତା କରିଥିଲେ। ବୁବୁ ସିହ୍ନା ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

# ଧର୍ମଶାଳା କଲେଜ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

**ଧର୍ମଶାଳା,୪।୧୨(ବଟକୃଷ୍ଣ ପରିଡ଼ା):**



ଧର୍ମଶାଳା ମହାବିଦ୍ୟାଳୟର ୪୭ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବରିଷ୍ଠ ବାଳକ ବିଭାଗରେ ସ୍ୱାଧୀନ ସ୍ୱାଇଁ ଓ ବାଳିକା ବିଭାଗରେ ଆଶାରାଣୀ ରାଉତ ଚାମ୍ପିଅନ ହୋଇଛନ୍ତି। କନିଷ୍ଠ ବାଳକ ବିଭାଗରେ ଏସ୍‌କେ ମୁଜେତ ଓ ବାଳିକାରେ ପାମେଲି ଦାଶ ଚାମ୍ପିଅନ ହୋଇଛନ୍ତି। ଗ୍ରୁପଇଭେନ୍ ହେଲା ଛାତ୍ରୀଗଣ୍ଡ୍ସଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷ ସ୍ୱରୂପାନନ୍ଦ ପଣ୍ଡା ଅଧ୍ୟକ୍ଷତା କରିଥିଲେ। କ୍ରୀଡ଼ା ସଂସଦ ଉପସଭାପତି ଅଧ୍ୟାପକ ପ୍ରଦୀପ ସାମଲ କ୍ରୀଡ଼ା ସଂସଦ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ନକୁଳ ଚନ୍ଦ୍ର ସାହୁ, କ୍ରୀଡ଼ା ଶିକ୍ଷକ ସତ୍ୟସାଗର ମହନ୍ତି ଖେଳ ପରିଚାଳନା କରିଥିଲେ। ଅଧ୍ୟାପକ ଅରବିନ୍ଦ ମହନ୍ତି ଓ ବସନ୍ତ କୁମାର ତ୍ରିପାଠୀଙ୍କ ସଂଯୋଜନାରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଧର୍ମଶାଳାର ବରିଷ୍ଠ ସାମାଜିକ କର୍ମୀ ମିନତି ସାହୁ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ରାଜେଶ ପାଳ, ଲୋକନାଥ ମହନ୍ତି ଓ ହିମାଂଶୁ ଶେଖର ମହନ୍ତି କ୍ରୀଡ଼ାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପିକା ଆରାଧନା ସେଠୀ ଧନ୍ୟବାଦ ଦେଇଥିଲେ।

## ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

**କଳିଙ୍ଗନଗର,୪।୧୨(ଶୁଭାଶିଷ ରାଉତ):**

ଦାନଗଦୀ ବ୍ଲକ ଅନ୍ତର୍ଗତ ଶାଳୀଜଙ୍ଗା ଗ୍ରାମରେ ମା'ମହାଲକ୍ଷ୍ମୀଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେଉଛି। ପୁରୀ ପଣ୍ଡିତ ନିରାକାର ପଣ୍ଡା, ସନ୍ତୋଷ ପଣ୍ଡା, ରବିନାରାୟଣ ପଣ୍ଡା, ଚନ୍ଦ୍ରଶେଖର କର, ଦୀପକ ମିଶ୍ର ଓ ସୁବ୍ରତ ଶତପଥୀଙ୍କ ଦ୍ୱାରା ପଞ୍ଚଗବ୍ୟ, ଅଙ୍କୁରାରୋପଣ ଓ ମନ୍ଦିରର ରତ୍ନମୁଦ କାର୍ଯ୍ୟ ସମ୍ପନ୍ନ କରାଯାଉଛି। ୬ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଚାଲିବ। ଶେଷ ଦିବସରେ ମହାଲକ୍ଷ୍ମୀଙ୍କ ଚଳନ୍ତି ପ୍ରତିମାଙ୍କର ନବଯୌବନ ଦର୍ଶନ ଓ ଗ୍ରାମ ପରିକ୍ରମା କରାଯିବ ବୋଲି ଗ୍ରାମବାସୀଙ୍କଠାରୁ ସୂଚନା ମିଳିଛି। ଉତ୍ସବର ପ୍ରଥମ ଦିବସରେ ଦାନଗଦି ବ୍ଲକ ଶିକ୍ଷା ଅଧିକାରୀ ଶୁଭାଂଶୁ ପୁହାଣ, ସୁକିନ୍ଦା ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ଦାସ ଅତିଥିଭାବେ ଯୋଗଦେଇଥିଲେ। ସରପଞ୍ଚ ବିଜୟଲକ୍ଷ୍ମୀ ଦାସ ଉପସ୍ଥିତଥିଲେ। ଅତିଥିଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ଗ୍ରାମବାସୀ ସ୍ୱାଗତ କରିଥିଲେ। ମୁଖ୍ୟକର୍ତ୍ତା ଭାବେ ପ୍ରଶାନ୍ତ ଦାସ କାର୍ଯ୍ୟ ତୁଲାଉଥିଲେ। ବସନ୍ତ ଦାସ, କୈଳାସ ଚନ୍ଦ୍ର ମିଶ୍ର, ଫକୀର ଦାସ, ଅଧର ମିଶ୍ର, ଶ୍ରୀକାନ୍ତ ମିଶ୍ର, ଦେବାଶିଷ ମିଶ୍ର, ଅବିନାଶ ମିଶ୍ର, ଅମିତ ଦାସ, ସିଦ୍ଧାର୍ଥ ଶଙ୍କର ଦାସ, ଘନଶ୍ୟାମ ସାହୁ, ଲାଲ ମୋହନ ମହାନ୍ତ, କେଶବ ମହାନ୍ତ ଓ ଭରତ ସାହୁ ପ୍ରମୁଖଙ୍କ ସହଯୋଗରେ ଏହି ଉତ୍ସବ ସମ୍ପନ୍ନ କରାଯାଉଛି। ଦୀର୍ଘ ବର୍ଷ ପରେ ଏପରି ଏକ ମନ୍ଦିର ପ୍ରତିଷ୍ଠା ହୋଇଥିବାରୁ ଅଞ୍ଚଳରେ ଆନନ୍ଦର ଲହରି ଖେଳିଯାଇଛି। ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଭଜନ ସନ୍ଧ୍ୟାକୁ ଅଞ୍ଚଳବାସୀ ଭରପୁର ଉପଭୋଗ କରୁଛନ୍ତି।

# ଏସ୍‌ପିଙ୍କ ହସ୍ତକ୍ଷେପ ଲୋଡ଼ିଲେ ପୀଡ଼ିତ



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦମ୍ପତି।

**ମାଡ଼ମାରି ଆଖି ନଷ୍ଟ ମାମଲାରେ ଚୁପ୍ ପୋଲିସ**

**ପାଣିକୋଇଲି,୪।୧୨(ବିକାଶ ମଲ୍ଲିକ):**

ବରୀ-ରାମଚନ୍ଦ୍ରପୁର ଥାନା ଅନ୍ତର୍ଗତ ନାଥପୁର ପାଟଣା ଗ୍ରାମର ମଧୁସୂଦନ ଓଝାଙ୍କୁ ଆକ୍ରମଣ କରାଯାଇଛି। ସାମାନ୍ୟ ବଚସାକୁ ନେଇ ତାଙ୍କ ପଡ଼ୋଶୀ ଚଗଲା ଜେନା ଓ ତାଙ୍କ ସ୍ତ୍ରୀ ମଧୁସୂଦନଙ୍କୁ ବାଟରେ ଅଟକାଇ ମାଡ଼ମାରି ତାଙ୍କର ଗୋଟିଏ ଆଖି ନଷ୍ଟ କରିଦେଇଛନ୍ତି। ଏନେଇ ମଧୁସୂଦନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ମଧ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ଅଭିଯୁକ୍ତ ଅନ୍ୟ ଆଖି ତାଡ଼ି ଦେବାକୁ ଧମକ ଦେଉଛନ୍ତି। ତେଣୁ ଥାନାରୁ ନ୍ୟାୟ ନ ପାଇ ଶେଷରେ ମଧୁସୂଦନ ଓ ତାଙ୍କ ସ୍ତ୍ରୀ ଏସ୍‌ପିଙ୍କ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି।

## ନଦୀରେ ବୁଡ଼ି ଜଣେ ମୃତ

**କାଏମା,୪।୧୨(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅନ୍ତର୍ଗତ କାଏମା ଲକ୍ଷ୍ମୀସାହି ଗ୍ରାମ ନିକଟ କେଲୁଅ ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ବୁଡ଼ିଯାଇ ଜଣେବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଲକ୍ଷ୍ମୀ ସାହିଗ୍ରାମର ରଞ୍ଜନ ଗାହାଣ(୫୬)। ରଞ୍ଜନ ଅପରାହ୍ନ ୨ଟାରେ ଗାଧୋଇବାକୁ ଯାଇ ଆଉ ଫେରି ନ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ମଧ ପାଇ ନ ଥିଲେ। ଏହାପରେ ରଞ୍ଜନ ନଦୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ତା'ଙ୍କ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।



# ମହାଲକ୍ଷ୍ମୀ ପୀଠର ୪ର୍ଥ ଜନ୍ମବାର୍ଷିକୀ

**ପାଣିକୋଇଲି,୪।୧୨(ବିକାଶ ମଲ୍ଲିକ):**

ପଞ୍ଚୁପୂର୍ଣ୍ଣିମା ଅବସରରେ ଗୁରୁବାର ପାଣିକୋଇଲିର ଅନ୍ୟତମ ଅଧିଷ୍ଠାତ୍ରୀ ଦେବୀ ମା'ମହାଲକ୍ଷ୍ମୀଙ୍କ ପୀଠର ଚତୁର୍ଥ ଜନ୍ମବାର୍ଷିକୀ ପାଳିତ ହୋଇଯାଇଛି। ପୂଜକ ବେଦପ୍ରକାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅରୁପାନନ୍ଦ କର, ବ୍ରହ୍ମାନନ୍ଦ ଦାଶ, ପ୍ରଭାକର ପାଣିଗ୍ରାହୀ, ତପନ ମିଶ୍ର, ଅମରେଶ ପଣ୍ଡା ପ୍ରମୁଖ ପ୍ରତ୍ୟୁଷରୁ ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ଦେବଦତ୍ତ ରାୟ ଓ ଗାୟତ୍ରୀ ରାୟ ସଂକଳ୍ପ କରିଥିଲେ। ରୀତିନୀତି ଅନୁଯାୟୀ ପୂଜାପାଠ ଓ ହୋମଯଜ୍ଞ କରାଯାଇଥିଲା। ପରେ ଏକ ସୁସଜ୍ଜିତ ପାଲିଙ୍କିରେ ମା'ଙ୍କ ବିଗ୍ରହ ପ୍ରତିମାକୁ ଗ୍ରାମ ପରିକ୍ରମା କରାଯିବା ସହ ମା'ଜାଗୁଲାଇ ଓ ମା' ହିଙ୍ଗୁଳାଙ୍କ ପୀଠକୁ ନିଆଯାଇଥିଲା। ସେଠାରେ ମା' ଲକ୍ଷ୍ମୀ ଭୋଗ ପାଇବା ପରେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।



ମହାଲକ୍ଷ୍ମୀଙ୍କ ପୂଜା କରାଯାଉଛି।

ଉତ୍ସବରେ ବହୁ ସାଧୁସନ୍ଥଙ୍କ ଆଗମନ ହୋଇଥିଲା। ନାଗାବାବାଙ୍କ ଧୁନି ନିକଟରେ ଦର୍ଶକଙ୍କ ଭିଡ଼ ଜମିଥିଲା। ଅନୁଷ୍ଠାନ ପକ୍ଷରୁ ଶିକ୍ଷାବିତ୍ ଅଭୟ ପତି, ଅସିତା ପତି, ଖବରଦାତା ସୁବାସ ଧଳ, ଗଦାଧର ପଣ୍ଡା, ମନୋଜ ରାଉଳ ଓ ରାଜେଶ କୁମାରଙ୍କୁ ପ୍ରତିଭା ସମ୍ମାନରେ ସମ୍ମାନିତ କରାଯାଇଥିଲା। ମଧ୍ୟାହ୍ନରେ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ପ୍ରବଚକ ଜିତୁ ଦାଶଙ୍କ ଦ୍ୱାରା ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବହୁଦର୍ଶକପ୍ରବଚନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପଞ୍ଚାନନ ଓଝା, ଅରୁପାନନ୍ଦ ମଲ୍ଲିକ, ଦିଲୀପ ମଲ୍ଲିକ, ଅଞ୍ଜୁମୋଚନ ରାଉତ ଓ ଭାଗ୍ୟଧର ରାୟଙ୍କ ସମେତ ଅଳତିରି ଗ୍ରାମର ବହୁ ଗୌରଭକ୍ତ ଯୋଗଦେଇ ସହଯୋଗ କରିଥିଲେ।

# ଛତିଆରେ ୭ରୁ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ

**ଛତିଆ,୪।୧୨(ସୌମ୍ୟ ରଞ୍ଜନ ସାହୁ):**

ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଅମରାବତୀ କ୍ରିକେଟ ପଡ଼ିଆଠାରେ ପାଟଣା କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆସନ୍ତା ୭ତାରିଖରୁ ମନ୍ମଥ, ଗିରିଧାରୀ, ରାଜେଶ ମେମୋରିଆଲ ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ। ଉକ୍ତ ଟୁର୍ନାମେଣ୍ଟ ୨ ବିଭାଗରେ କରାଯିବ। ପ୍ରଥମ ମ୍ୟାଚରେ ଗ୍ରାମୀଣ ଗ୍ରାଉଣ୍ଡର ୮ ଦଳ ଅଂଶଗ୍ରହଣ କରିବେ। ଅନ୍ୟଟିରେ ମଧ ୮ ଦଳ ଭାଗ ନେବେ। ପ୍ରତ୍ୟେକ ଦିନ ଦୁଇଟି ଲେଖାଏଁ ମ୍ୟାଚ ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ମଞ୍ଚେଶ୍ୱର ଭୁବନେଶ୍ୱର, କୁମାରବସ୍ତ ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ଓ କଟକ ଦଳ ପ୍ରମୁଖ ଭାଗନେବେ। ଅନ୍ୟଟିରେ ଚଣ୍ଡିଖୋଲ, ଛତିଆ, ସୋଲର, ବଡ଼ଚଣା, ଜାରକା, ବଡ଼ଗଛୁଆ, ସୁଙ୍ଗୁଡ଼ା ଓ ଆୟୋଜକ ପାଟଣା ଦଳ ଭାଗନେବେ। ୧୪ ତାରିଖରେ ଦୁଇଟିବିଭାଗର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ବର୍ଷ ପୁରସ୍କାର ରାଶି ଅଧିକ ରଖାଯାଇଛି ବୋଲି ପାଟଣା କ୍ଲବ ପକ୍ଷରୁ ସୂଚନା ମିଳିଛି।

# ୬ବର୍ଷର ବକେୟା ଦରମା ନେଇ ଆଲୋଚନା

**ରସୁଲପୁର,୪।୧୨ (ରଞ୍ଜିତ ରାଉତ):**



ବୈଠକରେ ଉପସ୍ଥିତ ୬୧୯ ବର୍ଗର ଶିକ୍ଷକ ସଂଘ କର୍ମକର୍ତ୍ତା।

**୬୧୯ ବର୍ଗର ଶିକ୍ଷକ ସଂଘ ବୈଠକ**

ରସୁଲପୁର ବ୍ଲକ ଅନ୍ତର୍ଗତ ମୁରୁପାଳ ସରକାରୀ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଗୁରୁବାର ୬୧୯ବର୍ଗର ଶିକ୍ଷକ ସଂଘର ଯାଜପୁର ଜିଲା ଅଧୀନ ୧୦ ବ୍ଲକ ସଂଘର ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଘ ସଭାପତି ଯୁଧିଷ୍ଠିର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ରାଜ୍ୟ ମହାସଂଘ ପ୍ରତିନିଧି ଖଗେଶ୍ୱର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ରାଜ୍ୟର ୬୧୯ ବର୍ଗର ଶିକ୍ଷକଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ୨୦୧୪ରୁ ୨୦୨୦ ପର୍ଯ୍ୟନ୍ତ ଏହିବର୍ଗର ଶିକ୍ଷକଙ୍କୁ ରାଜ୍ୟ ସରକାରଙ୍କଠାରୁ ପାଇବାକୁ ଥିବା ୬ବର୍ଷର ବକେୟା ଦରମା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସରକାରଙ୍କ ନିକଟରେ ଶିକ୍ଷକଙ୍କ ବକେୟା ଅର୍ଥ ପୈଠ ସହ ଅନ୍ୟ ସମସ୍ୟା ସମାଧାନ ପାଇଁ ଦାବି କରାଯିବ ବୋଲି ପ୍ରସ୍ତାବ ଆଗତ ହୋଇଥିଲା। ଉକ୍ତ ବୈଠକରେ ବିଭିନ୍ନ ବ୍ଲକରୁ ଯୋଗଦେଇଥିବା ପ୍ରତିନିଧି ଦିଲୀପ ପାତ୍ର, ମାନସ ସାମଲ, ଅବିନାଶ ଆଏତ, କଳାକାର ମିଶ୍ର, ପ୍ରଭାକର ମହନ୍ତି, ଚନ୍ଦ୍ରଭାଷା ମିଶ୍ରଙ୍କ ସମେତ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ନିଜ ମତରଖିଥିଲେ। ରାଜ୍ୟସଂଘର ପ୍ରସ୍ତାବକୁ ବୈଠକରେ ସର୍ବସମ୍ମତିକ୍ରମେ ଅନୁମୋଦନ କରାଯାଇଥିଲା। ଚଳିତ ବିଧାନସଭା ଅଧିବେଶନ ସମୟରେ ରାଜ୍ୟ ମହାସଂଘ ପକ୍ଷରୁ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ରାଜ୍ୟ ପ୍ରତିନିଧି ଦାଶ ସୂଚନା ଦେଇଥିଲେ।

# କୁଆଁସ ମଙ୍ଗଳାପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା

**ଝୁଣ୍ଟପୁରୀ,୪।୧୨(ସରୋଜ ନାୟକ):**



କୁଆଁସ ମଙ୍ଗଳାଙ୍କ ପୀଠରେ ଜନପ୍ରତିନିଧି ଓ ଅନ୍ୟମାନେ।

ଯାଜପୁରର ପ୍ରସିଦ୍ଧ ଶକ୍ତିପୀଠ ଦଶରଥପୁରର କୁଆଁସ ମା'ମଙ୍ଗଳାଙ୍କ ପୀଠକୁ ପର୍ଯ୍ୟଟନସ୍ଥଳୀ ମାନ୍ୟତା ମିଳିଛି। ରାଜ୍ୟପର୍ଯ୍ୟଟନ ବିଭାଗ ଏହି ପୀଠକୁ ହାତକୁ ନେବାସହ ପୀଠର ଉନ୍ନତି ପାଇଁ ଅର୍ଥ ମଞ୍ଜୁର କରିଛି।

ଦଶରଥପୁର ବ୍ଲକ ତାହାଦହତା ପଞ୍ଚାୟତସ୍ଥ କୁଆଁସ ମା'ମଙ୍ଗଳାଙ୍କ ପୀଠ ଏହି ଅଞ୍ଚଳର ଏକ ପ୍ରମୁଖ ଶକ୍ତିପୀଠ ଭାବେ ପରିଚିତ। ଯାଜପୁର ଜିଲା ସମେତ କେନ୍ଦ୍ରାପଡ଼ା, ଭଦ୍ରକ ଆଦି ଜିଲାର ଶହଶହ ଭକ୍ତ ପ୍ରତିଦିନ ଏହି ପୀଠକୁ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି। ପଣାସଂକ୍ରାନ୍ତିରେ ମା'ଙ୍କ ଯାତ୍ରା ଅନୁଷ୍ଠିତ ହୁଏ। ୧ ମାସ ଧରି ଏହା ଚାଲିଥାଏ। ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ଏହି ଶକ୍ତିପୀଠରେ ମଙ୍ଗଳା ମହୋତ୍ସବ ନାମରେ ମା'ଙ୍କ ଉତ୍ସବ ପାଳନ କରାଯାଉଛି। ଗତ ସରକାର ସମୟରେ ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଅଶୋକ ପଣ୍ଡା ମଙ୍ଗଳା ମହୋତ୍ସବକୁ ମୁଖ୍ୟଅତିଥି ହୋଇ ଆସିଥିଲେ। ସେତେବେଳେ ଏହି ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେବା ଲାଗି ମନ୍ତ୍ରୀଙ୍କୁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହାପରେ ଏହିପୀଠର ଉନ୍ନତିସହ ଏହାକୁ ପର୍ଯ୍ୟଟନ ସ୍ଥଳର ମାନ୍ୟତା ଲାଗି ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସଙ୍କ ନିକଟରେ ମଙ୍ଗଳା ଉନ୍ନୟନ କମିଟି ପକ୍ଷରୁ ବାରମ୍ବାର ଦାବି କରାଯାଇଥିଲା। ପ୍ରଣବ ଏହି ପୀଠର ଉନ୍ନତି ପାଇଁ ପର୍ଯ୍ୟଟନ ବିଭାଗ ପାଖରେ ସେତେବେଳେ ଦାବି ରଖିଥିଲେ। ଏହାକୁ ଦୃଷ୍ଟିରେ ରଖି ବର୍ତ୍ତମାନର ସରକାର ଏହିପୀଠକୁ ବୁଧବାର ପର୍ଯ୍ୟଟନସ୍ଥଳୀର ମାନ୍ୟତା ଦେଇଛନ୍ତି। ପୀଠର ଉନ୍ନତି ନିମନ୍ତେ ପୂର୍ବରୁ ୨୫ ଲକ୍ଷ ଟଙ୍କା ଆସିଥିବାବେଳେ ଏବେ ପର୍ଯ୍ୟଟନ ବିଭାଗ ୭୫ ଲକ୍ଷ ଟଙ୍କା ପ୍ରଦାନ କରିଛି। ଏହି ପୀଠଟି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି। ବ୍ଲକ ଅଧ୍ୟକ୍ଷ ବିଶ୍ୱାମ୍ବର ମଲ୍ଲିକ, ବ୍ଲକ ବିଜେଡି ସଭାପତି ଅଜୟ ମହାନ୍ତି, ସାମାଜିକ କର୍ମୀ ନାରାୟଣ ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ମନସ୍ୱିନୀ ଦାସ, ସରପଞ୍ଚ ପଦ୍ମାବତୀ ବିଶ୍ୱାଳ, ଶିଶିର ଧଳ, ଅଜିତ ସାମଲ, ଗୋବିନ୍ଦ ଜେନା, ମନୋଜ ରାଉତ, ସମିତିସଭ୍ୟ ପ୍ରଶାନ୍ତ ମଲ୍ଲିକ ପ୍ରମୁଖଙ୍କ ସହ ଶତାଧିକ ମହିଳା ଗୁରୁବାର ଏହି ପୀଠରେ ପହଞ୍ଚି ରାଜ୍ୟ ସରକାର, ପୂର୍ବତନ ପର୍ଯ୍ୟଟନ ମନ୍ତ୍ରୀ ଓ ପୂର୍ବତନ ବିଧାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

# ଅକ୍ଷମତା ଅତିକ୍ରମକୁ ମନୋବଳ ଆବଶ୍ୟକ

କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ)

ଖୁସି ଓ ଦୁଃଖ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ। ତେବେ ନିଜର ନଜର ଅନୁଯାୟୀ ଏହାର ପରିପ୍ରକାଶ ହୋଇଥାଏ। ସମସ୍ତେ କିଛି କ୍ଷେତ୍ରରେ ଭିନ୍ନକ୍ଷମ। ଏହାସତ୍ତ୍ୱେ ଅକ୍ଷମତାକୁ ଅତିକ୍ରମ ପାଇଁ ମନୋବଳ ଆବଶ୍ୟକ ବୋଲି ପୁର୍ନବାସ ପକ୍ଷରୁ ଆୟୋଜିତ ଜାତୀୟସ୍ତରର ପାରା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିମାନେ ମତ ଦେଇଥିଲେ। ଓଡ଼ିଶା ଦଳ ଜାତୀୟସ୍ତରର ହ୍ୱିଲ ଚେୟାର ରଗବି ଚାମ୍ପିୟନ ଓ ପାରା ସନ୍ତରଣ ପ୍ରତିଯୋଗିତାରେ ନିଜର ପ୍ରତିଭା ପ୍ରଦର୍ଶନ କରିଛନ୍ତି। ସେହିପରି ବିଶ୍ୱ ଆଳିମ୍ପିକ ପ୍ରତିଯୋଗିତାରେ ଓଡ଼ିଶାର କ୍ରୀଡ଼ାବିତମାନେ ୧୨ ପଦକ ହାସଲ କରିଛନ୍ତି। ଏହି ସଫଳ କ୍ରୀଡ଼ାବିତଙ୍କ ମଧ୍ୟରେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଶ୍ୟାମସୁନ୍ଦରପୁର ଗ୍ରାମର ପ୍ରଶାନ୍ତ କୁମାର ନାୟକ, ଡେରାବିଶ ବ୍ଲକ ହରିଅଙ୍କ ଗ୍ରାମର ବଳରାମ ସ୍ୱାଇଁ, ପଟ୍ଟାମୁଣ୍ଡାଇ ବ୍ଲକ ଶ୍ରୀରାମପୁର ଗ୍ରାମର ସୁଧୀର ମଲ୍ଲିକ ଅଛନ୍ତି। ଏହି ସଫଳ ପାରା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧନା ପାଇଁ କେନ୍ଦ୍ରାପଡ଼ା ସହରର ମାଧପୁରସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଏକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଥିଲା। ପୁର୍ନବାସର ପ୍ରତିଷ୍ଠାତା ଡ. ବିଜୟା ରାଉତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେହେରା, ଜିଲା କ୍ରୀଡ଼ା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ଡା. ବିଶ୍ୱପ୍ରକାଶ କାନୁନ୍‌ଗୋ, ଅର୍ବାନ ବ୍ୟାଙ୍କ ପରିଚାଳନା କମିଟି ସଭାପତି ଗୁରୁପ୍ରସାଦ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ପ୍ରକାଶ କହିଥିଲେ, ଭିନ୍ନକ୍ଷମ ଏବେ ଦୟାର ପାତ୍ର ନୁହନ୍ତି। ଭିନ ଭାବେ ନିଜର କ୍ଷମତା ପ୍ରଦର୍ଶନ କରି ଜୀବନଯାପନ କରୁଛନ୍ତି। ଏହାର ଉଦାହରଣ ସମ୍ବର୍ଦ୍ଧିତ ପ୍ରତିଭାମାନେ ଦର୍ଶାଇଛନ୍ତି। ପୁର୍ନବାସ ପକ୍ଷରୁ ବିଭିନ୍ନ କାର୍ଯ୍ୟ ଏବେ ରାଜ୍ୟ ପାଇଁ ଉଦାହରଣ ସାଜିଛି। ଏହି ଅବସରରେ ଅତିଥିମାନେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିବା ସହ ଅନୁଷ୍ଠାନ ପକ୍ଷରୁ ପ୍ରକାଶିତ ପୁର୍ନବାସ ସମାଚାରର ଚଳିତ ସଂସ୍କରଣକୁ ଉନ୍ମୋଚିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଂଶୀଧର ମହାନ୍ତି, ମନୋରଞ୍ଜନ ସିଂହ, ସଞ୍ଜୀବ କୁମାର ଜେନା, ସ୍ୱପ୍ନାଂଶୁ ଦାସ, ମହମ୍ମଦ ଜାହିଦ, କ୍ଷୀରୋଦ କର ପ୍ରମୁଖ ପରିଚାଳନା କରିଥିଲେ।

## ପୁର୍ନବାସର ଜାତୀୟସ୍ତରର ପାରା କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧନା




# ଯୁବକଙ୍କ ମୃତଦେହ ଗୋବରୀ ନଦୀରୁ ଜବତ

ମହାକାଳପଡ଼ା, ୪।୧୨ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ଥାନା ଅନ୍ତର୍ଗତ ହଳଦୀବସନ୍ତ ଗ୍ରାମର ମନୋଜ କୁମାର ଦାସ (୪୨)ଙ୍କ ମୃତଦେହକୁ ଗୋବରୀ ନଦୀ କୂଳରୁ ପୋଲିସ ଜବତ କରିଛି। ଏହି ଗ୍ରାମର ମନୋଜ ଗୁରୁବାର ଭୋରୁ ଓଡ଼ି ରାସ୍ତାରେ ଚାଲି ଚାଲି ଯାଉଥିଲେ ବୋଲି ତାଙ୍କ ପରିବାର ଲୋକ ଲିଖିତ ଅଭିଯୋଗ କରିଛନ୍ତି। ପରେ ଅପରାହ୍ନରେ ଗୋବରୀ ନଦୀ ଓଡ଼ଗ ଘାଟ ସଂଲଗ୍ନ କୂଳରେ ତାଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ସ୍ଥାନୀୟ ଲୋକ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ବୋଲି ଥାନା ଅଧିକାରୀ ରାଜେନ୍ଦ୍ର କୁମାର ମହାପାତ୍ର ସୂଚନା ଦେଇଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ତଦନ୍ତ କରୁଛି। ତାଙ୍କର ମାନସିକ ସମସ୍ୟା ଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

# ଯୁବକଙ୍କୁ ଅପହରଣ, ୫ ଜଣଙ୍କୁ ଉଠାଇ ଆଣିଲା ପୋଲିସ

ରାଜନଗର, ୪।୧୨ (ଭାସ୍କର ରାଉତରାୟ)

ରାଜନଗର ଥାନା ଅନ୍ତର୍ଗତ ଡିଆପାରି ଗାଁର ବଳରାମ ସେଠୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ୫ ଜଣଙ୍କୁ ଉଠାଇ ଆଣି ପଚରାଉଚରା କରୁଛି। ବଳରାମଙ୍କର ସାନଭଉ ଗୋପାଳପୁର ବଜାରରେ ବିଦେଶୀ ଟିପି ବନ୍ଦ ମଦ ଦୋକାନ ନିକଟରେ ଚାଖଣା ଦୋକାନ ରହିଛି। ୫ ଦିନ ତଳେ ବଳରାମଙ୍କୁ ଅପହରଣ କରାଯାଇଥିଲା। ବଳରାମଙ୍କ ପୁଅ ଗୁଡ୍ଡୁ ରାଜନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏହି ଘଟଣାରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମାସେ ତଳେ ଚାଖଣା କିଣିବା ସମୟରେ ବଳରାମଙ୍କ ସହ କେତେଜଣ ଯୁବକଙ୍କ ପଟିତୁଣ୍ଡ ହୋଇଥିଲା। ପୋଲିସ ଏହି ଘଟଣାରେ ଗୁରୁବାର କୋଇଲିପୁର ଅଞ୍ଚଳରୁ ୫ ଜଣ ଯୁବକଙ୍କୁ ଉଠାଇ ଆଣି ପଚରାଉଚରା କରୁଛି।

# ଛାତରୁ ପଡ଼ି ରାଜମିସ୍ତ୍ରିଙ୍କ ମୃତ୍ୟୁ

ଡେରାବିଶ, ୪।୧୨ (ଦେବର୍ଷି ଅଜୟ ଦାସ)

କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକ କୁଶିଆପାଳ ଗ୍ରାମର ଖବରକାଗଜ ବିତରକ କିଶୋର ଦାସଙ୍କ ପୁଅ କଳ୍ପତରୁ (୪୫)ଙ୍କ ଗୁରୁବାର ଛାତରୁ ପଡ଼ି ମୃତ୍ୟୁ ହୋଇଛି। କଳ୍ପତରୁ ଜଣେ ରାଜମିସ୍ତ୍ରି ଓ ସେ ଟାଉନ ଥାନା ଅଧୀନ ଇଚ୍ଛାପୁରଠାରେ ଏକ ଘର କାମ କରୁଥିବା ବେଳେ ଅପରାହ୍ନରେ ଛାତରୁ ତଳେ ପଡ଼ି ଯାଇଥିଲେ। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କିଶୋର ଓ ଗ୍ରାମବାସୀ ଚିକିତ୍ସାଳୟରେ ପହଞ୍ଚିଥିଲେ। ସନ୍ଧ୍ୟାରେ ତାଙ୍କ ମୃତଦେହ କୁଶିଆପାଳ ଗ୍ରାମକୁ ସଂସ୍କାର ପାଇଁ ନିଆଯାଇଛି। ଏହି ଖବର ଜଣାପଡ଼ିବା ପରେ ଖବରକାଗଜ ବିତରକ ସଂଘ, ଏଜେଣ୍ଟ ଓ ଖବରଦାତାମାନେ ମୃତଦେହକୁ ଶ୍ରଦ୍ଧାଞ୍ଜଳି ଦେବା ସହ ପରିବାର ସଦସ୍ୟଙ୍କୁ ସାନ୍ତ୍ୱନା ପ୍ରଦାନ କରିଛନ୍ତି। ଅପରପକ୍ଷରେ ଟାଉନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ତଦନ୍ତ ଆରମ୍ଭ ହୋଇଛି।


କଳ୍ପତରୁ ଦାସ

# ବାଲ ବୈଜ୍ଞାନିକ ପ୍ରଦର୍ଶନୀରେ ୧୬୯ ପ୍ରକଳ୍ପ

ଆଳି, ୪।୧୨ (ବନମାଳୀ ସେନାପତି)

ଆଳି ମଣ୍ଡଳସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ଓ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅଟାଳ ପଞ୍ଚାୟତ ଉତ୍କଳମଣି ନୋଡାଲ ଉଚ୍ଚ ବିଦ୍ୟାପୀଠରେ ଅନୁଷ୍ଠିତ ହୋଇଯାଇଛି। ଆଳି ବିଇଓ ସଞ୍ଜୀବ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜଳବାୟୁ ବିଶେଷଜ୍ଞ ଶରତ କୁମାର ସାହୁ, ସମ୍ମାନିତ ଅତିଥି ଭାବେ ଏଡିଓ ଜ୍ୟୋତିପୁଷ୍ପା ମହାନ୍ତି, ପାବନି କୁମାର ରାଉତ, ନିଶିଥ କୁମାର ବାରିକ, ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତିମୟୀ ରାଉତ, ଅଟାଳ ସରପଞ୍ଚ ସମ୍ପଦ ବଳ, ମଣ୍ଡଳ ବିଜ୍ଞାନ ସମାଜ ସମ୍ପାଦକ ଶୁଭ୍ରକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ବିଭିନ୍ନ ବିଦ୍ୟାଳୟ ପକ୍ଷରୁ ୧୬୯ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ଉଦ୍‌ଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୋଡାଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକ ଓ ନୋଡାଲ ସିଆରସିସି ସୁନୀଲ ସାହୁ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ଲାହା, ଅକ୍ଷୟ ଦାସ, ଶିବପ୍ରସାଦ ସାହୁ, ବୀର କିଶୋର ସୁତାରଙ୍କ ସହ ଅନ୍ୟମାନେ ପରିଚାଳନା କରିଥିଲେ।



ବ୍ଲକସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀରେ ମଞ୍ଚାସୀନ ଅତିଥି।

# କିଷାନ କଂଗ୍ରେସର କୃଷି ସମସ୍ୟାର ସମାଧାନ ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଜିଲା କିଷାନ କଂଗ୍ରେସର କର୍ମକର୍ତ୍ତାମାନେ।

କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲା କିଷାନ କଂଗ୍ରେସ ପକ୍ଷରୁ କୃଷି ସମସ୍ୟାର ସମାଧାନ ପାଇଁ ଅତିରିକ୍ତ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଗୁରୁବାର ପ୍ରଦାନ କରାଯାଇଛି। ଜିଲା କିଷାନ ସେଲ୍ ସଭାପତି ଜୟଦେବ ପରିଡ଼ା ଏ ସମ୍ପର୍କରେ କହିଛନ୍ତି, ଭାଜପା ସରକାର କୃଷି ସମସ୍ୟା ପ୍ରତି ଧ୍ୟାନ ଦେଉନାହାନ୍ତି। ବିଭିନ୍ନ ସମସ୍ୟାରେ ଛନ୍ଦିହୋଇଥିବା ଚାଷୀ ଓ ଭାଗ ଚାଷୀ ଏବେ ସାମାଜିକ ଏବଂ ଆର୍ଥିକ ସୁରକ୍ଷା ଖୋଜୁଛନ୍ତି। ଏହି ଜିଲାରେ ଖରିଫ ଚାଷ ଅମଳ ଆରମ୍ଭ ହୋଇଛି। ଆସନ୍ତା ଜାନୁଆରୀଠାରୁ ସରକାରୀ ମଣ୍ଡିରେ ଚାଷୀଙ୍କ ବଳକା ଧାନ ବିକ୍ରୟ ହେବ। ଏହି ଅର୍ଥରେ ପରିବାର ଭରଣପୋଷଣ ସହ ଅନ୍ୟ ଉନ୍ନତି ପାଇଁ ସଞ୍ଚୟ କରିବେ। ମାତ୍ର ସରକାରୀ ମଣ୍ଡିରେ କଟ୍‌ନିଛଟ୍‌ବିନା ବନ୍ଦ ହେବା ଲକ୍ଷ୍ୟ କରାଯାଉନାହିଁ। ସାଧାରଣ ଚାଷୀ ଫସଲ ବୀମା କରୁଥିଲେ ମଧ୍ୟ କ୍ଷତିପୂରଣ ମିଳୁନାହିଁ। ସେହିପରି ଚାଷୀଙ୍କ ବୟସ ୫୫ ପରେ ମାସିକ ୧୦ ହଜାର ଟଙ୍କା ଭତ୍ତା ବ୍ୟବସ୍ଥା, ଉତ୍ପାଦିତ ଫସଲର ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ପ୍ରତିଷ୍ଠା, କ୍ଷେତକୁ ଜଳ ପରିଚାଳନା ଅର୍ଥ ଜଳ ନିଷ୍କାସନ ଓ ସେଚନ ପ୍ରଣାଳୀକୁ ଠିକ୍ କରିବା, ଠିକ୍ ସମୟରେ ସାର, ବିହନ ଯୋଗାଇବା ସହ ଉନ୍ନତ ଅର୍ଥନୈତିକ ଫସଲର ଶ୍ରୀବୃଦ୍ଧି ପାଇଁ ଯୋଜନା ଦିଆଯିବା ଏବଂ ଆଦିର ଦାବି ରହିଥିବା କିଷାନ ସେଲ୍ ସଭାପତି ପରିଡ଼ା ମତ ଦେଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲା କଂଗ୍ରେସର କର୍ମକର୍ତ୍ତା ସସ୍ମିତା ପଣ୍ଡା, ସିପ୍ରା ମଲ୍ଲିକ, ବିଧୁଭୂଷଣ ମହାପାତ୍ର, ରଶ୍ମିରଞ୍ଜନ ଚୌଧୁରୀ, ହଲଧର ସେଠୀ ପ୍ରମୁଖଙ୍କ ସହ ୫୦ରୁ ଊର୍ଦ୍ଧ୍ୱ କର୍ମୀ ଓ ନେତା ସାମିଲ ହୋଇଥିଲେ।

# ଟେଲ ଟ୍ୟାଙ୍କର ଚାଳକଙ୍କୁ ନେଇ ଡ୍ରଗ୍ସ ସଚେତନତା

ପାରାଦୀପ, ୪।୧୨ (ଶରତ ରାଉତ)

ପାରାଦୀପ ଏଚ୍‌ପିସିଏଲ ଟେଲ ଟର୍ମିନାଲ ସମ୍ମୁଖରେ ଗୁରୁବାର ୱାଦା (ୱାର ଏଗେନ୍‌ଷ୍ଟ ଡ୍ରଗ୍ସ ଆବ୍ୟୁଜ୍) ସଙ୍ଗଠନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ମୁଖ୍ୟ ଗତିକୃଷ୍ଣ ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟର୍ମିନାଲ ଡିଜିଏମ୍ ଗୁରୁଚରଣ ସିଂହ, ପ୍ଲାଣ୍ଟ ଅଫିସର ପ୍ରଶାନ୍ତ କୁମାର ଠାକୁର, ବିଏମ୍‌ଏସ୍ ଜିଲା ସଭାପତି ଅବିନାଶ ସ୍ୱାଇଁ, ଯୁବ ସଙ୍ଗଠକ ମିହିର ରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଭାରିଯାନ ଚାଳକଙ୍କୁ ସାମିଲ କରାଯାଇଥିଲା। ଭାରତରେ ସରକାରୀ ଭାବେ ଅବୈଧ ଡ୍ରଗ୍ସ ସେବନ କରିବା ଏବଂ ବିକ୍ରିବା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଏହାଦ୍ୱାରା ଯୁବପିଢ଼ି ପଥଭ୍ରଷ୍ଟ ହେଉଛନ୍ତି ବୋଲି ଡିଜିଏମ୍ ସିଂହ କହିଥିଲେ। ଏଥିରେ କୁଜଙ୍ଗ ଅଞ୍ଚଳର ଛାତ୍ରଛାତ୍ରୀ ଓ ସଙ୍ଗଠନର କର୍ମକର୍ତ୍ତାମାନେ ସାମିଲ ହୋଇଥିଲେ।

# ବ୍ଲକସ୍ତରୀୟ ଏମ୍‌ପି ଖେଳ ମହୋତ୍ସବ

ପାଟକୁରା, ୪।୧୨ (ରବୀନ୍ଦ୍ର ନାଥ ବାରିକ)

ପାଟକୁରା ନିର୍ବାଚନମଣ୍ଡଳୀ ଗରଦପୁର ବ୍ଲକସ୍ତରୀୟ ଏମ୍‌ପି ଖେଳ ମହୋତ୍ସବ କୋଡ଼ୁଆ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ କେନ୍ଦ୍ରାପଡ଼ା ଜିଲାପାଳ ରଘୁରାମ ଆର୍ ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କଲାପରେ ବ୍ଲକର ୧୮ ପଞ୍ଚାୟତର ଶତାଧିକ ଛାତ୍ରଛାତ୍ରୀ ୮ ପ୍ରକାର ବିଭିନ୍ନ ଖେଳରେ ଭାଗ ନେଇଥିଲେ। କେନ୍ଦ୍ରାପଡ଼ା ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ସମଗ୍ର ଲୋକ ସଭା ମଣ୍ଡଳୀରେ ଏହି ଖେଳ ଅନୁଷ୍ଠିତ ହେଉଛି। ପାଟକୁରା ନିର୍ବାଚନମଣ୍ଡଳୀ ପାଇଁ ଏମ୍‌ପି ଖେଳ ମହୋତ୍ସବର ମୁଖ୍ୟ ସଂଯୋଜକ ଭାବେ ରାଜ୍ୟ ଭାଜପା ପ୍ରବକ୍ତା ତେଜେଶ୍ୱର ପରିଡ଼ାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପିଙ୍କ ପ୍ରତିନିଧି ମହିମାନନ୍ଦ ସ୍ୱାଇଁ, ଯୁବନେତା ସେକ୍ ସଲିମ, ପାଟକୁରା ନିର୍ବାଚନମଣ୍ଡଳୀ ଏମ୍‌ପି ଖେଳ ମହୋତ୍ସବ ଜିଲା ସଂଯୋଜକ ଜ୍ୟୋତିରାଣୀ ଜେନା, ବରିଷ୍ଠ ଭାଜପା ନେତା ପ୍ରସନ୍ନ କୁମାର ପଣ୍ଡା, ଜିଲା ଭାଜପା କାର୍ଯ୍ୟକାରିଣୀ ସଦସ୍ୟ ବିଜୟ କୁମାର ନାୟକ, ମଣ୍ଡଳ ସଭାପତି ଚିତ୍ତ ରଞ୍ଜନ ଚୌଧୁରୀ, ଭାଜପା ରାଜ୍ୟ ପରିଷଦ ସଭ୍ୟ ଅଞ୍ଜନ ବେହେରା, ଜିଲା ପରିଷଦ ସଭ୍ୟା ଡଲି ଶତପଥୀଙ୍କ ସମେତ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ, ବିଡିଓ ଆଲୋକ କୁମାର ସେଠୀ, ସରପଞ୍ଚ ମାନସ ରାଉତ, ଅମିୟ ଜେନା, ପ୍ରଞ୍ଜା ପ୍ରିୟଦର୍ଶିନୀ ଦାସ, ନିର୍ମଳା ନାୟକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।


ଜିଲାପାଳ ରଘୁରାମ ଆର୍ ଆୟର ଖେଳ ମହୋତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# ବିପ୍ଳବୀ ଆନନ୍ଦ ଚନ୍ଦ୍ର ଟୁର୍ଣ୍ଣାମେଣ୍ଟ ପ୍ରସ୍ତୁତି ବୈଠକ

ରାଜକନିକା, ୪।୧୨ (ରବୀନ୍ଦ୍ର କୁମାର ଦାସ)

ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘ ତାଳିକାଏଡ଼ା ଆନୁକୂଲ୍ୟରେ ସୁବର୍ଣ୍ଣ ଜୟନ୍ତୀ ଓଥା ୫୦ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ୨୬ ତାରିଖ ଆରମ୍ଭ ହେବ। କନିକା ଭାସ୍କର, ତାଳିକାଏଡ଼ା ରତ୍ନ ଓଥା ସୁବର୍ଣ୍ଣ ଜୟନ୍ତୀ କମିଟିର ସଭାପତି ଡ. ହୟଗ୍ରୀବ ଗୁରୁଙ୍କ ସଭାପତିତ୍ୱରେ ୫ଟି କ୍ରିକେଟ ଟିମର କ୍ୟାପଟେନ ଓ ଭ୍ରୂକ ସମ୍ପାଦକଙ୍କୁ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଟୁର୍ଣ୍ଣାମେଣ୍ଟ କିପରି ଶୃଙ୍ଖଳିତ ଭାବେ ୨୬ ରୁ ଜାନୁଆରୀ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ଆସନ୍ତା ୨୫ ତାରିଖ ଅପରାହ୍ନରେ ତ୍ରୁଟି ଉନ୍ମୋଚିତ ହେବା ସହ ସନ୍ଧ୍ୟାରେ କୁମାର ବାପି ମେଲୋଡି ଗ୍ରୁପକୁ ନେଇ ଏକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ କୈଳାସ ଚନ୍ଦ୍ର ସେଠୀ ସଂଯୋଜନା କରିଥିବା ବେଳେ ସୁବର୍ଣ୍ଣ ଜୟନ୍ତୀ କମିଟିର କାର୍ଯ୍ୟକାରୀ ସଭାପତି ବିଦ୍ୟାଧର ବେହେରା, ଉପସଭାପତି ନିଗମାନନ୍ଦ ସାହୁ, କୋଷାଧ୍ୟକ୍ଷ ବସୁଦେବ ସ୍ୱାଇଁ, ସୁବର୍ଣ୍ଣ ଜୟନ୍ତୀ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ, ସହସମ୍ପାଦକ ପ୍ରେମାନନ୍ଦ ବିଶ୍ୱାଳ, ସମିତି ସଭ୍ୟ ଅମିତ ନାୟକ, ଗ୍ରାମ ସଭାପତି ରବୀନ୍ଦ୍ର ସ୍ୱାଇଁ, ଉପଦେଷ୍ଟା ରଣଜିତ ନାୟକ, ଅନିରୁଦ୍ଧ ସେଠୀ, ପରେଶ ରାଉତ ଥିଲେ। ବିପ୍ଳବୀ ଆନନ୍ଦ ଚନ୍ଦ୍ର ଯୁବକ ସଂଘର ସଭାପତି ପ୍ରମୋଦ ରାଉତ, ଉପସଭାପତି ପ୍ରକାଶ ବେହେରା, ସମ୍ପାଦକ ସରୋଜ ବେହେରା, ବିଶ୍ୱାମିତ୍ର ଜେନା, ସହ ସମ୍ପାଦକ ଅଜିତ କୁମାର ଗୁରୁ, ଦ୍ଲବ ସଭ୍ୟ ପ୍ରଶାନ୍ତ ମହଲା, ପ୍ରେମଚାନ୍ଦ ରାଉତ, ସୁବ୍ରତ ବେହେରା, ସୁମନ ସ୍ୱାଇଁ, ଟିଟିନ ସ୍ୱାଇଁ, ପିଣ୍ଟୁ ରାଉତଙ୍କ ସମେତ ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।


ଟୁର୍ଣ୍ଣାମେଣ୍ଟର ପ୍ରସ୍ତୁତି ବୈଠକରେ ଯୋଗଦେଇଥିବା କର୍ମକର୍ତ୍ତାମାନେ।

# ଉପକୂଳ ଜାତୀୟ ରାଜପଥ ସାଗରମାଳା ପ୍ରକଳ୍ପର ନକ୍ସା ପରିବର୍ତ୍ତନକୁ ବିରୋଧ

ନାଉଗାଁ, ୪।୧୨ (ସୁଧା ବେହେରା)

ଜଗତସିଂହପୁର ଜିଲା ନାଉଗାଁ ବ୍ଲକ ଅନ୍ତର୍ଗତ କାଦମ୍ବିନୀ ମଣ୍ଡପ ପରିସରରେ ଗୁରୁବାର ନାଉଗାଁ ବିକାଶ ପରିଷଦ ପକ୍ଷରୁ ଉପକୂଳ ଜାତୀୟ ରାଜପଥ ସାଗରମାଳା ପ୍ରକଳ୍ପର ନକ୍ସା ପରିବର୍ତ୍ତନ ପ୍ରତିବାଦରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବ ନିର୍ଦ୍ଧାରିତ ନକ୍ସା ଉପରେ ରାଜପଥ କାର୍ଯ୍ୟ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାରତ ସରକାରଙ୍କ ଉପକୂଳ ଜାତୀୟ ରାଜପଥ ଯୋଜନାରେ ରାମେଶ୍ୱରଠାରୁ ପାରାଦୀପ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବାକୁ ସର୍ଭେ କରାଯାଇଥିଲା। ଉକ୍ତ ସର୍ଭେ ଅନୁସାରେ ଜାତୀୟ ରାଜପଥ ପୁରୀ ଜିଲା କାକଟପୁରରୁ ନାଉଗାଁ ବ୍ଲକର ଓଡ଼ଶରା, କୋଟୁଆ, ଡାବର ପଞ୍ଚାୟତ ଦେଇ ବାଲିକୁଦା ଓ ଏରସମା ବ୍ଲକକୁ ସଂଯୋଗ କରିବ ବୋଲି ଦର୍ଶାଯାଇଥିଲା। ଉକ୍ତ ନକ୍ସାକୁ ପରିବେଶ ଓ ପ୍ରଦୂଷଣ ମନ୍ତ୍ରାଳୟର ସମ୍ମତି ପ୍ରଦାନ କରିଥିଲା। ଏପରିକି ଯେଉଁ ଅଞ୍ଚଳ ଦେଇ ଉକ୍ତ ରାଜପଥ ଯିବାର ସ୍ଥିର କରାଯାଇଥିଲା, ଉକ୍ତ ଅଞ୍ଚଳର ଜମି ଅଧିଗ୍ରହଣ ପାଇଁ ସ୍ଥାନୀୟ ତହସିଲଦାର ଓ ପ୍ରଶାସନିକ ଅଧିକାରୀମାନେ ବାରମ୍ବାର ପରିଦର୍ଶନ କରିଥିଲେ। ରାଜପଥ ନିର୍ମାଣ ପାଇଁ ଚାଷୀମାନଙ୍କର ଚାଷଜମିକୁ ଚାଷ କାର୍ଯ୍ୟରୁ ମଧ୍ୟ ନିବୃତ୍ତ ରଖାଯାଇଥିଲା। କିନ୍ତୁ ପୂର୍ବ ନକ୍ସାକୁ ବାଦ୍ ଦେଇ ବର୍ତ୍ତମାନ ଉକ୍ତ ରାଜପଥକୁ କାକଟପୁରରୁ ନାଉଗାଁ ଦେଇ ଏରସମାକୁ ସଂଯୋଗ କରିବା ପରିବର୍ତ୍ତେ କାକଟପୁରରୁ ଅସ୍ତରଙ୍ଗ ଦେଇ ଏରସମାକୁ ସଂଯୋଗ କରିବା ପାଇଁ ଯୋଜନା ଚାଲିଛି। ଉକ୍ତ ବାଟ ଦେଇ ରାଜପଥ ନିର୍ମାଣ କରାଗଲେ ନଦୀ ମୁହାଣ ନିକଟରେ ଦୀର୍ଘତମ ସେତୁ ନିର୍ମାଣ ଯୋଗୁ ନଦୀରୁ ଜଳ ନିଷ୍କାସନରେ ବାଧା ସୃଷ୍ଟି ହେବ। ଉକ୍ତ ରୁଟ ଦେଇ ପ୍ରବାହିତ ଦେବୀ ନଦୀରେ ବର୍ଷା ଦିନେ ଘାଇ ସୃଷ୍ଟି ହେବା ସହ ବନ୍ୟା ହେବାର ଆଶଙ୍କା ରହିଛି। ସେହିପରି ରାଜପଥ ନିର୍ମାଣ ଫଳରେ ନଦୀ କୂଳରେ ଶତାଧିକ ଏକର ହେନ୍ତାଳ ବଣ ନଷ୍ଟ ହେବାର ସମ୍ଭାବନା ରହିଛି। ସେତୁ ଯୋଗୁ ନଦୀ ମୁହାଣରେ ବାଲିରେ ସୃଷ୍ଟି ହେବ। ଫଳରେ ଅଲିଭ୍ ରିଡଲେ କଇଁଛମାନଙ୍କର ଅଣ୍ଡା ଦେବାରେ ବାଧା ଉପୁଜିବ। ସାମୁଦ୍ରିକ ଜୁଆର ଜିବା ଆସିବାରେ ବାଧା ସୃଷ୍ଟି ହେବ। ଏପରି ହେଲେ ବହୁ ହଜାର ମତ୍ସଜୀବୀ ନିଜର ଜୀବିକା ହରାଇବେ। ତେଣୁ ପୂର୍ବ ନକ୍ସା ଅନୁସାରେ ରାଜପଥ ନିର୍ମାଣ କରିବାକୁ ସମ୍ମିଳନୀରେ ଦାବିକରାଯାଇଥିଲା। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉଦେନ୍ଦ୍ରନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃଷ୍ଣା ଲେଙ୍କା, ଉପାଧ୍ୟକ୍ଷ ସୁଜିତ ପୁହାଣ, ପୂର୍ବତନ ମହାନ୍ତି, ପରିଷଦ ସଭାପତି ସୁବାସ ବିଶ୍ୱାଳ, ସମ୍ପାଦକ ବାବୁଲି ଚରଣ ପରିଡ଼ା, ପୂର୍ବତନ ଜିଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ଭାଜପାର ପୂର୍ବତନ ନାଉଗାଁ ମଣ୍ଡଳ ସଭାପତି ନିଳୁରାମ ଜେନା, ପରିଷଦ କୋଷାଧ୍ୟକ୍ଷ ବିଷ୍ଣୁଚରଣ ବିଶ୍ୱାଳ, ବାଲିକୁଦା ବ୍ଲକର ଜିଲା ପରିଷଦ ସଭ୍ୟ ଜଗଦାଧାରୀ ଦାସ, ଶିଶିର ସ୍ୱାଇଁ ଜନପ୍ରତିନିଧି, ବୁଦ୍ଧିଜୀବୀ ଓ ଦଳୀୟ କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।

# ଭିନ୍ନକ୍ଷମ ଜୀବନ ନିର୍ବାହରେ କଠିନତାର ସମ୍ମୁଖୀନ ହୁଅନ୍ତି

ପଟ୍ଟାମୁଣ୍ଡାଇ, ୪।୧୨ (କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ପକ୍ଷରୁ ବ୍ଲକ ସମ୍ମିଳନୀ କକ୍ଷଠାରେ ବିଶ୍ୱ ଭିନ୍ନକ୍ଷମ ଦିବସକୁ ନେଇ ଏକ ଆଇନ ସଚେତନା ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପଟ୍ଟାମୁଣ୍ଡାଇ ତାଲୁକ ଆଇନ ସେବା ସମିତି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲା ଦୌରା ଜଜ୍ ବିଦ୍ୟାଧର ପୃଷ୍ଟି ମଞ୍ଚାସୀନ ହୋଇ ଆଇନ ସେବା ସମିତି ଦ୍ୱାରା ଭିନ୍ନକ୍ଷମମାନଙ୍କ ଜିବିତ ଉତ୍ତୋଳନ ହେବ, ସେମାନଙ୍କ ପାଇଁ ସମ୍ବିଧାନରେ ଥିବା ବିଭିନ୍ନ ଆଇନ ବିଷୟ ନେଇ ସଚେତନ କରିଥିଲେ। ଭାରତରେ ଜନସଂଖ୍ୟାର ୨.୧ ପ୍ରତିଶତ ଭିନ୍ନକ୍ଷମ ରହୁଥିବାବେଳେ ସେମାନେ ଜୀବନ ନିର୍ବାହରେ ଯାବତୀୟ କଠିନତାର ସମ୍ମୁଖୀନ ହୋଇଥାନ୍ତି। ସେଥିପାଇଁ ୧୯୯୫ରେ ଏକ ଭିନ୍ନକ୍ଷମ ଆଇନର ପ୍ରଣୟନ କରାଯାଇଥିଲା। ପରବର୍ତ୍ତୀ ସମୟ ଏହି ଆଇନକୁ ସଂଶୋଧନ କରି ୨୦୧୬ରେ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କ ଅଧିକାର ଅଧିନିୟମ ବିଧେୟକକୁ ନେଇ ନୂତନ ଆଇନ କରାଯାଇଥିଲା। ଏହି ନୂତନ ଭିନ୍ନକ୍ଷମ ଆଇନ ଅଧିକ ବିସ୍ତୃତ ଭାବେ ପ୍ରତ୍ୟେକ ବିଗ ଯେପରି ଶିକ୍ଷା, ସାମାଜିକ ସୁରକ୍ଷା, ନିଯୁକ୍ତି ଓ ସ୍ୱତନ୍ତ୍ର ଯୋଜନା ତଥା ବିକାଶମୂଳକ କାର୍ଯ୍ୟକ୍ରମ ପ୍ରଭୃତି କ୍ଷେତ୍ରରେ ସୁନିଶ୍ଚିତ ଆରକ୍ଷଣର ବ୍ୟବସ୍ଥା କରାଯାଇ ବିଭିନ୍ନ ବର୍ଗ ପାଇଁ ସଂରକ୍ଷଣ ପ୍ରଶିକ୍ଷଣକୁ ସୁନିଶ୍ଚିତ କରାଯାଇଛି। ଯଦି ଭିନ୍ନକ୍ଷମ ବ୍ୟକ୍ତି ଏହି ନୂତନ ଆଇନରେ ଥିବା ସେମାନଙ୍କର ଅଧିକାର ସମ୍ପର୍କିତ ପ୍ରାବଧାନ ସମ୍ପର୍କରେ ଅବଗତ ହୋଇପାରିବେ, ତେବେ ସେମାନେ ସେମାନଙ୍କ ନ୍ୟାୟିକ ଅଧିକାର ପାଇବା ସହ ଏହି ଆଇନର ଉଦ୍ଦିଷ୍ଟ ଲକ୍ଷ୍ୟ ସାଧନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ପଟ୍ଟାମୁଣ୍ଡାଇ ଓକିଲ ସଂଘ ଉପସଭାପତି ସୁରେଶ ନରେନ୍ଦ୍ର ସ୍ୱାଗତ ଭାଷଣ ଓ ଆଇନଜୀବୀ ଧୀରେନ୍ଦ୍ର ନାଥ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ଓକିଲ ସଂଘ ସମ୍ପାଦକ ରବୀନ୍ଦ୍ର ଦାଶ, ଆଇନଜୀବୀ ଭବାନୀ ଶଙ୍କର ପଣ୍ଡା, ହୃଦାନନ୍ଦ ମହାନ୍ତି, ରିମେନ୍ଦ୍ର ଗୀତାଞ୍ଜଳି ପୃଷ୍ଟି, ଶିକ୍ଷାବିତ ବିଜୟ ରାଉତ, ସୁନୀତା ବେହେରା, ପ୍ରଫୁଲ୍ଲ ଦାଶ ସମେତ ଆଇନଜୀବୀମାନେ ଯୋଗଦେଇଥିଲେ। ଏଥିରେ ବ୍ଲକ, ପୌରାଞ୍ଚଳର ଭିନ୍ନକ୍ଷମମାନେ ଭାଗ ନେଇଥିଲେ।



ତାଲୁକ ଆଇନ ସେବା ସମିତି ପକ୍ଷରୁ ଭିନ୍ନକ୍ଷମ ଦିବସରେ ଉପସ୍ଥିତ ଅତିଥି।

# ୯ଦିନ ପରେ ବି ନୂତନ ସ୍ଥାନରେ ଯୋଗଦେଲେନି ଶିକ୍ଷକ

## ବିଇଓଙ୍କ ବଦଳି ଆଦେଶକୁ ଫୁ ଘଟଣା

### ୮ ସ୍କୁଲ କର୍ତ୍ତୃପକ୍ଷଙ୍କ ଚାପ ଯୋଗୁ ନୂତନ ସ୍ଥାନରେ ଯୋଗଦେଇପାରୁନି

ରାଜନଗର, ୪।୧୨ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଶିକ୍ଷକ ସଙ୍କଟ ଦୂରକରିବା ପାଇଁ ନଭେମ୍ବର ୨୬ଠାରୁ ବିଇଓ ଶିକ୍ଷକଙ୍କୁ ସାମୟିକ ଭାବେ ପାଠ ପଢ଼ାଇବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଶିକ୍ଷକ ଜଣଙ୍କ ଗୁରୁବାର ଯାଏ କାର୍ଯ୍ୟରେ ଯୋଗଦେଇନାହାନ୍ତି। ସରକାରୀ ଚିଠିର ୯ଦିନ ପରେ ବି ଶିକ୍ଷକ ଜଣଙ୍କ ନୂତନ ବିଦ୍ୟାଳୟରେ ଯୋଗ ନ ଦେବାକୁ ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିକ୍ଷକ ଜଣଙ୍କ ବିଇଓଙ୍କ ନିର୍ଦ୍ଦେଶକୁ ଫୁ କରି ଉଚ୍ଚାଧିକାରୀଙ୍କ ତାଗିଦ୍ ପାଇଁ ଚାଲେଞ୍ଜ କରିଥିଲେ। ସହକାରୀ ଶିକ୍ଷକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ତାଙ୍କ ଦରମା ବନ୍ଦ କରାଯାଇଥିଲା। କାରଣ ଦର୍ଶାଅ ନୋଟିସର ଉତ୍ତର ଶିକ୍ଷକ ନିରଞ୍ଜନ ପଲାଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଦେଇଛନ୍ତି। ଉତ୍ତରରେ ସମ୍ପୃକ୍ତ ସ୍କୁଲ ଓ କର୍ତ୍ତୃପକ୍ଷଙ୍କ ପ୍ରବଳ ଚାପ ଯୋଗୁ ନୂଆଗାଁ ସ୍କୁଲରେ କ୍ଲାସ କରିବାର କୌଣସି ସୁଯୋଗ ପାଉନାହିଁ। ଏଥିସହ ଯେଉଁଦିନ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ବନ୍ଦ କରି ରାସ୍ତାରେ ବସିଥିଲେ ସେଦିନ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ କୁମାର ସାହୁ ବିଇଓଙ୍କ ସହ ଟେଲିଫୋନରେ କଥା ହୋଇଥିଲେ। ବଦଳି ଅର୍ଡର ବୋଲି କରିବାକୁ ଟେଲିଫୋନରେ ପ୍ରତିଶ୍ରୁତି ଦେଇଥିଲେ। ସେଥିପାଇଁ ଶିକ୍ଷକ ଜଣଙ୍କ ନୂତନ ସ୍ଥାନରେ ଯୋଗ ଦେଇ ନ ଥିବା କାରଣ ଦର୍ଶାଅ ନୋଟିସର ଉତ୍ତରରେ ଜଣାଇଛନ୍ତି। ସହକାରୀ ଶିକ୍ଷକ ଜଣଙ୍କ ନୂତନ ସ୍ଥାନରେ ଯୋଗଦେବା ପାଇଁ ଅର୍ଡର ପାଇବାର ୯ ଦିନ ପରେ ବି ଯୋଗ ନ ଦେବା ବିଦ୍ୟାଳୟର ଚାପ ଥିବା ଦର୍ଶାଇବା ଘଟଣା ବୁଦ୍ଧିଜୀବୀ ଓ ଶିକ୍ଷକ ମହଲରେ ଉଦ୍‌ବେଗ ସୃଷ୍ଟି କରିଛି। ଡେରା ପଞ୍ଚାୟତ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ୮ଟି ଶ୍ରେଣୀକୁ ମାତ୍ର ୨ ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବ ପାଇଁ ବିଦ୍ୟାଳୟରେ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ମଧ୍ୟାହ୍ନଭୋଜନ ଓ ପିଲାଙ୍କ ଜଗିବାରେ ୨ଜଣ ଶିକ୍ଷକଙ୍କ ସମୟ ଯାଉଛି। ଅଭିଭାବକମାନେ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ନଭେମ୍ବର ୨୬ରେ ତାଲା ପକାଇଥିଲେ। ହତିନାଗିଡ଼ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୦ଟି ଶ୍ରେଣୀ ପାଇଁ ୨୨ଜଣ ଶିକ୍ଷକ ଥିବାରୁ ସହକାରୀ ଶିକ୍ଷକ ନିରଞ୍ଜନ ପଲାଇଙ୍କୁ ନୂଆଗାଁ ଉନ୍ନୀତ ଉପ୍ରା ବିଦ୍ୟାଳୟରେ ଯୋଗଦେବା ପାଇଁ ବିଇଓ ଅର୍ଡର କରିଥିଲେ। ୨୬ ତାରିଖ ଅପରାହ୍ନରେ ହାତିନାଗିଡ଼ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ପିଲାଙ୍କ ପାଖରେ ଏହି ନିର୍ଦ୍ଦେଶ ପହଞ୍ଚିଥିଲା। ୨୭ ସକାଳେ ପଲାଇ ନୂଆଗାଁ ବିଦ୍ୟାଳୟରେ ଯୋଗଦେବାକୁ ଗଲେ ନାହିଁ। ବରଂ ଲକ୍ଷ୍ମୀବରାହ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଫାଟକରେ ୨୭ତାରିଖ ସକାଳ ୯ଟାବେଳେ ତାଲା ପକାଇ ଛାତ୍ରଛାତ୍ରୀ ବିଦ୍ୟାଳୟ ସମ୍ମୁଖ ମୁଖ୍ୟ ରାସ୍ତାରେ ବସିଥିଲେ। ଛାତ୍ରଛାତ୍ରୀଙ୍କୁ କିଏ ରାସ୍ତାକୁ ଆଣିଲା ଏହାକୁ ନେଇ ପ୍ରଶ୍ନ ଉଠିଛି। ୮ଟି ଶ୍ରେଣୀ ପାଇଁ ୨୨ ଜଣ ଶିକ୍ଷକ ଥିବାବେଳେ ଜଣେ ଶିକ୍ଷକଙ୍କୁ ସାମୟିକ ବଦଳି ନିର୍ଦ୍ଦେଶ ପରେ ଛାତ୍ରଛାତ୍ରୀଙ୍କୁ ରାସ୍ତାକୁ ଆଣିବା ବିଇଓ ମନୋରଞ୍ଜନ ସେଠୀଙ୍କ ପରିଚାଳନା ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ଦଶମ ଶ୍ରେଣୀ ଛାତ୍ରୀଙ୍କ ଆତ୍ମହତ୍ୟା

ଗଞ୍ଜାମ, (ବିଦ୍ୟାଧର ସାହୁ): ଗଞ୍ଜାମ ଥାନା ଅଞ୍ଚଳରେ ଜଣେ ଦଶମ ଶ୍ରେଣୀ ଛାତ୍ରୀ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ଖବର ପାଇ ଗଞ୍ଜାମ ପୋଲିସ ମୃତଦେହ ଜବତ କରିବା ସହ କେଶ୍ ନଂ. ୧୬ / ୨୫ରେ ଅପମୃତ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଯାଇଛି। ମୃତ୍ୟୁର କାରଣ ଏବେ ବି ଅସ୍ପଷ୍ଟ ରହିଛି। ରିପୋର୍ଟ ଆସିବା ପରେ ପ୍ରକୃତ ଘଟଣା ଜଣା ପଡ଼ିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି। ମୃତ ଛାତ୍ରୀଙ୍କ ଘର ହୁମା ହୋଇଥିବା ବେଳେ ସେ ଅଜା ଘର ପୁଲିଁତୋଳା ଗ୍ରାମରେ ରହି ପଢ଼ୁଥିଲେ।

**ସଂକ୍ଷେପରେ**

### ଦାରିଙ୍ଗବାଡ଼ିର ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ

ଦାରିଙ୍ଗବାଡ଼ି,୪।୧୨ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ିରେ ପୁଣି ଶୀତ ବଢ଼ିଛି। ଗୁରୁବାର ତାପମାତ୍ରା ହ୍ରାସ ପାଇ ସର୍ବନିମ୍ନ ୯ ଡିଗ୍ରୀରେ ପହଞ୍ଚିଛି। ସେହିପରି ଘନ କୁହୁଡି ଆଚ୍ଛାଦିତ ହୋଇ ରହିଥିବାରୁ ଶୀତ ଦ୍ୱିଗୁଣିତ ଅନୁଭୂତ ହେଉଥିବା କୁହାଯାଉଛି। ଖବର ଲେଖିବା ସୁଦ୍ଧା କୁହୁଡ଼ିର ପ୍ରଭାବ ରହିଥିବାରୁ ଗାଡ଼ି ଚଳାଚଳରେ ସମସ୍ୟା ଉପୁଜୁଛି। ଏହାସହ ଲୋକମାନେ କର୍ମ କ୍ଷେତ୍ରକୁ ଯିବାପାଇଁ ଲୋକମାନେ ନାନା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଶୀତର ମଜା ନେବାକୁ ପର୍ଯ୍ୟଟକମାନେ ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ବୁଲୁଥିବା ଦେଖିବାକୁ ମିଳିଛି।

### ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ

କବିସୂର୍ଯ୍ୟନଗର,୪।୧୨(କୃପାସିନ୍ଧୁ ସ୍ୱାଇଁ): ଜିଲା ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ କବିସୂର୍ଯ୍ୟନଗର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଠାରୁ ଏକ ସଚେତନତା ରାଲି ବାହାରି ନଗର ପରିକ୍ରମା କରିଥିଲା। ଏଥିରେ ଦିବ୍ୟାଙ୍ଗଙ୍କ ସହ ଅଭିଭାବକ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଏକ ସଭା ହୋଇଥିଲା। ଏହାକୁ ମୁଖ୍ୟ ଅତିଥି ଗୋଷ୍ଠୀ ଶିକ୍ଷାଧିକାରୀ ସାହୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ସିଡିପିଓ ଜାନକୀ ମାଝୀ, ସମ୍ମାନିତ ଅତିଥି ଡା. କଂଗ୍ରେସ ପ୍ରଧାନ, ସମାଜସେବୀ ମୀରା କୁମାରୀ ଦେଓ, ଏବିଇଓ ମାଧବ ଚନ୍ଦ୍ର ମାଝୀ ଓ ରବି ନାରାୟଣ ବେହେରା, ପ୍ରଧାନ ଶିକ୍ଷକ ସୂର୍ଯ୍ୟନାରାୟଣ ଦାଶ ଓ ଦିବାକର ଶତପଥୀ ଏବଂ ପ୍ରଭାକର ଜେନା ଉପସ୍ଥିତ ଥିଲେ। ଦିବ୍ୟାଙ୍ଗଙ୍କୁ ଶୀତବସ୍ତ୍ର ପ୍ରଦାନ କରିବା ସହ କୃତି ୯ ଜଣ ଦିବ୍ୟାଙ୍ଗଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ବିଆରସି ପ୍ରମିଳା ମିଶ୍ର ଓ ଅକ୍ଷୟ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଜଷ୍ଟିସ୍ କର୍ନର ପକ୍ଷରୁ କମ୍ବଳ ବଣ୍ଟନ

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା)

ଗଜପତି ଜିଲା ଜଷ୍ଟିସ କର୍ନର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଗୋଷାଣି ବ୍ଲକ କତଲକଇଠା ପଞ୍ଚାୟତ ମର୍କଡା ଗ୍ରାମଠାରେ ୩ ଗ୍ରାମ ଯଥା ମର୍କଡା, ତଳମର୍କଡା ଓ ପର୍ଶୁରାମପୁରର ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଜଷ୍ଟିସ କର୍ନର ସଭାପତି ଭାଗ୍ୟଲକ୍ଷ୍ମୀ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ଅଦାଲତର ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ସହକାରୀ ପବ୍ଲିକ ପ୍ରସିକ୍ୟୁଟର ଡି.ଅନୁପ ଆଚାରୀ, ମହିଳା ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ସୁରକ୍ଷା ଅଧିକାରୀ ସାରଳା ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇ କମ୍ବଳ ବଣ୍ଟନ କରିଥିଲେ। ଅତିଥି ମାନେ ଜଷ୍ଟିସ କର୍ଣ୍ଣର ତରଫରୁ ବିଶେଷ କରି ବୃଦ୍ଧ ବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିବାକୁ ନେଇ ପ୍ରଶଂସା କରିଥିଲେ। ଜଷ୍ଟିସ କର୍ନରର ସଭାପତି ନାୟକ ଆଗାମୀ ଦିନରେ ଏହି ଅନୁଷ୍ଠାନ ପକ୍ଷରୁ ଜିଲ୍ଲାରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଚାଲୁ ରହିବ ବୋଲି କହିଥିଲେ। ସାମାଜିକ କର୍ମୀ ରଶ୍ମିପ୍ରିୟା ପଣ୍ଡା, ଶିକ୍ଷୟିତ୍ରୀ ଏସ.ରାଧା, ଜଷ୍ଟିସ କର୍ନର ସମ୍ପାଦକ ଜଗନ୍ନାଥ ଚୌଧୁରୀ, ସ୍ଥାନୀୟ ଅଙ୍ଗନୱାଡି କର୍ମୀ ନର୍ମଦା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଖାରିକୁଟି, ଢେପାଲାଜୁରେ ପାନୀୟ ଜଳ ସମସ୍ୟା

## ଜିଲା ପ୍ରଶାସନର ଦ୍ୱାରସ୍ଥ ଗ୍ରାମବାସୀ

ପାରଳାଖେମୁଣ୍ଡି,୪।୧୨(ଗିରିଧାରୀ ପରିଛା):

ଗଜପତି ଜିଲା ମୋହନା ବ୍ଲକ କର୍ଚ୍ଚବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଖାରିକୁଟି ଏବଂ ଢେପାଲାଜୁ ଗ୍ରାମରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। ଏହାକୁ ନେଇ ୨ ଗ୍ରାମବାସୀ ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି।

ଉଭୟ ଗ୍ରାମରେ ପ୍ରାୟ ୩ଶହ ଲୋକ ବସବାସ କରୁଥିଲେ ସୁଦ୍ଧା ଏବେ ବି ଜଳ ସଂକଟ ଲାଗି ରହିଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଖରାଦିନେ ସେମାନଙ୍କୁ ୨ କିଲୋମିଟର ଦୂରକୁ ଯାଇ ନାଳରୁ ପାଣି ଆଣିବାକୁ ପଡିଥାଏ। ନାଳ ପାଣି ପିଇବା ଦ୍ୱାରା ନାନାଦି ସଂକ୍ରାମକ ରୋଗରେ ପଡ଼ିବା ସହ ପାଣି ପାଇଁ ତହଲବିକଳ ହେବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି। ଗ୍ରାମରେ ନଳକୂପ ଥିଲେ



ଜିଲା ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଗ୍ରାମବାସୀ।

ସୁଦ୍ଧା ଲୌହଯୁକ୍ତ ପାଣି ବାହାରୁଥିବାରୁ ଏହା ପାନୀୟ ଉପଯୋଗୀ ନୁହେଁ। ଜଳସଙ୍କଟ ଦୂର କରିବା ଲାଗି ସ୍ଥାନୀୟ ପ୍ରଶାସନ ଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ବହୁବାର ଗୁହାରି କଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଗ୍ରାମବାସୀ କହିଛନ୍ତି। ଏ ନେଇ ଯୁବନେତା ତଥା ସାମାଜିକ କର୍ମୀ ଅଭାନ ନାୟକ ଓ ଲକ୍ଷ୍ମଣ ମଲ୍ଲିକ କହିଛନ୍ତି, ଗ୍ରାମ ଗୁଡିକରେ ସୌରଚାଳିତ ପମ୍ପ ଓ ମୋଟର ବ୍ୟବସ୍ଥା କରି ଜଳ ଯୋଗାଇ ଦେଲେ ସୁବିଧା ହେବ। ବର୍ତ୍ତମାନ ଆମେ ନିଜ ନିଜ ଉଦ୍ୟମରେ ନଳକୂପଗୁଡିକୁ ସଜାଡି ପାଣି ସଂଗ୍ରହ କରୁଛୁ। କିଛିଦିନ ଠିକ୍ ଚାଲିବା ପରେ ପୁଣି ଏହି ନଳକୂପ ଗୁଡିକ ଭାଙ୍ଗିଯାଉଛି। ଏହାର ଗୋଟିଏ ମାତ୍ର ବିକଳ୍ପ ସୌରଚାଳିତ ପମ୍ପ ଓ ମୋଟର ସହ ଓଭର ହେଡ ଟାଙ୍କି ସ୍ଥାପନ କଲେ ହିଁ ସମସ୍ୟାର ସମାଧାନ ହୋଇପାରିବ ବୋଲି ଭାରପ୍ରାପ୍ତ ଜିଲାପାଳ ମୁନୀନ୍ଦ୍ର ହୋନାଗାଙ୍କୁ ଅନୁରୋଧ କରାଯାଇଛି। ଭାରପ୍ରାପ୍ତ ଜିଲାପାଳ ସମସ୍ୟାର ସମାଧାନ କରାଯିବା ଲାଗି ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଖାରିକୁଟି ଏବଂ ଢେପାଲାଜୁବାସୀ କହିଛନ୍ତି।

# ରାଇକିଆରେ ମାଣବସା ଲକ୍ଷ୍ମୀପୂଜା

ରାଇକିଆ,୪।୧୨ (ପ୍ରଦୀପ ବେହେରା)

ରାଇକିଆ ଲକ୍ଷ୍ମୀ ପୂଜା କମିଟି ତରଫରୁ ମାଣବସା ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇଛି। ବୁଧବାର ଅଧିବାସ ଏଂ ଗୁରୁବାର ପୂଜା ଅନୁଷ୍ଠିତ ହୋଇଥିଲା। ମା'ଙ୍କ ଦର୍ଶନ ପାଇଁ ପୂଜା ମଣ୍ଡପରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମୁଥିବା ବେଳେ ରବିବାର ପୂର୍ଣ୍ଣାହୂତି, ପ୍ରସାଦ ସେବନ, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମା'ଙ୍କ ବିସର୍ଜନ ହେବ। କମିଟି ୩୦ ବର୍ଷ ଧରି ଏହାକୁ ପାଳନ କରି ଆସୁଛି। ସଭାପତି ଦେବୀପ୍ରସାଦ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଥିବା ବେଳେ ଉପସଭାପତି ବିରୁପାକ୍ଷ ପାତ୍ର, ବନମାଳୀ ପଣ୍ଡା, ସମ୍ପାଦକ ବାଦଲ ସାହୁ, ସହ ସମ୍ପାଦକ ବେନୁପାଣି ଆଚାର୍ଯ୍ୟ, କୋଷାଧ୍ୟକ୍ଷ ଭାରତ ଭୂଷଣ ପାଣିଗ୍ରାହୀ ଓ ଉପଦେଷ୍ଟା, ଶ୍ରୀଧର ଦାଶ, ବି.ତ୍ରିପତି



ମା' ଲକ୍ଷ୍ମୀଙ୍କୁ ପୂଜା କରାଯାଉଛି।

ସୁବୁଦ୍ଧି, ସୁବାସ ଚନ୍ଦ୍ର ପଣ୍ଡା, ମଙ୍ଗୁଲୁ ପାତ୍ର, କର୍ତ୍ତା ବାବୁଲି ପାଳ ପ୍ରମୁଖ ଯୋଗଦେଇ ପରିଚାଳନାରେ ସହଯୋଗ କରିଥିଲେ। କମିଟିର ନବ ନିର୍ମିତ ନିଜସ ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି।

# ଖବର ପ୍ରକାଶ ପରେ ପାଇଖାନା କାର୍ଯ୍ୟ ଆରମ୍ଭ

## ନାବାଳକଙ୍କୁ କାମରେ ଲଗାଇଲେ ଠିକାଦାର

ଫିରିଙ୍ଗିଆ,୪।୧୨(ବିମଳ ଦିଗାଲ)

ଫିରିଙ୍ଗିଆ ବ୍ଲକ୍ ସଖିପଡ଼ା ବିଦ୍ୟାଳୟ ପରିସରରେ ଥିବା ଅସମ୍ପୂର୍ଣ୍ଣ ପାଇଖାନା ଖବରଟି ଗଣମାଧ୍ୟମରେ ପ୍ରସାରିତ ହେବା ପରେ ସମ୍ପୃକ୍ତ ଠିକାଦାର ତରବରିଆ ଭାବେ କାର୍ଯ୍ୟ ଆରମ୍ଭ କରିଛନ୍ତି। କିନ୍ତୁ କାମରେ ନାବାଳକଙ୍କୁ ନିୟୋଜିତ କରିଛନ୍ତି। ବିଦ୍ୟାଳୟ ଭିତରେ ଏଭଳି କାର୍ଯ୍ୟକୁ ଶିକ୍ଷକମାନେ ବିରୋଧ ନ କରିବାକୁ ନେଇ ପ୍ରଶ୍ନ ଉଠିଛି। ସୂଚନା ଯୋଗ୍ୟ, ୩ ଲକ୍ଷ ୧୦ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି ପାଇଖାନା ହୋଇଥିଲା ବେଳେ ଟାଙ୍କି ନିର୍ମାଣ ହୋଇ ନ ଥିଲା। କିନ୍ତୁ ବିଲ ହୋଇ ଯାଇଥିଲା। ୨ ବର୍ଷ ହେଲା ଏହା କାମରେ ଆସୁ ନ ଥିଲା। ଯାହା ଫଳରେ ବିଦ୍ୟାଳୟରେ ପାଠ ପଢୁଥିବା ୬୬ ଜଣ ଛାତ୍ରଛାତ୍ରୀ ଖୋଲା ଜାଗାରେ ସୌଚ କରୁଥିଲେ। ଏହି ଖବରଟି ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ସମ୍ପୃକ୍ତ ଠିକାଦାର ପ୍ରତାପ ଚନ୍ଦ୍ର ସାହୁ ପାଇଖାନା କାମ ଆରମ୍ଭ କରିଛନ୍ତି। ହେଲେ ଶ୍ରମିକ ବଦଳରେ ୨ ନାବାଳକଙ୍କୁ ଗାତ ଖୋଳା କାମରେ ଲଗେଇ କାମ କରାଉଥିବା ଦେଖିବାକୁ ମିଳିଛି। ଗୋଟେପଟେ ପ୍ରଶାସନ ନାବାଳକମାନଙ୍କୁ କୌଣସି କାର୍ଯ୍ୟରେ ନ ଲଗେଇବାକୁ ଚେତାବନୀ ଦେଇ ଆସୁଛି। ଏଥିପାଇଁ ଜରିମାନା ସହିତ ଜେଲ ଦଣ୍ଡର ବି ବ୍ୟବସ୍ଥା ରହିଛି। ଏଠାରେ ଠିକାଦାରଙ୍କ ଉପରେ ପ୍ରଶାସନ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ

ବୁଗୁଡ଼ା, ୪।୧୧( କାଳି ଚରଣ ଦାଶ)

ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ବିଶ୍ୱ ଦିବ୍ୟାଙ୍ଗ ଦିବସ ପାଳିତ ହୋଇଛି। ଅନ୍ତର୍ନିର୍ବେଶୀ ଶିକ୍ଷା ବିଭାଗ, ସମଗ୍ର ଶିକ୍ଷା, ଗଞ୍ଜାମ ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମକୁ ଏବିଇଓ କୃଷ୍ଣଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗିଙ୍କୁ ଚୟନ କରାଯାଇଥିଲା। ଏସ୍‌ଓ ପ୍ରିୟଦର୍ଶୀ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏବିଡିଓ ଧର୍ମରାଜ ପରିଡା ଓ ସମ୍ମାନିତ ଅତିଥି ଭାବେ ଶ୍ରୀବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ମନୋଜ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ମାର୍ଗ ଦର୍ଶନ କରିବା ସହ କୃତି ପ୍ରତିଯୋଗୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କୃତ କରିଥିଲେ। ଗୋଷ୍ଠୀ ସମ୍ବଳ ଶିକ୍ଷକ ସୁଶାନ୍ତ କୁମାର ଡାକୁଆଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ପରିଚାଳନାରେ ଗୋଷ୍ଠୀ ସମ୍ବଳ ଶିକ୍ଷୟିତ୍ରୀ ସୋନାଲିନ୍ ପଣ୍ଡାଙ୍କ ସମେତ ସମସ୍ତ ଅନ୍ତର୍ନିର୍ବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଏବଂ ସିଆରସିସି ସହଯୋଗ କରିଥିଲେ।

# ବାଲାଜୀ ମହାବିଦ୍ୟାଳୟରେ ଇଣ୍ଡକସନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅଧ୍ୟାପକ।

ଚିକିଟି,୪।୧୨(ପ୍ରକାଶ ଚନ୍ଦ୍ର ସାହୁ):

ଚିକିଟି ବ୍ଲକ ନୂଆପଡାସ୍ଥିତ ଶ୍ରୀବାଲାଜୀ ମହାବିଦ୍ୟାଳୟ ପରିସରରେ ଜାତୀୟ ସେବା ଯୋଜନା ତରଫରୁ ଇଣ୍ଡକସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ସୁଦର୍ଶନ ପଟ୍ଟନାୟକଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ସଂଯୋଜକ ପ୍ରଫେସର ଜୟନ୍ତ ପଣ୍ଡା, ଜିଲା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ, ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ଚୌଧୁରୀ, ପ୍ରଶାସନିକ ଅଧିକାରୀ ଅୟସ କୁମାର ମହାନ୍ତି ଯୋଗଦେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥବଲେ। ଏଥିସହ ନୂତନ ଛାତ୍ରୀଛାତ୍ରଙ୍କ ସେବା ମନୋଭାବ ଉପରେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଧିକାରୀ ସରୋଜ କୁମାର ଦାସ ସଂଯୋଜନା କରିଥିବା ବେଳେ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ। ଅଧ୍ୟାପକ ପିଙ୍କୁ ପ୍ରଧାନ ଧନ୍ୟବାଦ ଦେଇଥିଲେ।

# ଦୁର୍ଘଟଣାରେ କାର୍ ଚୂରମାର

ଭଞ୍ଜନଗର,୪।୧୨(ବାବୁଲା ପ୍ରଧାନ)

କୁଲାଡ ପଟୁ ଆସୁଥିବା ଏକ କାର୍ ଭଞ୍ଜନଗର ମୁଖ୍ୟ ଗୋପାଳ ସମାଜ ଘର ସମ୍ମୁଖରେ ବୁଧବାର ରାତିରେ କାର ଦୁର୍ଘଟଣାଗ୍ରସ୍ତ ହୋଇଛି। ପୋଲିସ ରାତିରେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ହେଲେ ଉକ୍ତ ଗାଡିରେ କେତେଜଣ ଥିଲେ, ସେମାନେ ଆହତ ହୋଇଛନ୍ତି କି ନାହିଁ, କେଉଁଭଳି ପରିସ୍ଥିତିରେ କାର୍‌ଟି ଦୁର୍ଘଟଣାଗ୍ରସ୍ତ ହୋଇଛି ତାହା ଜଣାପଡ଼ିନାହିଁ। କାର୍‌ଟି ସମ୍ପୂର୍ଣ ଚୁରମାର ହୋଇଛି। ପୋଲିସ ଗାଡ଼ି ମାଲିକଙ୍କୁ ଠାବ କରିବା ପରେ ଦୁର୍ଘଟଣାର କାରଣ ଜଣାପଡିବ। ଦ୍ରୁତଗତିରେ





ଗାଡି ଚାଳନା ଏବଂ ନିଶାସକ୍ତ ଗାଡି ଚାଳକଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଯୋଗୁ ଭଞ୍ଜନଗର ଅଞ୍ଚଳରେ ଦୁର୍ଘଟଣା ବଢୁଛି। ଗତ ସପ୍ତାହରେ ରେଡକ୍ରସ ରୋଡରେ ଦ୍ରୁତ ଗତିରେ ଏକ ବାଇକ ଆସି ଜଣେ ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲା। ଯାହାକୁ ନେଇ ଲୋକେ ରାସ୍ତାରୋକୋ କରିଥିଲେ। ଏହାପରେ ପୋଲିସ ପାଟ୍ରୋଲିଂ ହୋଇଥିଲା। ଦ୍ରୁତ ଗତିରେ ଗାଡି ଚଳାଉଥିବା ବ୍ୟକ୍ତି ଏବଂ ମଦୁଆ ଗାଡି ଚାଳକଙ୍କ ଉପରେ ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେବା ଜରୁରୀ ହୋଇପଡିଛି।

# ହିଲ୍‌ଟପ୍ ମହାବିଦ୍ୟାଳୟରେ ଖେଳକୁଦ ସମାରୋହ



ମଶାଲକୁ ଶୋଭାଯାତ୍ରାରେ ମହାବିଦ୍ୟାଳୟ ପରିସରକୁ ଆଣାଯାଉଛି।

ମୋହନା,୪।୧୨(ମନ୍ମଥ ମିଶ୍ର): ମୋହନା ହିଲଟପ ଉଚ୍ଚ ମାଧ୍ୟମିକ ଏବଂ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗୁରୁବାର ବାର୍ଷିକ ଖେଳକୁଦ ସମାରୋହ ଆରମ୍ଭ ହୋଇଛି। ପ୍ରଥମେ ମୋହନା ମା' ବୁଢ଼ୀ ଠାକୁରାଣୀଙ୍କ ମନ୍ଦିରକୁ ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଓ ଅନ୍ୟାନ୍ୟ କର୍ମଚାରୀ ଯାଇ ପୂଜାର୍ଚ୍ଚନା କରି ଶୋଭାଯାତ୍ରାରେ ମଶାଲକୁ ମହାବିଦ୍ୟାଳୟ ପରିସରକୁ ଆଣିବା ପରେ କ୍ରୀଡା କୁମ୍ଭର ଶୁଭାରମ୍ଭ କରାଯାଇଥିଲା। ଦୁଇ ଭାରପ୍ରାପ୍ତ ଅଧ୍ୟକ୍ଷ ଭଗବାନ ବିଷୋୟୀ ଓ ଶୁଭ୍ରକାନ୍ତ ମହାନ୍ତି ମହାବିଦ୍ୟାଳୟ ପରିସରରେ ପ୍ରଦୀପ ପ୍ରଜ୍ୱଳନ କରି ଖେଳକୁଦ ସମାରୋହର ଉଦଘାଟନ କରିଥିଲେ। ଛାତ୍ରଛାତ୍ରଙ୍କ ମଧ୍ୟରେ କବାଡି, ଲମ୍ବାଡିଆଁ, ଉଚ୍ଚା ଡିଆଁ, ଡିସକସ୍ ଥ୍ରୋ, ଜାଭଲିନ ଥ୍ରୋ, ଆଳୁ ଲେମ୍ବୁ, ଅଖାଦୌଡ଼ ଆଦି ହେଉଛି। ଶୁକ୍ରବାର ଏହା ଉଦ୍‌ଯାପିତ ହେବ। ଖେଳକୁଦ ସମାରୋହରେ ପ୍ରାକ୍ତନ ଅଧ୍ୟକ୍ଷ ସିମାଞ୍ଚଳ ସାହୁ, ଅଧ୍ୟାପକ ଏସ. ରମେଶ, ଅନିଲ ତ୍ରିପାଠୀ, ଅନ୍ତର୍ଯ୍ୟାମୀ ଗୌଡ଼ ପ୍ରଣାବାନନ୍ଦ ପଟ୍ଟଯୋଶୀ, ମନୋରଞ୍ଜନ ପାଣିଗ୍ରାହୀ, ବସନ୍ତ ବେହେରା, କାମାକ୍ଷା ପଟ୍ଟନାୟକ ଅଧ୍ୟାପିକା ରିତା ଶତପଥୀ,ଅସ୍ମିତା ମହାନ୍ତି, କବିତା ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ଅଜଣା ରୋଗରେ ଗୋରୁ ଆକ୍ରାନ୍ତ ଅଭିଯୋଗ

## କିଲୁ ଗାଁରେ ପ୍ରାଣୀଧନ ଜୀବନ ସଙ୍କଟରେ

ଖଜୁରିପଡ଼ା, ୪।୧୨ ( ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅଧିନ ବିଲାବାଡ଼ି ପଞ୍ଚାୟତ ଅପହଞ୍ଚ ଅଞ୍ଚଳରେ ରହିଛି। ଏହି ପଞ୍ଚାୟତ ଅଧୀନରେ ଥିବା ଗ୍ରାମଗୁଡ଼ିକୁ ସରକାରୀ ଯୋଜନା ପହଞ୍ଚାଇବାରେ ମୁଖ୍ୟ ସମସ୍ୟା ହେଉଛି ରାସ୍ତା। ଯାହା ଫଳରେ ଏହି ଅଞ୍ଚଳରେ ବସବାସ କରୁଥିବା ଲୋକମାନେ ଏବଂ ଗୃହ ପାଳିତ ପଶୁ ରୋଗ ଗ୍ରସ୍ତ ହେଲେ ଚିକିତ୍ସା ଅଭାବରୁ ଅକାଳରେ ମୃତ୍ୟୁ ହେଉଛି। ଏମିତି ଏକ ଅଭିଯୋଗ ଆସିଛି ବିଲାବାଡ଼ି ପଞ୍ଚାୟତର କିଲୁ ଗ୍ରାମରୁ। ଏହି ଗ୍ରାମରେ ଛେଳି, ଗୋରୁ, ଗାଈ ମାନଙ୍କୁ ଅଜଣା ରୋଗ ହୋଇଛି। ଏନେଇ ଗ୍ରାମର କିଶୋର ବେହେରା, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ବାଳକୃଷ୍ଣ ମଲ୍ଲିକ, ଭଗବାନ ମଲ୍ଲିକ, ଶରତ ମଲ୍ଲିକ, ସଙ୍ଖାଳି ମଲ୍ଲିକ, ନବୀନ ମଲ୍ଲିକ, ବରୁଣ ମଲ୍ଲିକ ପ୍ରମୁଖ ବୁଧବାର ଖଜୁରିପଡ଼ା ଆସି ଅଭିଯୋଗ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ ପ୍ରାଣୀ ଧନ ନୀରିକ୍ଷକ ମାସକୁ ଥରେ ଦୁଇ ଥର ଆସି କେବଳ ବିଲାବାଡ଼ିରେ ପହଞ୍ଚି ଛେଳି ଗୋରୁ ଗାଈକୁ ଚିକିତ୍ସା କରି ଚାଲି ଯାଉଛନ୍ତି। ଅନେକ ସମୟରେ ବିଭିନ୍ନ ଗ୍ରାମରେ ନ ପହଞ୍ଚିବା ଯୋଗୁ ଛେଳି ଗୋରୁ ଗାଈ ଚିକିତ୍ସା ଅଭାବରୁ ରୋଗଗ୍ରସ୍ତ ହୋଇ ମରୁଛନ୍ତି। ତେଣୁ ଏହି ସମସ୍ୟା ଉପରେ ଅବଗତ କରିବା ପାଇଁ ବୁଧବାର ଗ୍ରାମବାସୀ ଖଜୁରୀପଡ଼ା ବିଡିଓଙ୍କୁ ସାକ୍ଷାତ କରିବାକୁ ଆସିଥିଲେ। କିନ୍ତୁ ବିଡିଓଙ୍କୁ ଦେଖା ନ କରି ଫେରି ଯାଇଥିବା କହିଛନ୍ତି। ଏ ନେଇ ପ୍ରାଣୀଧନ ନୀରିକ୍ଷକ ଜ୍ୟୋତ୍ସ୍ନା ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ବିଲା ବାଡ଼ି, ସୁଡରେଜୁ, ସୁଡୁରୁକୁମ୍ପା ପଞ୍ଚାୟତର ଦାୟିତ୍ୱ ମୋତେ ମିଳିଛି। ବିଲାବାଡ଼ି ପଞ୍ଚାୟତ ଜଙ୍ଗଲ ଏରିଆ ଏବଂ ରାସ୍ତା ଘାଟ ସମସ୍ୟା ଯୋଗୁ ମୁଁ ଜଣେ ମହିଳା ହୋଇଥିବାରୁ ଯିବା ଆସିବା କରିବାରେ ସମସ୍ୟା ହେଉଛି। ଏନେଇ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଛି, ଲୋକେ ଫୋନ କରି ଡାକିଲେ କାହାକୁ ହେଲେ ସାଥିରେ ନେଇ ଯିବାକୁ ପଡୁଛି। କିଲୁ ଗ୍ରାମରୁ ଛେଳି ରୋଗ ଗ୍ରସ୍ତ ହୋଇଥିବା ଫୋନ ଆସିଛି। କିନ୍ତୁ ରାସ୍ତା ସମସ୍ୟା ପାଇଁ ସେଠାରେ ପହଞ୍ଚି ବାରେ ଅସୁବିଧା ହେଉଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ପ୍ରାଣୀ ସମ୍ପଦ ହେଉଛି ଲୋକଙ୍କ ମେରୁଦଣ୍ଡ। ଗାଈ, ଛେଳି, ମେଣ୍ଢା, କୁକୁଡ଼ା, ବତକ, ଘୁଷୁରି ଆଦି ପ୍ରାଣୀ ପାଳନ କରି ବହୁ ପରିବାର ପ୍ରତିପୋଷଣ ହେଉଛନ୍ତି। କିନ୍ତୁ ପ୍ରାଣୀ ସମ୍ପଦର ଚିକିତ୍ସା କ୍ଷେତ୍ରରେ ଦେଖାଯାଇଥିବା ସମସ୍ୟା ହେତୁ ଲୋକେ ଏବେ ପାଳନ କରିବାକୁ ଇଚ୍ଛାକରୁ ନାହାନ୍ତି। ଏ ନେଇ ବିଡିଓ ଦେବାଶିଷ ସାହୁଙ୍କ ପ୍ରତିକ୍ରିୟା ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ। ତେଣୁ ସରକାର ଏଥି ପ୍ରତି ଦୃଷ୍ଟି ଦେଇ ବିଲାବାଡ଼ି ପଞ୍ଚାୟତ ପାଇଁ ଆଉ ଜଣେ ପ୍ରାଣୀ ଧନ ନୀରିକ୍ଷକ ନିଯୁକ୍ତି ଦେଲେ ପ୍ରାଣୀ ସମ୍ପଦର ଚିକିତ୍ସା ବ୍ୟବସ୍ଥା ସୂଚାରୁ ରୂପେ ଚାଲିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

# ବାରାଣସୀ ହାଇସ୍କୁଲରେ ବିଜ୍ଞାନମେଳା

କାଶୀନଗର,୪। ୧୨ (ପି.ମୁରଳୀ)

ବାରାଣସୀ ସରକାରୀ ହାଇସ୍କୁଲରେ ମଙ୍ଗଳବାର ଆରମ୍ଭ ହୋଇଥିବା ବିଜ୍ଞାନମେଳା ବୁଧବାର ଉଦଯାପିତ ହୋଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଏବିଇଓ ନର୍ମଦା ଦାଶ ଅଧ୍ୟକ୍ଷତା କରିଥିଲେ। କାଶୀନଗର ନାଗରିକ ମହାସଭା ସଭାପତି କବି ପ୍ରଶାନ୍ତ ମିଶ୍ର ବିଜ୍ଞାନମେଳା ଉଦ୍‌ଘାଟନ କରିଥିଲେ। ବିଡିଓ ଡମ୍ବରୁଧର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ପ୍ରତିକ ସମୟରେ ବିଜ୍ଞାନର ଜରୁରୀ ଆବଶ୍ୟକତା ଉପରେ ମତ ରଖିଥିଲେ। ଉଦ୍‌ଘାଟକ ମିଶ୍ର ଛାତ୍ରୀଛାତ୍ରଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ଶିକ୍ଷକ ଅମୂଲ୍ୟ ପାତ୍ର ଓ ଶିକ୍ଷୟିତ୍ରୀ ଏ.ଉମାକୁମାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶ୍ରୀରାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ତାପସ କୁମାର, ରଞ୍ଜନ କୁମାର





କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଓ ଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟାପକ ବିଜୟ କୁମାର, ଅଧ୍ୟାପିକା ରତ୍ନା ଦେବୀ ଏବଂ ଅବସରପ୍ରାପ୍ତ ବିଇଓ ଦେବଦାସ ତାମାରାପୁ ବିଚାରପତି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପ୍ରକଳ୍ପର ମୂଲ୍ୟାୟନ କରିଥିଲେ। ମଙ୍ଗଳବାର ପ୍ରଥମରୁ ଦଶମ ଶ୍ରେଣୀ ଓ ବୁଧବାର ଯୁକ୍ତ ୨ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଜ୍ଞାନମେଳା ହୋଇଛି। ଗଜପତି ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ, କାଶୀନଗର ଏନଏସି ଉପାଧ୍ୟକ୍ଷ ରଘୁରାମ ସାହୁ ପିଲାଙ୍କ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖିଥିଲେ। ଶିକ୍ଷକ ଦେବରାଜ ଜେନା, ଏମ. ଶ୍ରୀନିବାସ ରାଓ, ସିଆରସିସି ଆର. ମଧୁ କୁମାର, ପ୍ରଦୀପ ପାଲାକା ଓ ଅନ୍ୟମାନେ ପରିଚାଳନାରେ ସହାୟତା କରିଥିଲେ।

# ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ଘୋଷଣା ନେଇ ଅନିଶ୍ଚିତତା

- ଗୋଟିଏ ସମୟରେ ଜିଲାରେ ୨ ମହୋତ୍ସବ
- ଦାରିଙ୍ଗବାଡିରେ ବଢ଼ିଲା ଅସନ୍ତୋଷ

ଦାରିଙ୍ଗବାଡି,୪।୧୨ (ଅରୁଣ ସାହୁ)

ଓଡ଼ିଶାର କାଶ୍ମୀର ଦାରିଙ୍ଗବାଡ଼ିରେ ଜାନୁୟାରୀ ୮ ଠାରୁ ୧୨ ପର୍ଯ୍ୟନ୍ତ ଶୀତ ମହୋତ୍ସବ ଅନୁଷ୍ଠିତ ହେବାକୁ ନିଷ୍ପତ୍ତି ହୋଇଛି। ଏନେଇ କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ନଭେମ୍ବର ୨୬ ପ୍ରସ୍ତୁତି ବୈଠକରେ ଯୋଗଦେଇ ଘୋଷଣା କରିଛନ୍ତି। ମହୋତ୍ସବକୁ ରାଜ୍ୟସ୍ତରୀୟ କରିବାକୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନିବେଦନ କରିବାକୁ ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଥିପାଇଁ ଅନୁଦାନ ଅଣାଯିବା କଥା ମଧ୍ୟ ଏମ୍‌ପି କହିଥିଲେ। ହେଲେ ବର୍ତ୍ତମାନ ଜିଲାରେ ସେହି ସମୟରେ ଜିଲା ପ୍ରଶାସନ ପକ୍ଷରୁ ଜାନୁୟାରୀ ୭ ଠାରୁ ୧୧ ପର୍ଯ୍ୟନ୍ତ କନ୍ଧମାଳ ମହୋତ୍ସବ ଏବଂ ପଲ୍ଲୀଶ୍ରୀ ମେଳା ଅନୁଷ୍ଠିତ ହେବାକୁ ଯାଉଛି। ଫଳରେ ଜିଲାରେ ଗୋଟିଏ ସମୟରେ ୨ଟି ସ୍ଥାନରେ ମହୋତ୍ସବ ପାଳନ ହେବାକୁ ଯାଉଥିବାରୁ ଏବେ ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ରାଜ୍ୟସ୍ତରୀୟ ହେବା ଏକ ପ୍ରକାର ଅନିଶ୍ଚିତତା ଦେଖାଯାଇଥିବା ଅଞ୍ଚଳରେ ଆଲୋଚନା ହେଉଛି। ଜିଲାର ଏକାଧିକ ସ୍ଥାନରେ ମହୋତ୍ସବ ହେବା ଆବଶ୍ୟକ। କିନ୍ତୁ ଦାରିଙ୍ଗବାଡ଼ିକୁ ରାଜ୍ୟସ୍ତରୀୟ ମହୋତ୍ସବ ପାଇଁ ଗତ ଅଭିଯୋଗ ଶୁଣାଣିରେ ଅଞ୍ଚଳବାସୀ ଜିଲାପାଳ ବେଦ ଭୂଷଣଙ୍କ ନିକଟରେ ଦାବି କରିଥିଲେ। ଜିଲାପାଳ ମଧ୍ୟ ଏ ସମ୍ପର୍କରେ ସରକାରଙ୍କୁ ଜଣାଇବି ବୋଲି କହିଥିଲେ। ଗୋଟିଏ ପଟେ ଦାରିଙ୍ଗବାଡ଼ିକୁ ରାଜ୍ୟସ୍ତରୀୟ ମହୋତ୍ସବ ଘୋଷଣା କରାଯିବା ପାଇଁ ଅଞ୍ଚଳବାସୀ ୨୦୧୬ରୁ ଦାବି କରି ଆସୁଥିବା ବେଳେ ଚଳିତ ବର୍ଷ ଏହି ଦାବିକୁ ଅଞ୍ଚଳବାସୀ ଦୋହରାଇବା ସହ କନ୍ଧମାଳ ଜିଲାପାଳ ଏବଂ ଏମ୍‌ପିଙ୍କୁ ନିବେଦନ କରିଛନ୍ତି। ପର୍ଯ୍ୟଟକମାନେ ଦାରିଙ୍ଗବାଡ଼ିର ଏହି ମହୋତ୍ସବକୁ ଅଧିକା ଗୁରୁତ୍ୱ ଦେଉଥିବା ବେଳେ ଜିଲାର ଅନେକ ଅଞ୍ଚଳରୁ ଲୋକମାନେ ଏହାକୁ ଦେଖିବାକୁ ଆସିଥାନ୍ତି। ସେହିପରି ଜିଲାର ସମସ୍ତ ଅଧିକାରୀ, ବ୍ଲକର ଅଧିକାରୀ ଓ ଜିଲା ଓ ବ୍ଲକ୍ ଅଞ୍ଚଳରେ ଥିବା ଲୋକ ପ୍ରତିନିଧିମାନେ ଦାରିଙ୍ଗବାଡ଼ି ମହୋତ୍ସବକୁ ଆସୁଥିବା ବେଳେ ଗୋଟିଏ ସମୟରେ ଦାରିଙ୍ଗବାଡ଼ି ଓ କନ୍ଧମାଳ ମହୋତ୍ସବ ପାଳନ ହେଲେ ଅନେକ ଦର୍ଶକ ୨ ଟି ଯାକ ମହୋତ୍ସବରେ ଯୋଗଦାନ କରିବା ସମ୍ଭବ ନାହିଁ ବୋଲି କୁହାଯାଇଛି। ପୂର୍ବରୁ ଜିଲା ପ୍ରଶାସନ ଦାରିଙ୍ଗବାଡ଼ି ଶୀତ ମହୋତ୍ସବ ପରେ ହିଁ କନ୍ଧମାଳ ମହୋତ୍ସବ କରିଆସୁଥିଲା। କିନ୍ତୁ ଚଳିତ ଥର ଏଥିରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ୨୦୧୫ରୁ ପ୍ରଥମେ ଦାରିଙ୍ଗବାଡ଼ିରେ ରାଜ୍ୟସ୍ତରୀୟ ଶୀତ ମହୋତ୍ସବ ପାଳନ ଆରମ୍ଭ ଦିନରୁ କେବେ ଏହି ମହୋତ୍ସବ ଗୋଟିଏ ଦିନରେ ହୋଇ ନ ଥିବା ବେଳେ ଚଳିତ ବର୍ଷ କେଉଁ ପରିସ୍ଥିତିରେ ୨ଟି ସ୍ଥାନରେ ପାଳନ ହେବ ସେ ନେଇ ଆଲୋଚନା ଜୋର ଧରିଛି। ଏନେଇ ଦାରିଙ୍ଗବାଡି ବିଡ଼ିଓ ତଥା ଶୀତ ମହୋତ୍ସବ ପାଳନ କମିଟିର ସମ୍ପାଦକ ପ୍ରୀତିରଞ୍ଜନ ରଥ କହିଛନ୍ତି ଯେ, ଏନେଇ ଜିଲା ପ୍ରଶାସନ ସହ ଆଲୋଚନା କରାଯିବ। ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ତଥା ଜିଲା ସଂସ୍କୃତି ଓ ଓଡ଼ିଆ ଭାଷା ସାହିତ୍ୟ ବିଭାଗର ଅଧିକାରୀ ଗଦାଧର ପାତ୍ର କହିଛନ୍ତି ଯେ, କନ୍ଧମାଳ ମହୋତ୍ସବ ଜାନୁୟାରୀ ୭ରୁ ୧୧ ହେବାକୁ ରହିଛି। ତେବେ ଦାରିଙ୍ଗବାଡ଼ିରେ ଶୀତ ମହୋତ୍ସବ ସେହି ସମୟରେ ହେବାକୁ ରହିଛି। ସେ ସମ୍ପର୍କରେ ସେ ମଧ୍ୟ ଜିଲାପ୍ରଶାସନ ସହ ଆଲୋଚନା କରି ପରବର୍ତ୍ତୀ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି।

# ନିର୍ମାଣର ୨ ଦିନ ପରେ ରାସ୍ତା ଫାଟି ଆଁ

## ୫୩ନଂ. ଜାତୀୟ ରାଜପଥରୁ ବାଲିଚନ୍ଦ୍ରପୁର ପୂର୍ତ୍ତ ବିଭାଗ ରାସ୍ତା



ଚଣ୍ଡିଖୋଲ,୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ଅବଧିଶେଷ ହେବାର ବର୍ଷେ ୪ ମାସ ପରେ ପିଚୁ ପଡ଼ିଲା। ମାତ୍ର ଏହାର ୨ ଦିନ ପରେ ରାସ୍ତା ଫାଟିଲା ଓ ଦବିଲା। ଏଭଳି ନିମ୍ନମାନର କାର୍ଯ୍ୟ ଦେଖିବାକୁ ମିଳିଛି ଚାରବାଟିଆ ପୂର୍ତ୍ତବିଭାଗ ଡିଭିଜନ ଅଧୀନ ବଡ଼ଚଣା ସବଡିଭିଜନର ଜାତୀୟ ରାଜପଥ ୫୩ନଂ.ଠାରୁ ବାଲିଚନ୍ଦ୍ରପୁର ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ବାଇପାସ ରାସ୍ତାରେ।

ପୂର୍ତ୍ତ ବିଭାଗ ପକ୍ଷରୁ ୫୩ନଂ. ଜାତୀୟ ରାଜପଥଠାରୁ ବାଲିଚନ୍ଦ୍ରପୁର ବଜାର ବାଇପାସ ରାସ୍ତା ମାତ୍ର ୪୮୦ ମିଟର ନିର୍ମାଣ କାର୍ଯ୍ୟ ପାଇଁ ୨୦୨୩-୨୪ ଆର୍ଥିକ ବର୍ଷରେ ଟେଣ୍ଡର ହୋଇଥିଲା। ଏଥିପାଇଁ ୧ କୋଟି ୭୨ ଲକ୍ଷ ୧୫ ହଜାର ୭୨୫ ଟଙ୍କା ବ୍ୟୟବରାଦ କରାଯାଇ ଚୁକ୍ତିହୋଇଥିଲା। ରାଜେଶ ସାହୁ ନାମକ ଠିକାଦାର ଚୁକ୍ତିକରି ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାର ଅବଧିଥିଲା ୧୫-୨-୨୦୨୪ରୁ ୧୪- ୮-୨୦୨୪ ପର୍ଯ୍ୟନ୍ତ। ମାତ୍ର ୬ ମାସ ମଧ୍ୟରେ କାର୍ଯ୍ୟ ଶେଷ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ହେଲେ ଠିକା ସଂସ୍ଥା କାର୍ଯ୍ୟରେ ବହୁ ବିଳମ୍ବ କରିଥିଲା। ବିଭାଗ ପକ୍ଷରୁ ବାରମ୍ବାର ନୋଟିସ କରାଯାଇଥିଲେ ସୁଦ୍ଧା ଠିକା ସଂସ୍ଥା ଶୁଣି ନ ଥିଲା। ଠିକାସଂସ୍ଥା ପକ୍ଷରୁ ନଭେମ୍ବରରେ ପିଚୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ୨୦୨୫ ନଭେମ୍ବର ୨୯ରେ ପିଚୁ କାର୍ଯ୍ୟ ଶେଷ ହୋଇଥିଲା। ଡିସେମ୍ବର ୧ରେ ଯାତାୟାତ ପାଇଁ ରାସ୍ତା ଖୋଲାଯାଇଥିଲା। ମାତ୍ର ଯେଉଁଦିନ ରାସ୍ତା ଖୋଲିଲା ସେହିଦିନ ହିଁ ଫାଟିବା ଆରମ୍ଭ କରିଛି। ବାଲିଚନ୍ଦ୍ରପୁର ବଜାର ପଟରୁ ନିର୍ମାଣ ହୋଇଥିବା ରାସ୍ତା ମାତ୍ର ୨ ଦିନରେ ଫାଟି ଆଁ କରିବା ସହ ଦବିଯାଇଛି। ଏଭଳି ନିମ୍ନମାନର କାମକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସେମାନେ ଏହି ଘଟଣାର ତଦନ୍ତ ଦାବି କରିଛନ୍ତି। ଏଥିସହିତ ନିର୍ମାଣ କାର୍ଯ୍ୟ ସମୟରେ ବିଭାଗୀୟ ଅଧିକାରୀ ଉପସ୍ଥିତ ରହୁନାହାନ୍ତି ବୋଲି ଗ୍ରାମବାସୀ କହିଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ସେଠୀଙ୍କୁ ପଚାରିବାରୁ ସେ କହିଛନ୍ତି, ରାସ୍ତା ଦବିଯାଇଥିବା ଖବର ମିଳିଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କୁ ପଠାଯାଇ ଏହାର କାମ କରାଯିବ। ଏ ସମ୍ପର୍କରେ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।

# ପକ୍ଷୀ ଶିକାର ଅଭିଯୋଗରେ ୩ ଗିରଫ

ବ୍ରହ୍ମବରଦା,୪।୧୨(ଯଯାତି କେଶରୀ ବେହେରା):

ବିଭିନ୍ନ ପ୍ରଜାତିର ୨୦ରୁ ଊର୍ଦ୍ଧ୍ୱ ପକ୍ଷୀ ଶିକାର ଅଭିଯୋଗରେ ବୈରୀ ବନବିଭାଗ ୩ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତ ହେଲେ ଯାଜପୁର ରୋଡ କଳିଙ୍ଗନଗର ଥାନା ଅଧୀନ ରାବଣା ଅଞ୍ଚଳର ରଘୁବୀର ପ୍ରଧାନ(୧୮), ଦୀପୁ ପ୍ରଧାନ(୧୮) ଓ ରାଜକୁମାର ପ୍ରଧାନ(୧୮)। ଗତ ମଙ୍ଗଳବାର ଅପରାହ୍ନରେ ବ୍ରହ୍ମବରଦା ଥାନା ଅଧୀନ ମଙ୍ଗରାଜପୁର ପଞ୍ଚାୟତ ବିରଭାନୁପୁର ଗ୍ରାମର ଏକ ତୋଟାରୁ ସମ୍ପୃକ୍ତ ୩ ଯୁବକ ପାରା, ବଗ, ମାଛରଙ୍କା ଆଦି ପକ୍ଷୀ ଶିକାର କରୁଥିବାବେଳେ ଗ୍ରାମବାସୀଙ୍କ ହାତରେ ଧରା ପଡ଼ିଥିଲେ। ଗ୍ରାମବାସୀ ସେମାନଙ୍କୁ କାବୁ କରି ବ୍ରହ୍ମବରଦା ପୋଲିସକୁ ହସ୍ତାନ୍ତର କରିଥିଲେ। ପୋଲିସ ସମ୍ପୃକ୍ତ ଯୁବକମାନଙ୍କୁ ଥାନାକୁ ଆଣି ପଚରାଉଚରା କରବା ପରେ ବୈରୀ ବନ ବିଭାଗକୁ ଅବଗତ କରାଇଥିଲା। ଏସ୍‌ସିଏଫ ରବି ମହାନ୍ତି, ସଚିଦାନନ୍ଦ ସୁବୁଦ୍ଧି, କୃଷ୍ଣଚନ୍ଦ୍ର ଟୁଡୁ ପହଞ୍ଚି ଏହାର ତଦନ୍ତ କରିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ। ଏନେଇ ନଂ.୧୧୭/୨୫ରେ ଏକ ମାମଲା ରୁଜୁ ହୋଇଛି।



# ସ୍ୱାମୀଙ୍କ କାଠଫାଳିଆ ମାଡ଼ରେ ସ୍ତ୍ରୀ ମୃତ

ଯାଜପୁରରୋଡ଼, ୪।୧୨(ପବିତ୍ର ରଞ୍ଜନ ମହାନ୍ତି):

ଯାଜପୁରରୋଡ଼ ଥାନା ଅନ୍ତର୍ଗତ ପହଙ୍ଗା ଗ୍ରାମରେ ପାରିବାରିକ କଳହକୁ ନେଇ ସ୍ୱାମୀଙ୍କ କାଠ ଫାଳିଆ ମାଡ଼ରେ ସ୍ତ୍ରୀଙ୍କ ଗୁରୁବାର ମୃତ୍ୟୁ ଘଟିଥିବା ଲିଖିତ ଅଭିଯୋଗ ହୋଇଛି। ପୋଲିସ ନଂ. ୭୧୦/୨୫ରେ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ କୃଷ୍ଣ ବିନ୍ଧାଣ(୪୫)ଙ୍କୁ ଗିରଫ କରି ତଦନ୍ତ ଆରମ୍ଭ କରିଛି।

ପହଙ୍ଗା ଗ୍ରାମର କୃଷ୍ଣ ପାରିବାରିକ କଳହକୁ ନେଇ ବୁଧବାର ବିଳମ୍ବିତ ରାତିରେ ସ୍ତ୍ରୀ ଗୁରୁବାରୀ(୪୨)ଙ୍କୁ ଏକ କାଠଫାଳିଆରେ ଶରୀରର ବିଭିନ୍ନ ସ୍ଥାନକୁ ପିଟି ଥିଲେ। ଫଳରେ ଘଟଣାସ୍ଥଳରେ ଗୁରୁବାରୀଙ୍କ ଜୀବନ ଚାଲିଯାଇଥିଲା। ଖବରପାଇ କେନ୍ଦୁଝର ଜିଲା ଘଷିପୁରା ଥାନା ଓସ୍ତପୁରା ଗ୍ରାମର ଜଗନ୍ନାଥ କାଠିଆଳଙ୍କୁ ବିବାହ କରିଥିବା ଗୁରୁବାରୀଙ୍କ ଝିଅ ବୁଦୁନି ବିନ୍ଧାଣି(୨୦) ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ ସହ ଘଟଣାସ୍ଥଳରେ ପହଞ୍ଚି କାଠଫାଳିଆକୁ ଜବତ କରିବା ସହ ଗୁରୁବାରୀଙ୍କ ନାବାଳକ ପୁଅଠାରୁ ଘଟଣା ସମ୍ପର୍କରେ ବୁଝିବା ସହ ଅଭିଯୁକ୍ତ କୃଷ୍ଣଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଶୁକ୍ରବାର କୃଷ୍ଣଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଆଇଆଇସି ଆଶିଷ ସାହୁ ସୂଚନା ଦେଇଛନ୍ତି।

# ଜିଲାସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଚଣ୍ଡିଖୋଲ,୪।୧୨(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ଖଇରାସ୍ଥିତ ଷୋଳପୁଅ ମା'ପଡ଼ିଆରେ ଗୁରୁବାର ମନୋରଞ୍ଜନ-ବବୁଲ ସ୍ମାରକୀ ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଅତିଥିଭାବେ ରାଜୀବ ମେମୋରିଆଲ କ୍ଲବର ସଭାପତି ରାଜକିଶୋର ଓଝା ଓ ସମ୍ପାଦକ ବିନୟ ପୃଷ୍ଟି ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଖଇରାବାଦ ଓ ଯାଜପୁର ଟାଉନ ଟିମ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ଟାଇବ୍ରେକର ଜରିଆରେ ଖଇରାବାଦ ଟିମ ୨/୧ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍ ସଞ୍ଜୟ ନଗର ଟିମ ବଡ଼ଚଣା ସହିତ ଡିଏଫଏ ଟିମ ଧର୍ମଶାଳା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଞ୍ଜୟ ନଗର ଟିମ ୪/୨ ଗୋଲରେ ଡିଏଫ୍ଏକୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଥିଲା। କ୍ଷୀରୋଦ ପତି, କାଶୀନାଥ ଜେନା, ହରିହର ଦାସ, ଦୀପକ ମଲ୍ଲିକ, ଦୀପୁ ମହାପାତ୍ର, ପ୍ରବୋଧ ସାହୁ, ଦେବାଶିଷ ମଲ୍ଲିକ ଓ ସୁବାସ ବରାଳ ପ୍ରମୁଖ ମ୍ୟାଚକୁ ପରିଚାଳନା କରିଥିଲେ। ଶୁକ୍ରବାର ୪ ଟିମକୁ ନେଇ ଦ୍ୱିତୀୟ ଦିବସ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ମଣ୍ଡଳସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା



ବିଜ୍ଞାନ କୁଇଜ ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

ଯାଜପୁର ସଦର,୪।୧୨ (ସମର ବିଜୟ ଶରଣ):

ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନ୍ତର୍ଗତ ଯାଜପୁର ମଣ୍ଡଳସ୍ତରୀୟ ବିଜ୍ଞାନ କୁଇଜ ପ୍ରତିଯୋଗିତା କପାସି ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ମଣ୍ଡଳ ଶିକ୍ଷାଧିକାରୀ ଦେବୀଲାଲ ମଲ୍ଲିକ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ହୃଦାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ମଞ୍ଚାସୀନ ମଣ୍ଡଳ ସହଶିକ୍ଷାଧିକାରୀ ନିର୍ମଳ ଚନ୍ଦ୍ର ଜେନା, ବରଦା ଭୂଷଣ ମହାପାତ୍ର, ମନୋଜ କୁମାର ଜେନା ପିଲାମାନଙ୍କ ଭିତରେ ବିଜ୍ଞାନ ପ୍ରତି କୌତୁହଳ ମନୋଭାବ ଜାଗ୍ରତ ପାଇଁ ନିଜର ଅଭିଭାଷଣ ମାଧ୍ୟମରେ ତଥ୍ୟ ଉପସ୍ଥାପନ କରିଥିଲେ। ଏହିସଭାରେ ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ସ୍ୱାଇଁ ମୁଖ୍ୟବକ୍ତା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି କାଳନ୍ଦୀ ଚରଣ ସାହୁ ଏବଂ ସିଆରସିସି ଭାଗିରଥି ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସିଆର୍‌ସିସି ପ୍ରକାଶ ଚନ୍ଦ୍ର ପଣ୍ଡା, ରାଜମମତା ନାୟକ ମଞ୍ଚ ପରିଚାଳନା କରିଥିଲେ। ସିଆର୍‌ସିସି ତିମିର ରଞ୍ଜନ ବେହେରା, ସଞ୍ଜୟ ମିଶ୍ର, କବିତା ସେଠୀ, ବିଜୟ ସାହୁ, ମନୋରଞ୍ଜନ ସାହୁ, ପ୍ରଦୀପ ସାହୁ, ପ୍ରଶାନ୍ତ ମଲ୍ଲିକ, ନିର୍ମଳ ସେଠୀ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ୨୫୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ଅବସରପ୍ରାପ୍ତ ସହ ଶିକ୍ଷାଧିକାରୀ କୁଳମଣି ବେହେରା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ରବୀନ୍ଦ୍ର ସାହୁ, ଗିରିଜା ପ୍ରସାଦ ମହାନ୍ତି, ସୁରେନ୍ଦ୍ର କୁମାର ମହାପାତ୍ର ବିଚାରକ ଭାବେ ଯୋଗ ଦେଇଥିଲେ। ସହ ଶିକ୍ଷାଧିକାରୀ ଜେନା ଧନ୍ୟବାଦ ଦେଇଥିଲେ।

# ଲଛମନବାଲାଜୀଉ ମହାବିଦ୍ୟାଳୟରେ ସାଂସ୍କୃତିକ ସପ୍ତାହ

ସିଂହପୁର,୪।୧୨
(ଅନଙ୍ଗ ଉଦୟ ବେଉରିଆ)

ବିଞ୍ଝାରପୁର ଥାନା ବରୀ ବ୍ଲକ ଅନ୍ତର୍ଗତ ଅଙ୍ଗଳୋ ଲଛମନ ବାଲାଜୀଉ ସ୍ନାତକ ମହାବିଦ୍ୟାଳୟରେ ସାଂସ୍କତିକ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟାପକ ସୁବ୍ରତ ଓଝାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ ଲିଖନ, ତର୍କ, ଇଂରାଜୀ ପ୍ରବନ୍ଧ ଲିଖନ, ତର୍କ, ଚିତ୍ରାଙ୍କନ, ରଙ୍ଗୋଲି, ଫେସନ ଶୋ, ରୋଷେଇ, ସଙ୍ଗୀତ ଓ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ପ୍ରଫେସର ଜୟଦେବ ଥାଟୋଇ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଯୁକ୍ତ ଦୁଇ କଲେଜ ଅଧକ୍ଷ ଆଶିଷ ରାୟ, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦିଲୀପ ରାଉତ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଭରତ ଚନ୍ଦ୍ର ବେହେରା, ମଦନ ମୋହନ ପରିଡ଼ା, ଅଧ୍ୟାପିକା ମୋନାଲିସା ପରିଡ଼ା, ଅଧ୍ୟାପକ ସୁବ୍ରତ ଓଝା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନରେ ସହଯୋଗ କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ପ୍ରଶଂସା ପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟାପକ ସୁଶାନ୍ତ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଜେଏସ୍‌ଏଲ୍ କାରଖାନାରେ ଫର୍ନେସ ବିସ୍ଫୋରଣ

କଳିଙ୍ଗନଗର,୪।୧୨(ଶୁଭାଶିଷ ରାଉତ):

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ଜିନ୍ଦଲ ଷ୍ଟେନଲେସଷ୍ଟିଲ୍ ଲିମିଟେଡ୍(ଜେଏସ୍‌ଏଲ) କମ୍ପାନୀ କାରଖାନାର ବଫର ଫର୍ନେସରେ ଗୁରୁବାର ରାତି ପ୍ରାୟ ୯ଟାରେ ଏକ ବିସ୍ଫୋରଣ ଘଟି ପ୍ରଚଣ୍ଡ ଶବ୍ଦ ହୋଇଛି। ଫଳରେ ପ୍ରାୟ ୫ କିମି ପର୍ଯ୍ୟନ୍ତ ଅଞ୍ଚଳବାସୀ ଭୟଭୀତ ହୋଇ ପଡ଼ିଛନ୍ତି। ବିସ୍ଫୋରଣ ପୂର୍ବରୁ ଫର୍ନେସରେ ନିଆଁ ଦେଖି ସେଠାରେ କାର୍ଯ୍ୟରତ ଅଧିକାରୀ ଓ କର୍ମଚାରୀ ବାହାରକୁ ବାହାରି ଆସିଥିଲେ। ଫଳରେ ପ୍ରାୟ ୫୦ ଜଣଙ୍କ ଜୀବନ ବର୍ତ୍ତିଯାଇଥିଲା। ନିୟମିତ ଭାବରେ ଫର୍ନେସର ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ବିସ୍ଫୋରଣ ହୋଇଥିବା ସୂଚନା ମିଳିଛି। ଏଥିରେ କମ୍ପାନୀର ବିପୁଳ କୋଟି ଟଙ୍କା କ୍ଷତି ହୋଇପାରେ ବୋଲି ସନ୍ଦେହ କରାଯାଉଛି। ଏ ସଂକ୍ରାନ୍ତରେ କମ୍ପାନୀର ବାହ୍ୟ ସମ୍ପର୍କ ଅଧିକାରୀ ସୌମ୍ୟରଞ୍ଜନ ବଳଙ୍କୁ ପଚାରିବାରୁ ସେ କହିଛନ୍ତି, ଫର୍ନେସରେ ଏକ ବିସ୍ଫୋରଣ ହୋଇଛି। ମାତ୍ର କାହାର କିଛି କ୍ଷତି ହୋଇନାହିଁ।

# ବିଜେଡି କର୍ମୀଙ୍କ ଭାଜପା କର୍ମୀଙ୍କୁ ଆକ୍ରମଣ ମାମଲା: ୪ କୋର୍ଟ ଚାଲାଣ

କାଳିଆପାଣି ୪।୧୨ ( ଅସିତ ମହାନ୍ତ ): କାଳିଆପାଣି ଥାନା ଅଞ୍ଚଳରେ ବିଜେଡି କର୍ମୀ ଭାଜପା ଯୁବନେତାଙ୍କୁ ଆକ୍ରମଣ ଘଟଣାରେ ୪ ଜଣଙ୍କ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ବୁଧବାର ସୁକିନ୍ଦାର ଭାଜପା ଯୁବନେତା ଚିରଞ୍ଜିବ ବେହୁରା, ସନ୍ତୋଷ ମୁଦୁଲି ଓ ଖଣି ଅଞ୍ଚଳ ମଣ୍ଡଳ ସଭାପତି ମନୋଜ ନାୟକଙ୍କୁ ବିସାନଗର ହଟିଂର ମନୋଜ ମାଲସାଣ୍ଡି, କୁନା ମାଲସେଣ୍ଡି, ଗୌରବ ସିଂ, କାଳିଆପାଣି ହଟିଂର ଦୀପକ ନାୟକ ଆକ୍ରମଣ କରି ଗୁରୁତର କରିଥିଲେ। ଏହାକୁ ନେଇ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି ଥାନାରେ ନଂ. ୧୩୩/୨୫ରେ ମାମଲା ରୁଜୁ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ଶ୍ରୀଚନ୍ଦନ ପ୍ରକାଶ କରିଛନ୍ତି। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତଙ୍କୁ ରଗଡ଼ି ଜେଲକୁ ପଠା ଯାଇଛି।

ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
OPTCL Lifeline of Odisha
ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବାଲେଶ୍ୱର

ବିଜ୍ଞପ୍ତି

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ୧୩୨ କେ.ଭି. ଲାଇନ୍, ୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ ଆନନ୍ଦପୁର ଠାରୁ ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ, ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି । ଏହି ଲାଇନ୍‌ଟି ସୁଦସୁଦିଆ, ଟୁକୁନା ଶାସନ, ବଣିକା, ହାତୀବନ୍ଧ, ଗୁହାଳିଆ, ପଞ୍ଚୁପଲ୍ଲୀ, ଫକୀରପୁର, ସଙ୍ଘିଦୋଭା, ବଂଛୋ, ଶିବନାରାୟଣପୁର, ଶାସଙ୍ଗ, ଅଦାଘୁରିଆ, ଶିଲଣା, ଢାଙ୍କୁରୀ, ବଡରମ୍ପାସ, ନନ୍ଦୀପଦା, ଖେତୁଆଳି, ଓରାଳି, ଅଁର, କୁମ୍ଭକରାଳ, ଖଜୁରୀଗଡିଆ, ପଧାନପଡା, ଘରପଡା, ଟିଲୋ, ପରିଆବଡା, ତୀରକଣା, ଗୋହୀରାପଦି, ପଳସା, ଆଳମଙ୍ଗା, କନ୍ତିଆ, ହାସିନପୁର, ରାମକୃଷ୍ଣପୁର, ବାଲୋ, କୁଣ୍ଡଳା, ବରପଦା, ଅମରଗଡିଆ, ବିରିପଡା, ଗେଲପୁର, ବରଡାଡିହି, ସାମରାଇପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୦୫.୧୨.୨୦୨୫ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବାଲେଶ୍ୱର
FIPR-65/2025-26
/optcl.odisha /optcl_odisha

ଦ.ପୂ. ରେଳପଥ – ଟେଣ୍ଡର

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୨୦, ତାରିଖ: ୦୩।୧୨।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆର୍‌ଏନ୍ (ଭାରିଆଣ୍ଟ) ୱାଗନ୍‌ଗୁଡ଼ିକୁ ସ୍ୱେଶାଲ ଟିଆର୍‌ଟି ୱାଗନରେ ରୂପାନ୍ତରିତ କରିବା । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୩,୯୨୪.୧୧ । **ବିଡ୍ ଅମାନତ:** ₹୨,୪୨,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ । (PR-917)

ପୂର୍ବ ତଟ ରେଳପଥ

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BAM-520, ତା.27.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ(Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 64,56,109.20, EMD (₹): 1,29,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-866/Q/25-26

FORM No. 13
BEFORE THE DEBTS RECOVERY TRIBUNAL, CUTTACK, ORISSA
C-71, SECTOR-7, CDA, CUTTACK, ODISHA
O.A NO. 202 / 2025

Punjab National Bank ....Applicant
Versus
M/s. Baba Filling Station ...Defendant(s)

To,
**M/s. Baba Filling Station,** At: Gopalmal, Po.: Kahtkhatia, PS.: Manamunda, Dist.: Boudh-D-1.
**Sujit Khatua,** aged about: 50 years, S/o: Chitrasen Khatua, At: Gopalmal, PO.: Khatkhatia, Dist.: Boudh, PIN-762016 D-2.

SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED

Take notice that the applicant has instituted an **O.A. No.: 202/ 2025** in the court of the Debts of Recovery Tribunal, Cuttack for recovery of **Rs.66,12,516/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.02.2026 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 27th day of **November, 2025.**

Sd/- Nikhila Ranjan Pati
REGISTRAR

ଫର୍ମ ନଂ. ୧୩
ରଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍
ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା
ମୂଳ ଦରଖାସ୍ତ ନଂ.: ୨୦୨୫ ର ୩୫୬

କାନାରା ବ୍ୟାଙ୍କ, ଏସ୍‌ଏମ୍‌ଇ ରାଉରକେଲା, ସୁନ୍ଦରଗଡ .....ଆବେଦନକାରୀ
ବନାମ
ଶ୍ରୀ ଲଳିତ ନାରାୟଣ ପ୍ରସାଦ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
**ଶ୍ରୀ ଲଳିତ ନାରାୟଣ ପ୍ରସାଦ,** ବୟସ ୪୦ ବର୍ଷ, ପିତା: ଶ୍ରୀ ଉମେଶ ପ୍ରସାଦ, ସା: କ୍ୱାଟର ନଂ.: ୨ଆର୍‌ଏ, ୧୧୪ ଓଏସ୍‌ଏପି ୪ର୍ଥ ବାଟାଲିୟନ, ସେକ୍ଟର-୨୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୧୦

ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୩୫୬/୨୦୨୫** ଦ୍ୱାରା **ଟ.୨୯,୫୨,୫୦୨.୨୬** ମାତ୍ର ରଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ରଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୧.୦୨.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ରଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୨୭ ନଭେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ରଣ ଅସୁଲି ପ୍ରାଧିକରଣ, କଟକ

DISTRICT PROJECT OFFICE
SAMAGRA SHIKSHA, NUAPADA-766105

No.3472/_/2025 Dated.03.12.2025
I-12/25-I.E

Notice Inviting Tender

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance along with Udyam registration of firm etc. for supply of equipment for Saksham Resource Centre for PMSHRI Schools of Nuapada district. The detailed bid documents can be downloaded from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/ manufacturer may download bid document from the above website and apply accordingly on or before dt. 22/12/2025 by 5:00 P.M. through regd/speed post only. The tender will be opened on the next day dt. 23/12/2025 at 11.00 A.M. at O/o the District Project Coordinator, Samagra Shiksha, Nuapada. Corrigendum/addendum, if any, will be uploaded in the above website. Hence, the potential bidders are requested go through the above websites for any updates. The authority reserves all rights to reject/modify or cancel part or whole tender without assigning any reason thereof.

Sd./- DEO-cum-DPC
Samagra Shiksha, Nuapada

कार्यालय अधीक्षण अभियंता
लोक निर्माण विभाग, बिलासपुर मंडल, बिलासपुर
ई-प्रोक्यारमेंट निविदा सूचना
Portal: http://eproc.cgstate.gov.in

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 22.12.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 431 | पेण्ड्रीडीह से नेहरू चोक मार्ग के कि.मी. 5/6 R/S में D 1.0M × 1.0M नाली निर्माण कार्य की विशेष मरामत। **प्रथम आमंक्षण। संभाग क्र. 1, बिलासपुर। मद संख्या - 24-5054-4090** | 19.44 |
| 2 | 432 | भठली से सेमरसल मार्ग लंबाई 4.50 कि.मी. (वास्तविक लंबाई 1.30 कि.मी.) का निर्माण कार्य। **प्रथम आमंत्रण। संभाग मुंगेली। मद संख्या - 24-5054-1222** | 145.91 |
| 3 | 433 | जिला जांजगीर चांपा के झिलमिल से नहर पार होते हुए भैंसो तक मार्ग लं. 0.70 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 88.39 |
| 4 | 434 | जिला जेल जांजगीर के प्रशासनिक भवन का मरम्मत कार्य। **प्रथम आमंत्रण। संभाग चांपा। मद संख्या - 67-4059-8040** | 12.97 |
| 5 | 435 | जिला जांजगीर चापा के पचेडा से कनई सडक निर्माण लं. 1.225 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 107.44 |
| 6 | 436 | आकस्मिक निधि अंतर्गत कार्यालय अनुविभागीय अधिकारी लोक निर्माण विभाग सारंगढ उपसंभाग कैम्पस में स्टोर रूम निर्माण कार्य। **प्रथम आमंत्रण। संभाग, सारंगढ। मद संख्या - 64-5054-4557,42-5054-4557** | 22.76 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर
G-252605189/3

ରୋଜ୍ ଭ୍ୟାଲି ଆସେଟ୍ସ ଡିସ୍‌ପୋଜାଲ କମିଟି
(ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ))
ପ୍ରକୋଷ୍ଠ ନଂ. ୪୦୧ ଓ ୪୦୨, ୪ର୍ଥ ମହଲା, ୫, ମାଙ୍ଗୋ ଲେନ୍, କୋଲକାତା - ୭୦୦୦୦୧

ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜମାକାରୀଙ୍କ ପାଇଁ ନୋଟିସ

ଡବ୍ଲ୍ୟୁପି ନଂ. ୨୦୧୬ର ୨୭୦୦୫ କାଳୀପଦ ପାଲ ଓ ଅନ୍ୟମାନେ
-ବନାମ-
ଭାରତ ସଂଘ ଓ ଅନ୍ୟମାନେ
ଏବଂ
ଡବ୍ଲ୍ୟୁପି ନଂ. ୨୦୧୫ର ୨୭୫
ରୋଜ୍ ଭ୍ୟାଲି ରିୟଲ୍ ଇଷ୍ଟେଟ୍ସ ଆଣ୍ଡ କନଷ୍ଟ୍ରକ୍ସନ୍ ଲିଃ ଓ ଅନ୍ୟମାନେ
-ବନାମ-
ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ

ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତାଙ୍କ ଦ୍ୱାରା ଗୃହୀତ ୧୧ ମେ, ୨୦୧୫ର ଆଦେଶକ୍ରମେ ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ)ଙ୍କ ନେତୃତ୍ୱାଧୀନ ବିଜ୍ଞ ଆସେଟ୍ ଡିସ୍‌ପୋଜାଲ କମିଟି (ଏଡିସି) ଗଠିତ ହୋଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତା ତାଙ୍କର ସେପ୍ଟେମ୍ବର ୨୧, ୨୦୨୩ର ଆଦେଶ ମାଧ୍ୟମରେ ରୋଜ୍ ଭ୍ୟାଲିର ଜମାକାରୀଙ୍କଠାରୁ ଦାବି ଆହ୍ୱାନ କରିବା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନାକୁ ୱେବ୍‌ସାଇଟରେ ପ୍ରଦର୍ଶିତ କରିବା ଲାଗି ଏକ ୱେବ୍‌ସାଇଟ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

୧୮ ମାର୍ଚ୍ଚ, ୨୦୨୪ରେ ବିଜ୍ଞ ଏଡିସିଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି:

ଏଡିସିର ୱେବସାଇଟ୍ www.rosevalleyadc.comର ଶୁଭାରମ୍ଭ କରାଯାଇଛି। ଉକ୍ତ ଏଡିସି ୱେବ୍‌ସାଇଟ୍‌ରେ ନିଜ ନିଜର ଦାବିକୁ ଅପଲୋଡ୍ କରିବା ଲାଗି ଜମାକାରୀମାନଙ୍କୁ ଅନୁରୋଧ କରାଯାଉଛି । ଦାବି ଦାଏର କରିବାର ପଦ୍ଧତି ଉକ୍ତ ୱେବ୍‌ସାଇଟ୍‌ରେ ବର୍ଣ୍ଣିତ ହୋଇଛି । ତାହାକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ । ଦାବି ବାବଦୀୟ ଦେୟ ପରିଶୋଧ ସତ୍ୟାପନ ଓ ଯାଞ୍ଚ ଉପରେ ନିର୍ଭର କରିବ।

ସ୍ଥାନ: କୋଲକାତା
ତାରିଖ: ନଭେମ୍ବର ୦୩, ୨୦୨୫
ଆଦେଶକ୍ରମେ
CBC 15204/11/0191/2526

# ୪୩ ପରିବାରକୁ ଉଚ୍ଛେଦ ନୋଟିସ, ଚିନ୍ତାରେ ଜବର ଦଖଲକାରୀ

**କୁଜଙ୍ଗ, ୪।୧୨(ମନୋଜ ପ୍ରଧାନ)**

କୁଜଙ୍ଗ ତହସିଲ ଅନ୍ତର୍ଗତ ନୂଆଗଡ଼ ଗ୍ରାମର ହନୁମାନପଡ଼ାରେ ଦୀର୍ଘ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଅନାବାଦୀ ଜମିରେ ବସବାସ କରିଆସୁଥିବା ୪୩ ପରିବାରଙ୍କୁ ଜିଲ୍ଲା ପ୍ରଶାସନ ଉଚ୍ଛେଦ ନୋଟିସ ଦେଇଛି। ସେମାନଙ୍କୁ ଉଭୟ 'କ' ଓ 'ଖ' ଫର୍ମ ନୋଟିସ ଜାରି କରି ୫ ତାରିଖ ସୁଦ୍ଧା ସମ୍ପୃକ୍ତ ସ୍ଥାନ ଛାଡ଼ିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନୋଟିସ୍ ପରେ ସେଠାରେ ରହୁଥିବା ୪୩ ପରିବାରଙ୍କ ଚିନ୍ତା ବଢ଼ିଯାଇଛି। ଥଇଥାନ ନ କରି ପ୍ରଶାସନ ବଳପୂର୍ବକ ଉଚ୍ଛେଦ କଲେ ଆତ୍ମାହୁତି ଦେବାକୁ ସେମାନେ ଚେତାବନୀ ଦେଇଛନ୍ତି। ସ୍ଥାନୀୟ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସମ୍ପ୍ରସାରଣ ପାଇଁ ଜାଗା ଆବଶ୍ୟକ ହେଉଥିବାରୁ ଉଚ୍ଛେଦ ଆବଶ୍ୟକ ବୋଲି କୁଜଙ୍ଗ ତହସିଲଦାର ସ୍ୱରୁପ ନନ୍ଦନ ବେହେରା ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ନୂଆଗଡ଼ ଗ୍ରାମର ହନୁମାନପଡ଼ାରେ ସ୍ଥାନୀୟ କିଛି ପରିବାର ଓ ବାହାର ଅଞ୍ଚଳର ପରିବାର ଏପରି ୪୩ ପରିବାର ଦୀର୍ଘଦିନ ହେବ ବସବାସ କରିଆସୁଛନ୍ତି। ଏପରିକି ସେଠାରେ ସ୍ଥାୟୀ ଗୃହ ନିର୍ମାଣ କରିବା ସହ ବିଭିନ୍ନ ସରକାରୀ ସୁବିଧା ପାଇଆସୁଛନ୍ତି। ସେମାନଙ୍କୁ ସେଠାରୁ ଉଚ୍ଛେଦ କରିବାକୁ ଜାରି କରାଯାଇଥିବା ଫର୍ମର ଅବଧି ନଭେମ୍ବର ୨୭ରେ ଶେଷ ହୋଇଛି। ଏହି ଆଧାରରେ ୫ ତାରିଖରେ ଉଚ୍ଛେଦ କରାଯିବ ବୋଲି ଗୁରୁବାର ଡାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯାଇଥିଲା। ମାତ୍ର ପ୍ରଶାସନିକ ନିଷ୍ପତ୍ତି ଆଧାରରେ ଏହାକୁ ସ୍ଥଗିତ ରଖାଯାଇଛି। ତେବେ ନିକଟବର୍ତ୍ତୀ ଅଞ୍ଚଳରେ ଆଉ ଅଧିକ ୭୦ରୁ ୮୦ ପରିବାରକୁ ପୁଣି ସାନି ନୋଟିସ କରାଯିବ। ଉଭୟ ଜାଗାକୁ ଏକସଙ୍ଗେ ଉଚ୍ଛେଦ କରାଯିବ ବୋଲି କୁଜଙ୍ଗ ତହସିଲଦାର ସ୍ୱରୁପ ନନ୍ଦନ ବେହେରା ପ୍ରକାଶ କରିଛନ୍ତି।

ସେ କହିଛନ୍ତି, ନୂଆଗଡ଼ରେ ଥିବା ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ସ୍ଥାନୀୟ ଲୋକେ ଏଥିରେ ସହଯୋଗ କରନ୍ତୁ। ଅନ୍ୟପକ୍ଷରେ ଉଚ୍ଛେଦ ନୋଟିସ ପାଇଥିବା ୪୩ ପରିବାର କୌଣସି ବାହାର ଅଞ୍ଚଳର ନୁହନ୍ତି। ସ୍ଥାନୀୟ ନୂଆଗଡ଼ ଗ୍ରାମ ଓ ଆଖପାଖ ଅଞ୍ଚଳର। ସରକାର ସେମାନଙ୍କ ପାଇଁ ରାସ୍ତା, ଗୋଷ୍ଠୀକେନ୍ଦ୍ର, ଆଲୋକୀକରଣ ବ୍ୟବସ୍ଥା କରିଛନ୍ତି। ଏପରିକି ସେମାନଙ୍କୁ ବିଭିନ୍ନ ସରକାରୀ ପରିଚୟ ପତ୍ର ମିଳିଛି। ଏଭଳି ସ୍ଥିତିରେ ପ୍ରଶାସନର ନୋଟିସ ଅଗଣତାନ୍ତ୍ରିକ ବୋଲି ଜବରଦଖଲକାରୀମାନେ ଅଭିଯୋଗ କରିଛନ୍ତି। ପ୍ରଶାସନ ଜୋରଜବରଦସ୍ତି ଉଚ୍ଛେଦ କଲେ ଚରମ ପଦକ୍ଷେପ ନେବୁ ବୋଲି ନନ୍ଦିନୀ ସ୍ୱାଇଁ, କାଞ୍ଚନ ଖଟୁଆ, ଜୁନିଲତା ବେହେରା, ଭାରତୀ ନାଥ, ଭାରତୀ ରାଉତ ପ୍ରମୁଖ ଚେତାବନୀ ଦେଇଛନ୍ତି।

# ଦୁଗ୍ଧରୁ କୃଷି ପର୍ଯ୍ୟନ୍ତ ସାମଗ୍ରିକ ବିକାଶକୁ ଗୁରୁତ୍ୱ

**ଜଗତ୍‌ସିଂହପୁର, ୪।୧୨ (ପ୍ରମୋଦ କୁମାର ନାୟକ)**




ଗୋପାଳନ ଓ କୃଷି ଆଦି କ୍ଷେତ୍ରରେ ଜଗତ୍‌ସିଂହପୁର ଜିଲ୍ଲାର ସୁନାମ ରହିଛି। ଏହି ଜିଲ୍ଲାର ଚାଷୀମାନେ କିପରି ଉପରୋକ୍ତ ଚାଷ କରି ଅଧିକ ଲାଭବାନ୍ ହେଉଛନ୍ତି, ସେନେଇ ଅନ୍ୟ ଜିଲ୍ଲାର ଚାଷୀ ଓ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକ ଆଗ୍ରହ ପ୍ରକାଶ କରୁଛନ୍ତି। ଅନେକ ସମୟରେ ବିଭିନ୍ନ ଜିଲ୍ଲାର ଚାଷୀ ଓ କୃଷକ ଉତ୍ପାଦକ ସଙ୍ଗଠନଗୁଡ଼ିକ ଜଗତ୍‌ସିଂହପୁର ଜିଲ୍ଲା ଗସ୍ତ କରି ବିଭିନ୍ନ ଜ୍ଞାନ ଆହରଣ କରିଥାନ୍ତି। ଏହି ଆଧାରରେ ଢେଙ୍କାନାଳ ଜିଲ୍ଲାର ୩ଟି କୃଷକ ଉତ୍ପାଦକ ସଂଗଠନର ୧୫ ଜଣ ନିର୍ଦ୍ଦେଶକ ମଣ୍ଡଳୀ ଓ ସଦସ୍ୟମାନେ ଢେଙ୍କାନାଳ କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଙ୍ଗଠନ ଦାୟିତ୍ୱରେ ଅଧିକାରୀ ଡ. ରୋଜାଲିନ ମହାନ୍ତଙ୍କ ନେତୃତ୍ୱରେ ଗୁରୁବାର ଜଗତ୍‌ସିଂହପୁର ଜିଲ୍ଲା ଗସ୍ତ କରିଥିଲେ। ସେମାନେ ଜଗତ୍‌ସିଂହପୁର କୃଷି ବିଜ୍ଞାନ କେନ୍ଦ୍ରର କୃଷକ ଉତ୍ପାଦକ ସଙ୍ଗଠନର ଦାୟିତ୍ୱରତ ଅଧିକାରୀ ସସ୍ମିତା ପୁରୋହିତଙ୍କ ସହଯୋଗରେ ଅମୃତା କୃଷକ ଉତ୍ପାଦକ ସଙ୍ଗଠନ, ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ ଓ ଜଗତ୍‌ସିଂହପୁର କୃଷି

**ଢେଙ୍କାନାଳ ଜିଲ୍ଲା କୃଷକ ଉତ୍ପାଦକ ସଙ୍ଗଠନର ଜଗତ୍‌ସିଂହପୁର ଗସ୍ତ**

ବିଜ୍ଞାନ କେନ୍ଦ୍ରକୁ ଭ୍ରମଣ କରିଥିଲେ। ବିଭିନ୍ନ କୃଷି ଓ ଉଦ୍ୟାନିକ ସମ୍ପର୍କିତ ପ୍ରୟୋଗ, ନୂଆ ପ୍ରଯୁକ୍ତି, ଉତ୍ପାଦନ ବୃଦ୍ଧି ଓ କୃଷି ମୂଲ୍ୟ ବୃଦ୍ଧିର ପ୍ରାୟୋଗିକ ତଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମେ ଦୁଗ୍ଧ ଆଧାରିତ ମୂଲ୍ୟ ବୃଦ୍ଧି ପାଇଁ ଚେଷ୍ଟିତ ଅମୃତା କୃଷକ ଉତ୍ପାଦକ ସଙ୍ଗଠନକୁ ଯାଇ ସେଠାରେ ଛେନା, ପନିର, ଘିଅ, ଖୁଆ ଓ ପେଡ଼ା ଆଦି ପ୍ରସ୍ତୁତି ପ୍ରକ୍ରିୟା ଦେଖିଥିଲେ। ଏହି ପ୍ରୟୋଗଗୁଡ଼ିକରେ ବ୍ୟବହୃତ ବିଭିନ୍ନ ଆଧୁନିକ ଯନ୍ତ୍ର ଯଥା ମିଲ୍କ ସେପାରେଟର, ପାଶ୍ଚୁରାଇଜର ଓ ଚିଲ ୟୁନିଟ୍ ଇତ୍ୟାଦିର ବ୍ୟାପକ ପ୍ରଦର୍ଶନ ଦେଖିବା ସହ ଦୁଗ୍ଧ ଉତ୍ପାଦନରୁ କିପରି ଅଧିକ ଆର୍ଥିକ ଲାଭ କରିପାରିବେ, ସେ ବିଷୟରେ ଧାରଣା ନେବାକୁ ଚେଷ୍ଟା କରିଥିଲେ। ବାଣୀକ୍ଷେତ୍ର କୃଷକ ଉତ୍ପାଦକ ସଙ୍ଗଠନ ଯାଇ ସେଠାରେ ୧୩ଟି ସ୍ଥାନୀୟ ଧାନ ପ୍ରଜାତିର ପ୍ଲଟ୍ ଲାଇନ ସ୍ୱ ପ୍ରକ୍ରିୟା ବିଷୟରେ ତଥ୍ୟ ସଂଗ୍ରହ କରିଥିଲେ। ଏହାସହ ସଙ୍ଗଠନ ପୁରୁଣା ଧାନ ପ୍ରଜାତିକୁ ସୁରକ୍ଷିତ କରି କିପରି ଉତ୍କୃଷ୍ଟ ବୀଜ ବିକାଶ କରୁଛି, ସେ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ସେଠାରେ ସଦସ୍ୟମାନେ ସିଡ୍ ପ୍ରୋସେସିଂ ୟୁନିଟ୍, କ୍ଲିନିଂ, ଗ୍ରେଡିଂ, ଡ୍ରାଇଂ ଓ ପ୍ୟାକେଜିଂ ପ୍ରକ୍ରିୟାକୁ ଦେଖି ବୀଜ ପ୍ରସ୍ତୁତି ବିଷୟରେ ଜ୍ଞାନ ଅର୍ଜନ କରିଥିଲେ। ଶେଷରେ ଜଗତ୍‌ସିଂହପୁର କୃଷି ବିଜ୍ଞାନ କେନ୍ଦ୍ର ମୃତ୍ତିକା ପରୀକ୍ଷାଗାର ଯାଇ ମୃତ୍ତିକାର ଜୀବାଣୁ, ପୋଷକ ତତ୍ତ୍ୱ ଓ ବର୍ଦ୍ଧିତ ନିର୍ଣ୍ଣୟ ପଦ୍ଧତି ଦେଖିଥିଲେ। ଏହାବାଦ ପ୍ଲାଣ୍ଟ ହେଲଥ କ୍ଲିନିକରେ ରୋଗ-କୀଟ ଚିହ୍ନଟ ଓ ବୈଜ୍ଞାନିକ ବ୍ୟବସ୍ଥାପନ ବିଷୟରେ ବ୍ୟାପକ ଆଲୋଚନା କରିଥିଲେ। କମ୍ ଜାଗା ଓ ପାଣିରେ କିପରି ମାଛଚାଷ କରି ଲାଭ ମିଳିପାରିବ, ସେଭଳି ବାୟୋଫ୍ଲକ ଚାଷ ପ୍ରଣାଳୀ ସମ୍ବନ୍ଧରେ ବୁଝିଥିଲେ। ଝିଆଖିତ ଚାଷ, ଆଳୋକା ଚାଷ, ନର୍ସରୀରେ ଚାରା ପ୍ରସ୍ତୁତି ଓ ପାକଶାଳା ବଗିଚା ଇତ୍ୟାଦି ଭ୍ରମଣ କରିଥିଲେ। ଏହି ସମଗ୍ର ଭ୍ରମଣ ସଦସ୍ୟମାନଙ୍କ ମଧ୍ୟରେ ମୂଲ୍ୟବୃଦ୍ଧି ଉଦ୍ୟମ, ବୈଜ୍ଞାନିକ କୃଷି ବିଷୟରେ ନୂଆ ଆଶା ଓ ଉତ୍ସାହ ସୃଷ୍ଟି କରିଛି।

# ବିଦ୍ୟାଳୟରୁ ଉତ୍ତମ ମଣିଷ ଗଠନ, ଶୃଙ୍ଖଳା, ସଂସ୍କାର ମିଳେ

**ବାଲିକୁଦା,୪।୧୨(ତାପସ ସ୍ୱାଇଁ)**

ବାଲିକୁଦା ବ୍ଲକ ଶୋଭାଠାରେ ଓଷକଣା ଶିଶୁ ବିଦ୍ୟାମନ୍ଦିରର ସ୍ୱନକ୍ଷତ୍ର ଦିବସ ଗୁରୁବାର ଅନୁଷ୍ଠିତ ହୋଇଯାଇଛି।ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଅପର୍ତ୍ତି ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ରେଳ ବିଭାଗର ଅବସରପ୍ରାପ୍ତ ଦୁର୍ନୀତି ନିବାରଣ ଅଧିକାରୀ ଗୌରାଙ୍ଗ ଚରଣ ଲେଙ୍କା, ମୁଖ୍ୟ ବକ୍ତାଭାବେ ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା ସଂଯୋଜକ ଦୁର୍ଗା ଚରଣ ସ୍ୱାଇଁ, ସମ୍ମାନିତ ଅତିଥିଭାବେ ରାମ ନାରାୟଣ ବିଶ୍ୱାଳ, ଅବସରପ୍ରାପ୍ତ ମୁଖ୍ୟ କାର୍ଯ୍ୟ ନିର୍ବାହୀ ବିଦ୍ୟୁତ ବିଭାଗ, ପୂର୍ବତନ ସଭାପତି ଭାଗିରଥି ପାଳ, ରମେଶ ଚନ୍ଦ୍ର ସ୍ୱାଇଁ, ପୂର୍ବତନ ଉପସଭାପତି ଉଛବ ପାଳ, କୋଷାଧକ୍ଷ ଆଦିତ୍ୟା ବିଶ୍ୱାଳ ଯୋଗଦେଇ ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କୁ ବିଦ୍ୟାଳୟ ହେଉଛି ମଣିଷ ତିଆରି କାରଖାନା। ଏଠାରୁ ଉତ୍ତମ ମଣିଷ ଗଠନ ସହ ଶୃଙ୍ଖଳା ଓ ସଂସ୍କାର ପିଲାମାନେ ପାଇଥାନ୍ତି ବୋଲି ମତବ୍ୟକ୍ତ କରିଥିଲେ । ଉତ୍ସବରେ ପ୍ରତିଷ୍ଠାତା ସମ୍ପାଦକ କୃଷ୍ଣଚନ୍ଦ୍ର ସ୍ୱାଇଁ ବିଦ୍ୟାମନ୍ଦିରର ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଧାନ ଆଚାର୍ଯ୍ୟା ନମିତା ମହାନ୍ତି ଅତିଥି ପରିଚୟ ଓ କୋଷାଧ୍ୟକ୍ଷ ଆଦିତ୍ୟା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ। ମାଧବାନନ୍ଦ ରାଉତ, ବାସୁଦେବ ରାଉତ, ଗୋପେଶ ନରାୟଣ ଦାସ, କାଳନ୍ଦୀ ଚରଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ପୂର୍ତ୍ତ ବିଭାଗ ରାସ୍ତା ସଫେଇରେ ଅନିୟମିତତା

**ନାଉଗାଁ, ୪।୧୨(ସୁଧା ବେହୁରା)**

**ରାସ୍ତା ସଫେଇ କାର୍ଯ୍ୟ ଜାଣି ନ ଥିବା କହିଲେ ସହକାରୀ ଯନ୍ତ୍ରୀ**



ବର୍ଷାଋତୁ ପରେ ମୁଖ୍ୟ ରାସ୍ତାପାର୍ଶ୍ୱରେ ଅନାବନା ଘାସ ଉଠି ଉପରକୁ ମାଡ଼ି ଆସିଥାଏ। ଉଭୟପାଖରେ ରହିଥିବା ଗଛରୁ ଡାଳପତ୍ର ସବୁ ରାସ୍ତା ଉପରେ ପଡ଼ି ରହିଥାଏ। ଫଳରେ ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ସହିତ ଜନସାଧାରଣ ଯିବା ଆସିବାରେ ନାନା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ଜନସାଧାରଣ ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ପ୍ରଶାସନ ପକ୍ଷରୁ ଅକ୍ଟୋବର ପରେ ରାସ୍ତାକୁ ସଫେଇ କରାଯାଇଥାଏ। ଏହି ପରିପ୍ରେକ୍ଷୀରେ ନାଉଗାଁ ବ୍ଲକରେ ରହିଥିବା ପୂର୍ତ୍ତ ବିଭାଗର ଜଗତ୍‌ସିଂହପୁର ବିଭାଜନ ଅଧୀନ ବାଲିଭଉଁରୀ-ଶିଖରଘାଟ, ନାଉଗାଁ-ଅରଖକୁଦ, ଅଲଣାହାଟ-କୁଣ୍ଡେଶ୍ୱର, ଆଳିପଙ୍ଗଳ-ପାଳସାହି, କୋକିଡ଼ିହ-ତେଲସରା ରାସ୍ତାର ଉଭୟପାର୍ଶ୍ୱ ସଫେଇ କାର୍ଯ୍ୟ ଜାରି ରହିଛି। ଏହି କାର୍ଯ୍ୟରେ ଅନିୟମିତତା ହୋଇଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ, ସରକାରଙ୍କ ନିୟମାନୁସାରେ ରାସ୍ତାର ଢଳେଇ କିମ୍ବା ପିଚୁ ଶେଷ ପାର୍ଶ୍ୱରୁ ଉଭୟପାର୍ଶ୍ୱ ଏକ ମିଟର ଲେଖାଏ ସଫେଇ କରିବା ସହ ଖାଲ ସ୍ଥାନରେ ମାଟି, ମୋରମ ପକାଇ ସମତୁଲ କରାଯିବ। ଏହା ବାବଦକୁ କିଲୋମିଟର ପିଛା ୨୪ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯିବା ପାଇଁ ବ୍ୟବସ୍ଥା ରହିଛି। କିନ୍ତୁ କାର୍ଯ୍ୟ କରୁଥିବା ଠିକାସଂସ୍ଥା ରାସ୍ତା ଉପର ମାଡି ଯାଇଥିବା ଅନାବନା ଘାସକୁ ସଫେଇ କରି ନାମକୁ ମାତ୍ର ଉଭୟ ପାର୍ଶ୍ୱକୁ ଘାସ ସଫା କରାଯାଇଥିବା ଦେଖିବାକୁ ମିଳିଛି। ସଫେଇ କରାଯିବା ସମୟରେ ବିଭାଗର କୌଣସି ଅଧିକାରୀ ରହୁ ନ ଥିବା ବେଳେ ଠିକାଦାର ନିଜ ମନଇଚ୍ଛା କାର୍ଯ୍ୟ କରୁଥିବା ଦେଖାଦେଇଛି। ଏପରିକି ଗାଁ ଗହଳି ଦେଇ ଯାଇଥିବା ରାସ୍ତାରେ ଉପରକୁ ମାଡିଥିବା ଗଛଲତାକୁ ମଧ୍ୟ ସଫା କରାଯାଉନାହିଁ। ଏହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏହି କାର୍ଯ୍ୟ ବିଷୟରେ ବିଭାଗର ସହକାରୀ ଯନ୍ତ୍ରୀ ରାମଲାଲ ସେଠୀଙ୍କୁ ପଚାରିବାରେ ସେ କାର୍ଯ୍ୟ ବିଷୟରେ ଜାଣି ନ ଥିବା କହିଥିଲେ। ପୂର୍ତ୍ତ ବିଭାଗର ରାସ୍ତାକୁ ଠିକାଦାରମାନେ ସଫେଇ କରୁଥିବା ବେଳେ ବିଭାଗୀୟ ସହକାରୀ ଯନ୍ତ୍ରୀ କାର୍ଯ୍ୟ ସମ୍ପର୍କରେ ଜାଣି ନ ଥିବା କହିବା କାର୍ଯ୍ୟର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଚିଙ୍ଗୁଡ଼ି ଘେରି ସାମଗ୍ରୀ ଥିବା ଘର ଜାଳିଦେଲେ ଦୁର୍ବୃତ୍ତ

**ଏରସମା, ୪।୧୨ (ଦୀପ୍ତି ଖଣ୍ଡୁଆଳ)**

ଏରସମା ଥାନା ଅନ୍ତର୍ଗତ ଗୋଡ଼ା ପଞ୍ଚାୟତସ୍ଥିତ ଶାଳିଓ ଗ୍ରାମରେ ଥିବା ଏକ ଚିଙ୍ଗୁଡ଼ିଘେରି ସାମଗ୍ରୀ ଥିବା ଏକ ବଖରାକୁ ବୁଧବାର ରାତିରେ କୌଣସି ଦୁର୍ବୃତ୍ତ ନିଆଁ ଲଗେଇ ଦେଇଥିବା ଗୁରୁବାର ସୁଦର୍ଶନ ବସ୍ତିଆଙ୍କ ସ୍ତ୍ରୀ ମେନକା ଏରସମା ଥାନାରେ ଅଭିଯୋଗ କରିଛନ୍ତି। ଫଳରେ ତାଙ୍କର ଲକ୍ଷାଧିକ ଟଙ୍କାର ଚିଙ୍ଗୁଡ଼ିଘେରି ସାମଗ୍ରୀ ପୋଡ଼ିଯାଇଛି ବୋଲି ସେଥିରେ ଦର୍ଶାଇଛନ୍ତି। ଅଭିଯୋଗ ଅନୁଯାୟୀ, ଶାଳିଓ ଗ୍ରାମରେ ତାଙ୍କର ଚିଙ୍ଗୁଡ଼ିଘେରି ଥିଲା। ଚିଙ୍ଗୁଡ଼ି ଧରା ସରିବା ପରେ ୪୫ରେ ୩୦ ଫୁଟ ବିଶିଷ୍ଟ ଏକ ଲମ୍ବା ଚାଳ ବଖରାରେ ସେ ଚିଙ୍ଗୁଡ଼ିଘେରିର ବିଭିନ୍ନ ସାମଗ୍ରୀ ରଖିଥିଲେ। ବୁଧବାର ରାତିରେ ଉକ୍ତ ବଖରାଟି ଜଳିଯାଇଛି। ସ୍ଥାନୀୟ ଲୋକେ ପାଣି ପକାଇ ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ସେତେବେଳକୁ ୨୫ଟି ୫ ଏଚ୍‌ପି ମୋଟର, ୨୨ ଏରିଏଟର ମେଶିନ, ୨୫୦ ଏରିଏଟର ଚକ୍ରି, ୬୦ ପ୍ଲାଷ୍ଟିକ ଫ୍ଲୋଟର, ୧୪ ପ୍ଲାଷ୍ଟିକ ଡ୍ରମ୍ ଓ ୨ ସାଇକେଲ ସହ ବିଭିନ୍ନ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗ ପରେ ଥାନା ପକ୍ଷରୁ ମାମଲା (ନଂ. ୪୨୨/୨୫) ରୁଜୁ କରାଯାଇ ତଦନ୍ତ ଚାଲିଛି।

# ଏଡ୍‌ସ ସଚେତନତା, ବର୍ଜ୍ୟ ପରିଚାଳନା ସମ୍ପର୍କିତ କର୍ମଶାଳା

**କୁଜଙ୍ଗ, ୪।୧୨(ମନୋଜ ପ୍ରଧାନ)**

କୁଜଙ୍ଗ ବ୍ଲକ ଅନ୍ତର୍ଗତ ବାଲିଆସ୍ଥିତ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା ଓ ବର୍ଜ୍ୟ ପରିଚାଳନା ସମ୍ପର୍କିତ କର୍ମଶାଳା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଇକୋ କ୍ଲବ ଆନୁକୂଲ୍ୟ ବର୍ଜ୍ୟ ପରିଚାଳନା ସମ୍ପର୍କିତ ୱେଷ୍ଟ ଟୁ ୱେଲ୍‌ଥ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ଅଧକ୍ଷ ହିରଣ୍ୟ ସ୍ୱାଇଁଙ୍କ ଅଧକ୍ଷତାରେ ଓ ସଂଯୋଜକ ଅଧ୍ୟାପକ ପ୍ରଶାନ୍ତ ଶେଖର ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିକା ନିତମ୍ବିନୀ ସାମନ୍ତରାୟ ଯୋଗଦେଇ ଛାତ୍ରୀମାନଙ୍କୁ ଗୃହର ଅଦରକାରୀ ଉପକରଣରୁ କିପରି ଖେଳଣା, ପାପୋଛ, କାଗଜରୁ ଫୁଲ, ଫୁଲ ଟାଙ୍ଗୁଡ଼ି ଓ ପେନ୍ ଷ୍ଟାଣ୍ଡ ପ୍ରଭୃତିର ନିର୍ମାଣ ଶୈଳୀ ଓ କୌଶଳ ସମ୍ପର୍କରେ ପ୍ରଶିକ୍ଷଣ ଦେଇଥିଲେ। ଘରର ଅଦରକାରୀ ଜିନିଷକୁ ନ ଫୋପାଡ଼ି ଭିନ୍ନ ଉପାୟରେ ପୁନଃ ବ୍ୟବହାର କରି ମହିଳାମାନେ ସ୍ୱାବଲମ୍ବୀ ହେବାକୁ ଅଧକ୍ଷ ଆହ୍ୱାନ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମ ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ଘୋଷଣା କରିଥିଲେ । ସେହିପରି ଯୁବ ରେଡକ୍ରସ ଆନୁକୂଲ୍ୟରେ ବିଦ୍ୟାଳୟର ରେଡ୍ ରିବନ କ୍ଲବ ପକ୍ଷରୁ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରେଡ ରିବନ୍ କ୍ଲବର ସଂଯୋଜିକା ଅଧ୍ୟାପିକା ରୋଜାଲିନ ଜେନାଙ୍କ ସଂଯୋଜନାରେ ପ୍ରଥମେ ବିଦ୍ୟାଳୟର ଛାତ୍ରୀଙ୍କୁ ନେଇ ଏକ ଏଡ୍‌ସ ସଚେତନତା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ପରେ ଅଧ୍ୟକ୍ଷ ହିରଣ୍ୟ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଚେତନତା ସଭାରେ ଏଡ୍‌ସରୁ ମୁକ୍ତି ପାଇଁ ସମସ୍ତେ ସଚେତନ ଓ ନିଷ୍ଠାପର ହୋଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଉଭୟ କାର୍ଯ୍ୟକ୍ରମକୁ ଅଧ୍ୟାପିକା ମମତା ବେହେରା, ଶୁଭ୍ରାମଞ୍ଜରୀ ବେହେରାଙ୍କ ସମେତ କର୍ମଚାରୀ ପ୍ରଫୁଲ୍ଲ ମହାପାତ୍ର ପରିଚାଳନା କରିଥିଲେ। ଅଧ୍ୟାପକ ପ୍ରଶାନ୍ତ ଶେଖର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।


**ଦ.ପୂ. ରେଳପଥ – ଟେଣ୍ଡର**

**ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୨୦, ତାରିଖ: ୦୩।୧୨।୨୦୨୫ ।**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆରଏନ୍ (ଭାରିଆଣ୍ଟ) ୱାଗନ୍‌ଗୁଡ଼ିକୁ ସ୍ପେଶାଲ ଟିଆରଟି ୱାଗନରେ ରୂପାନ୍ତରିତ କରିବା । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୩,୯୨୪.୧୧ । **ବିଡ୍ ଅମାନତ:** ₹୨,୪୨,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପଲୋଡ୍ କରାଯିବା ଜରୁରୀ । (PR-917)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BAM-520, ତା.27.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ(Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 64,56,109.20, EMD (₹): 1,29,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼

PR-866/Q/25-26

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 202 / 2025**

**Punjab National Bank** ....Applicant
Versus
**M/s. Baba Filling Station** ...Defendant(s)

**To,**
**M/s. Baba Filling Station,** At: Gopalmal, Po.: Kahtkhatia, PS.: Manamunda, Dist.: Boudh-D-1.
**Sujit Khatua,** aged about: 50 years, S/o: Chitrasen Khatua, At: Gopalmal, PO.: Khatkhatia, Dist.: Boudh, PIN-762016 D-2.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 202/2025** in the court of the Debts of Recovery Tribunal, Cuttack for recovery of **Rs.66,12,516/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.02.2026 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 27th day of **November, 2025.**

**Sd/- Nikhila Ranjan Pati**
**REGISTRAR**

ଫର୍ମ ନଂ. ୧୩
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୩୫୬**

କାନାରା ବ୍ୟାଙ୍କ, ଏସ୍‌ଏମ୍‌ଇ ରାଉରକେଲା, ସୁନ୍ଦରଗଡ .....ଆବେଦନକାରୀ
ବନାମ
ଶ୍ରୀ ଲଳିତ ନାରାୟଣ ପ୍ରସାଦ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
**ଶ୍ରୀ ଲଳିତ ନାରାୟଣ ପ୍ରସାଦ,** ବୟସ ୪୦ ବର୍ଷ, ପିତା: ଶ୍ରୀ ଉମେଶ ପ୍ରସାଦ, ସା: କ୍ୱାଟର ନଂ.: ୨ଆର୍‌ଏ, ୧୧୪ ଓଏସ୍‌ଏପି ୪ର୍ଥ ବାଟାଲିୟନ, ସେକ୍ଟର-୨୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୧୦

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୩୫୬/୨୦୨୫** ଦ୍ୱାରା **ଟ.୨୯,୫୨,୫୦୨.୨୬** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୩.୦୨.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୨୭ ନଭେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ଋଣ ଅସୁଲି ପ୍ରାଧିକରଣ, କଟକ

**DISTRICT PROJECT OFFICE**
**SAMAGRA SHIKSHA, NUAPADA-766105**
**No.3472/_/2025** **Dated.03.12.2025**
**I-12/25-I.E**

**Notice Inviting Tender**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance along with Udyam registration of firm etc. for supply of equipment for Saksham Resource Centre for PMSHRI Schools of Nuapada district. The detailed bid documents can be downloaded from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/ manufacturer may download bid document from the above website and apply accordingly on or before dt. 22/12/2025 by 5:00 P.M. through regd/speed post only. The tender will be opened on the next day dt. 23/12/2025 at 11.00 A.M. at O/o the District Project Coordinator, Samagra Shiksha, Nuapada. Corrigendum/addendum, if any, will be uploaded in the above website. Hence, the potential bidders are requested go through the above websites for any updates. The authority reserves all rights to reject/modify or cancel part or whole tender without assigning any reason thereof.

**Sd./- DEO-cum-DPC**
Samagra Shiksha, Nuapada

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବାଲେଶ୍ୱର

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା **୧୩୨ କେ.ଭି. ଲାଇନ୍, ୧୩୨/୩୩ କେ.ଭି. ଗ୍ରୀଡ୍** ସବଷ୍ଟେସନ ଆନନ୍ଦପୁର ଠାରୁ **୨୨୦/୧୩୨/୩୩ କେ.ଭି. ଗ୍ରୀଡ୍** ସବଷ୍ଟେସନ, ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି । ଏହି ଲାଇନ୍‌ଟି ସୁଦସୁଦିଆ, ଟୁକୁନା ଶାସନ, ବଣିକା, ହାତୀବନ୍ଧ, ଗୁହାଳିଆ, ପଞ୍ଚୁପଲ୍ଲୀ, ଫକୀରପୁର, ସଙ୍ଗିଦୋଭା, ବଂଛୋ, ଶିବନାରାୟଣପୁର, ଶାସଙ୍ଗ, ଅଦାଘୁରିଆ, ଶିଲଣା, ଡାଙ୍କୁରୀ, ବଡରମ୍ପାସ, ନନ୍ଦୀପଦା, ଖେତୁଆଳି, ଓରାଳି, ଅଁର, କୁମ୍ଭକରାଳ, ଖଜୁରୀଗଡିଆ, ପଧାନପଡା, ଘରପଡା, ଟିଲୋ, ପରିଆବଡା, ତୀରକଣା, ଗୋହୀରାପଦି, ପଳସା, ଆଲମଙ୍ଗା, କନ୍ତିଆ, ହାସିନପୁର, ରାମକୃଷ୍ଣପୁର, ବାଲୋ, କୁଣ୍ଡଳା, ବରପଦା, ଅମରଗଡିଆ, ବିରିପଡା, ଗେଲପୁର, ବରଡାଡିହି, ସାମରାଇପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୦୫.୧୨.୨୦୨୫ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ପ୍ରକଳ୍ପ ବିଭାଗ,ବାଲେଶ୍ୱର
FIPR-65/2025-26
/optcl.odisha /optcl_odisha

**कार्यालय अधीक्षण अभियंता**
**लोक निर्माण विभाग, बिलासपुर मंडल, बिलासपुर**
**ई-प्रोक्यारमेंट निविदा सूचना**
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 22.12.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 431 | पेण्ड्रीडीह से नेहरू चोक मार्ग के कि.मी. 5/6 R/S में D 1.0M × 1.0M नाली निर्माण कार्य की विशेष मरामत। **प्रथम आमंक्षण। संभाग क्र. 1, बिलासपुर। मद संख्या - 24-5054-4090** | 19.44 |
| 2 | 432 | भठली से सेमरसल मार्ग लंबाई 4.50 कि.मी. (वास्तविक लंबाई 1.30 कि.मी.) का निर्माण कार्य। **प्रथम आमंत्रण। संभाग मुंगेली। मद संख्या - 24-5054-1222** | 145.91 |
| 3 | 433 | जिला जांजगीर चांपा के झिलमिल से नहर पार होते हुए भैंसो तक मार्ग लं. 0.70 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 88.39 |
| 4 | 434 | जिला जेल जांजगीर के प्रशासनिक भवन का मरम्मत कार्य। **प्रथम आमंत्रण। संभाग चांपा। मद संख्या - 67-4059-8040** | 12.97 |
| 5 | 435 | जिला जांजगीर चापा के पचेडा से कनई सडक निर्माण लं. 1.225 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 107.44 |
| 6 | 436 | आकस्मिक निधि अंतर्गत कार्यालय अनुविभागीय अधिकारी लोक निर्माण विभाग सारंगढ उपसंभाग कैम्पस में स्टोर रूम निर्माण कार्य। **प्रथम आमंत्रण। संभाग, सारंगढ। मद संख्या - 64-5054-4557,42-5054-4557** | 22.76 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर
G-252605189/3

**ରୋଜ୍ ଭ୍ୟାଲି ଆସେଟ୍ସ ଡିସ୍‌ପୋଜାଲ କମିଟି**
**(ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ))**
**ପ୍ରକୋଷ୍ଠ ନଂ. ୪୦୧ ଓ ୪୦୨, ୪ର୍ଥ ମହଲା, ୫, ମାଙ୍ଗୋ ଲେନ୍, କୋଲକାତା - ୭୦୦୦୦୧**

**ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜମାକାରୀଙ୍କ ପାଇଁ ନୋଟିସ**

**ଡବ୍ଲ୍ୟୁପି ନଂ. ୨୦୧୬ର ୨୭୦୦୫ କାଳୀପଦ ପାଲ ଓ ଅନ୍ୟମାନେ**
**-ବନାମ-**
**ଭାରତ ସଂଘ ଓ ଅନ୍ୟମାନେ**
**ଏବଂ**
**ଡବ୍ଲ୍ୟୁପି ନଂ. ୨୦୧୫ର ୨୭୫**
**ରୋଜ୍ ଭ୍ୟାଲି ରିୟଲ୍ ଇଷ୍ଟେଟ୍ସ ଆଣ୍ଡ କନଷ୍ଟ୍ରକ୍ସନ୍ ଲିଃ ଓ ଅନ୍ୟମାନେ**
**-ବନାମ-**
**ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ**

ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତାଙ୍କ ଦ୍ୱାରା ଗୃହୀତ ୧୧ ମେ, ୨୦୧୫ର ଆଦେଶକ୍ରମେ ଅଧକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ)ଙ୍କ ନେତୃତ୍ୱାଧୀନ ବିଜ୍ଞ ଆସେଟ୍ ଡିସ୍‌ପୋଜାଲ କମିଟି (ଏଡିସି) ଗଠିତ ହୋଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତା ତାଙ୍କର ସେପ୍ଟେମ୍ବର ୨୧, ୨୦୨୩ର ଆଦେଶ ମାଧ୍ୟମରେ ରୋଜ୍ ଭ୍ୟାଲିର ଜମାକାରୀଙ୍କଠାରୁ ଦାବି ଆହ୍ୱାନ କରିବା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନାକୁ ୱେବ୍‌ସାଇଟରେ ପ୍ରଦର୍ଶିତ କରିବା ଲାଗି ଏକ ୱେବ୍‌ସାଇଟ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

୧୮ ମାର୍ଚ୍ଚ, ୨୦୨୪ରେ ବିଜ୍ଞ ଏଡିସିଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି:

ଏଡିସିର ୱେବସାଇଟ୍ www.rosevalleyadc.comର ଶୁଭାରମ୍ଭ କରାଯାଇଛି। ଉକ୍ତ ଏଡିସି ୱେବ୍‌ସାଇଟ୍‌ରେ ନିଜ ନିଜର ଦାବିକୁ ଅପଲୋଡ୍ କରିବା ଲାଗି ଜମାକାରୀମାନଙ୍କୁ ଅନୁରୋଧ କରାଯାଉଛି । ଦାବି ଦାଏର କରିବାର ପଦ୍ଧତି ଉକ୍ତ ୱେବ୍‌ସାଇଟ୍‌ରେ ବର୍ଣ୍ଣିତ ହୋଇଛି । ତାହାକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ । ଦାବି ବାବଦୀୟ ଦେୟ ପରିଶୋଧ ସତ୍ୟାପନ ଓ ଯାଞ୍ଚ ଉପରେ ନିର୍ଭର କରିବ।

**ସ୍ଥାନ: କୋଲକାତା**
**ତାରିଖ: ନଭେମ୍ବର ୦୩, ୨୦୨୫**
**ଆଦେଶକ୍ରମେ**
**CBC 15204/11/0191/2526**

# ଓଡ଼ଗାଁ, ବାହାଡ଼ାଖୋଲାରୁ ୩୦ ଫେରିବାଲା ପଶ୍ଚିମବଙ୍ଗ ପଳାଇଲେ

**ପରିଚୟ ଯାଞ୍ଚ ପାଇଁ ଓଡ଼ଗାଁ ଥାନାକୁ ଡାକରା ଘଟଣା**

**ଏମ୍‌ପି ମହୁଆ ମୋଇତ୍ରଙ୍କ ଟୁଇଟକୁ ନେଇ ଚର୍ଚ୍ଚା ଜୋର୍ ଧରିଲା**

ଓଡ଼ଗାଁ, ୪।୧୨(ଆଦର୍ଶ କୁମାର ପଟ୍ଟନାୟକ)

ରୋହିଙ୍ଗ୍ୟା ଅନୁପ୍ରବେଶକାରୀଙ୍କୁ ନେଇ ନୟାଗଡ଼ ଜିଲା ଓଡ଼ଗାଁ ଥାନାରେ ଅଭିଯୋଗ ହେବା ପରେ ପଶ୍ଚିମବଙ୍ଗରୁ ଆସି ଓଡ଼ଗାଁ ଏନ୍‌ଏସି ଅଞ୍ଚଳରେ ରହୁଥିବା ୧୪ ଅଜଣା ବେପାରୀଙ୍କ ପରିଚୟ ଯାଞ୍ଚ ପ୍ରକ୍ରିୟା ନିମନ୍ତେ ପୋଲିସ ସେମାନଙ୍କୁ ଥାନାକୁ ଡାକି ପଚରା ଉଚୁରା କରିଥିଲା। ଯାଞ୍ଚ ନିମନ୍ତେ ସେମାନଙ୍କଠାରୁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ କରିବାପରେ ବେପାରୀମାନେ ନିଜ ନିଜ ଭଡା ଘରକୁ ଫେରି ଯାଇଥିଲେ। ପ୍ରମାଣପତ୍ର ଯାଞ୍ଚ କରିବା, ଓଡ଼ଗାଁ ପୋଲିସର ଅଧିକାର ପରିସରଭୁକ୍ତ ହୋଇନଥିବାରୁ ପୋଲିସ ସେଗୁଡ଼ିକୁ ଯାଞ୍ଚ ନିମନ୍ତେ ନୟାଗଡ଼ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇଥିଲେ। ପରଦିନ ଓଡ଼ଗାଁରେ ରହୁଥିବା ୧୪ ଜଣ ପଶ୍ଚିମବଙ୍ଗ ଫେରିବାଲା ଭୟ କିମ୍ବା ଅନ୍ୟ କୌଣସି କାରଣରୁ ପ୍ରତ୍ୟାବର୍ତ୍ତନ କରିଥିବା ବେଳେ ଏ ଖବର ପାଇ ବାହାଡ଼ାଖୋଲା ଫାଣ୍ଡି ବାହାଡ଼ାଖୋଲାରେ ରହୁଥିବା ୧୬ ଫେରିବାଲା ମଧ୍ୟ ପଶ୍ଚିମବଙ୍ଗ ଫେରି ଯାଇଥିଲେ। ତେବେ ବାହାଡାଖୋଲାରେ ରହୁଥିବା ଫେରିବାଲାଙ୍କ ନାମରେ କୌଣସି ଅଭିଯୋଗ ନ ଥିବା ବେଳେ ଏବଂ ପୋଲିସ କିମ୍ବା ସ୍ଥାନୀୟ ଲୋକଙ୍କ ତରଫରୁ ଏନେଇ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ସେମାନେ ମଧ୍ୟ ଫେରିଯିବା ଘଟଣା ସାଧାରଣରେ ସନ୍ଦେହ ସୃଷ୍ଟି କରିଥିଲା। ପଶ୍ଚିମବଙ୍ଗ ତ୍ରୁଣମୂଳ କଂଗ୍ରେସ ଏମ୍‌ପି ମହୁଆ ମୋଇତ୍ର ଟୁଇଟ୍ ମାଧ୍ୟମରେ ୪ ଜଣ ପଶ୍ଚିମବଙ୍ଗ ନାଗରିକଙ୍କୁ ଓଡ଼ିଶା ପୋଲିସ ଭୟ ଦେଖାଇ ନିଜ ରାଜ୍ୟକୁ ଫେରିବାକୁ କହିଥିବା ନେଇ ଅଭିଯୋଗ କରିବା ସହିତ ଏପରି ନ କରିବାକୁ ଓଡ଼ିଶା ପୋଲିସକୁ ସୂଚନା ଦେଇଥିବା ବେଳେ ୧୪ ଜଣକ ମଧ୍ୟରୁ କେବଳ ୪ ଜଣଙ୍କ ବିଷୟରେ ଏମ୍‌ପି ପ୍ରଶ୍ନ ଉଠାଇଥିବାରୁ ଅନ୍ୟ ୧୦ ଜଣ କ'ଣ ପଶ୍ଚିମବଙ୍ଗର ନୁହନ୍ତି ବୋଲି ମହୁଆଙ୍କ ଉକ୍ତିକୁ ନେଇ ଓଡ଼ିଗାଁରେ ଚର୍ଚ୍ଚା ଜୋର ଧରିଛି। ହେଲେ କିଛି ଗଫଲତି ରହିଥିବା ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେବା ସ୍ୱାଭାବିକ। ସୂଚନାଯୋଗ୍ୟ, ଅଭିଯୋଗକାରୀମାନେ ଫେରିବାଲାଙ୍କ ପରିଚୟ ଯାଞ୍ଚ କରିବା ପାଇଁ ଅଭିଯୋଗ କରିଥିବା ବେଳେ ଜାଗାଛାଡି ଚାଲିଯିବାକୁ ଆଦୌ କହିନଥିଲେ। ଯାଞ୍ଚ ପ୍ରକ୍ରିୟାପରେ ଯଦି ସେମାନେ ଭାରତର ନାଗରିକ ବୋଲି ପ୍ରମାଣିତ ହୋଇଥାନ୍ତେ,ତେବେ ଜାଗା ଛାଡି ଯିବାର ପ୍ରଶ୍ନ ଉଠିନଥାନ୍ତା। ଯଦି ସେମାନେ ଭାରତର ନାଗରିକ ନୁହନ୍ତି, ତେବେ ସେମାନେ ତାଙ୍କ ନିଜ ସ୍ଥାନକୁ ଫେରିଯିବା ଉଚିତ୍ ବୋଲି ଅଭିଯୋଗକାରୀମାନେ ସନ୍ଦେହ କରିଥିଲେ। ଅଭିଯୋଗ ମିଳିଲେ ସେହି ଅନୁସାରେ ଆମେ ତଦନ୍ତ କରିବୁ। ତଦନ୍ତରେ ଆମେ ସମସ୍ତଙ୍କର ସହଯୋଗ ଲୋଡିଥାଉ। ଆଇନର ସୀମା ଭିତରେ ରହି ଆମ୍ଭେ କାର୍ଯ୍ୟ କରିଛୁ ବୋଲି ଓଡ଼ଗାଁ ପୋଲିସ ତରଫରୁ କୁହାଯାଇଛି ।

# ମା' ରାମଚଣ୍ଡୀ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଭାପୁର ଟିମ୍ ଚାମ୍ପିୟନ



ବିଜୟୀ ଦଳକୁ କପ୍ ପ୍ରଦାନ ସହ ପୁରସ୍କୃତ କରାଯାଉଛି।

ଭାପୁର,୪।୧୨(ପ୍ରଭାତ ବରାଡ)

ଭାପୁର ବ୍ଲକ ଗୋଲାପୋଖରୀ ଗ୍ରାମରେ ଚାଲିଥିବା ମା' ରାମଚଣ୍ଡୀ ସପ୍ତମବାର୍ଷିକୀ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏହି ମ୍ୟାଚରେ ଭାପୁର କ୍ରିକେଟ ଟିମ୍ ଚାମ୍ପିୟନ ହୋଇଥିବା ବେଳେ ବାପୁଜୀ କ୍ରିକେଟ କ୍ଲବ ଏଲପଡା ରନର୍ସ ଅପ୍ ହୋଇଛି। ପ୍ରଥମେ ବାପୁଜୀ କ୍ଲବ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇ ୧୮.୨ ଓଭରରେ ସମସ୍ତ ଉଇକେଟ ହରାଇ ୯୯ ରନ କରିବାକୁ ସକ୍ଷମ ହୋଇଥିଲା। ଜବାବରେ ଭାପୁର ଟିମ୍ ୧୮.୪ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକ ରନ କରି ଚାମ୍ପିୟନ ହୋଇଥିଲା। ଚାମ୍ପିୟନ ଦଳର ନାଲୁ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଏହି ମ୍ୟାଚକୁ ସୁଚାରୁରୂପେ ପରିଚାଳନା କରିଥିଲେ ବୈକୁଣ୍ଠ ନାଥ ପଲେଇ ଓ ସୋନୁ ଗୁମାନ ସିଂ। ଖେଳର ଧାରାବିବରଣୀ ସୁଶାନ୍ତ ପାତ୍ର ପ୍ରଦାନ କରିଥିବା ବେଳେ ସ୍କୋରର ସହାୟତା କରିଥିଲେ ଚନ୍ଦନ ରାଉତରାୟ ଓ ଜୀବନ ରାଉତରାୟ। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ସାମାଜିକକର୍ମୀ କାଳନ୍ଦୀ ଚରଣ ବାରିକ ଉପସ୍ଥିତ ରହି ଭାପୁର କ୍ରିକେଟ ଟିମ୍‌କୁ ଚାମ୍ପିୟନ ଟ୍ରଫି ସହ ନଗଦ ୪ ହଜାର ଟଙ୍କା ଓ ବାପୁଜୀ କ୍ରିକେଟ କ୍ଲବ ଏଲପଡା ଟିମ୍‌କୁ ରନର୍ସ ଟ୍ରଫି ସହ ୩, ୫୦୦ ଟଙ୍କା ପ୍ରଦାନ କରି ଆୟୋଜକ ଓ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଖେଳରେ ଗୋଲାପୋଖରୀ ଯୁବକ ସଂଘ ସହଯୋଗ କରିଥିଲା।

# ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ




କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ନୟାଗଡ,୪।୧୨(ଲୋକନାଥ ମିଶ୍ର)

ପ୍ରିୟଦିନୀ ରେହାବ କେୟାରର ୬ଷ୍ଠ ପ୍ରତିଷ୍ଠା ଦିବସ ଅବସରରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ସ୍ୱତନ୍ତ୍ର ଶିଶୁମାନଙ୍କ ମଧ୍ୟରେ ଖେଳକୁଦ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅଞ୍ଚଳର ସାମାଜିକ କର୍ମୀ ଭାଗୀରଥି ବାଇ ଏବଂ ଜିଲା ରକ୍ତ ଭଣ୍ଡାର କାଉନ୍‌ସିଲର ଅଜୟ କୁମାର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ପାଣିଗ୍ରାହୀ ତାଙ୍କ ଅଭିଭାଷଣରେ ଭିନ୍ନକ୍ଷମମାନଙ୍କ ପାଇଁ ଥିବା ସରକାରୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ଅଧ୍ୟକ୍ଷ ଡକ୍ଟର ପ୍ରୀତମ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ ଏବଂ ସଂସ୍ଥା ଉପାଧ୍ୟକ୍ଷ ଡକ୍ଟର କମଳାକାନ୍ତ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

## ରାମେଶ୍ୱର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

ନୟାଗଡ,୪।୧୨(ଲୋକନାଥ ମିଶ୍ର): ନୟାଗଡ ବ୍ଲକ ମାନପୁରସ୍ଥିତ ମାଳତି ପାହାଡ ପାଦଦେଶରେ ରାମେଶ୍ୱର ଦେବଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗତ ୨୯ ତାରିଖରେ ଅଙ୍କୁରାରୋପଣ, ୩୦ରେ ଜଳଯାତ୍ରା, ୧ରେ ଠାକୁରଙ୍କ ପ୍ରାଣ ପ୍ରତିଷ୍ଠା, ୨ରେ ଠାକୁର ଗମ୍ଭୀରା ଭିତରକୁ ବିଜେ ସହିତ ପୂର୍ଣ୍ଣାହୂତି ଅନୁଷ୍ଠିତ ହୋଇଛି।

**ଦ.ପୂ. ରେଳପଥ – ଟେଣ୍ଡର**

ଟେଣ୍ଡର ବିଜ୍ଞପ୍ତି ସଂଖ୍ୟା: ଏମ୍‌ଇସିଏଚ୍‌ସିକେପି-୨୫-୨୬-୨୦, ତାରିଖ: ୦୩।୧୨।୨୦୨୫ । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ରେଳ ପ୍ରବନ୍ଧକ (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ନାମ:** ଟ୍ରାକ୍ ନବୀକରଣ କାର୍ଯ୍ୟ ପାଇଁ ବିଆର୍‌ଏନ୍ (ଭାରିଆଣ୍ଟ) ୱାଗନ୍‌ଗୁଡ଼ିକୁ ସ୍ପେଶାଲ ଟିଆର୍‌ଟି ୱାଗନରେ ରୂପାନ୍ତରିତ କରିବା । **ଟେଣ୍ଡର ମୂଲ୍ୟ:** ₹୧,୮୪,୦୩,୯୨୪.୧୧ । **ବିଡ୍ ଅମାନତ:** ₹୨,୪୨,୦୦୦ । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ । **ଟେଣ୍ଡର ଖୋଲାଯିବାର ସ୍ଥାନ:** ବରିଷ୍ଠ ଡିଏମ୍‌ଇ/ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ କାର୍ଯ୍ୟାଳୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୨୯।୧୨।୨୦୨୫ରିଖ ୧୫.୦୦ ଘଟିକା । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ ସମୟରେ ସମସ୍ତ ସମ୍ବନ୍ଧିତ ଦସ୍ତାବିଜ ଅପ୍‌ଲୋଡ୍ କରାଯିବା ଜରୁରୀ । (PR-917)

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-SIG-ZONAL-BAM-520, ତା.27.11.2025ରିଖ

**କାର୍ଯ୍ୟର ନାମ :** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ସିଗ୍ନାଲ/ବ୍ରହ୍ମପୁର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ସିଗ୍ନାଲିଙ୍ଗ୍ ଜୋନାଲ(Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ (₹):** 64,56,109.20, EMD (₹): 1,29,100.00 ।

ବିଡ୍ ଆରମ୍ଭ ହେବା ତାରିଖ : ତା.05.12.2025 ରିଖ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.19.12.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍
PR-866/Q/25-26

**FORM No. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
**C-71, SECTOR-7, CDA, CUTTACK, ODISHA**
**O.A NO. 202 / 2025**

Punjab National Bank ....Applicant
Versus
M/s. Baba Filling Station ...Defendant(s)

To,
**M/s. Baba Filling Station,** At: Gopalmal, Po.: Kahtkhatia, PS.: Manamunda, Dist.: Boudh-D-1.
**Sujit Khatua,** aged about: 50 years, S/o: Chitrasen Khatua, At: Gopalmal, PO.: Khatkhatia, Dist.: Boudh, PIN-762016 D-2.

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No.: 202/2025** in the court of the Debts of Recovery Tribunal, Cuttack for recovery of **Rs.66,12,516/-** only together with current and future interest, costs and other reliefs. The above mentioned defendants are therefore, directed to appear before this tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **13.02.2026 at 10:30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this 27th day of **November, 2025.**

Sd/- Nikhila Ranjan Pati
REGISTRAR

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ନୌସେନା ଦିବସ

ଗୋପାଳପୁର,୪।୧୨(ନବୀନ ରାଜ ଆଚାରୀ)




ନିଷ୍ଟ ବିଶ୍ୱବିଦ୍ୟାଳୟ ପରିସରରେ ଏନସିସି ୟୁନିଟ୍ ପକ୍ଷରୁ ଗୁରୁବାର ନୌସେନା ଦିବସ ପାଳିତ ହୋଇଛି। ଏଥିରେ ଅବସରପ୍ରାପ୍ତ କ୍ୟାପଟେନ୍ ହରିଶ ଚନ୍ଦ୍ର ପାତ୍ର, କମାଣ୍ଡିଂ ଅଫିସର କମାଣ୍ଡର ଏନଭିପି ସ୍ୱାମୀ, ମୁଖ୍ୟ ପ୍ରଶିକ୍ଷକ ଗଜେନ୍ଦ୍ର ବେହେରା ଓ ଭଜମାନ ସା ଯୋଗ ଦେଇଥିଲେ। ଅବସରପ୍ରାପ୍ତ କ୍ୟାପଟେନ୍ ହରିଶ ଚନ୍ଦ୍ର ପାତ୍ର କ୍ୟାଡେଟମାନଙ୍କୁ କିଭଳି ସଫଳ କ୍ୟାରିଅର ଗଠନ କରିବେ ମାର୍ଗଦର୍ଶନ କରିଥିଲେ। ନିଷ୍ଟ ବିଶ୍ୱବିଦ୍ୟାଳୟର ସିଟିଓ ପ୍ର.ଆଲୋକ ପାତ୍ର ଓ ଏନସିସି ପିଆଇ କର୍ମଚାରୀ (ସ୍ଥାୟୀ ପ୍ରଶିକ୍ଷକ) ପବିତ୍ର ଗୌଡ଼ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ବିତର୍କ ପ୍ରତିଯୋଗିତା, ଡିଜିଟାଲ ପୋଷ୍ଟର ତିଆରି, ନୃତ୍ୟ ପ୍ରତିଯୋଗିତା ହୋଇଥିଲା। ନିଷ୍ଟ ବିଶ୍ୱବିଦ୍ୟାଳୟ, ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ, ଛତ୍ରପୁର କଲେଜ ଏବଂ ଗଞ୍ଜାମ କଲେଜର ମୋଟ ୧୧୦ ଜଣ କ୍ୟାଡେଟ୍ ଏଥିରେ ଅଂଶଗ୍ରହଣ କରିଥିଲେ।

**ଫର୍ମ ନଂ. ୧୩**
**ଋଣ ଅସୁଲି ପ୍ରାଧିକରଣ, କଟକ, ଓଡ଼ିଶାଙ୍କ ଇଜିଲାସ୍**
**ସି-୭୧, ସେକ୍ଟର-୭, ସିଡିଏ, କଟକ, ଓଡ଼ିଶା**
**ମୂଳ ଦରଖାସ୍ତ ନଂ.: ୨୦୨୫ ର ୩୫୬**

କାନାରା ବ୍ୟାଙ୍କ, ଏସ୍‌ଏମ୍‌ଇ ରାଉରକେଲା, ସୁନ୍ଦରଗଡ .....ଆବେଦନକାରୀ
ବନାମ
ଶ୍ରୀ ଲଳିତ ନାରାୟଣ ପ୍ରସାଦ ......ପ୍ରତିବାଦୀ(ମାନେ)

ପ୍ରାପ୍ତେଷୁ,
**ଶ୍ରୀ ଲଳିତ ନାରାୟଣ ପ୍ରସାଦ,** ବୟସ ୪୦ ବର୍ଷ, ପିତା: ଶ୍ରୀ ଉମେଶ ପ୍ରସାଦ, ସା: କ୍ୱାଟର ନଂ.: ୨ଆର୍‌ଏ, ୧୧୪ ଓଏସ୍‌ଏପି ୪ର୍ଥ ବାଟାଲିୟନ, ସେକ୍ଟର-୨୧, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ, ପିନ୍-୭୬୯୦୧୦

**ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ଖବରକାଗଜ ପ୍ରକାଶନ ଦ୍ୱାରା ସମନ**

ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଅଛି କି ଆବେଦନକାରୀ **ଓ.ଏ. ନଂ.: ୩୫୬/୨୦୨୫** ଦ୍ୱାରା **ଟ.୨୯,୫୨,୫୦୨.୨୬** ମାତ୍ର ଋଣ ରାଶି ଓ ତତ୍‌ସହିତ ଚଳିତ ଏବଂ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ଆଦାୟ ପାଇଁ ଋଣ ଅସୁଲି ପ୍ରାଧିକରଣ, କଟକଙ୍କ ଠାରେ ଏକ ମୋକଦ୍ଦମା ରୁଜୁ କରିଛନ୍ତି । ତେଣୁ ଏତଦ୍‌ଦ୍ୱାରା ଉପରଲିଖିତ ପ୍ରତିବାଦୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଅଛି କି, ସେମାନେ ଏହି ନୋଟିସ୍ ପ୍ରକାଶନର **୩୦ଦିନ** ମଧ୍ୟରେ କିମ୍ବା **ତା.୧୧.୦୨.୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକା** ସମୟରେ ଉପରୋକ୍ତ ଅଦାଲତରେ ବ୍ୟକ୍ତିଗତ ଭାବେ କିମ୍ବା ଓକିଲ କିମ୍ବା କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ମାଧ୍ୟମରେ ଉପସ୍ଥିତ ହୋଇ ଆବେଦନକାରୀଙ୍କ ପ୍ରାର୍ଥନା କରାଯାଇଥିବା ସହାୟତା କାହିଁକି ମଞ୍ଜୁର କରାନଯିବ ତାହାର କାରଣ ଦର୍ଶାଇବା ନିମନ୍ତେ ସେମାନଙ୍କ ପକ୍ଷ ରଖିପାରିବେ।

ଏହି ନୋଟିସ୍ ଦ୍ୱାରା ଅବଗତ କରାଇଦିଆଯାଉଅଛି ଯେ ଯଦି ସେମାନେ ଏଥିରେ ଖିଲାପ କରନ୍ତି, ତେବେ ସେମାନଙ୍କର ଅନୁପସ୍ଥିତିରେ ଦରଖାସ୍ତର ଶୁଣାଣି ଏବଂ ବିଚାର କରାଯିବ।

ଋଣ ଅସୁଲି ପ୍ରାଧିକରଣଙ୍କ ଦସ୍ତଖତ ଏବଂ ସହିମୋହର ସହ ଦିନାଙ୍କ **୨୭ ନଭେମ୍ବର ୨୦୨୫**ରେ ଆଦିଷ୍ଟ।

ସ୍ୱା/- (ନିଖିଳ ରଞ୍ଜନ ପତି)
ରେଜିଷ୍ଟ୍ରାର, ଋଣ ଅସୁଲି ପ୍ରାଧିକରଣ, କଟକ

**DISTRICT PROJECT OFFICE**
**SAMAGRA SHIKSHA, NUAPADA-766105**
**No.3472/ /2025** **Dated.03.12.2025**
**I-12/25-I.E**

**Notice Inviting Tender**

Sealed tender under two bid systems are invited from reputed agency/suppliers/manufacturer having valid PAN, GST & IT clearance along with Udyam registration of firm etc. for supply of equipment for Saksham Resource Centre for PMSHRI Schools of Nuapada district. The detailed bid documents can be downloaded from district website i.e. www.nuapada.odisha.gov.in and OSEPA website i.e. www.osepa.odisha.gov.in. The interested and eligible agency/ suppliers/ manufacturer may download bid document from the above website and apply accordingly on or before dt. 22/12/2025 by 5:00 P.M. through regd/speed post only. The tender will be opened on the next day dt. 23/12/2025 at 11.00 A.M. at O/o the District Project Coordinator, Samagra Shiksha, Nuapada. Corrigendum/addendum, if any, will be uploaded in the above website. Hence, the potential bidders are requested go through the above websites for any updates. The authority reserves all rights to reject/modify or cancel part or whole tender without assigning any reason thereof.

Sd./- DEO-cum-DPC
Samagra Shiksha, Nuapada

# ୪ଦିନ ପରେ ବି ପୋଲିସ ହାତ ଖାଲି

**ଯଦୁପୁର ଡକାୟତି ଘଟଣା**

**ନୟାଗଡ,୪।୧୨(ଲୋକନାଥ ମିଶ୍ର):** ନୟାଗଡ଼ ସଦର ଥାନା ଯଦୁପୁର ଗାଁର ମନୋରଞ୍ଜନ ପାତ୍ରଙ୍କ ଘରୁ ଗତ ୧ତାରିଖ ବିଳମ୍ବିତ ରାତିରେ ଡକାୟତି ଘଟଣାର ୪ଦିନ ବିତିବାକୁ ବସିଛି । ହେଲେ ପୋଲିସ ଚୋରି ଘଟଣାର ଟେର ପାଉନି । ଜିଲାର ବିଭିନ୍ନ ଚୋରି ପରି ଯଦୁପୁର ଗାଁ ପ୍ରସଙ୍ଗ ଧୀରେ ଧୀରେ ଶୀତଳ ଭଣ୍ଡାରକୁ ଯିବା ଆରମ୍ଭ କରିଛି। ଡକାୟତମାନେ ବାରି ପଟ ଗ୍ରୀଲ୍ ତାଲା କାଟି ଘରେ ପଶି ୭୦ଗ୍ରାମ ସୁନା ଅଳଙ୍କାର, ୩ଲକ୍ଷ ଟଙ୍କା, ୧୨୦୦ ଗ୍ରାମ ରୁପା ଅଳଙ୍କାର, ୫ ମୋବାଇଲ ଏପରି ମୋଟରେ ପ୍ରାୟ ୧୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ନେଇ ଘରେ କଳାକନା ବୁଲାଇ ଦେଇଥିଲେ । ୮ଜଣ ଡକାୟତ ମୁଖା ପିନ୍ଧି ରାତି ପ୍ରାୟ ୨ଟାରେ ବାରପିଟ ଗ୍ରୀଲ ତାଲା କାଟି ଘରେ ପଶିଥିଲେ । ହେଲେ ପରିବାରର ଲୋକମାନେ ଏହା ଜାଣିପାରି ନ ଥିଲେ । ଚୋରି ସମୟରେ ଓଡ଼ିଆ ଓ ହିନ୍ଦିରେ ଡକାୟତମାନେ କଥା ହେଉଥିଲେ ।

# ବନ୍ଧୁମିଳନ, କଂଗ୍ରେସ କର୍ମୀ ସମ୍ମିଳନୀ

ନୟାଗଡ,୪।୧୨(ଲୋକନାଥ ମିଶ୍ର):ନୟାଗଡ଼ ବ୍ଲକ ସିନ୍ଦୁରିଆ ପଞ୍ଚାୟତ ପାଇଁ ନୟାଗଡ଼ ଛାୟାପଥ ଲେନ୍‌ରେ ବରିଷ୍ଠ କଂଗ୍ରେସ ନେତା ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ହୁସେନ ଖାଁଙ୍କ ଅଧ୍ୟକ୍ଷତାରେ ବନ୍ଧୁ ମିଳନ ଓ କର୍ମୀ ସମ୍ମିଳନୀ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତରେ କଂଗ୍ରେସ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆଲୋଚନା ହୋଇଥିଲା। ପୁଣି ପଞ୍ଚାୟତର ପାନୀୟ ଜଳ ସମସ୍ୟା ଉଠିଥିଲା। ମହାନଦୀରୁ ପାଣି ବ୍ୟବସ୍ଥାରେ କଛପଗତିକୁ ନେଇ ପ୍ରତିବାଦ କରିବାକୁ ନିଷ୍ପତ୍ତି ହୋଇଛି। ନୟାଗଡ଼ ଜିଲା ସଦର ମହକୁମାରେ ମେଡ଼ିକାଲ କଲେଜ କରିବାକୁ ସରକାର ଗୁରୁତ୍ୱ ଦେବାକୁ ଅନୁରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ୱାର୍ଡ ମେମ୍ବର ହାସିମ ଖାଁ, ପୂର୍ବତନ ୱାର୍ଡମେମ୍ବର ପ୍ରଦୀପ କୁମାର ବିଶ୍ୱାଳ, ଜିଲା ସଂଖ୍ୟା ଲଘୁ ସଭାପତି ଅମଜାଦ୍ ଖାଁ ପ୍ରମୁଖ ଉପସ୍ଥିତ ଥିଲେ ।

**ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ**
(ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)
**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
OPTCL Lifeline of Odisha
ଉପ ମହାପ୍ରବନ୍ଧକ(ବିଦ୍ୟୁତ)ଙ୍କ କାର୍ଯ୍ୟାଳୟ, ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ନିର୍ମାଣ ବିଭାଗ, ବାଲେଶ୍ୱର

**ବିଜ୍ଞପ୍ତି**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଓଡ଼ିଶା ଶକ୍ତି ସଞ୍ଚାରଣ ନିଗମ ଲିମିଟେଡ୍ ଦ୍ୱାରା ୧୩୨ କେ.ଭି. ଲାଇନ୍, ୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ ଆନନ୍ଦପୁର ଠାରୁ ୨୨୦/୧୩୨/୩୩ କେ.ଭି. ଗ୍ରୀଡ୍ ସବଷ୍ଟେସନ, ଭଦ୍ରକ ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଅଛି । ଏହି ଲାଇନ୍‌ଟି ସୁଦସୁଦିଆ, ଟୁକୁନା ଶାସନ, ବଣିକା, ହାତୀବନ୍ଧ, ଗୁହାଳିଆ, ପଞ୍ଚୁପଲ୍ଲୀ, ଫକୀରପୁର, ସଙ୍ଘିଦୋଭା, ବଂଛୋ, ଶିବନାରାୟଣପୁର, ଶାସଙ୍ଗ, ଅଦାଘୁରିଆ, ଶିଳଣା, ଡାଙ୍କୁରୀ, ବଡରମ୍ପାସ, ନନ୍ଦୀପଦା, ଖେତୁଆଳି, ଓରାଳି, ଅଁର, କୁମ୍ଭକରାଳ, ଖଜୁରୀଗଡିଆ, ପଧାନପଡା, ଘରପଡା, ଟିଲୋ, ପରିଆବଡା, ତୀରକଣା, ଗୋହୀରାପଦି, ପଳସା, ଆଲମଙ୍ଗା, କନ୍ତିଆ, ହାସିନପୁର, ରାମକୃଷ୍ଣପୁର, ବାଲୋ, କୁଣ୍ଡଳା, ବରପଦା, ଅମରଗଡିଆ, ବିରିପଡା, ଗେଲପୁର, ବରଡାଡିହି, ସାମରାଇପୁର ଇତ୍ୟାଦି ଗ୍ରାମ ପାର୍ଶ୍ୱ ଦେଇ ଅତିକ୍ରମ କରୁଅଛି । ଉକ୍ତ ଲାଇନ୍‌ରେ ଆସନ୍ତା ତା. ୦୫.୧୨.୨୦୨୫ ରିଖ ଠାରୁ ଯେକୌଣସି ସମୟରେ ବିଦ୍ୟୁତ୍ ସଂଯୋଗ କରାଯାଇ ବିଦ୍ୟୁତ ପ୍ରବାହ କରାଯିବ।

ଏହା ସର୍ବସାଧାରଣଙ୍କ ଅବଗତ ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ପ୍ରଚଳିତ ଭାରତୀୟ ବିଦ୍ୟୁତ୍ ଆଇନ ୧୯୫୬ ଅର୍ନ୍ତଗତ ଧାରା ୭୯,୮୦ ଓ ୮୨(କ) ଅନୁଯାୟୀ ଉପରୋକ୍ତ ସଂଚାରଣ ଲାଇନ୍ ଗୁଡିକ ତଳେ ଘର ତିଆରି କରିବା, ଗଛ ଲଗାଇବା ଆଦି ନିଷେଧ ଓ ଦଣ୍ଡନୀୟ ଅପରାଧ ଅଟେ । ଏହି ଅତ୍ୟୁଚ୍ଚ କ୍ଷମତା ସମ୍ପନ୍ନ ଲାଇନ୍ ନିକଟରେ ବସବାସ କରୁଥିବା ବା ଚଳପ୍ରଚଳ କରୁଥିବା ଜନସାଧାରଣ ନିରାପତ୍ତା ମୂଳକ ସାବଧାନତା ଅବଲମ୍ବନ କରିବା ଉଚିତ୍ । ଉକ୍ତ ଲାଇନ୍ ତଳେ ଲମ୍ବା କାଠ ବା ଲୁହା ଖୁଣ୍ଟ ଉଠାଇବା, ଘର ତୋଳିବା, ଗଛ ଲଗାଇବା, ଟାୱାରରେ ଚଢିବା କିମ୍ବା ତହିଁରେ ଗୃହପାଳିତ ପଶୁ ବାନ୍ଧିବା ବିପଦ ଜନକ ଅଟେ ଏବଂ ଧନ ଜୀବନ ନଷ୍ଟ ହେବାର ଯଥେଷ୍ଟ ଆଶଙ୍କା ଅଛି । ଏଣୁ ଏ ଦିଗରେ ଜନସାଧାରଣ ସତର୍କତା ଓ ସାବଧାନତା ଅବଲମ୍ବନ କରିବା ବାଞ୍ଛନୀୟ । ଯଦି ଏଥିରେ ବ୍ୟତିକ୍ରମ ହେତୁ କିଛି ଅଘଟଣ ହୁଏ, ସେଥିପାଇଁ ଓଡିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିମିଟେଡ୍ ଉତ୍ତରଦାୟୀ ହେବେ ନାହିଁ।

ସ୍ୱା/- ଉପ ମହାପ୍ରବନ୍ଧକ (ବିଦ୍ୟୁତ)
ଅତ୍ୟୁଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ୍ ପ୍ରକଳ୍ପ ବିଭାଗ,ବାଲେଶ୍ୱର
FIPR-65/2025-26
/optcl.odisha /optcl_odisha

**कार्यालय अधीक्षण अभियंता**
**लोक निर्माण विभाग, बिलासपुर मंडल, बिलासपुर**
**ई-प्रोक्यारमेंट निविदा सूचना**
**Portal: http://eproc.cgstate.gov.in**

छत्तीसगढ़ शासन, लोक निर्माण विभाग, बिलासपुर मण्डल, बिलासपुर में निम्नलिखित कार्य नवीन ई-पंजीयन में पंजीकृत ठेकेदार हेतु दिनांक 22.12.2025 तक निविदा आमंत्रित की जाती है:-

| क्र. | नि.आ.सू. क्र./दिनांक | कार्य का नाम | लागत (लाख में) |
|---|---|---|---|
| 1 | 431 | पेण्ड्रीडीह से नेहरू चोक मार्ग के कि.मी. 5/6 R/S में D 1.0M × 1.0M नाली निर्माण कार्य की विशेष मरामत। **प्रथम आमंक्षण। संभाग क्र. 1, बिलासपुर। मद संख्या - 24-5054-4090** | 19.44 |
| 2 | 432 | भठली से सेमरसल मार्ग लंबाई 4.50 कि.मी. (वास्तविक लंबाई 1.30 कि.मी.) का निर्माण कार्य। **प्रथम आमंत्रण। संभाग मुंगेली। मद संख्या - 24-5054-1222** | 145.91 |
| 3 | 433 | जिला जांजगीर चांपा के झिलमिल से नहर पार होते हुए भैंसो तक मार्ग लं. 0.70 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 88.39 |
| 4 | 434 | जिला जेल जांजगीर के प्रशासनिक भवन का मरम्मत कार्य। **प्रथम आमंत्रण। संभाग चांपा। मद संख्या - 67-4059-8040** | 12.97 |
| 5 | 435 | जिला जांजगीर चापा के पचेडा से कनई सडक निर्माण लं. 1.225 कि.मी. निर्माण कार्य। **प्रथम आमंत्रण। संभाग चांपा। मद संख्या - 64-5054-9002** | 107.44 |
| 6 | 436 | आकस्मिक निधि अंतर्गत कार्यालय अनुविभागीय अधिकारी लोक निर्माण विभाग सारंगढ उपसंभाग कैम्पस में स्टोर रूम निर्माण कार्य। **प्रथम आमंत्रण। संभाग, सारंगढ। मद संख्या - 64-5054-4557,42-5054-4557** | 22.76 |

निविदा में भाग लेने की प्रक्रिया एवं निविदा के संबंध में विस्तृत जानकारी विभाग के उपरोक्त वेबसाईट में देखें जा सकते है।

स्वा./- अधीक्षण अभियंता
लो.नि.वि. बिलासपुर मण्डल, बिलासपुर
G-252605189/3

**ରୋଜ୍ ଭ୍ୟାଲି ଆସେଟ୍ସ ଡିସ୍‌ପୋଜାଲ କମିଟି**
**(ଅଧ୍ୟକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ))**
**ପ୍ରକୋଷ୍ଠ ନଂ. ୪୦୧ ଓ ୪୦୨, ୪ର୍ଥ ମହଲା, ୫, ମାଙ୍ଗୋ ଲେନ୍, କୋଲକାତା - ୭୦୦୦୦୧**

**ରୋଜ୍ ଭ୍ୟାଲି ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ଜମାକାରୀଙ୍କ ପାଇଁ ନୋଟିସ**

**ଡବ୍ଲ୍ୟୁପି ନଂ. ୨୦୧୬ର ୨୭୦୦୫ କାଳୀପଦ ପାଲ ଓ ଅନ୍ୟମାନେ**
**-ବନାମ-**
**ଭାରତ ସଂଘ ଓ ଅନ୍ୟମାନେ**
**ଏବଂ**
**ଡବ୍ଲ୍ୟୁପି ନଂ. ୨୦୧୫ର ୨୭୫**
**ରୋଜ୍ ଭ୍ୟାଲି ରିୟଲ୍ ଇଷ୍ଟେଟ୍ସ ଆଣ୍ଡ କନଷ୍ଟ୍ରକ୍ସନ୍ ଲିଃ ଓ ଅନ୍ୟମାନେ**
**-ବନାମ-**
**ପଶ୍ଚିମବଙ୍ଗ ରାଜ୍ୟ ଏବଂ ଅନ୍ୟମାନେ**

ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତାଙ୍କ ଦ୍ୱାରା ଗୃହୀତ ୧୧ ମେ, ୨୦୧୫ର ଆଦେଶକ୍ରମେ ଅଧ୍ୟକ୍ଷ ମାନ୍ୟବର ନ୍ୟାୟାଧୀଶ ଦିଲୀପ କୁମାର ସେଠ୍ (ଅବସରପ୍ରାପ୍ତ)ଙ୍କ ନେତୃତ୍ୱାଧୀନ ବିଜ୍ଞ ଆସେଟ୍ ଡିସ୍‌ପୋଜାଲ କମିଟି (ଏଡିସି) ଗଠିତ ହୋଇଥିଲା। ମାନ୍ୟବର ଉଚ୍ଚ ନ୍ୟାୟାଳୟ, କଲିକତା ତାଙ୍କର ସେପ୍ଟେମ୍ବର ୨୧, ୨୦୨୩ର ଆଦେଶ ମାଧ୍ୟମରେ ରୋଜ୍ ଭ୍ୟାଲିର ଜମାକାରୀଙ୍କଠାରୁ ଦାବି ଆହ୍ୱାନ କରିବା ତଥା ଅନ୍ୟାନ୍ୟ ଆବଶ୍ୟକୀୟ ସୂଚନାକୁ ୱେବ୍‌ସାଇଟରେ ପ୍ରଦର୍ଶିତ କରିବା ଲାଗି ଏକ ୱେବ୍‌ସାଇଟ୍ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

୧୮ ମାର୍ଚ୍ଚ, ୨୦୨୪ରେ ବିଜ୍ଞ ଏଡିସିଙ୍କୁ ନିମ୍ନମତେ ନିର୍ଦ୍ଦେଶ ଦିଆଯାଉଛି:
ଏଡିସିର ୱେବସାଇଟ୍ **www.rosevalleyadc.com**ର ଶୁଭାରମ୍ଭ କରାଯାଇଛି। ଉକ୍ତ ଏଡିସି ୱେବ୍‌ସାଇଟ୍‌ରେ ନିଜ ନିଜର ଦାବିକୁ ଅପଲୋଡ୍ କରିବା ଲାଗି ଜମାକାରୀମାନଙ୍କୁ ଅନୁରୋଧ କରାଯାଉଛି । ଦାବି ଦାଏର କରିବାର ପଦ୍ଧତି ଉକ୍ତ ୱେବ୍‌ସାଇଟ୍‌ରେ ବର୍ଣ୍ଣିତ ହୋଇଛି । ତାହାକୁ ଅନୁସରଣ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ । ଦାବି ବାବଦୀୟ ଦେୟ ପରିଶୋଧ ସତ୍ୟାପନ ଓ ଯାଞ୍ଚ ଉପରେ ନିର୍ଭର କରିବ।

**ସ୍ଥାନ: କୋଲକାତା**
**ତାରିଖ: ନଭେମ୍ବର ୦୩, ୨୦୨୫**
**ଆଦେଶକ୍ରମେ**
CBC 15204/11/0191/2526

# ନବୀକରଣ ହୋଇନାହିଁ ଚାଲିଛି ଚିକିତ୍ସା

■ ନର୍ସିଂହୋମ ତ୍ରୁଟି ବ୍ୟବସ୍ଥା ପ୍ରତି ପ୍ରଶାସନର ନଜର ନାହିଁ
■ ସରକାରୀ ନିୟମରେ ଅଣଦେଖା ବଢ଼ୁଛି

**କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ):**

କେନ୍ଦ୍ରାପଡ଼ା ଜିଲାରେ ଡାକ୍ତର ଓ କର୍ମଚାରୀ ଅଭାବ ପାଇଁ ଚିକିତ୍ସା ସେବା ଗୁରୁତର ହୋଇଛି। ଏହାର ଭରପୂର ସୁଯୋଗ ଜିଲାରେ ଥିବା ଘରୋଇ ନର୍ସିଂହୋମ ନେଉଛି। ମାତ୍ର ୨୪ଟି ନର୍ସିଂହୋମକୁ ଚିକିତ୍ସା ସେବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଅନୁମତି ମିଳିଛି। ମାତ୍ର ଏହି ଜିଲାରେ ୪୦ରୁ ଊର୍ଦ୍ଧ୍ୱ ନର୍ସିଂହୋମ ଚାଲିଛି। ଗତ ସପ୍ତାହରେ କେନ୍ଦ୍ରାପଡ଼ା ସହରର କୁମ୍ଭାରସାହିଠାରେ ଅବସ୍ଥିତ ପପୁଲାର ନର୍ସିଂହୋମ ବେଆଇନ ଭାବେ ଚାଲଉଥିବାରୁ ଜିଲା ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ସେହିପରି ଗତ ୪ ମାସ ପୂର୍ବେ ସହରର ପୁରୁଣା ମେଡିକାଲ ରୋଡ୍‌ସ୍ଥିତ ସାଇ ହସ୍ପିଟାଲରେ ଚିକିତ୍ସା ସମୟରେ ଡାକ୍ତରଙ୍କ ଅବହେଳା ଯୋଗୁ ପ୍ରସୂତି ଓ ସନ୍ତାନ ମରିବା ଅଭିଯୋଗ ଟାଉନ ଥାନାରେ ହୋଇଥିଲା। ପୂର୍ବରୁ ଏପରି ଅଭିଯୋଗ ବିଭିନ୍ନ ନର୍ସିଂହୋମରେ ଦେଖାଯାଇଛି। ସରକାରଙ୍କ ଚିକିତ୍ସା ସେବା ନିୟମାବଳୀର ତ୍ରୁଟି ବ୍ୟବସ୍ଥା ପ୍ରତି ଜିଲା ପ୍ରଶାସନର ନଜର ନ ଥିବାରୁ ଏପରି ଦୁଃଖଦାୟକ ଘଟଣା ହେଉଛି ବୋଲି ବିଭିନ୍ନ ସ୍ତରରେ ଆଲୋଚନା ହେଉଛି।

ଏ ସମ୍ପର୍କରେ ଦେପୁରା ଗ୍ରାମର ଜଗଦୀଶ ପତି, କଂସାର ଗ୍ରାମର ନିରଞ୍ଜନ ପରିଡ଼ା, ସାମାଜିକ କର୍ମୀ ରଶ୍ମିରଞ୍ଜନ ଚୌଧୁରୀ, ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟ, ବୁଦ୍ଧିଜୀବୀ ପ୍ରଶାନ୍ତ ନାୟକ ପ୍ରମୁଖ କହିଛନ୍ତି, କେନ୍ଦ୍ରାପଡ଼ା ଜିଲାରେ ସରକାରୀ ସ୍ୱାସ୍ଥ୍ୟସେବା ପରି ଘରୋଇ ନର୍ସିଂହୋମରେ ଚିକିତ୍ସା ଚିନ୍ତାଜନକ ସ୍ଥିତିରେ ଅଛି। ଜିଲାପାଳ ଅଥବା ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀଙ୍କ ଘରୋଇ ନର୍ସିଂହୋମକୁ ଅଚାନକ ପରିଦର୍ଶନ କରିବା ସାମ୍ପ୍ରତିକ ସମୟରେ ଦେଖାଯାଉନାହିଁ। ଫଳରେ ରୋଗୀମାନେ ଆର୍ଥିକ, ସାମାଜିକ ସହ ଚିକିତ୍ସା ସେବାରେ ଶୋଷଣର ଶିକାର ହେଉଛନ୍ତି। ଏପରି କି ଜିଲାରେ ଡ୍ରଗ ଇନ୍ସପେକ୍ଟର ଥିଲେ ମଧ୍ୟ କୌଣସି କାରଣରୁ ନୀରବ ରହିଛନ୍ତି। ଘରୋଇ ନର୍ସିଂହୋମ୍ ପାଇଁ ସରକାରଙ୍କ ଗାଇଡ୍‌ଲାଇନ ଅଛି। ତାହା ପୂରଣ ହେଉନାହିଁ। ଅଗ୍ନି ନିରାପତ୍ତାକୁ ଏଠାରେ ଅଣଦେଖା କରାଯାଉଛି। ଦମକଳ ବାହିନୀ ପହଞ୍ଚିବା ପାଇଁ ପ୍ରଶସ୍ତ ରାସ୍ତା ନ ଥିବାବେଳେ କେତେଗୋଟି ନର୍ସିଂହୋମ ମାଲିକ ଅଗ୍ନିଶମ ବାହିନୀଠାରୁ ନିରାପତ୍ତା ପ୍ରମାଣପତ୍ର ନେବାକୁ ଆଗ୍ରହ ଦେଖାଉନାହାନ୍ତି। ଘରୋଇ ନର୍ସିଂହୋମ୍‌ରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ରତି କାହାରି ଦୃଷ୍ଟିନାହିଁ। ସେହିପରି ଆଉଟଡୋର ଓ ଇନ୍‌ଡୋର ରେଜିଷ୍ଟାର ଯାଞ୍ଚ ହେଉନାହିଁ। ଏପରିକି କେଉଁ ରୋଗୀ କେତେବେଳେ ପଞ୍ଜୀକୃତ ହେଲେ, କେଉଁ ରୋଗ ପାଇଁ କି ପ୍ରକାର ଚିକିତ୍ସା ଦିଆଗଲା ଅଥବା ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ନାମ, ପାରିଶ୍ରମିକ ଆଦିର ରେଜିଷ୍ଟରରେ ଉଲ୍ଲେଖ କରାଯାଉନାହିଁ। ସେହିପରି ସରକାରୀ ଡାକ୍ତର ଏଠାରେ କାମ କରୁଥିଲେ ମଧ୍ୟ ରେଜିଷ୍ଟର ନ ଥିବାରୁ ଜଣାପଡୁନାହିଁ। କେତେକ କ୍ଷେତ୍ରରେ ସରକାରୀ ଗାଇଡ୍‌ଲାଇନ ଅନୁପାଳନ କରାଯାଉ ନ ଥିବାବେଳେ ସାର୍ଟିଫିକେଟ ନବୀକରଣ ହୋଇଯାଉଛି। ଚିନ୍ତାଜନକ ବିଷୟ, କେତେଜଣ ଦଲାଲଙ୍କ ମାଧ୍ୟମରେ ପ୍ରସୂତିଙ୍କୁ ସରକାରୀ ହସ୍ପିଟାଲରୁ ଅଣାଯାଇ ଘରୋଇ ନର୍ସିଂହୋମରେ ଚିକିତ୍ସା କରାଇ ସରକାରୀ ସ୍ୱାସ୍ଥ୍ୟକାର୍ଡର ଲାଭ ଉଠାଯାଉଛି। ଜିଲାରେ ବେଆଇନ ଭାବେ ଚାଲିଥିବା ନର୍ସିଂହୋମ୍‌ରେ ଅଚାନକ ଚଢ଼ାଉ ହେଲେ ଏହାର ଲାଭ ରୋଗୀମାନେ ପାଇବେ ବୋଲି ସେମାନେ କହିଛନ୍ତି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ରଙ୍କୁ ପଚାରିବାରେ ସରକାରୀ ଗାଇଡ୍‌ଲାଇନ ପୂରଣ କରୁ ନ ଥିବା ନର୍ସିଂହୋମର ଅନୁମତିକୁ ବାତିଲ କରାଯାଉଛି। ସେହିପରି ଅଭିଯୋଗ ମିଳିଲେ ସମ୍ପୃକ୍ତ ନର୍ସିଂହୋମ ପ୍ରତି କାର୍ଯ୍ୟାନୁଷ୍ଠାନ ହେଉଛି ବୋଲି ସେ କହିଛନ୍ତି।

## ଶ୍ରୀବଳଦେବଜୀଉଙ୍କ ଧେନୁକାସୁର ବଧ ବେଶ



**କେନ୍ଦ୍ରାପଡ଼ା, ୪।୧୨ (ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ସହର ଇଚ୍ଛାପୁରସ୍ଥିତ ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ପଞ୍ଚୁ ପୂର୍ଣ୍ଣିମା ଉପଲକ୍ଷେ ଧେନୁକାସୁର ବଧ ବେଶ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟାନୀତି ସମ୍ପନ୍ନ ପରେ ଏହି ବେଶ ଅନୁଷ୍ଠିତ ହୋଇଥିଲା। ଶ୍ରୀଜୀଉଙ୍କ ବାହୁ ଓ ଚରଣକୁ ପ୍ରତୀକାତ୍ମକ ଭାବେ ତାଳଗଛ ଓ ଧେନୁରୂପି ଅସୁର ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ସେବାୟତ ଜ୍ୟୋତିରଞ୍ଜନ ପତ୍ରୀ କହିଛନ୍ତି, ପୌରାଣିକ କଥା ଅନୁଯାୟୀ ଦ୍ୱାପର ଯୁଗରେ ପ୍ରଭୁ ବଳରାମ ଓ କୃଷ୍ଣ ଗୋପୀ ଗୋପାଳଙ୍କ ସହ ଲୀଳାଖେଳା କରିଥିଲେ। ଏହି ସମୟରେ ମହାରାଜ କଂସଙ୍କ ଆଦେଶ ମୁତାବକ ଧେନୁକାସୁର ଦୁଇଭାଇଙ୍କୁ ମାରିବାକୁ ଯାଇଥିଲେ। ଏଥିରେ ଶ୍ରୀବଳରାମ ଧେନୁକାସୁରକୁ ବଧ କରିଥିଲେ। ଏହି ପାରମ୍ପାରିକ ବେଶ ନୀତି ଦେଖିବା ପାଇଁ ସନ୍ଧ୍ୟାରୁ ଶ୍ରୀଜୀଉଙ୍କ ବଡସିଂହାର ବେଶ ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଜମିଥିଲା।





ମାଣବସା ଅବସରରେ ରଘୁନାଥପୁର ବ୍ଲକ କୋରକରା ଗ୍ରାମର ପଣ୍ଡୁଆରେ ଲକ୍ଷ୍ମୀ ପୂଜା ଓ ମହାଦେବତୋଳା ସାହିରେ ଲକ୍ଷ୍ମୀନାରାୟଣଙ୍କ ପୂଜା।

## ସତ୍କାର ନ ହୋଇ ପଡ଼ିଛି ମା'ଙ୍କ ମୃତଦେହ

**ଭାଇ, ଭଉଣୀ ମଧ୍ୟରେ ପୈତୃକ ସମ୍ପତ୍ତି ବିବାଦ**

**କୁଜଙ୍ଗ, ୪।୧୨(ମନୋଜ ପ୍ରଧାନ)**

ଭାଇ ଭଉଣୀ ମଧ୍ୟରେ ସମ୍ପତ୍ତି ବିବାଦ ଘନେଇଲା। ଏପରିକି ମା'ଙ୍କ ମୃତ୍ୟୁ ପରେ ତାଙ୍କ ମୃତଦେହ ସତ୍କାର ନ ହୋଇ ୧୦ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ପଡ଼ିରହିଛି। କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ବିଶ୍ୱାଳି ଗ୍ରାମରେ ଏହି ଘଟଣା ଆଲୋଚନାର ବିଷୟ ପାଲଟିଛି।

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ଗ୍ରାମର ସ୍ୱର୍ଗତ କରୁଣାକର ତରାଇଙ୍କ ୪ ଝିଅ ଓ ଗୋଟିଏ ପୁଅ ଅଛି। ୪ ଝିଅ ଓ ପୁଅ ବିଭୂତି ତରାଇ ସମସ୍ତେ ବିବାହ କରିସାରିଛନ୍ତି। କରୁଣାକରଙ୍କ ମୃତ୍ୟୁ ପରେ ସ୍ତ୍ରୀ ମାଳତୀ ସମସ୍ତ ସମ୍ପତ୍ତି ଓ ଘରବାଡ଼ି କୁଜଙ୍ଗ ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମରେ ବିବାହ କରିଥିବା ଝିଅ ନାଁରେ କରିଦେଲେ। ପରେ ସମ୍ପୃକ୍ତ ଝିଅ ମା'ମାଳତୀଙ୍କୁ ନିଜ ଶାଶୁ ଘର ମଙ୍ଗରଜପୁରକୁ ନେଇ ପାଖରେ ରଖିଥିଲେ। ପୁଅ ବିଭୂତି ଓ ତାଙ୍କ ସ୍ତ୍ରୀ ବିଶ୍ୱାଳୀସ୍ଥିତ ପୈତୃକ ଡିହରେ ଏକ ଚାଳ ଘର କରି ରହୁଛନ୍ତି। ଉକ୍ତ ପୈତୃକ ଡିହରେ ସମ୍ପୃକ୍ତ ଝିଅ ୩ ମହଲା ବିଶିଷ୍ଟ ଏକ କୋଠା ନିର୍ମାଣ କରିଛନ୍ତି। ଗୁରୁବାର ମଙ୍ଗରାଜପୁରସ୍ଥିତ ଝିଅ ଘରେ ମାଳତୀଙ୍କ ପରଲୋକ ଘଟିଛି। ଏହାପରେ ସମ୍ପୃକ୍ତ ଝିଅ ମା'ଙ୍କ ମୃତଦେହ ସତ୍କାର ନିମନ୍ତେ ବିଶ୍ୱାଳୀସ୍ଥିତ ପୈତୃକ ଘରେ ପହଞ୍ଚିଥିଲେ।



ମା'ର ମୃତଦେହକୁ ପୋଲିସ ଜଗିଛି।

ଏହି ସମୟରେ ଯୁବ ନେତା ଜ୍ଞାନେନ୍ଦ୍ର ସାମଲଙ୍କ ନେତୃତ୍ୱରେ ଗ୍ରାମବାସୀ ଏକାଠି ହୋଇ ବିଭୂତିଙ୍କ ନାଁରେ ଡିହବାଡ଼ି କରି ଦେବାପରେ ଯାଇ ମୃତଦେହ ସତ୍କାର କରାଯିବ କହିଥିଲେ। ଫଳରେ ଝିଅ ଅଡୁଆରେ ପଡ଼ିଥିଲେ। ମୃତଦେହ ପଡ଼ି ରହିବା ଖବରପାଇ ପାରାଦୀପ ଲକ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିଥିଲେ ବି ଗ୍ରାମବାସୀ ନଛୋଡ଼ବନ୍ଧା ହୋଇ ମୃତଦେହ ସତ୍କାର କରାଇ ଦେଇନାହାନ୍ତି। ବିଭୂତିଙ୍କ କୌଣସି ସନ୍ତାନ ନଥିବାରୁ ସେ ତାଙ୍କ ସ୍ତ୍ରୀ ମୃତ୍ୟୁ ପର୍ଯ୍ୟନ୍ତ ଉକ୍ତ କୋଠାଘରେ ରହିବେ ଓ ସେମାନଙ୍କ ମୃତ୍ୟୁ ପରେ ଝିଅ ଉକ୍ତ ଜାଗା ଦଖଲକୁ ନେବ ବୋଲି ଲିଖିତଭାବେ ଦିଆଯାଇ ପରେ ସତ୍କାର କରାଯିବ ବୋଲି ଗ୍ରାମବାସୀ ଦାବି କରିଛନ୍ତି। ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ମୃତଦେହ ସତ୍କାର ନ ହୋଇ ପଡ଼ି ରହିଛି। ଗଣ୍ଡଗୋଳ ଆଶଙ୍କାରେ ଘଟଣାସ୍ଥଳରେ ପୋଲିସ ମୁତୟନ କରାଯାଇଛି।

## ଖଣ୍ଡା ଧରି ଆତଙ୍କ ଖେଳାଇଲେ ଯୁବକ

**ଅଠରବାଙ୍କୀ ମଦ ଦୋକାନ ଆଗରେ ଗଣ୍ଡଗୋଳ**

**ପାରାଦୀପ,୪।୧୨(ଶରତ ରାଉତ)**

ପାରାଦୀପ ଆଦର୍ଶ ଥାନା ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍ପିଟାଲ ଗଡ଼ାଣିରେ ଥିବା ମଦ ଦୋକାନ ଆଗରେ ଗୁରୁବାର ଜଣେ ଯୁବକ ହାତରେ ଖଣ୍ଡା ଧରି ଆତଙ୍କ ସୃଷ୍ଟି କରୁଥିବା ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି। ମଙ୍ଗଳବାର ରାତିରୁ ଗୁରୁବାର ପର୍ଯ୍ୟନ୍ତ ଦୁଇ ଗୋଷ୍ଠୀ ମଧ୍ୟରେ ଉକ୍ତ ସ୍ଥାନରେ ଏକାଧିକବାର ଗଣ୍ଡଗୋଳ ଘଟିଛି। ଏହି ଘଟଣାରେ ଗୁରୁବାର ସନ୍ଧ୍ୟା ସୁଦ୍ଧା ପୋଲିସ ମାମଲା (ନଂ. ୩୫୫/୨୫)ରୁଜୁ କରିଥିବାବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ କାହାରିକୁ ଗିରଫ କରିନାହିଁ। ଅଠରବାଙ୍କୀ ବିଜୟଚନ୍ଦ୍ରପୁର ବସ୍ତିର ଯୁବକ ରାଜଦୀପ ବିଶ୍ୱାସଙ୍କ ଅଭିଯୋଗ ଅନୁଯାୟୀ, ସେ ମଙ୍ଗଳବାର ରାତି ପ୍ରାୟ ୧୦ ଟାରେ ଦୋକାନ ଆଗରେ ଯିବାବେଳେ ତାଙ୍କୁ ମଦ ଦୋକାନର କେତେଜଣ ଯୁବକ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ଏହି ଅଭିଯୋଗ ଆଧାରରେ ଥାନାରେ ମାମଲା ହୋଇଛି। ଅପରପକ୍ଷେ ଗୁରୁବାର ମଦ ଦୋକାନୀଙ୍କ ପକ୍ଷରୁ ଯେଉଁ ଅଭିଯୋଗ କରାଯାଇଛି ତା'ଉପରେ ମାମଲା ରୁଜୁ ହୋଇନାହିଁ। ଅପରପକ୍ଷେ ଖଣ୍ଡା ଧରି ବୁଲୁଥିବା ଯୁବକଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଛି ବୋଲି ଥାନାଧିକାରୀ କାବୁଲି ବାରିକ କହିଛନ୍ତି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ କେତେଜଣ ୱେବ ଚ୍ୟାନେଲ ଖବରଦାତା ମଦ ଓ ଚାନ୍ଦା ଘଟଣାକୁ ନେଇ ଏପରିକାଣ୍ଡ କରିଥିବା ଚର୍ଚ୍ଚା ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଦ୍ୟାଭୂଷଣ



@ ଚନ୍ଦ୍ରଶେଖର




@ ଧୀରଜ



@ ନିଲୁ



@ ମାନସ



@ ରାନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଦଳିଲେ ଥାନା ଅଧିକାରୀ, ଏଏସ୍‌ଆଇ

**ଅଳକୁଣ୍ଡ ଥାନାରେ ହାତାହାତି ମାମଲା**

**ବିଞ୍ଝାରପୁର,୪।୧୨(ରାମକୃଷ୍ଣ ଦାସ):**

ଯାଜପୁର ଜିଲା ଅଳକୁଣ୍ଡ ଥାନାରେ ଏକ ଯୌତୁକ ନିର୍ଯାତନା ମାମଲାରେ ଦୁର୍ବଳ ଚାର୍ଜଶିଟ ପ୍ରସ୍ତୁତ କରିବାକୁ ଅଭିଯୁକ୍ତଙ୍କଠାରୁ ଲାଞ୍ଚ ନେବା ଏବଂ ଲାଞ୍ଚ ଟଙ୍କା ପାଇଁ ଥାନାଧିକାରୀ ଓ ଏଏସ୍‌ଆଇଙ୍କ ମଧ୍ୟରେ ହାତାହାତି ଘଟଣାରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ହୋଇଛି। ଲାଞ୍ଚ ଟଙ୍କା ଆଦାୟ ଓ ଭାଗବଣ୍ଟାକୁ ନେଇ ଥାନାଧିକାରୀ ଦେବାଶିଷ ଶତପଥୀ ଓ ଏଏସ୍‌ଆଇ ପ୍ରକାଶ କୁମାର ସିଂହଙ୍କୁ ଗୁରୁବାର ଯାଜପୁର ଆରକ୍ଷୀ ଅଧୀକ୍ଷକ ଯଶ ପ୍ରତାପ ଶ୍ରୀମଲଙ୍କ ନିର୍ଦ୍ଦେଶକ୍ରମେ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝି ଏହି ଘଟଣାର ତଦନ୍ତ କରୁଛନ୍ତି। ଉଭୟଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

ଅଳକୁଣ୍ଡ ଥାନାରେ ୧୩୩/୨୫ ନମ୍ବର ଯୌତୁକ ନିର୍ଯାତନା ମାମଲାରେ ମିଥ୍ୟା ତଥା ଦୁର୍ବଳ ଚାର୍ଜଶିଟ ପ୍ରସ୍ତୁତ କରିବାକୁ ଅଭିଯୁକ୍ତ କୁଆଡେ ଲାଞ୍ଚ ଦେଇଥିଲେ। ତେବେ କୋର୍ଟରେ ଅଭିଯୋଗ ମୁତାବକ ଚାର୍ଜଶିଟ ଦାଖଲ ହେବାପରେ ଅଭିଯୁକ୍ତ ଥାନାଧିକାରୀଙ୍କୁ କାହିଁକି ଏଭଳି ହେଲା ବୋଲି ପ୍ରଶ୍ନ କରିଥିଲେ। ଏହାପରେ ଥାନା ଅଧିକାରୀ ଶତପଥୀ ଓ ଏଏସ୍‌ଆଇ ସିଂହଙ୍କ ମଧ୍ୟରେ ଥାନାରେ ଯୁକ୍ତିତର୍କ ହୋଇଥିଲା। ସେଠାରେ ଉଭୟ ହାତାହାତି ହୋଇଥିଲେ। ପଦାରେ ଥିବା ଅନ୍ୟ କର୍ମଚାରୀ ପହଞ୍ଚି ଉଭୟଙ୍କୁ ଛଡ଼ାଇଥିଲେ। ସିସିଟିଭି ଫୁଟେଜରେ ଏହା ଜଣାପଡ଼ିଥିଲା। ଉକ୍ତ ଫୁଟେଜରେ ଦେଖିବାକୁ ମିଳିଛି ଯେ, ଥାନାଧିକାରୀ ଶତପଥୀ ଉତ୍କ୍ଷିପ୍ତ ହୋଇ ଏଏସଆଇ ସିଂହଙ୍କୁ ଏକ ଚାପୁଡ଼ା ମାରିଥିଲେ। ଏଏସ୍‌ଆଇ ସିଂହ ମଧ୍ୟ ଥାନାଧିକାରୀଙ୍କୁ ପାଲଟା ଆକ୍ରମଣ କରିଥିଲେ। ଏହି ଘଟଣାକୁ ଚାପି ଦେବାକୁ ଉଦ୍ୟମ ହେଉଥିଲାବେଳେ ମଙ୍ଗଳବାର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାପରେ ଏସ୍‌ଡିପିଓ ମାଝୀ ଅଳକୁଣ୍ଡ ଥାନାରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରି ଫେରିଥିଲେ। ଏହି ଘଟଣା ପାଇଁ ଅଧିକାରୀଦ୍ୱୟଙ୍କୁ ଜିଲା ମୁଖ୍ୟାଳୟକୁ ବଦଳି କରାଯାଇଛି। ବିଞ୍ଝାରପୁର ଥାନାଧିକାରୀ ରଞ୍ଜନ କୁମାର ମଲ୍ଲିକଙ୍କୁ ଅଳକୁଣ୍ଡ ଥାନାର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

## ବ୍ୟକ୍ତିଗତ ମାଲିକାନାରେ ସରକାରୀ ଜାଗା

■ ସରକାରୀ କାର୍ଯ୍ୟାଳୟରୁ ଭଡ଼ା ଆଦାୟ ପାଇଁ ମସୁଧା
■ ସ୍ଥାନୀୟ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ

**ପଟ୍ଟାମୁଣ୍ଡାଇ, ୪।୧୨ (କଳ୍ପତରୁ ନାୟକ):**

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ତହସିଲ ଅଞ୍ଚଳର ବହୁ ଏକର ସରକାରୀ ଜାଗା ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଜାଗାକୁ କେବଳ ମାଡ଼ି ବସିନାହାନ୍ତି, ସ୍ଥାୟୀ ବାସଗୃହ, ଦୋକାନ ଗୃହ ନିର୍ମାଣ କରିଛନ୍ତି। ପ୍ରଶାସନ ଏହି ମୂଲ୍ୟବାନ ସରକାରୀ ଜାଗାରୁ ଜବରଦଖଲକାରୀଙ୍କୁ ହଟାଇବା ପାଇଁ ପଦକ୍ଷେପ ଗ୍ରହଣ କରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଜମି ଜବରଦଖଲ ଉଚ୍ଛେଦ ପାଇଁ ମୋହନ ସରକାରଙ୍କ କଡ଼ା ଆଭିମୁଖ୍ୟକୁ ନେଇ ସାରା ଓଡ଼ିଶାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ମାତ୍ର ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଧନୀ, ବଡ଼ ବ୍ୟବସାୟୀ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଅନାୟାସରେ ଜବରଦଖଲ କରିଥିବା ବହୁମୂଲ୍ୟ ସରକାରୀ ଜମିକୁ ଉଚ୍ଛେଦ କରାଯାଉନାହିଁ। ମାତ୍ର କେହି କେହି ରାସ୍ତାପାର୍ଶ୍ୱରେ ଦୋକାନଟିଏ ଦେଇଥିବା ବେଳେ ତାକୁ ଭାଙ୍ଗି ଦେଇ ଦାୟିତ୍ୱ ସମ୍ପୂର୍ଣ୍ଣ କରୁଥିବା ଭଳି ଘଟଣା ଦେଖାଯାଇଛି।



ଜବରଦଖଲରେ ସରକାରୀ ଜାଗା।

ଆଇନଜୀବୀ ପ୍ରମୋଦ ସାହୁ କହିଛନ୍ତି, ଏହି ସରକାରୀ ଜାଗାଗୁଡିକ ଅସାମାଜିକ ବ୍ୟକ୍ତିମାନେ ଅକ୍ତିଆର କରି ତାକୁ ପ୍ଲଟିଂ କରି ନିରୀହ ଜନସାଧାରଣଙ୍କୁ ବିକ୍ରି କରୁଛନ୍ତି। ପରବର୍ତ୍ତୀ ସମୟରେ ବ୍ୟକ୍ତିଗତ ଭାବେ ଗଣ୍ଡଗୋଳ ଘଟି ହଣାମରା ହୋଇ ଥାନାର ଦ୍ୱାରସ୍ଥ ହେଉଥିବା ବହୁ ନଜିର ରହିଛି। ଜବରଦଖଲ ଘଟଣା ପୋଲିସ ପାଇଁ ଅଯଥା ମୁଣ୍ଡବିନ୍ଧାର କାରଣ ପାଲଟିଛି। ସହରରେ ଜବରଦଖଲକାରୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ସ୍ଥାନୀୟ ପ୍ରଶାସନ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାହସ ଜୁଟାଇ ପାରୁନାହିଁ। ଏପରି କି ଉଚ୍ଛେଦ ପାଇଁ ନୋଟିସ କରାଯାଇଥିଲେ ମଧ୍ୟ ନ କରିବା ପଛରେ କ'ଣ ଉଦ୍ଦେଶ୍ୟ ରହିଛି ତାହା ଜଣାପଡୁନାହିଁ। ବୁଦ୍ଧିଜୀବୀ ଶତ୍ରୁଜିତ ନାୟକଙ୍କ ସହ ଜଣେ ଅବସରପ୍ରାପ୍ତ ରାଜସ୍ୱ ବିଭାଗୀୟ ଅଧିକାରୀ କହିଛନ୍ତି, ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବହୁ ସରକାରୀ ଜାଗା ୧୯୩୫, ୧୯୮୦ ବନ୍ଦୋବସ୍ତରେ କେତେଜଣ ପ୍ରଭାବଶାଳୀ ଲୋକେ ନିଜ ନାମକୁ କରି ନେଇଥିଲେ। ପରେ ନଦୀପଠା, ଅନାବାଦୀ, ଗୋଚର ଜାଗାକୁ କଂଗ୍ରେସ ସରକାର ସମୟରେ ତହସିଲଦାରଙ୍କୁ ହାତ କରି ନିଜନାମକୁ କରିନେଇଛନ୍ତି। ଫଳରେ ପଟ୍ଟାମୁଣ୍ଡାଇ ଅଞ୍ଚଳର ପରିବହନ ଜାଗା, ଗୃହ ରାସ୍ତା ବିଭାଗ ଜାଗା, ବିଦ୍ୟୁତ ବିଭାଗ, ଜଳାଶୟ, ନୟନଯୋରି, କେନାଲ ଓ ରାଜସ୍ୱ ବିଭାଗର ମୂଲ୍ୟବାନ ଜାଗା ନିଜ ନାମକୁ କରିନେଲେ। ମାତ୍ର ଏଠାକାର ତହସିଲ ନିକଟରେ ପ୍ରମାଣ ଅଭାବରୁ ଉଚ୍ଛେଦ କରାଯାଇପାରୁନାହିଁ। ଅନ୍ୟପକ୍ଷରେ ଯଦି ତହସିଲ ପକ୍ଷରୁ ଉଚ୍ଛେଦ ପାଇଁ ନୋଟିସ କରାଯାଉଛି ସେମାନେ ଉଚ୍ଚନ୍ୟାୟାଳୟରୁ ସ୍ଥଗିତାଦେଶ ଆଣି ପ୍ରକ୍ରିୟାକୁ ବାଟବଣା କରୁଛନ୍ତି। ଏପରିକି ସ୍ୱାଧୀନତା ପୂର୍ବରୁ ସରକାରୀ ଜାଗାରେ ହୋଇଥିବା କାର୍ଯ୍ୟାଳୟକୁ ଜଣେ ପ୍ରଭାବଶାଳୀ ବ୍ୟକ୍ତି ନିଜ ଜାଗା ଦଖଲ ଦେଖାଇ ଭଡ଼ା ଆଦାୟ ପାଇଁ ମସୁଧା କରୁଛନ୍ତି। ଅନ୍ୟପକ୍ଷରେ ଜବରଦଖଲ ଜମି ୩ ମାସ ମଧ୍ୟରେ ସରକାରୀ ଖାତାକୁ ଆଣିବାକୁ ରାଜ୍ୟର ସମସ୍ତ ଜିଲାପାଳ ଓ ତହସିଲଦାରଙ୍କୁ ଗତ ଅଗଷ୍ଟରେ ସରକାରଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏ ସମ୍ପର୍କରେ ହାଇକୋର୍ଟ ବେଞ୍ଚରେ ମଧ୍ୟ ସରକାରଙ୍କ ପକ୍ଷରୁ ସରକାରୀ ଓକିଲ ଦର୍ଶାଇଛନ୍ତି। ମାତ୍ର ସ୍ଥାନୀୟ ପ୍ରଶାସନ ସବୁଜାଣି ଚୁପ ବସିଛି। କିଛିବର୍ଷ ପୂର୍ବେ ଅଯୋଧ୍ୟା ରାମ ମନ୍ଦିର-ବାବ୍ରୀ ମସ୍‌ଜିଦ ଘଟଣାର ସୁପ୍ରିମ କୋର୍ଟରେ ଚାଲୁଥିବା ମାମଲାରେ ପ୍ରାଚୀନ ତାଳପତ୍ର ଗ୍ରନ୍ଥକୁ ଆଧାରକରି ଉକ୍ତ ସ୍ଥାନରେ ପ୍ରଭୁ ଶ୍ରୀରାମ ଜନ୍ମଭୂମିଥିବା ପ୍ରମାଣ ମିଳିପାରିଥିଲା। ତାହା ହେଲେ ୧୯୩୫/୧୯୮୦ ବନ୍ଦୋବସ୍ତକୁ ନଜରକୁ ଆଣି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜବରଦଖଲ ହୋଇଥିବା ନଦୀ, ନାଳ, ଅନାବାଦୀ, ଗୋଚର, ରକ୍ଷିତ ଓ ପୋଡା ଗୋବରୀ ନଦୀ ଉଚ୍ଛେଦ କାହିଁକି ପ୍ରଶାସନ କରୁନାହିଁ ବୋଲି ପ୍ରଶ୍ନ ଉଠାଇବା ସହିତ ଖାଲି ଜନସାଧାରଣଙ୍କ କର ଟଙ୍କାରେ ବେତନ ନେଇ ଦାୟିତ୍ୱ ସମ୍ପୂର୍ଣ୍ଣ କରୁଛନ୍ତି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ଅରୁଣ ନାୟକଙ୍କୁ ପଚାରିବାରେ ସେପରି କିଛି ପିଟିଶନ ହସ୍ତଗତ ହୋଇ ନ ଥିବାରୁ ତଦନ୍ତ ଆଗେଇ ପାରୁନାହିଁ।

# ଶିକ୍ଷାନୁଷ୍ଠାନରେ ର୍ୟାଗିଂ ପରେ ବଢ଼ିଲା ଭୟ

## ହଷ୍ଟେଲ ଅସୁରକ୍ଷିତ

■ହଷ୍ଟେଲରେ ପିଲାଙ୍କୁ ଛାଡ଼ିବାକୁ ଡରିଲେ ଅଭିଭାବକ

■କୋଚିଂ, ଟ୍ୟୁଶନ ଓ ହଷ୍ଟେଲ ଉପରେ ଲଗାମ ଢିଲା

ନୟାଗଡ଼,୪।୧୨(ଲୋକନାଥ ମିଶ୍ର)

ସରକାରୀ ଓ ବେସରକାରୀ ହଷ୍ଟେଲ, କୋଚିଂ ସେଣ୍ଟର, ଟିଉଶନ ଓ ମଦ୍ରାସା ପରି ଶିକ୍ଷାନୁଷ୍ଠାନ ଅସୁରକ୍ଷିତ ହୋଇ ପଡିଛି। ନୟାଗଡ ଜିଲା ଦଶପଲ୍ଲା ଥାନା ବାରପୁରିକିଆସ୍ଥିତ ଘରୋଇ କୋଚିଂ ସେଣ୍ଟର ମହାବୀର ବିଦ୍ୟାମନ୍ଦିରର ହଷ୍ଟେଲରେ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ୧୦ମ ଶ୍ରେଣୀର ୩ ଛାତ୍ର ବାଡି, ବ୍ୟାଟ ଓ ରଡ୍‌ରେ ପିଟିବା ସହ ଲଙ୍ଗଳା କରିବା ଘଟଣା ଅଭିଭାବକଙ୍କ ନିଦ ହଜାଇ ଦେଇଛି। ଛାତ୍ରୀଛାତ୍ରଙ୍କୁ କୋଚିଂ, ଟିଉଶନ ଓ ହଷ୍ଟେଲରେ ରଖି ପଢ଼ାଇବାର ଚାହିଦା ଥିବାବେଳେ ର୍ୟାଗିଂ ଘଟଣା ସତର୍କଘଣ୍ଟି ବଜାଇଛି। ଏଭଳିସ୍ଥଳେ ଅଭିଭାବକ ହଷ୍ଟେଲରୁ ପିଲାଙ୍କୁ ଘରକୁ ଫେରାଇ ଆଣିବେ ନା ପୁଣି ସେଠାରେ ରଖିବେ ଚିନ୍ତା କରିପାରୁ ନାହାନ୍ତି। କେବଳ ଯେ ଦଶପଲ୍ଲା ଘଟଣା ନୁହେଁ, ଜିଲାର ବିଭିନ୍ନ ସରକାରୀ ଓ ବେସରକାରୀ ହଷ୍ଟେଲ, କୋଚିଂ ସେଣ୍ଟର ଓ ଟିଉଶନରେ ନିର୍ଯାତନା ଘଟିବା ବନ୍ଦ ହେଉନି ।

୨୦୨୩ ଜୁଲାଇରେ ନୟାଗଡ଼ ସହରରେ ଏକ ଘରୋଇ ଛାତ୍ରୀ ନିବାସ ପକ୍ଷରୁ ମିଠା ମିଠା ପ୍ରତିଶ୍ରୁତି ଦେଇ ନୟାଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଜଣେ ଯୁକ୍ତ୨ ଛାତ୍ରୀଙ୍କୁ ନିଜ ଅନୁଷ୍ଠାନରେ ରଖି ପରବର୍ତ୍ତୀ ସମୟରେ ନିର୍ଯାତନା ଓ ଅସଦାଚରଣ କରାଯାଇଥିଲା । ପ୍ରତିଶ୍ରୁତିମୂଳକ ସେବା ନ ମିଳିବାରୁ ଛାତ୍ରୀ ଅଗ୍ରିମ ୧୦ ହଜାର ଟଙ୍କା ନେଇ ଚାଲି ଯିବାକୁ ଜିଦ୍ କରିଥିଲେ। ତେବେ ଅଗ୍ରିମ ଟଙ୍କା ନ ଦେଇ ଛାତ୍ରୀ ନିବାସ କର୍ତ୍ତୃପକ୍ଷ ନିର୍ଯାତନା ଓ ଅସଦାଚରଣ କରି ପଳାଇଯିବାକୁ ପରାମର୍ଶ ଦେଇଥିଲେ। ଏଭଳିସ୍ଥଳେ ଛାତ୍ରୀଙ୍କ ମା' ନୟାଗଡ ଟାଉନ ଥାନାର ଆଶ୍ରୟ ନେଇ ବହୁ ବିଳମ୍ବରେ ନ୍ୟାୟ ପାଇଥିଲେ । ହେଲେ ଅସଦାଚରଣ ଅଭିଯୋଗର ସୁଫଳ ମିଳି ନ ଥିଲା। ସେହି ୨୦୨୩ ଜୁଲାଇରେ ପୁଣି ନୟାଗଡ ଟାଉନ ଥାନା ତୁଳସୀପୁରସ୍ଥ ବିଜ୍ଞାନ ଟିଉଟୋରିଆଲରେ ଦୁଇ ଛାତ୍ର ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ପରେ ୨୦ରୁ ଉର୍ଦ୍ଧ୍ୱ ଛାତ୍ରଙ୍କୁ ଦୁଇ ଅଧ୍ୟାପକ ଗୋଡେଇ ଗୋଡେଇ ପିଟିବା ଘଟଣା ଉତ୍ତେଜକ ପରିସ୍ଥିତି ସୃଷ୍ଟି କରିଥିଲା । ଅଧ୍ୟାପକଙ୍କ ମାରପିଟ ବିରୋଧରେ ନୟାଗଡ ସହରର ଗିରିଶ ରଞ୍ଜନ ରଥ ଓ ଫୁଲବାଣୀର ସୌଭାଗ୍ୟ ସାହୁ ପ୍ରମୁଖ ଦୁଇ ଛାତ୍ର ନୟାଗଡ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାର ତଦନ୍ତ କରିଥିଲା । ପୁଣି ୨୦୨୫ ଜୁଲାଇରେ ଦଶପଲ୍ଲା ବ୍ଲକ ଟାକେରା ସରକାରୀ ଉଚ୍ଚ ବିଦ୍ୟାଳୟର ୪ଜଣ ଅଷ୍ଟମ ଶ୍ରେଣୀ ଅନ୍ତେବାସୀ ଶିକ୍ଷକଙ୍କ ନିର୍ଯାତନା ସହି ନ ପାରି କାହାକୁ କିଛି ନ ଜଣାଇ ହଷ୍ଟେଲ ଛାଡିଥିଲେ। ସେମାନେ ଦିନବେଳା ଘରକୁ ଚାଲି ଯାଇଥିଲେ ମଧ୍ୟ ହଷ୍ଟେଲ କର୍ତ୍ତୃପକ୍ଷ ଜାଣି ପାରିନଥିଲେ । ତେବେ ସନ୍ଧ୍ୟା ଉପସ୍ଥାନ ପଡିବାବେଳେ ୪ଜଣ ଅଷ୍ଟମ ଶ୍ରେଣୀ ଅନ୍ତେବାସୀ ଅନୁପସ୍ଥିତ ଜଣାପଡିଥିଲା । ଶିକ୍ଷକ ନିଜର ଦୋଷ ଲୁଚାଇବା ପାଇଁ ରାତାରାତି ଅନ୍ତେବାସୀଙ୍କ ଘରକୁ ଯାଇ ପୁଣି ହଷ୍ଟେଲକୁ ଫେରାଇ ଆଣିଥିଲେ । ସେହିଭଳି ରଣପୁର ଥାନା ସୁନାଖଳା ଫାଣ୍ଡି କୁଳାସର ପଞ୍ଚାୟତ ନୀଳପଲ୍ଲୀ ଗାଁର ମଦ୍ରାସାରେ ଜଣେ ଛାତ୍ରଙ୍କୁ ଅପ୍ରାକୃତିକ ଯୌନ କ୍ରିୟା କରି କିଛି ଛାତ୍ର ତଣ୍ଟି ଚିପି ଗତ ସେପ୍ଟେମ୍ବର ୨ରେ ହତ୍ୟା କରିଥିଲେ। ପ୍ରମାଣ ନଷ୍ଟ ପାଇଁ ଛାତ୍ରଙ୍କୁ ପାଇଖାନା ଟାଙ୍କିକୁ ଫୋପାଡି ଦେଇ ନିଖୋଜ ବୋଲି ପ୍ରଧାନ ଶିକ୍ଷକଙ୍କୁ ହତ୍ୟା କରିଥିବା ଛାତ୍ର ସଫେଇ ଦେଇ ଚୁପ୍‌ଚାପ ରହିଥିଲେ । ହତ୍ୟାର ପ୍ରମାଣ ମିଳିବା ପରେ କୋର୍ଟ ନିର୍ଦ୍ଦେଶ ମୁତାବକ ୫ ଛାତ୍ରଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଯାଇଥିଲା । ଏହିଭଳି ଜିଲାର ବିଭିନ୍ନ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ, ହଷ୍ଟେଲରେ ର୍ୟାଗିଂ ବଢ଼ିବା ହେତୁ ପ୍ରାଥମିକ, ହାଇସ୍କୁଲ, କଲେଜ ଛାତ୍ରୀଛାତ୍ର ଅଭିଶପ୍ତ ଜୀବନଯାପନ କରୁଛନ୍ତି । ସବୁ ଘଟଣା ଲୋକଲୋଚନକୁ ଆସି ପାରୁ ନ ଥିବାରୁ ଅଭିଭାବକ ସଚେତନ ହୋଇପାରୁ ନାହାନ୍ତି । ଘରୋଇ ଶିକ୍ଷାନୁଷ୍ଠାନର କୋଚିଂ, ଟିଉଶନ ଓ ହଷ୍ଟେଲ ଏବଂ ସରକାରୀ ହଷ୍ଟେଲରେ ଏଭଳି ଘଟଣା ବାରମ୍ବାର ଘଟିବା ଜିଲାର ଭାବମୂର୍ତ୍ତିକୁ ବଦନାମ କରି ଚାଲିଛି। ଏହା କିପରି ଆଗକୁ ନ ଘଟିବ, ଲଗାମ ଲାଗିପାରିବ ସେନେଇ ପଦକ୍ଷେପ ନେବାର ସମୟ ଆସିଛି ବୋଲି ଚର୍ଚ୍ଚା ହେଉଛି । ଏନେଇ ଭାପୁରର ରମେଶ ପ୍ରଧାନ, ଦଶପଲ୍ଲାର ଭୀମସେନ ସାହୁ, ଗଣିଆର ବିକ୍ରମ ନାୟକ, ନୟାଗଡ଼ର ପ୍ରୀତିମୟୀ ସାହୁ କୁହନ୍ତି, ର୍ୟାଗିଂର ଭୟାବହତା ସମ୍ପର୍କରେ ସ୍ୱତନ୍ତ୍ର ଭାବେ ଛାତ୍ରୀଛାତ୍ରଙ୍କୁ ସଚେତନତା କରାଯିବା ଦରକାର । ହେଲେ ଏଥିପାଇଁ ଅଣଦେଖା କରାଚାଲିଛି। ଅଭିଭାବକ ପିଲାଙ୍କୁ ସରକାରୀ ଅଥବା ବେସରକାରୀ ଭାବେ ପାଠ ପଢ଼ାଇବେ । ତେବେ ର୍ୟାଗିଂ ଏବେ ଟେନଶନ ଦେଉଥିବାରୁ ସରକାର ଏ ଦିଗରେ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନେବା ଦରକାର ବୋଲି କହିଛନ୍ତି ।




କଣ୍ଟିଲୋ ଓ ବାଇଗୁଣିଆରେ ମା'ଲକ୍ଷ୍ମୀଙ୍କ ମୃଣ୍ମୟ ମୂର୍ତ୍ତି ।




ତଳସାହି ଓ ଗୋଡ଼ିପଡା ଯଜ୍ଞାନୁଷ୍ଠାନ ଗୃହରେ ମା'ଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା।

# ଖଣ୍ଡପଡ଼ା ବ୍ଲକ ଅଞ୍ଚଳରେ ଲକ୍ଷ୍ମୀପୂଜା

ଖଣ୍ଡପଡା,୪।୧୨(ଅଜୟ କୁମାର ମହାରଣା)

ମାର୍ଗଶିର ମାସ ଶେଷ ଗୁରୁବାର ଅବସରରେ ଖଣ୍ଡପଡା ବ୍ଲକ ଅଞ୍ଚଳର ବିଭିନ୍ନ ସ୍ଥାନରେ ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆରମ୍ଭ ହୋଇଛି । ଖଣ୍ଡପଡା ସହରର ସାମନ୍ତ ଛକର ୩ ପୂଜାମଣ୍ଡପରେ ୨୦୧୯, ୨୦୨୧ ଓ ୨୦୨୨ ମାଟ୍ରିକ ବ୍ୟାଚର ପୁରାତନ ଛାତ୍ରମାନଙ୍କ ପକ୍ଷରୁ ଓ ନିକଟସ୍ଥ ଟିଙ୍କରୁଆଠାରେ ମା'ଙ୍କ ପୂଜା ଉତ୍ସବ ଅନୁଷ୍ଠିତ ହେଉଛି । ସେହିପରି ଖଣ୍ଡପଡା ବ୍ଲକ ସିଂଘାପଡା, ଖଳିସାହି ପଞ୍ଚାୟତ କୋଟପୋଖରୀ, ମର୍ଦ୍ଦରାଜପୁର, କଣ୍ଟିଲୋ ସେବକସାହି, କଂସାରିସାହିପାଟଣା ବାପୁଜୀ ନଗର ଓ ବଜାର ହରିସୁବୁଦ୍ଧି ପାଟଣା ସମେତ ନିକଟସ୍ଥ ବେଣାଗାଡିଆ ଓ ବରକୋଳି ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ପାରମ୍ପରିକ ରୀତିରେ ପାଳନ ହେଉଛି । ସମ୍ପୃକ୍ତ ଅଞ୍ଚଳର ପୂଜା ମଣ୍ଡପରେ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ଭାଗବତ ପଠନ ଉପଭୋଗ କରିବା ପାଇଁ ଜନ ସମାଗମ ହୋଇଥିଲା । ବିଶେଷକରି କଣ୍ଟିଲୋ ସେବକସାହି ଦୋଳବେଦୀରେ ମା' ଲକ୍ଷ୍ମୀଙ୍କର ପୂଜା ଅବସରରେ ଗୁରୁବାର ମହିଳା ସଂକୀର୍ତ୍ତନ ମଣ୍ଡଳୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ହରିସୁବୁଦ୍ଧି ପାଟଣା ଗ୍ରାମରେ କୁନି କୁନି ପିଲାଙ୍କ ଦ୍ୱାରା ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସେହିପରି ବେଣାଗାଡିଆ ଗ୍ରାମ ପୂଜା ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ପୂଜାପାଉଥିବା ବେଳେ ବାଦୀପାଲା ଅନୁଷ୍ଠିତ ହେଉଛି। ସେହିପରି ଓଡ଼ିଆ କୁଳ ଯୁବକ ସଂଘ ପକ୍ଷରୁ ବାଇଗୁଣିଆଁ ଗ୍ରାମରେ ମହାଲକ୍ଷ୍ମୀଙ୍କ ପୂଜା ଉତ୍ସବ ଆନନ୍ଦ ଉଲ୍ଲାସର ସହ ଆରମ୍ଭ ହୋଇଛି। ଏଠାରେ ଏହି ଉତ୍ସବ ୭ ଦିନ ବ୍ୟାପୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କଠାରୁ ପ୍ରକାଶ । ଏଠାରେ ପୌରାଣିକ ନାଟକ ଜଳନ୍ଧର ବଧ ଅନୁଷ୍ଠିତ ହୋଇଛି । ବିଶେଷକରି ବେଣାଗାଡିଆ ଓ ଶିଖରପୁର ଗ୍ରାମବାସୀଙ୍କ ପକ୍ଷରୁ ୪ଦିନ ବ୍ୟାପୀ ପୂଜା ଉତ୍ସବ ଅନୁଷ୍ଠିତ ହେବ ।

## ଗୋଡ଼ିପଡାରେ ମହାଲକ୍ଷ୍ମୀପୂଜା

ନୟାଗଡ,୪।୧୨(ଲୋକନାଥ ମିଶ୍ର):ଗୋଡିପଡାର ବଡଦେଶ ଯଜ୍ଞାନୁଷ୍ଠାନ ଗୃହରେ ଓ ତଳସାହିଠାରେ ମହାଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଉଭୟ ପୂଜା ୪ ଦିନ ଧରି ଚାଲୁ ରହିବ। ବଡଦେଶ ଯଜ୍ଞାନୁଷ୍ଠାନ ଗୃହ ସମ୍ମୁଖରେ ବାଦୀପାଲା ଚାଲୁ ରହିଛି । ଏଠାରେ ୧୭ ବର୍ଷ ହେଲା ପୂଜା ଚାଲୁ ରହିଛି ।

# ଅନୁଗୋଳ ଗଲେ ୩ ନାବାଳକ

## କୋଚିଂ ସେଣ୍ଟର ହଷ୍ଟେଲରେ ର୍ୟାଗିଂ ଘଟଣା

■ମାଲିକଙ୍କୁ ନୋଟିସ୍ ଦେଇ ଛାଡିଲେ

■କୋଚିଂ ସେଣ୍ଟର ବନ୍ଦ ଦାବି ତେଜିଲା

ନୟାଗଡ,୪।୧୨(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଦଶପଲ୍ଲା ଥାନା ଅଞ୍ଚଳର ମହାବୀର ଘରୋଇ କୋଚିଂ ସେଣ୍ଟର ହଷ୍ଟେଲରେ ଜଣେ ୮ମ ଶ୍ରେଣୀ ଛାତ୍ରଙ୍କୁ ରାଗିଂ ଘଟଣାରେ ଅଟକ ଥିବା ୩ଜଣ ୧୦ମ ଶ୍ରେଣୀ ଛାତ୍ରଙ୍କୁ ଅନୁଗୋଳ ବାଳ ସୁଧାର ଗୃହକୁ ପଠାଯାଇଛି। ସେହିପରି ଅଟକ କୋଚିଂ ସେଣ୍ଟର ମାଲିକ ରଶ୍ମୀ ରଞ୍ଜନ ପଟ୍ଟନାୟକଙ୍କୁ ନୋଟିସ୍ ଦେଇ ପୋଲିସ ଛାଡି ଦେଇଛି। ପ୍ରକାଶଯେ, ୮ମ ଶ୍ରେଣୀ ଛାତ୍ରଙ୍କୁ ୧୦ମ ଶ୍ରେଣୀର ୩ ଛାତ୍ର ବାଡି, ବ୍ୟାଟ ଓ ରଡ୍‌ରେ ପିଟିବା ସହ ଉଲଗ୍ନ କରିଥିଲେ। ଟ୍ରେ ଧୋଇବାକୁ ଅରାଜି ହେବା ପରେ ୧୦ମ ଶ୍ରେଣୀ ଛାତ୍ରମାନେ ରାଗିଂ କରି ମାଡ ମାରିବା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ପୋଲିସ ଗୁରୁତର ସହ ନେଇ ନିଜ ଆଡୁ ନଂ.୩୨୩/୨୫ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତେବେ ଏନେଇ ୮ମ ଶ୍ରେଣୀ ଛାତ୍ରଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇ ନାହିଁ। ଅପରପକ୍ଷେ ରାଗିଂ ଘଟଣା ୩ମାସ ତଳେ ଚାପି ଦିଆଯାଇଥିଲା। ଭିଡିଓ ଭାଇରାଲ ହେବା ପରେ ଏହା ଲୋକଲୋଚନକୁ ଆସିଛି । ଏଭଳିସ୍ଥଳେ କୋଚିଂ ସେଣ୍ଟର ବନ୍ଦ କରିବାକୁ ଦାବି ଜୋରଦାର ଉଠିଛି ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଦ୍ୟାଭୂଷଣ



@ ଚନ୍ଦ୍ରଶେଖର



@ ଧୀରଜ



@ ନିଲୁ



@ ମାନସ



@ ରାନୀ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନୟାଗଡ଼ ମେଡିକାଲ କଲେଜ ପ୍ରତିଷ୍ଠା ସୂଚନା ପାଇ ଓଡ଼ଗାଁରେ ତତ୍ପରତା

## ଦଳମତ ନିର୍ବିଶେଷରେ ସମସ୍ତେ ଏକତ୍ର ହେବାକୁ ଉଦ୍ୟମ

ଓଡ଼ଗାଁ, ୪।୧୨(ଆଦର୍ଶ କୁମାର ପଟ୍ଟନାୟକ)

ନୟାଗଡ଼ ଜିଲା ସଦର ମହକୁମାରେ ଥିବା ମୁଖ୍ୟ ଚିକିତ୍ସାଳୟ କିମ୍ବା ନିକଟବର୍ତ୍ତୀ ସ୍ଥାନରେ ଜିଲା ମେଡିକାଲ କଲେଜ ସ୍ଥାପନ ହେବା ପରିବର୍ତ୍ତେ ଜିଲା ସଦରମହକୁମାଠାରୁ ପ୍ରାୟ ୫୦ କି.ମି.ଦୂରରେ ନୟାଗଡ଼ ଓ ଖୋର୍ଦ୍ଧା ଜିଲା ସୀମାନ୍ତରେ ନୟାଗଡ଼ ମେଡିକାଲ କଲେଜ ସ୍ଥାପନ ଲାଗି ବିଧାନସଭାରେ ଆଲୋଚନା ହେବା ପରେ କେବଳ ଓଡ଼ଗାଁ ବ୍ଲକ ନୁହେଁ, ସମଗ୍ର ଜିଲାରେ ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ଗାଁ ବ୍ଲକ ଓଡ଼ଗାଁ, କୁରାଳ ଓ ବାଉଁଶଗାଡ଼ିଆର ବହୁ ବରିଷ୍ଠ ନାଗରିକ ଉକ୍ତ ପ୍ରସ୍ତାବକୁ ବିରୋଧ କରିବା ସହିତ ଦଳମତ ନିର୍ବିଶେଷରେ ସମସ୍ତ ରାଜନୈତିକ ଦଳ, ଓକିଲ ସଂଘ, ଶିକ୍ଷକ ସଂଘ ଏବଂ ଅନ୍ୟାନ୍ୟ ସଂଗଠନ ପ୍ରତିନିଧି ଏବଂ ବୁଦ୍ଧିଜୀବୀ ନୟାଗଡ଼ ସଦର ମହକୁମାରେ ମେଡିକାଲ କଲେଜ ସ୍ଥାପନ କରିବା ପାଇଁ ପ୍ରମାଣ ସହିତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାର ଆବଶ୍ୟକତା ଅଛି ବୋଲି ମତପ୍ରକାଶ ପାଇଛି। ଏହା ଦ୍ୱାରା କେବଳ ନୟାଗଡ଼ ଜିଲାର ୪ ବିଧାନସଭା ନିର୍ବାଚନ ମଣ୍ଡଳ ନୁହେଁ, ଗଞ୍ଜାମ, କନ୍ଧମାଳ, କଟକ ଓ ଖୋର୍ଦ୍ଧା ସୀମାବର୍ତ୍ତୀ ଜିଲା ଗୁଡ଼ିକର ବହୁ ସଂଖ୍ୟାରେ ଜନ ସାଧାରଣ ଉପକୃତ ହେବେ। ଦୃଷ୍ଟି ଆଢୁଆଳ ନ କରି ସରକାର ଏହାକୁ ଉପଯୁକ୍ତ ସ୍ଥାନରେ ସ୍ଥାପନ ନିମନ୍ତେ ଯତ୍ନବାନ ହେବେ ବୋଲି ଆଶା ରହିଛି। ଚାନ୍ଦପୁର ବସନ୍ତ ମଞ୍ଜରୀ ଯକ୍ଷ୍ମା ରୋଗ ଚିକିତ୍ସାଳୟରେ ୧୮ ଶଯ୍ୟା ବିଶିଷ୍ଟ ଆଇସିୟୁ ଥିବା ବେଳେ ସ୍ଥାନୀୟ ରୋଗୀମାନେ ସେଠାକୁ ନ ଯାଇ ଅଳ୍ପ ଦୂରରେ ଖୋର୍ଦ୍ଧା କିମ୍ବା ଭୁବନେଶ୍ୱରର ଯିବାକୁ ଉଚିତ ମନେ କରୁଛନ୍ତି। କାରଣ ସେଠାରେ ପର୍ଯ୍ୟାପ୍ତ ବିକଳ୍ପ ରହିଛି। ଅନ୍ୟ ପକ୍ଷରେ ଉକ୍ତ ଚିକିତ୍ସାଳୟର ପୁନରୁଦ୍ଧାର ସହିତ ସେଠାରେ ମେଡିକାଲ କଲେଜ ସ୍ଥାପନ ପାଇଁ ବାଚସ୍ପତିଙ୍କ ସହିତ ଆଲୋଚନା ସମ୍ପର୍କରେ ଖଣ୍ଡପଡ଼ା ବିଧାୟକ ବିଧାନସଭାରେ ମନ୍ତବ୍ୟ ରଖିବା ପରେ ଏହି ଏହାକୁ କେନ୍ଦ୍ରକରି ବିଭିନ୍ନ ସଂଗଠନରୁ ପ୍ରତିକ୍ରିୟା ପ୍ରକାଶ ପାଇବା ସହିତ ନୟାଗଡ଼ ବିଧାୟକ ଜିଲା ସଦରମହକୁମାରେ ମେଡିକାଲ କଲେଜ ସ୍ଥାପନ ନ ହେଲେ ଆନ୍ଦୋଳନ ତୀବ୍ର ରୂପ ଧାରଣ କରିବ। ପରିଣାମ ପାଇଁ ସରକାର ଦାୟୀ ରହିବେ ବୋଲି କହିଛନ୍ତି। ସୂଚନାଯୋଗ୍ୟ, ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ,ଗଞ୍ଜାମ ସୀମାନ୍ତରେ ଥିବା ନୃସିଂହ ପ୍ରସାଦଠାରୁ ପ୍ରସ୍ତାବିତ ମେଡିକାଲ କଲେଜ ଚାନ୍ଦପୁର ବସନ୍ତ ମଞ୍ଜରୀ ଡାକ୍ତରଖାନାର ଦୂରତା ୭୨ କି.ମି. ହେଉଥିବା ବେଳେ ନୟାଗଡ଼କୁ ୩୭ କିଲୋମିଟର। ଏହି ବ୍ଲକର ମାଳିଆଖୋଲାରୁ ଚାନ୍ଦପୁର ୭୭ କି.ମି. ହେଉଥିବା ବେଳେ ନୟାଗଡ଼ ୪୦ କିଲୋମିଟର। ସେହିପରି ଗଣିଆ ବ୍ଲକ ବାଣିଗୋଛାରୁ ୧୧୭ କି.ମି. ହେଉଥିବା ବେଳେ ନୟାଗଡ଼ ୭୪ କି.ମି.। ଖଣ୍ଡପଡ଼ା ବ୍ଲକ କଣ୍ଟିଲୋରୁ ଚାନ୍ଦପୁର ୭୪ କି.ମି. ନୟାଗଡ଼କୁ ୩୪ କି.ମି.। ସେହିପରି ଫତେଗଡରୁ ଚାନ୍ଦପୁର ୫୨ କି.ମି.ହେଉଥିବା ବେଳେ ନୟାଗଡ଼ ୩୫ କି.ମି.। ଗମନାଗମନ ଓ ଯୋଗାଯୋଗ ନିମନ୍ତେ ନୟାଗଡ଼ ସଦର ମହକୁମାକୁ ବିସ୍ତୃତ ସଡ଼କ ପଥ ରହିଥିବା ବେଳେ ଚାନ୍ଦପୁରକୁ ଗମନାଗମନ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ। ଚାନ୍ଦପୁରଠାରେ ମେଡିକାଲ କଲେଜ ସ୍ଥାପନା ହେଲେ ଜିଲାର ୮ ବ୍ଲକରୁ କେବଳ ରଣପୁର ବ୍ଲକର କିଛି ଅଂଶ ସହିତ ଖୋର୍ଦ୍ଧା ଜିଲାର ଅନେକ ଅଞ୍ଚଳର ଲୋକେ ଉପକୃତ ହୋଇ ପାରନ୍ତି। ତେବେ ଅନ୍ୟ ବ୍ଲକ ସଦର ମହକୁମାରୁ ଚାନ୍ଦପୁର ପରିବର୍ତ୍ତେ ଭୁବନେଶ୍ୱରକୁ ଗମନାଗମନ କ୍ଷେତ୍ର ସୁଦୃଢ ଥିବା ସହିତ ବହୁଗୁଡିଏ ବିକଳ୍ପ ବ୍ୟବସ୍ଥା ଥିବାରୁ ରୋଗୀମାନେ ଚାନ୍ଦପୁର ପରିବର୍ତ୍ତେ ଭୁବନେଶ୍ୱରକୁ ପ୍ରଥମ ପସନ୍ଦ କରିବେ। ଅପରପକ୍ଷରେ ନୟାଗଡ଼ରେ ମେଡିକାଲ କଲେଜ ହେଲେ ଗୁରୁତର ରୋଗୀମାନେ ନୟାଗଡ଼ରୁ ସ୍ୱଳ୍ପ ଖର୍ଚ୍ଚ ଏବଂ ଅଳ୍ପ ସମୟରେ ଭୁବନେଶ୍ୱର କିମ୍ବା କଟକ ଯିବାକୁ ସହଜ ହେବ। ଏହି ସମସ୍ତ ବିଷୟକୁ ଅନୁଧ୍ୟାନ କଲେ ଚାନ୍ଦପୁର ପରିବର୍ତ୍ତେ ନୟାଗଡ଼ରେ ମେଡିକାଲ କଲେଜ ସ୍ଥାପନ ସମସ୍ତଙ୍କ ପାଇଁ ଉପଯୁକ୍ତ ହୋଇପାରିବ ବୋଲି ବରିଷ୍ଠ ନାଗରିକ ଏବଂ ବୁଦ୍ଧିଜୀବୀମାନେ ପରାମର୍ଶ ଦେଇଛନ୍ତି।

# ପ୍ଲାକାର୍ଡରେ ନୟାଗଡ଼ ମେଡିକାଲ କଲେଜ ଦାବି

ନୟାଗଡ,୪।୧୨(ଲୋକନାଥ ମିଶ୍ର)

ପ୍ଲାକାର୍ଡ ମାଧ୍ୟମରେ ନୟାଗଡ଼ ମେଡିକାଲ ଦାବିକୁ ତ୍ୱରାନ୍ୱିତ କରାଯାଇଛି। ନୟାଗଡ଼ ଗୋଲେଇ ଟ୍ରାଫିକ ଛକରେ ଜୟ ନୟାଗଡ଼ ଫାଉଣ୍ଡେଶନ ପକ୍ଷରୁ ସଚେତନତା ସୃଷ୍ଟିକରି କୁହାଯାଇଛି, ରାଜ୍ୟର ଜିଲା ସଦର ମହକୁମାରେ ଗଢ଼ି ଉଠୁଛି ମେଡିକାଲ କଲେଜ। ନୟାଗଡ଼ କ'ଣ ଅନ୍ୟ ଜିଲାଠାରୁ ଭିନ୍ନ। ନୟାଗଡ଼ରେ କାହିଁକି ନିୟମ ଭଙ୍ଗ କରାଯାଇ ନୟାଗଡ଼-ଖୋର୍ଦ୍ଧା ଜିଲାର ସୀମାନ୍ତ ଚାନ୍ଦପୁରରେ କରାଯିବ। ଭୌଗୋଳିକ ଦୃଷ୍ଟିକୋଣରୁ ନୟାଗଡ଼ରେ ଯଦି ମେଡ଼ିକାଲ କଲେଜ ସ୍ଥାପନ ହେବ ତେବେ ଜିଲାର ଆଖ ପାଖରେ ଥିବା କଟକ, ଗଞ୍ଜାମ, ଖୋର୍ଦ୍ଧା ଓ ବୌଦ୍ଧ ଜିଲା ସୀମାନ୍ତ ଗାଁ ଲୋକେ ସୁଫଳ ପାଇ ପାରିବେ। ନୟାଗଡ଼ ସବୁବେଳେ ସ୍ୱାସ୍ଥ୍ୟକ୍ଷେତ୍ରରେ ଅବହେଳିତ ଓ ଉପେକ୍ଷିତ ହୋଇ ରହିଯିବ। ଲୋକ ଚାନ୍ଦପୁରକୁ ନ ଯାଇ କଟକ ଓ ଭୁବନେଶ୍ୱର ଯିବାକୁ ପସନ୍ଦ କରିବେ । ନୟାଗଡ଼ରେ ଜାଗା ଅଭାବ ନାହିଁ । ଭାଲୁ ଖୋଲ, ଖୁଣ୍ଟୁବନ୍ଧ ଆଇଟିଆଇ ପାଖ, ପାଣିପୋଇଲା ଡ୍ୟାମ ପାଖ, ନବଘନପୁର ଓ କ୍ରୀଦାଶପୁର ପାଖରେ ବି ମେଡିକାଲ କଲେଜ କରିବାକୁ ଜାଗା ରହିଛି। ରାଜନୈତିକ ଉଦ୍ଦେଶ୍ୟ ରଖି ନୟାଗଡ଼ ଅବହେଳିତ ହୋଇ ରହିଯାଇଛି । ମଶାଲ ଶୋଭାଯାତ୍ରା ହେବ, ନୟାଗଡ଼ ବନ୍ଦ ଡାକରା ଦିଆଯିବ ବୋଲି ଜୟ ନୟାଗଡ଼ ଫାଉଣ୍ଡେଶନ ପ୍ରତିଷ୍ଠାତା ଶେଖ ଅବଦୁଲ ଆହଦ୍ କହିଛନ୍ତି ।




ପ୍ଲାକାର୍ଡ ଧରି ଲୋକଙ୍କ ପ୍ରତିବାଦ ।

# ବଜାରରେ ନକଲି ତରଳ ଓଆର୍‌ଏସ୍‌

## ୭.୯୨ଲକ୍ଷ ପ୍ୟାକେଟ୍ ଜବତ କରି ଫେରାଇଲା ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟ

ଭୁବନେଶ୍ୱର,୪।୧୨(ବନ୍ଦନା ସେଠୀ)

ନକଲି ଔଷଧ ପରେ ଏବେ ବଜାରରେ ମିଳୁଥିବା ନକଲି ତରଳ ଓଆର୍‌ଏସ୍/ ଇଲେକ୍ଟ୍ରୋଲାଇଟ୍ ପ୍ୟାକେଟ୍ ସ୍ୱାସ୍ଥ୍ୟ ବିଭାଗର ମୁଣ୍ଡବିନ୍ଧାର କାରଣ ପାଲଟିଛି। ସାଧାରଣତଃ ଡିହାଇଡ୍ରେସନ୍ ସମୟରେ ଶରୀରକୁ ଶକ୍ତି ଯୋଗାଇବା ପାଇଁ ଲୋକମାନେ ଓଆର୍‌ଏସ୍‌କୁ ପିଉଥାନ୍ତି। ମାତ୍ର କିଛି ଅସାଧୁ ବ୍ୟବସାୟୀ ନକଲି ତରଳ ଓଆର୍‌ଏସ୍ ପ୍ରସ୍ତୁତ ଓ ବିକ୍ରି କରି ଲୋକଙ୍କ ସ୍ୱାସ୍ଥ୍ୟ ସହିତ ଖେଳୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଔଷଧ ଦୋକାନରୁ ଭୁଲ ଓ ବିଭ୍ରାନ୍ତିକର ଛାପା ଥିବା ତରଳ ଓଆର୍‌ଏସ୍ ପ୍ୟାକେଟ୍ ଜବତ ଅଭିଯାନ ଆରମ୍ଭ ହୋଇଛି। ଡ୍ରଗ୍ସ କଣ୍ଟ୍ରୋଲ ନିର୍ଦ୍ଦେଶାଳୟର ଅଧିକାରୀମାନେ ଗତ ଦୁଇ ସପ୍ତାହ ମଧ୍ୟରେ ରାଜ୍ୟର ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରି ବିଭିନ୍ନ କମ୍ପାନୀର ୭.୯୨ ଲକ୍ଷ ପ୍ୟାକେଟ୍ ନକଲି ଓଆର୍‌ଏସ୍ ଚିହ୍ନଟ କରିବା ପରେ ସେଗୁଡ଼ିକୁ ଫେରସ୍ତ କରିଛନ୍ତି। ଏହି ପ୍ୟାକେଟଗୁଡ଼ିକର ଆନୁମାନିକ ମୂଲ୍ୟ ପ୍ରାୟ ୪କୋଟି ଟଙ୍କା ହେବ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ତେବେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଫେରସ୍ତ କରାଯାଉଥିବାରୁ ସାଧାରଣରେ ନାନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତେବେ ଏ ସମ୍ପର୍କରେ ଡ୍ରଗ୍ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକ କହିଛନ୍ତି, ଓରାଲ୍ ଡିହାଇଡ୍ରେଶନ୍ ସଲ୍ଟ ତରଳ ପାନୀୟ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ସୁପାରିଶ ଫର୍ମୁଲା ଅନୁସାରେ ପ୍ରସ୍ତୁତ ହେବା ଆବଶ୍ୟକ। ଏଗୁଡ଼ିକ ଲାଇସେନ୍ସପ୍ରାପ୍ତ ଉତ୍ପାଦକଙ୍କ ଦ୍ୱାରା ତିଆରି ହୁଏ ଓ ସାଧାରଣତଃ ଔଷଧ ଦୋକାନରେ ବିକ୍ରୟ ହୁଏ। ମାତ୍ର ବର୍ତ୍ତମାନ ବଜାରରେ ଅନେକ ତରଳ ପାନୀୟ ପ୍ୟାକେଟ ଓଆର୍‌ଏସ୍/ଇଲେକ୍ଟ୍ରୋଲାଇଟ୍ ବୋଲି ଭ୍ରମ ସୃଷ୍ଟିକାରୀ ଛାପା ଓ ପ୍ୟାକେଟ ବିକ୍ରୟ ହେଉଥିବା ଦେଖାଯାଉଛି, ଯାହା ଡିହାଇଡ୍ରେଶନ ପରିଚାଳନା ପାଇଁ ଉପଯୁକ୍ତ ନୁହେଁ। ଏଗୁଡ଼ିକ ସାଧାରଣତଃ ଏଫ୍‌ଏସ୍‌ଏସ୍‌ଏଆଇ ପ୍ରମାଣପତ୍ରରେ ବିକ୍ରୟ ହୁଏ, ଯାହା ଡାକ୍ତରୀ ଚିକିତ୍ସାତ୍ମକ ଡିହାଇଡ୍ରେଶନ ପାଇଁ ଉପଯୋଗୀ ନୁହେଁ। ଏହା ଏକ ଫୁଡ୍ ଆଇଟମ୍। ତେଣୁ ଏଭଳି ଭ୍ରାମକ ଓଆର୍‌ଏସ୍‌ଗୁଡ଼ିକୁ ଜବତ କରାଯାଇ ସମ୍ପୃକ୍ତ କମ୍ପାନୀକୁ ଫେରସ୍ତ କରାଯାଉଛି ବୋଲି ଡ୍ରଗ୍ସ କଣ୍ଟ୍ରୋଲର କହିଛନ୍ତି।

# ଓଏସ୍‌ଆର୍‌ଟିସି ବସ୍‌ରେ ନିଆଁ

ବରଗଡ଼,୪।୧୨ (ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ବିଜେପୁର ନିକଟ ବଲାଣ୍ଡାରେ ଗୁରୁବାର ସନ୍ଧ୍ୟାରେ ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି)ର ଏକ ଶୀତତାପ ନିୟନ୍ତ୍ରିତ (ଏସି) ଯାତ୍ରୀବାହୀ ଏସି ବସ୍‌ରେ ଆକସ୍ମିକ ନିଆଁ ଲାଗିଥିଲା। ମାତ୍ର ବସ୍ ଡ୍ରାଇଭରଙ୍କ ତତ୍ପରତା ଯୋଗୁ ଯାତ୍ରୀମାନେ ସୁରକ୍ଷିତ ଭାବେ ଓହ୍ଲାଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସୂଚନା ଅନୁଯାୟୀ, ସବୁଦିନ ଭଳି ଗୁରୁବାର ଉକ୍ତ ଯାତ୍ରୀବାହୀ ବସ୍ ନୂଆପଡ଼ା ଖଡ଼ିଆରରୁ ବିଜେପୁର ଦେଇ ସମ୍ବଲପୁର ଫେରୁଥିଲା। ତେବେ ବିଜେପୁର ନିକଟ ବଲାଣ୍ଡାକୁ ବସ୍‌ଟି ପହଞ୍ଚିବା ପରେ ବସ୍‌ରୁ ଧୂଆଁ ବାହାରୁଥିବା ବସ୍ ଡ୍ରାଇଭର ଜାଣିବାକୁ ପାଇଥିଲେ। ବସ୍ ଅଟକାଇ ଡ୍ରାଇଭର ସମସ୍ତ ଯାତ୍ରୀଙ୍କୁ ଓହ୍ଲାଇବାକୁ କହିଥିଲେ। ଯାତ୍ରୀମାନେ ସୁରକ୍ଷିତଭାବେ ବସ୍‌ରୁ ଓହ୍ଲାଇଥିଲେ। ତେବେ କେଉଁ କାରଣରୁ ବସ୍‌ରେ ଏଭଳି ସ୍ଥିତି ଉପୁଜିଲା, ତାହା ବର୍ତ୍ତମାନ ସୁଦ୍ଧା ଜଣାପଡ଼ି ନାହିଁ।



ନିଆଁ ଲାଗି ଜଳୁଥିବା ଯାତ୍ରୀବାହୀ ବସ୍।

---

idco | ODISHA NEW OPPORTUNITIES

No.CAD-2556

**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**

Tender Call Notice No- IDCO/CTC/CIV/E:2382, Dated 26.11.2025

**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work: Selection of an Agency for Setting up and Operation of a Canteen at Jagatpur Industrial Estate.
1. Estimated Cost: Rs.12/- per sq.ft. excluding GST
2. Period of operation of Restaurant : 5 years
3. Other details :

| Procurement Officer | Bid ID/Tender Reference No. | Availability of Tender Online for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender Reference No.CTC/CIV/EST/ E- 04/2025-26 | 05.12.2025 at 17.00 Hrs. | 15.12.2025 upto 17.00 Hrs. |

Further details can be seen from the e-Procurement Portal, www.tendersodisha.gov.in. and Corrigendum if any will not be published in newspapers and can only be seen in the e-Procurement portal www.tendersodisha.gov.in and www.idco.in

Sd./-Divisional Head IDCO, Cuttack Division

OIPR-14003/11/0255/2526

---

**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER RURAL WORKS CIRCLE, SUNDARGARH**

No.O-1627

AT/PO - SANKARA, SUNDARGARH - 770020, E-mail address - serw_sundargarh@yahoo.com

No. Tender Online - RWCCESNG - 24 of 2025-26, Letter No. 3754 / Dtd. 28.11.2025

**e-Procurement NOTICE**

1. Type of the Work : Road (MMSY TRIP), 2. Class of Contractor : As specified in the column-6 of the Annexure, 3. Time of Completion : As specified in the column-5 of the Annexure, 4. Detail Projects : As per Annexure attached, 5. Estimated Cost : As specified in the column-4 of the Annexure, 6. Other details :

| Procurement Officer | Bid Identification No. | Availability of Tender on-line for bidding From | To | Last Date & Time of Seeking Tender Clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Sundargarh | RWCCESNG - 24 of 2025-26 | 05.12.2025 11:00 A.M. | 20.12.2025 5:00 P.M. | 19.12.2025 5:00 P.M. | 22.12.2025 11:00 A.M. | Will be intimated separately |

Further details can be seen from the website www.tendersodisha.gov.in

Sd./- Chief Construction Engineer Rural Works Circle, Sundargarh

OIPR-25133/11/0084/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, BOLANGIR**

E-mail ID: eerw_blgr@yahoo.co.in

No.O-1622:

**e-Procurement Notice**

IFB IDENTIFICATION NO. EEBLGR-Online-20/2025-26

| | | |
|---|---|---|
| 1. | Name of Work | Building Work |
| 2. | Total No. of Works | 1 (One) No. |
| 3. | Approximate Estimated Cost | Rs.83.21 Lakh |
| 4. | Time for Completion | 6 (Six) Calendar Months |
| 5. | Mode of Submission of tender | Tender should be submitted online in www.tendersodisha.gov.in |
| 6. | Other details are as follows | As per TCN No. EEBLGR-Online-20/2025-26 |

| Procurement Officer | Bid Identification No. | Availability of Tender Online for bidding From | To | Last date and time of seeking tender clarification | Date & Time of opening of tender Technical Bid | Financial Bid |
|---|---|---|---|---|---|---|
| Executive Engineer, R.W.Division., Bolangir | EEBLGR-Online-20/2025-26 | 04.12.2025 at 11.00 A.M. | 11.12.2025 upto 5.00 PM | 10.12.2025 upto 1.00 P.M. | 12.12.2025 at 11.00 A.M. | The date will be intimated later on |

• Further details can be seen from the website www.tendersodisha.gov.in.
• Any Corrigendum/ Addendum will be displayed in the above e tender website only.

Sd./- Executive Engineer, R.W.Division, Bolangir

OIPR-25068/11/0053/2526

---

GOVERNMENT OF ODISHA
**OFFICE OF THE SUPERINTENDING ENGINEER MINOR IRRIGATION DIVISION, SUNDARGARH**

E-mail:eemisundargarh@yahoo.co.in

'e' Procurement Notice

Bid Reference No. SE MID SNG 16/2025-26

No A-1053: Bid documents consisting names of work, Estimated Cost, Cost of tender paper, EMD, Time of Completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

| | | |
|---|---|---|
| 1. | Name of the Works:- | Civil Construction Work |
| 2. | No. of Works:- | 08 (Eight) Nos. |
| 3. | Estimated Cost:- | Varies from Rs.53.43 lakh to Rs.89.61 lakh (Approximately) |
| 4. | Period of Completion:- | 04 (Four) Calendar Months |
| 5. | Date and Time of availability of bid documents in the Portal:- | From dt.05.12.2025 at 10.00 A.M. to dt.19.12.2025 upto 5.30 PM |
| 6. | Last date/time of receipt of bids in the Portal:- | Dt.19.12.2025 upto 5.30 PM |
| 7. | Date of Opening of Technical Bid (Cover-I):- | Dt.20.12.2025 at 11.00 AM onwards |
| 8. | Name and address of the OIT:- | Superintending Engineer, Minor Irrigation Division, Sundargarh. |

** Further details can be seen from the e-Procurement market place http://tendersodisha.gov.in.

Sd./- Superintending Engineer M.I. Division, Sundargarh

OIPR-32124/11/0043/2526

---

**OFFICE OF THE PANCHAYAT SAMITI, JASHIPUR, MAYURBHANJ**

AT/PO/PS-Jashipur, District-Mayurbhanj, Odisha-757091
Tel/Fax-06797-232435, E-mail: ori-jashipur@nic.in

No.i-403: DTCN No.03, Dated 02.12.2025

1. The Block Development Officer, Jashipur invites Sealed tender in offline/ online mode on percentage rate basis for 01 (One) No. of Construction work as mentioned in the DTCN from eligible Civil Contractors of the State PWD (R&B)/ Water Resource/ Rural Works/ M.I./ C.P.W.D.
2. No. of Work: 01 (One) No.
**Name of the Work** — **Value of Work**
**Providing infrastructure Facilities at Mini Stadium Located in Mahardapalsa, Jashipur Block, Mayurbhanj** — **Rs.28,39,560.00**
3. Cost of Tender Paper : **Rs.6,000/- (Rupees Six Thousand) per unit for each work respectively.**
4. Class of Contractors : **"B" & "C" Contractors**
5. Date & Time of available the Tender document (DTCN & BOQ) : In District NIC website (www.mayurbhanj.odisha.gov.in) from **Dt.03.12.2025 to Dt.10.12.2025 till 05.30 P.M.** (On working days only).
6. Last date of Receipt of Bids: **Dt.10.12.2025 till 05.30 P.M.**
7. Mode of Receipt : **Through Speed Post/ Regd. Post only.**
8. Date of Tender Opening: **Dt.11.12.2025 at 11.00 AM**
# For more details, visit our District Administration website: www.mayurbhanj.odisha.gov.in. # All amendments, time extension, clarification etc. will be uploaded in the website only. Bidders should regularly visit the above website to keep themselves updated.

Sd./- Block Development Officer, Jashipur

OIPR-19279/11/0005/2526

---

## ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

No.H-43: ଏତଦ୍ୱାରା ଗଜପତି ଜିଲ୍ଲାର ସମସ୍ତ କପା ଚାଷୀ ଭାଇ ଓ ଭଉଣୀମାନଙ୍କୁ ଜଣାଇ ଦିଆଯାଉଅଛି ଯେ ଗତ ସେପ୍ଟେମ୍ବର ମାସଠାରୁ ଚଳିତ ବର୍ଷର କପା ବିକ୍ରୟ ପାଇଁ "କପାସ୍ କିଶାନ ଆପ୍" ଦ୍ୱାରା ନିଜେ ନିଜର ପଞ୍ଜୀକରଣ କରିପାରିବେ ଓ ସେଥିପାଇଁ ନିଜର ପଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ୍ (କୃଷି ଅଧିକାରୀଙ୍କଠାରୁ ଆଣିବେ) ଓ ତାହାକୁ ନିଜେ ନିଜର ମୋବାଇଲ ଫୋନ୍‌ରେ ପଞ୍ଜୀକରଣ କରିପାରିବେ । ଯଦି ଭାଗଚାଷୀ ହୋଇଥିବେ ତେବେ ନିଜର ପୋଟା, ଆଧାର କାର୍ଡ, ଚାଷ କରୁଥିବା ଜମିର ସାର୍ଟିଫିକେଟ (କୃଷି ଅଧିକାରୀଙ୍କଠାରୁ ଆଣିବେ), ସକ୍ଷମ ପଟ୍ଟ (ରାଜସ୍ୱ ନିରୀକ୍ଷକଙ୍କଠାରୁ ଆଣିବେ) ଓ ଲିଜ ଏଗ୍ରିମେଣ୍ଟ ସହ ନିଜର ମୋବାଇଲ ଫୋନରେ ପଞ୍ଜୀକରଣ କରିପାରିବେ ।

ପଞ୍ଜୀକରଣର ଅନ୍ତିମ ତାରିଖ ହେଲା ୩୧.୧୨.୨୦୨୫ । ସବିଶେଷ ବିବରଣୀ ନିମନ୍ତେ ଚାଷୀମାନେ ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି କାର୍ଯ୍ୟାଳୟରୁ ଆସି ଯୋଗାଯୋଗ କରନ୍ତୁ ।

ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ପାରଳାଖେମୁଣ୍ଡି

OIPR-07070/11/0001/2526

---

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER RURAL WORKS DIVISION, DEOGARH**

E-mail Id - eerw_deogarh@yahoo.co.in

No. O-1650

**E-Procurement Notice**

**BID IDENTIFICATION No. EERWDGH-Online-09/2025-26**

1. No. of Building Works : (01 No.)
2. Estimated Cost : Approx. Rs.82.80 Lakhs
3. Mode of submission of tender : Tender shall be submitted online in **www.tendersodisha.gov.in.**
4. Availability of tender for online bidding : 05.12.2025, 10.00 A.M. to 15.12.2025 upto 5.00 P.M.
5. Date and time of opening of tender : 16.12.2025, 11.00 A.M.
6. Other details can be seen from the website **www.tendersodisha.gov.in.**
7. Corrigendum/Addendum if any shall only be published in the above website.

Sd./- Superintending Engineer R.W. Division, Deogarh

OIPR-25087/11/0027/2526

---

**OFFICE OF THE CHIEF EXECUTIVE, RPRC, BHUBANESWAR**

(e-mail Id : rprcbbsr@gmail.com)
Tel : (0674)-2557925

No.-1955/RPRC — Date : 02.12.2025

**REQUEST FOR PROPOSAL**

**Bid Identification No. RPRC/ 41 / 2025-26**

No.MM-333 : The Chief Executive, RPRC, Bhubaneswar on behalf of Forest, Environment & Climate Change Department, Govt. of Odisha invites Request for Proposal for "Selection of an Agency to Manage media, communications, infocomm, techcomm and multimedia during Annual Flower Show: 2026 in RPRC, Bhubaneswar" from eligible bidders through e-tendering process though two bid system. The bidders fulfilling the eligibility criteria of the RFP document can access and download the complete RFP and other details from RPRC website www.rprcbbsr.in/ e-portal https://rprc.ewizard.in. The bid calendar under the end-to-end process are-

| EMD in Rs. | Cost of Bid Document in Rs. | Availability of RFP document (online) From | To | Date of Opening of (Technical Bid) | Event duration |
|---|---|---|---|---|---|
| 35,000/- (online) | 6,000.00 (Online) | 03.12.2025 / 11.00 A.M. | 17.12.2025 / 11.00 A.M. | 17.12.2025 / 11.30 A.M. | 03 days (during January-2026) |

Addendum/Corrigendum/ Cancellation, if any, will be published in RPRC website and e-portal. Bidder needs to register on the portal after successful Registration and send a mail to eprochelpdesk.101@gmail.com with details (For New Bidders). For any other queries regarding registration & online tender submission contact to: Mr. Shivendra Kumar, Mobile-9355030613 and Jitesh Kumar, Mobile- 9355030613, e-mail: eprochelpdesk.101@gmail.com

Sd./- Chief Executive, RPRC, Bhubaneswar

OIPR-08004/11/0046/2526

---

**ODISHA PUBLIC SERVICE COMMISSION**

19, DR. P. K. PARIJA ROAD, CUTTACK
No. 8387/PSC, Dt. 03.12.2025
1M-16-2024-25 (Store)

**Quotation Call Notice**

No.-D-270 : Sealed Quotations for following items are invited from the intending Authorized Agencies/Dealers having valid GST registration. They should submit their applications along with copies of GST Registration Certificate, valid OEM Authorization Certificate for the quoted product & PAN Card. The detailed specifications of those items are enclosed at Annexure-A along with this Quotation Call Notice.

| | | |
|---|---|---|
| 1. | Monitor | - 1 No. |
| 2. | Multifunction Printer (A4) | - 4 Nos. |
| 3. | Multifunction Printer (A3) | - 1 No. |

The Sealed Quotation should reach the undersigned at 11 A.M. on or before 08.12.2025 and shall be opened on the same day at 3:30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.

OIPR-12002/11/0335/2526 — Sd./- Secretary

---

**ZILLA SWASTHYA SAMITI, MAYURBHANJ**
**Office of the CDM&PHO-cum-District Mission Director, NHM, Mayurbhanj, Odisha, 757001**

Advt.No.5552/NHM/2025-26 — Dt.02.12.2025

**TENDER CALL NOTICE**

No.E-563: Sealed short tenders are invited from the interested eligible bidders for **"Request For Proposal For Accommodation Facility For Trainees Under Various Training in Baripada Municipality Area Under ZSS, Mayurbhanj."** The eligible criteria, the terms of reference and the formats for submission of bid as set forth in the tender document can be downloaded from the website https://mayurbhanj.odisha.gov.in/. Interested bidders fulfilling the eligibility criteria may submit their proposal(s) with EMD, Tender Paper Cost & document as per tender call notice. The bidders have to submit their proposal(s) at the O/o. The CDM & PHO cum District Mission Director, Mayurbhanj. Proposal(s) complete in all respect should reach the undersigned on or before 04.00 PM of dt.26.12.2025 through Regd/Speed Post/ Courier and the same will be opened on 29.12.2025 at 11.30 AM. The undersigned reserves the right to reject any or all the tender(s) without assigning any reason thereof.

Sd./- Chief District Medical & Public Health Officer, Mayurbhanj

OIPR-10020/11/0050/2526

---

OFFICE OF THE PRINCIPAL
**K.K.S. WOMEN'S COLLEGE, BALASORE**

NAAC ACCREDITED B++
At: Manikhamb, P.O.: Motiganj, Dist.: Balasore - 756003
Ph. No.: 06782-295568, E-mail: kks_wc@yahoo.co.in
Website: www.kksgovwc.org

No. 3997 — Date: 29.11.25

**NOTICE**

**WALK-IN-INTERVIEW FOR TEACHING POSTS (GUEST FACULTIES) FOR INTEGRATED TEACHER EDUCATION PROGRAMME (ITEP), K.K.S. WOMEN'S COLLEGE, BALASORE**

No. N-218: Eligible candidates may attend the Walk-in-Interview for engagement of 22 (Twenty Two) Nos. of Guest Faculties for Integrated Teacher Education Programme (ITEP), K.K.S. Women's College, Balasore for the Academic Session 2026-27.

The interview is scheduled to be held from 10.12.2025 to 11.12.2025 at 10 A.M. at K.K.S. Women's College, Balasore.

For details about vacancies, eligibility criteria and date of interview etc. please refer to the College website **www.kksgovwc.org**

**N.B.:** Candidates without testimonials will not be entertained.

Sd./- Principal K.K.S. Women's College, Balasore

OIPR-11120/11/0022/2526

---

**OFFICE OF THE DIVISIONAL FOREST OFFICER, BHAWANIPATNA (KL) DIVISION BHAWANIPATNA, KALAHANDI, ODISHA - 766001**

No. MM-339

Phone/Fax No. 06670-295273 E-mail: dfokl.bhpatna@gmail.com
Bid Identification No. BC-DFO-KL-BPT-01/2025-26
BC-DFO-KL-BPT 02/2025-26 & BC-DFO-KL-BPT-03/2025-26

**SHORT NOTICE INVITING TENDER**

Office Order No. 197 — Dt.03.12.2025

| Sl. No. | Name of the Work | Building Works as per DTCN available in the website www.tenderodisha.gov.in |
|---|---|---|
| 1 | Name of the Works | Construction of Building |
| 2 | Estimated Cost | 1 No.of Forest Guard Quarter = Rs.14,85,980/- 1 No. Forester Quarter = Rs.18,61,605/- 1 No.Range Office-cum-Residence = Rs.59,21,558/- |
| 3 | Class of Contractor | D, C & B Class as per annexure |
| 4 | No. of Works | (03 Nos.) |
| 5 | Period & Time of Completion | 3 Calendar Months |
| 6 | Date & time of availability of the bid document in the portal | 04.12.2025 at 12.00 P.M. to 18.12.2025 (Upto 05.00 P.M.) online bidding |
| 7 | Last date/time for receipt of bids in the portal | Upto 05.00 P.M. of 18.12.2025 |
| 8 | Date & time of bid opening | 04.00 P.M. on 19.12.2025 |
| 9 | Name & address of the Officer Inviting Bid | Divisional Forest Officer, Bhawanipatna (KL) Division, At/P.O.: Parmanandpur, Kesinga Road, Bhawanipatna, Dist. - Kalahandi, PIN - 766002 |

The bidders have to participate in ONLINE Bidding only.
All other details can be seen from the e-procurement portal: www.tenderodisha.gov.in.

Sd./- Divisional Forest Officer Bhawanipatna (KL) Division

OIPR-08076/11/0002/2526

---

**OFFICE OF THE CSO-CUM-DISTRICT MANAGER, OSCSC LTD., BALASORE**

**TENDER CALL NOTICE**

No. CAD-2578: The District Office of O.S.C.S.C. Ltd., Balasore issued a Tender Call Notice vide Letter No. 2757 Dt.01.12.2025 inviting a sealed tenders from Travel Agencies/Individuals/Tour Operators for hiring 01 (One) No. of vehicle in the model "Celerio/Swift Dzire" for official use in the O/o. Chief CSO-cum-District Manager, Balasore.

The detailed notice inviting sealed tender is available in the website of Balasore District i.e. **www.balasore.odisha.gov.in.** The intending Travel Agency/Individuals/ Tour Operators are requested to download the detailed notice from above website.

**Last date of receiving of application through Regd./ Speed Post/Courier 15.12.2025 by 5.30 P.M.**

Sd./- Chief CSO-cum-District Manager O.S.C.S.C. Ltd., Balasore

OIPR-07018/11/0008/2526

---

**ORMAS NAYAGARH** ORMAS

**CORRIGENDUM NOTICE**

Advertisement No. 314 — Dated: 02.12.2025

No. CAD-2581: With reference to the Advertisement No. 296 Dt.28.11.2025 of ORMAS, Nayagarh the following corrections/ modifications is hereby as below.

(A)In the tender paper document for Tent and Allied work at the point "Documents to be submitted along with TECHNICAL BID" (Bullet Point) at the sentence No. 11: average annual Turnover of Rs.3.00 Crores has erroneously mentioned instead of Rs.2.00 Crores. Tender Paper cost for the above work is Rs.6000 + 18% GST = Rs.7080.00 and EMD is Rs.1,50,000.00 as mentioned in the tender document.

(B)In the tender paper for Security Services at point "While submitting the tender the tenderers should submit the following (Bullet Point) the sentence No. 7: EMD of Rs.5,000 mentioned in the document instead of Rs.10,000/-. Tender paper cost for the above work is Rs.600 + 18% GST = 708.00 and Earnest Money Deposit (EMD) = 10,000.00 as mentioned in the tender document.

Sd./- CDO-cum-EO, ZP, Nayagarh

OIPR-19262/11/0005/2526

---

GOVERNMENT OF ODISHA

No.C-1654

**OFFICE OF THE ADDITIONAL CHIEF ENGINEER, PUBLIC HEALTH DIVISION, BHAWANIPATNA**

Parmanandpur, Railway Station Road, Bhawanipatna, Dist. : Kalahandi, PIN - 766002, e-mail : eephbhpl@gmail.com

**NATIONAL COMPETITIVE BIDDING THROUGH e-Procurement Identification No. ACEPHD-BHPT-62 of 2025-26/Dt.02.12.2025**

**e-Procurement Notice**

01. Name of the Work : 1no Work
02. Type of Bid : Single Bid System
03. Estimated Cost : Rs.48.82 Lakh
04. Period of Completion : 04 (Four) Calendar Months
05. Date & Time of availability of bid document in the portal : From 11.00 AM of dt. 06.12.2025 to 5.00 PM of 15.12.2025
06. Last date / time of receipt of bids in the portal : 5.00 PM of 15.12.2025
07. Date & Time of opening of technical bids : At 11.30 AM of 16.12.2025
08. Name and Address of the Officer Inviting Bid : Additional Chief Engineer, P.H. Division, Bhawanipatna, Railway Station Road, At/Po - Parmanandpur, 766002, Dist - Kalahandi

Further details can be seen from the website http://tenders.ori.nic.in or www.tendersorissa.gov.in

Sd./- Additional Chief Engineer, P.H. Division, Bhawanipatna

OIPR-13059/11/0064/2526

---

**OFFICE OF THE DIVISIONAL FOREST OFFICER, KHARIAR DIVISION, KHARIAR**

At/Po-Khariar, Dist-Nuapada, Odisha-766107,
E-mail Id-dfo.khariar@odisha.gov.in, Phone No.-06671-224237
Office Order No.454/1F-Acct/Date.02.12.2025

**RESULT FOR PROCUREMENT OF MULTISPECTRAL DRONE FOR KHARIAR FOREST DIVISION PUBLISHED VIDE BID IDENTIFICATION NO.06/2025-26, DT.17.11.2025 OF THE DIVISIONAL FOREST OFFICER, KHARIAR FOREST DIVISION**

**No.MM-336** : Consequent upon finalization of Tender on 29.11.2025 and as per the recommendation of the Divisional Tender Committee of Khariar Forest Division, duly approved by the Divisional Forest Officer, Khariar Forest Division, the following tender is selected for procurement of MAVIC 3 Multispectral Drone for use in Khariar Forest Division.

| Sl. No. | Name and address of the sucessful Bidder | Brand/Model/ Specification | Rate of the product (in Rs.) |
|---|---|---|---|
| 1 | 2 | 3 | 4 |
| 1 | M/S Nex-Zen Institute of Hardware Technology, Ambapali Chowk, Bargarh, Po/Dist-Bargarh (Odisha) | MAVIC 3 Multispectral Drone | 5,07,000/- |

Sd./- (Md. F.Azeez Khan, IFS) Divisional Forest Officer, Khariar Division

OIPR-08153/11/0016/2526

---

**OFFICE OF THE SUPERINTENDING ENGINEER, GANJAM (R&B) DIVISION NO. I, BERHAMPUR**

Phone No. : 0680-2233683, Email : eernb1_ganjam@yahoo.co.in
GOVERNMENT OF ODISHA Quotation Notices
**Short Auction sale Notice No. 38 of 2025-26**

No.B-793
Ltr. No. 13795/ — Dated : 01.12.2025

1. Name of the work : i) Dismantling of different Residential Buildings in the premises of judicial colony District & Session Judge Court at Berhampur. ii) Dismantling of old settlement office (Non-residential) building in the premises of District Session Judge Court at Berhampur
2. Reserve Price/Upset Price : i) Rs. 9,36,921/- ii) Rs. 80,830/-
3. EMD to be deposited (In shape as N.S.C / Post Office savings bank account / post office time deposit account / Kisan Vikas Patra / Bank Guarantee) : i) Rs. 2,34,500/- ii) 20,500/-
4. Period of Completion : 1 (One) Calendar Month
5. Receipt of Quotation : From 05.12.2025 to 11.12.2025 up to 04.00 P.M.
6. Date & Time of Opening of Quotation : 04:30 P.M. of 11.12.2025
7. Name and address of the Officer inviting Quotation : Superintending Engineer, Ganjam (R&B) Division No.I, Berhampur

Sd./- Superintending Engineer Ganjam (R&B) Division No.I

OIPR-34109/11/0062/2526

---

ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ହିନ୍ଦୋଳ
**OFFICE OF THE NOTIFIED AREA COUNCIL, HINDOL**

Pin-759022, Dist-Dhenkanal
Phone No.06732-291002, Email Id:eohindolnac13@gmail.com

**INVITATION FOR BIDS**

No.C-1648 — E-Procurement Notice-04/2025-26
Tender Call Notice No-2007/HDL NAC Dt.01.12.2025

1. Name of the Work : Installation of 11 KV line & 63 KVA transformer with necessary fittings for newly created MCC and MRF at Kandarasuni, Ward No.12, Hindol NAC
2. Estimated Cost : Rs.10.64 Lakhs
3. Period of Completion : Three Months
4. Date and time of availability of bid document in the portal : From 11.00 AM of Dt.03.12.2025 to 5.00 PM of Dt.14.12.2025
5. Last date/time for receipt of bid in the portal : 5.00 PM of Dt.14.12.2025
6. Date and time of opening of Bid : 11.00 AM hours of Dt.15.12.2025
7. Name and address of the Officer Inviting Bid : Executive Officer, Hindol NAC

Further details can be seen from the e-Procurement portal http:// tenderorissa.gov.in

Sd./- Executive Officer Hindol N.A.C.

OIPR-13160/11/0010/2526

---

**ODISHA STATE CIVIL SUPPLIES CORPORATION LTD.**

Gajapati, Paralakhemundi
e-Mail - cso.gajapati@gmail.com, Fax : 06815-222153

**TENDER CALL NOTICE**

No. CAD-2576: The District Office of OSCSC Ltd., Gajapati issued **a Tender Call Notice vide Letter No. 3581 Dtd.02.12.2025** inviting sealed tenders from Travel Agency/Individual for hiring 01 (One) No. of vehicle for Office use as per Finance Department Office Memorandum No. 15836/F Dt.27.05.2025 for the official use at the Office of District Manager, OSCSC Limited, Gajapati. The interest bidders will submit their tenders in a sealed envelope duly super-scribing on the top of envelope i.e. **'Tender for Hiring of Vehicles for Official Use' along with Tender No. and date.** The detailed Notice/Annexures inviting sealed tender will be available in District Office as well as District website **https://gajapati.odisha.gov.in.**

The intending Travel Agency/Individual is requested to download the detailed notice from the above website.

**Last date of receiving of Application/Bid only through Regd. Post/ Speed Post/Courier service is by 15.12.2025 (upto 5.30 P.M.)**

Sd./- District Manager OSCSC Ltd., Gajapati

OIPR-07087/11/0014/2526

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ପରୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏଲ୍ଆଇସିର ୨ ପ୍ଲାନ୍ ଉନ୍ମୋଚିତ

**ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)**

ଭାରତୀୟ ଜୀବନ ବୀମା ନିଗମ (ଏଲ୍ଆଇସି)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଆର୍. ଦୋରାଇସ୍ୱାମୀ ଦୁଇଟି ନୂଆ ପ୍ଲାନ୍‌ର ଉନ୍ମୋଚନ କରିଛନ୍ତି। ଏହି ଯୋଜନା ଦୁଇଟି ହେଉଛି ଏଲ୍ଆଇସିର ପ୍ରୋଟେକ୍ସନ ପ୍ଲସ୍ ଓ ଏଲ୍ଆଇସିର ବୀମା କବଚ। ଏଲ୍ଆଇସିର ପ୍ରୋଟେକ୍ସନ ପ୍ଲସ୍ ଏକ ନନ୍-ପାର୍ଟିସିପେଟିଂ, ୟୁନିଟ୍-ଲିଙ୍କଡ୍, ବ୍ୟକ୍ତିଗତ ସଞ୍ଚୟ ସହ ଜୀବନ ବୀମା ଯୋଜନା ଯାହା ପଲିସି ଅବଧି ଭିତରେ ଉଚ୍ଚ ଜୀବନ କଭର ସହିତ ସଞ୍ଚୟର ସୁବିଧା ଦେଇଥାଏ। ଏଥିରେ ଗ୍ରାହକମାନେ ନିଜ ଇଚ୍ଛାନୁସାରେ ବିନିଯୋଗ ପାଣ୍ଠି ଚୟନ କରିପାରିବେ, ସମ୍ ଆସ୍ୟୋର୍ଡ କମ୍ ବା ବେଶି କରିପାରିବେ ଏବଂ ଟପ୍-ଅପ୍ ପ୍ରିମିୟମ ମଧ୍ୟ ଦେଇପାରିବେ। ପଲିସି ଆରମ୍ଭରୁ ୫ ବର୍ଷ ପରେ ଆଂଶିକ ଉଠାଣର ସୁବିଧା ମିଳିଥାଏ। ପ୍ରବେଶ ବୟସ ୧୮ରୁ ୬୫ ବର୍ଷ, ପଲିସି ଟର୍ମ ୧୦, ୧୫, ୨୦ ଓ ୨୫ ବର୍ଷ ଏବଂ ପ୍ରିମିୟମ ପେଇଂ ଟର୍ମ ୫, ୭, ୧୦ ଓ ୧୫ ବର୍ଷର ବିକଳ୍ପ ରହିଛି। ଏଲ୍ଆଇସିର ବୀମା କବଚ ଏକ ନନ୍-ପାର୍ଟିସିପେଟିଂ, ନନ୍-ଲିଙ୍କଡ୍, ବ୍ୟକ୍ତିଗତ ପିଓର ରିସ୍କ (କେବଳ ସୁରକ୍ଷା) ଯୋଜନା ଯାହା ବୀମାଧରୀଙ୍କ ଅକସ୍ମାତ ମୃତ୍ୟୁ ହେଲେ ପରିବାରକୁ ନିର୍ଦ୍ଧାରିତ ଓ ଗ୍ୟାରେଣ୍ଟିଡ୍ ଆର୍ଥିକ ସୁରକ୍ଷା ଦେଇଥାଏ। ଏଥିରେ ଲେଭେଲ ସମ୍ ଆସ୍ୟୋର୍ଡ ଓ ଇନ୍‌କ୍ରିଜିଂ ସମ୍ ଆସ୍ୟୋର୍ଡ ଏହି ଦୁଇ ପ୍ରକାର ମୃତ୍ୟୁ ବେନିଫିଟ୍ ବିକଳ୍ପ ରହିଛି। ଅଧିକ ବିବରଣୀ ପାଇଁ ଏଲ୍ଆଇସି ଶାଖା ବା ଅଫିସିଆଲ ୱେବ୍‌ସାଇଟ୍‌ରେ ଯୋଗାଯୋଗ କରିବାକୁ ଅନୁଷ୍ଠାନ ପକ୍ଷରୁ ପରାମର୍ଶ ଦିଆଯାଇଛି।

# ସବୁ କ୍ଷେତ୍ରରେ ଟେଲିକମ୍ ସେବା ଅପରିହାର୍ଯ୍ୟ



**ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)**

ବାତ୍ୟା ଓ ସୁନାମି ସତର୍କତାରୁ ଆରମ୍ଭକରି ଗ୍ରାମ ପଞ୍ଚାୟତ ସେବା ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ଟେଲିକମ୍ ସେବା ଅପରିହାର୍ଯ୍ୟ ହୋଇପଡ଼ିଛି। ଟେଲିକମ୍ ନିୟାମକ ସଂସ୍ଥା (ଟ୍ରାଇ) ଓ ଆନ୍ତର୍ଜାତିକ ଟେଲି ଯୋଗାଯୋଗ ସଂଘ (ଆଇଟିୟୁ) ପକ୍ଷରୁ ମିଳିତ ଭାବେ ଗୁରୁବାର ଭୁବନେଶ୍ୱରର ଏକ ହୋଟେଲରେ ପର୍ଫରମାନ୍ସ, କ୍ୱାଲିଟି ଅଫ୍ ସର୍ଭିସ୍ ଏବଂ କ୍ୱାଲିଟି ଅଫ୍ ଏକ୍ସପିରିଏନ୍ସ ଶୀର୍ଷକ ୨ଦିନିଆ ଆନ୍ତର୍ଜାତିକ କର୍ମଶାଳାରେ ଯୋଗଦେଇ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି। ପ୍ରତ୍ୟେକ କଲ୍ୟାଣ ଯୋଜନା କନେକ୍ଟିଭିଟି ଉପରେ ନିର୍ଭରଶୀଳ। ଦୃଢ଼ ଉତ୍ତମ ଗୁଣବତ୍ତା ଓ ସେବା ବିନା ସମୟୋଚିତ ସତର୍କତା ଓ ଜରୁରିକାଳୀନ ସେବା ସମ୍ଭବ ନୁହେଁ ବୋଲି ସେ କହିଥିଲେ। ପ୍ରଥମ ଦିନର ୪ଟି ବୈଷୟିକ ଅଧିବେଶନରେ କନେକ୍ଟିଭିଟି ମ୍ୟାପିଙ୍ଗ୍, ସାଟେଲାଇଟ-ଆଧାରିତ ମାପ, ମାପନ ପଦ୍ଧତି ଓ ଏସିଆର ବିଭିନ୍ନ ଦେଶର ନିୟାମକ ଦୃଷ୍ଟିକୋଣ ଉପରେ ଆଲୋଚନା କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଏସିଆ, ଆଫ୍ରିକା ଓ ୟୁରୋପର ୩୯ଟି ଦେଶର ନିୟାମକ ସଂସ୍ଥା, ଟେଲିକମ୍ କମ୍ପାନୀ ଓ ଟେକ୍ନିକାଲ ବିଶେଷଜ୍ଞମାନେ ଯୋଗଦେଇଛନ୍ତି। ପ୍ରାୟ ୧୫୦ ଜଣ ପ୍ରତିନିଧି ସାମିଲ ହୋଇଛନ୍ତି। କର୍ମଶାଳାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦୀପ ପ୍ରଜ୍ୱଳନ ପରେ ଟ୍ରାଇ ସଚିବ ଅତୁଲ କୁମାର ଚୌଧୁରୀ ସ୍ୱାଗତ ଭାଷଣ ଦେଇ ଉପଭୋକ୍ତାକେନ୍ଦ୍ରିକ ନିୟମାବଳୀ ଓ ବିଶ୍ୱସ୍ତରୀୟ ସହଯୋଗିତା ଉପରେ ଗୁରୁତ୍ୱ ଦେଇଥିଲେ। ଟ୍ରାଇ ଅଧ୍ୟକ୍ଷ ଅନିଲ କୁମାର ଲାହୋଟି ଉଦ୍‌ଘାଟନୀ ଭାଷଣରେ ଭାରତର ଡିଜିଟାଲ ଅନ୍ତର୍ଭୁକ୍ତିର ଅଗ୍ରଗତି ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ, ବିଶ୍ୱରେ ସବୁଠାରୁ ଦ୍ରୁତ ୫ଜି ରୋଲ୍ଆଉଟ୍, ୧୨୩ କୋଟିରୁ ଅଧିକ ଗ୍ରାହକ ଓ ୯୯% ୪ଜି କଭରେଜ୍ ସହ ଭାରତ ସୁଲଭ ଦରରେ ଉଚ୍ଚ ଡାଟା ବ୍ୟବହାରର ରେକର୍ଡକୁ ନିଜର କରିଛି। ଘର ଭିତରେ ହେଉଥିବା ଡାଟା ବ୍ୟବହାରକୁ ଦୃଷ୍ଟିରେ ରଖି ଇନ୍‌ଡୋର କନେକ୍ଟିଭିଟି ଓ ବିଲ୍ଡିଂଭିତ୍ତିକ କ୍ୟୁଏସ୍ ରେଟିଂ ଫ୍ରେମ୍‌ୱର୍କ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି ବୋଲି ସେ କହିଥିଲେ। କେନ୍ଦ୍ର ଯୋଗାଯୋଗ ରାଷ୍ଟ୍ରମନ୍ତ୍ରୀ ଡା. ପେମ୍ମାସାନି ଚନ୍ଦ୍ରଶେଖରଙ୍କ ଭିଡିଓ ବାର୍ତ୍ତାରେ ଟେଲିକମ୍ ଆଇନ ୨୦୨୩ ଅଧୀନରେ ସେବା ଗୁଣବତ୍ତା ମଜଭୁତ କରିବା ଉପରେ ସୂଚନା ଦେଇଥିଲେ। ଆଇଟିୟୁର ଟେଲିକମ୍ ଷ୍ଟାଣ୍ଡାର୍ଡାଇଜେଶନ ବ୍ୟୁରୋ ନିର୍ଦ୍ଦେଶକ ସେଇଜୋ ଓନୋଏ ମଧ୍ୟ ଭିଡିଓ ବାର୍ତ୍ତା ଦେଇ ସମଗ୍ର ବିଶ୍ୱରେ ଏକାଧିକ ମାନକ କ୍ୟୁ ଅଫ୍ ଏସ୍-କ୍ୟୁ ଅଫ୍ ଇ ଫ୍ରେମ୍‌ୱାର୍କର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

# ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟ କରିବ ମାରୁତି ସୁଜୁକି



**ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)**

ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ ୧୩ଟି ଚାର୍ଜ ପଏଣ୍ଟ ଅପରେଟର୍ସ (ସିପିଓ) ଏବଂ ଏଗ୍ରିଗେଟରମାନଙ୍କ ସହିତ ସହଯୋଗର ଚୁକ୍ତିନାମା ସ୍ୱାକ୍ଷର ଘୋଷଣା କରିଛି। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ମ୍ୟାନେଜିଂ ଡାଇରେକ୍ଟର ଏବଂ ସିଇଓ ହିସାଶି ଟାକେଉଚି କହିଛନ୍ତି, ସୁଜୁକିର ବିଶ୍ୱ ଦୃଷ୍ଟିକୋଣ ସହ ସମନ୍ୱିତ ହୋଇ, ଆମେ ଏକାଧିକ ଇଭି ପ୍ରଚଳନ କରିବାକୁ ଯୋଜନା କରୁଛୁ ଏବଂ ଏହାକୁ ସମର୍ଥନ କରିବା ପାଇଁ, ଆମର ଲକ୍ଷ୍ୟ ହେଉଛି ୨୦୩୦ ସୁଦ୍ଧା ସାରା ଭାରତରେ ୧ ଲକ୍ଷରୁ ଅଧିକ ଚାର୍ଜିଂ ପଏଣ୍ଟର ଏକ ନେଟ୍‌ୱର୍କ ସକ୍ରିୟ କରିବା। ସେ କହିଛନ୍ତି, ଆମେ ଆମର ବିକ୍ରୟ ଏବଂ ସେବା ନେଟ୍‌ୱର୍କରେ ୨୦୦୦ରୁ ଅଧିକ ମାରୁତି ସୁଜୁକି ସ୍ୱତନ୍ତ୍ର ଚାର୍ଜିଂ ପଏଣ୍ଟର ଏକ ଦୃଢ଼ ନେଟ୍‌ୱର୍କ ସ୍ଥାପନ କରିଛୁ, ଯାହା ୧୧୦୦ ରୁ ଅଧିକ ସହରରେ ବିସ୍ତାରିତ। ଏହା ବ୍ୟତୀତ ଆମେ ସାରା ଦେଶରେ ଏକ ବିଶାଳ ଚାର୍ଜିଂ ଭିତ୍ତିଭୂମିର ପ୍ରବେଶ ପ୍ରଦାନ କରିବା ପାଇଁ ୧୩ଟି ଚାର୍ଜ ପଏଣ୍ଟ ଅପରେଟରଙ୍କ ସହିତ ସହଯୋଗ କରିଛୁ। ଏହି ଅବସରରେ ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ହିସାଶି ଟାକେଉଚି, ମାର୍କେଟିଂ ଏବଂ ସେଲ୍ସର ସିନିୟର ଏକ୍‌ଜିକ୍ୟୁଟିଭ ଅଫିସର ପାର୍ଥୋ ବାନାର୍ଜୀ ଓ ସିପିଓର ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

# ଏନ୍ଆର୍ଏଆଇ ଓଡ଼ିଶା ଚାପ୍ଟରର ଶୁଭାରମ୍ଭ

**ଭୁବନେଶ୍ୱର,୪।୧୨ (ଅନୁରାଧା ମହାରଣା)**



ଓଡ଼ିଶାର ରେଷ୍ଟୁରାଣ୍ଟ ଏବଂ ଖାଦ୍ୟ ସେବା କ୍ଷେତ୍ର ରାଜ୍ୟର ମୋଟ ଘରୋଇ ଉତ୍ପାଦରେ ୧୩.୦୯% ଅବଦାନ ରଖେ, ଯାହା ୨୦୨୩-୨୪ ପାଇଁ ୧୦.୫୭% ହାରରେ ଅଭିବୃଦ୍ଧି ପାଇବାକୁ ଆକଳନ କରାଯାଇଥିବା ଦ୍ରୁତ ବିସ୍ତାରିତ ସେବା ଅର୍ଥନୀତିକୁ ସମର୍ଥନ କରୁଛି। ୨୦୨୫ରେ ଓଡ଼ିଶାର ଜିଏସ୍‌ଡିପି ୧୨୫.୩ ବିଲିୟନ ଡଲାର ଏବଂ ୪୮.୯ ନିୟୁତରୁ ଅଧିକ ଜନସଂଖ୍ୟା ସହ ରାଜ୍ୟରେ ବିଶେଷକରି ଭୁବନେଶ୍ୱର, କଟକ, ପୁରୀ ଏବଂ ରାଉରକେଲାରେ ନୂତନ ଯୁଗର ରେଷ୍ଟୁରାଣ୍ଟ, କ୍ଲାଉଡ୍ କିଚେନ୍, କାଫେ ଏବଂ ପର୍ଯ୍ୟଟନ-ସଂଯୁକ୍ତ ପ୍ରତିଷ୍ଠାନ ବୃଦ୍ଧି ପାଇଛି। ଭାରତୀୟ ରେଷ୍ଟୁରାଣ୍ଟ ଶିଳ୍ପର ପ୍ରତିନିଧିତ୍ୱ କରୁଥିବା ସଂସ୍ଥା ନ୍ୟାଶନାଲ ରେଷ୍ଟୁରାଣ୍ଟ ଆସୋସିଏସନ ଅଫ ଇଣ୍ଡିଆ (ଏନ୍ଆର୍ଏଆଇ) ପକ୍ଷରୁ ଭୁବନେଶ୍ୱରରେ ଏନ୍ଆର୍ଏଆଇ ଓଡ଼ିଶା ଚାପ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ ଅବସରରେ ଏପରି ମତ ପ୍ରକାଶ ପାଇଛି। ଏହି ଅବସରରେ ଏନ୍ଆର୍ଏଆଇ ଓଡ଼ିଶା, ଚାପ୍ଟର ହେଡ୍ ତଥା ବୋକା କାଫେ ସହ-ପ୍ରତିଷ୍ଠାତା ସମୀର ହଂସ କହିଛନ୍ତି, ଆଜି ଓଡ଼ିଶାରେ ପ୍ରାୟ ୮,୦୦୦ ପଞ୍ଜୀକୃତ ଏବଂ ଅଣ-ପଞ୍ଜୀକୃତ ରେଷ୍ଟୁରାଣ୍ଟ, କାଫେ, କ୍ଲାଉଡ୍ କିଚେନ୍ ଏବଂ ଏଫ୍ଆଣ୍ଡବି ପ୍ରତିଷ୍ଠାନ ରହିଛନ୍ତି। ଏହି ଚାପ୍ଟର ଆରମ୍ଭ ସହିତ, ଆମେ ଆଗାମୀ ୨ ବର୍ଷ ମଧ୍ୟରେ ସେମାନଙ୍କ ମଧ୍ୟରୁ ଅତି କମ୍‌ରେ ୧,୫୦୦କୁ ଏନ୍ଆର୍ଏଆଇ ଛତା ତଳକୁ ଆଣିବାକୁ ଲକ୍ଷ୍ୟ ରଖିଛୁ। ଏହା କେବଳ ଏକ ଚାପ୍ଟର ଆରମ୍ଭ ନୁହେଁ - ଏହା ଓଡ଼ିଶାର କଲିନାରି ସମ୍ପ୍ରଦାୟକୁ ଏକତ୍ର କରିବ। ଏନ୍ଆର୍ଏଆଇର ସଭାପତି ସାଗର ଜେ ଦରିଆନି କହିଛନ୍ତି, ମନ୍ଦିର ପ୍ରସାଦଠାରୁ ଆରମ୍ଭ କରି ଆଦିବାସୀ ସ୍ୱାଦ ଏବଂ ଅନନ୍ୟ ସାମୁଦ୍ରିକ ଖାଦ୍ୟ ପରମ୍ପରା ପର୍ଯ୍ୟନ୍ତ, ଓଡ଼ିଶାର ରାନ୍ଧଣା ସଂସ୍କୃତି ଭାରତର ସବୁଠାରୁ ସମୃଦ୍ଧ ରାନ୍ଧଣା ମଧ୍ୟରୁ ଗୋଟିଏ। ଏହି ଅବସରରେ ଏମ୍ବାସି କ୍ଲବ ଏବଂ ଅପ୍‌କମିଂ ରେଡିସନ ହୋଟେଲର ପ୍ରମୋଟର ପୁଣ୍ୟ ପ୍ରକାଶ ପରିଡ଼ା କହିଛନ୍ତି, ଆଗାମୀ ହୋଟେଲ ଏବଂ ଲିଜର ପ୍ରକଳ୍ପରେ ଆମର ଟ.୧,୦୦୦ କୋଟିରୁ ଅଧିକ ନିବେଶ ପ୍ରତିବଦ୍ଧତା ଓଡ଼ିଶାର ଅପାର ସମ୍ଭାବନା ରହିଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଚାଏ ବ୍ରେକ୍‌ର ସହପ୍ରତିଷ୍ଠାତା ଆଦିତ୍ୟ ଲାଡସରିଆ, ଡାଲମା ପ୍ରତିଷ୍ଠାତା ପୁଣ୍ୟ ପ୍ରକାଶ ପରିଡା ଏବଂ ଦେବୁ ପଟ୍ଟନାୟକ, ସତ୍ୟବ୍ରତ ସାନୁ ରାଠୋ ପ୍ରମୁଖ ଉପସ୍ଥିତ ଥିଲେ।

# ଫୋନ୍‌ପେ'ର ଇଣ୍ଡସ୍ ଆପ୍‌ଷ୍ଟୋର ସହ ସହଭାଗିତା

**ଭୁବନେଶ୍ୱର,୪।୧୨**

ଭାରତର ସ୍ୱଦେଶୀ ଆଣ୍ଡ୍ରଏଡ୍ ଆପ୍ ମାର୍କେଟପ୍ଲେସ୍, ଇଣ୍ଡସ୍ ଆପ୍‌ଷ୍ଟୋର ମୋଟୋରୋଲା ସହ ତା'ର ସହଭାଗିତା ବିଷୟରେ ଘୋଷଣା କରିଛି। ଏହି ସହଭାଗିତା ଫଳରେ ଭାରତରେ ମୋଟୋରୋଲା ଡିଭାଇସ୍‌ଗୁଡ଼ିକରେ ଇଣ୍ଡସ୍ ଆପଷ୍ଟୋର ଉପଲବ୍ଧ ହେବ। ଏହାଦ୍ୱାରା ଇଣ୍ଡସ୍ ଆପ୍‌ଷ୍ଟୋରର ୟୁଜରମାନଙ୍କ ସଂଖ୍ୟା ଆହୁରି ବଢ଼ିବ। ଏହି ପ୍ଲାଟ୍‌ଫର୍ମଟି ୧୨ଟି ଭାରତୀୟ ଭାଷା ଏବଂ ଇଂରାଜୀରେ ଅନୁଭୂତି ପ୍ରଦାନ କରିବ। ଭିଡିଓ ପ୍ରିଭ୍ୟୁଫିଚର ସହିତ ୟୁଜରମାନେ କୌଣସି ଆପ୍ ଡାଉନ୍‌ଲୋଡ୍ କରିବା ଆଗରୁ ତା'ର କାର୍ଯ୍ୟକାରିତାକୁ ଦେଖି ବୁଝିପାରିବେ। ଇଣ୍ଡସ୍ ଆପ୍‌ଷ୍ଟୋର ତା'ର ନିରପେକ୍ଷ ଆପ୍‌ଷ୍ଟୋର ନୀତି ମାଧ୍ୟମରେ ଭାରତରେ ଡେଭଲପର ତଥା ଆପ୍‌ଗୁଡ଼ିକ ପାଇଁ ଏକ ଅନୁକୂଳ ପରିବେଶ ତିଆରି କରିଛି। ଏହା ଆହୁରି ଅଧିକ ସଂଖ୍ୟକ ସ୍ଥାନୀୟ ଡେଭଲପରଙ୍କୁ ସଶକ୍ତ ତଥା ସକ୍ଷମ କରିବ ଏବଂ ଭାରତୀୟ ଡେଭଲପର ଇକୋସିଷ୍ଟମକୁ ସାରା ବିଶ୍ୱରେ ସଫଳ ହେବାରେ ସାହାଯ୍ୟ କରିବ।

# ବରପାଲି ରେଳ ଷ୍ଟେଶନର ନବୀକରଣ

## ଅମୃତ ଭାରତ ଷ୍ଟେଶନ ଯୋଜନା

**ଭୁବନେଶ୍ୱର,୪।୧୨(ଅନୁରାଧା ମହାରଣା)**




ଅମୃତ ଭାରତ ଷ୍ଟେଶନ ଯୋଜନାରେ ବରଗଡ଼ ବରପାଲି ରେଳ ଷ୍ଟେଶନର ନବୀକରଣ କରାଯାଇଛି। ୨୨.୨୮ କୋଟି ଟଙ୍କା ବ୍ୟୟରେ ବରପାଲି ଷ୍ଟେଶନ ଏବେ ଆଧୁନିକ ରେଳ ସ୍ଥାପତ୍ୟର ଏକ ମଡେଲ ଭାବରେ ଠିଆ ହୋଇଛି ଯାହା ବର୍ଦ୍ଧିତ ସୁରକ୍ଷା, ସମୃଦ୍ଧ ସାଂସ୍କୃତିକ ସୌନ୍ଦର୍ଯ୍ୟ ଏବଂ ଉନ୍ନତ ଯାତ୍ରୀ ସୁବିଧା ଉପଲବ୍ଧ ହେଉଛି। ଉତ୍ତମ ସଂଯୋଗୀକରଣ ଦ୍ୱାରା ବରଗଡ ଜିଲା ଏବଂ ଆଖପାଖ ସହରଗୁଡ଼ିକର ଦୈନିକ ଯାତ୍ରୀ, ଛାତ୍ରୀଛାତ୍ର, ବ୍ୟବସାୟୀ ଏବଂ କୃଷକମାନଙ୍କୁ ସହାୟତା ମିଳିବ। ଉନ୍ନତ ଷ୍ଟେଶନ ଭିତ୍ତିଭୂମି ସ୍ଥାନୀୟ ବ୍ୟବସାୟ, ଓଏସ୍‌ଓପି (ୱାନ ଷ୍ଟେଶନ ୱାନ ପ୍ରଡକ୍ଟ) ବିକ୍ରେତା ଏବଂ କ୍ଷୁଦ୍ର ଉଦ୍ୟୋଗ ପାଇଁ ଅଧିକ ସୁଯୋଗ ପ୍ରଦାନ କରିବ। ଉନ୍ନତ ସୁବିଧାଗୁଡ଼ିକ ଜିଲାର ପ୍ରସିଦ୍ଧ ସମ୍ବଲପୁରୀ ହସ୍ତତନ୍ତ କ୍ଷେତ୍ରକୁ ଆହୁରି ପ୍ରୋତ୍ସାହିତ କରିବ, ବସ୍ତ୍ରର ଦ୍ରୁତ ପରିବହନ ସୁନିଶ୍ଚିତ କରିବ ଏବଂ ବୁଣାକାରମାନଙ୍କ ପାଇଁ ବଜାର ପ୍ରବେଶ ବିସ୍ତାର କରିବ। ଉନ୍ନତ ସୁବିଧା ଏବଂ ସୁରକ୍ଷା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ ଏବଂ ଏହି ଅଞ୍ଚଳର ଗ୍ରାମୀଣ ସମ୍ପ୍ରଦାୟକୁ ଲାଭାନ୍ୱିତ କରିବ। ନୂଆରୂପ ନେଇଥିବା ଏହି ଷ୍ଟେଶନରେ ପରିଚାଳନା କ୍ଷେତ୍ର, ଜଳପାନ କକ୍ଷ, ଆଧୁନିକ ପ୍ରଥମ ଏବଂ ଦ୍ୱିତୀୟ ଶ୍ରେଣୀ ପ୍ରତୀକ୍ଷାଳୟ, ପାର୍ସଲ ରୁମ, ପାର୍କିଂ କ୍ଷେତ୍ର, ଦିବ୍ୟାଙ୍ଗଜନ ଅନୁକୂଳ ଶୌଚାଳୟ, ୬୦୩ ବର୍ଗମିଟର ଷ୍ଟେଶନ ଭବନର ସମ୍ପ୍ରସାରଣ ଏବଂ ୨୪୩ ବର୍ଗମିଟରର ଉନ୍ନତୀକରଣ, ଉନ୍ନତ ସାଇନେଜ୍ ଏବଂ ପଥ ଅନୁସନ୍ଧାନ ପ୍ରଣାଳୀ, ସମ୍ପୂର୍ଣ୍ଣ ଭାବେ ବିକଶିତ ଷ୍ଟେଶନ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ନିରାପଦ ଏବଂ ପ୍ରତିବନ୍ଧକ ମୁକ୍ତ ଗତିବିଧି ସୁନିଶ୍ଚିତ କରିବା ପାଇଁ ୧୨ ମିଟର ପ୍ରସ୍ଥ ଫୁଟ ଓଭର ବ୍ରିଜ୍ ନିର୍ମାଣ କରାଯାଇଛି। ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କୁ ସହାୟତା କରିବା ପାଇଁ ଡବଲ ହ୍ୟାଣ୍ଡରେଲ ସହିତ ନୂତନ ଭାବରେ ଡିଜାଇନ କରାଯାଇଥିବା ରାମ୍ପ ସୁରକ୍ଷିତ ଗତିବିଧି ପାଇଁ ଉନ୍ନତ ଆଲୋକ ଏବଂ ପରିଷ୍କାର ଫୁଟ୍‌ପାଥ୍ ରହିଛି। ଏହା ସହ ୨୫ଟି ପ୍ଲାଟଫର୍ମ ସେଲଟର ବେ, ଭୂଦୃଶ୍ୟ ବୈଶିଷ୍ଟ୍ୟ ସହିତ ଏକ ୧୨୦୦ ବର୍ଗମିଟର ପରିବ୍ୟାପ୍ତ ପ୍ଲାଟ୍‌ଫର୍ମ ପୃଷ୍ଠ, କୋଚ ଇଣ୍ଡିକେଶନ ବୋର୍ଡ ଏବଂ ଟ୍ରେନ ଇଣ୍ଡିକେଶନ ବୋର୍ଡ ସ୍ଥାପନ, ବର୍ଦ୍ଧିତ ସୁରକ୍ଷା ପାଇଁ ଆଧୁନିକ ସିସିଟିଭି ନିରୀକ୍ଷଣ ବ୍ୟବସ୍ଥା, ନୂତନ ଆସବାବପତ୍ର ଏବଂ ଉନ୍ନତ ସାର୍ବଜନୀନ ଉପଯୋଗୀ ସ୍ଥାନ, ସ୍ଥାନୀୟ ହସ୍ତଶିଳ୍ପ ଏବଂ ଉତ୍ପାଦଗୁଡ଼ିକୁ ପ୍ରୋତ୍ସାହିତ କରୁଥିବା ଉତ୍ସର୍ଗୀକୃତ ୱାନ ଷ୍ଟେଶନ ୱାନ୍ ପ୍ରଡକ୍ଟ ଷ୍ଟଲ ରହିଛି।


# Classified Everyday 0674-2580101, 9692975378



REAL ESTATE

**SALE**

ଭୁବନେଶ୍ୱର ଜଟଣୀଗେଟରୁ ଅଳ୍ପ ଦୂରତାରେ 1500Sqft. ପ୍ଲଟ୍ 6,75,000ରେ ବିକ୍ରିହେବ। 9776974912. ଧ-୧୪

Retanga Railway Station ପାଖରେ 46000 Sqft. Yellowzone Gharabari Plot Sale ହେବ। Contact: 9778928492. D-74735



The massage felt totally professional! & comfortable at all times-7978109255. D-221



BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact-9776635982. D-2711

**AFFIDAVIT**

By virtue of an affidavit sworn before the Executive Magistrate, Subdega, No.- 2517, Dtd.- 25.11.2025, I, KANTA BECK, W/o.- SAROJ BECK, R/o. AT/P.O.- Simdega, P.S.- Talsara, Dist.- Sundargarh, Odisha declare that BENEDIKTA BECK and KANTA BECK is one and same person, who is myself. And DARSANA BECK and ANUSHKA BECK is one and same person, who is my daughter. D-2762

By virtue of an affidavit sworn before the Executive Magistrate, Boudh, No.1595, date 25.11.25, I, Jhumi Bagha, W/o. Manmath Bagha, R/o. Village/P.O.- Bandhapathar, P.S./ Dist.- Boudh, Odisha, PIN- 762026, declare that I have changed the name of my daughter from JYOTSHNARANI BAGHA to JYOTSNA RANI BAGHA. Henceforth, she shall be known as JYOTSNA RANI BAGHA for all purposes.
Jhumi Bagha
D-2763


By an affidavit sworn before Executive Magistrate, Bhubaneswar, on Dtd. 05.07.2025, I, Shefali Das, W/o.- Dhiren Shankar Das, At- Batagram, P.O.- Batagramghat, P.S.- Bhograi, Dist.- Baleswar, 756036, declare that I have changed my name from Sefali Das to Shefali Das. Henceforth, I shall be known as Shefali Das for all purposes. D-2759

By an affidavit sworn before Executive Magistrate, Bhubaneswar, on Dtd. 05.07.2025, I, Prachurya Das, D/o.- Dhiren Shankar Das, At- Batagram, P.O.- Batagramghat, P.S.- Bhograi, Dist.- Baleswar, 756036, declare that I have changed my mother's name from Sefali Das to Shefali Das. Henceforth, she will be known as Shefali Das for all purposes. D-2760

I, KABITA RANI DEY, D/o. Bhajahari Pal, W/o. Anil Kumar Dey resident of At/P.O.- Ambliatha, P.S.- Jaleswar, Dist.- Balasore solemnly affirm that I have changed my name from Kabita Dey to Kabita Rani Dey. That Kabita Dey and Kabita Rani Dey is one and same person, who is myself. Henceforth, I shall be known as Kabita Rani Dey for all purpose. D-2761

By virtue of an affidavit sworn before the Executive Magistrate, Bargaon, No.- 1088, Dtd.- 27.11.25, I, DINABANDHU TOPNO, S/o.- Ramesh Topno, R/o. Village- Jamarla, P.S.- Bargaon, Dist.- Sundargarh, (Odisha), PIN- 770016 declare that, I have changed my name from DINESH TOPNO to DINABANDHU TOPNO. Henceforth, I shall be known as DINABANDHU TOPNO for all purposes.
DINABANDHU TOPNO
D-2766

HAPPY BIRTHDAY



କାହ୍ନବୀ ଶ୍ରେୟାଂଶୀ (ପରୀ)
ଗ୍ରାମ- କୁଞ୍ଜପଦା, ପୋ- ବନମାଳିପୁର
ଶୁଭେଚ୍ଛା ସହ
ପାପା, ମାମା, ଜେଜେମା, ଜେଜେବାପା, ଅଜା, ଆଈ, ମଉସା, ମାଉସୀ, ପିଉସା, ପିଉସୀ, ମିନିଆ ନାନୀ।
ଠାକୁର ଶ୍ରୀଶ୍ରୀ ନିଗମାନନ୍ଦ ସରସ୍ୱତୀ ଦେବ ତୋର ଚଲାପଥ କୁସୁମିତ ଓ ଦୀର୍ଘାୟୁ କରନ୍ତୁ।

**LEGAL NOTICE**

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ୍ ଅଦାଲତ ନଂ.- ୨, ଡା. ଆଶୁତୋଷ କୁମାର ସାମଲ, ଓଡ଼ିଶା ପ୍ରଶାସନିକ ସେବା (ଏସ୍.ଏ.ଜି.), ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା।

ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନର ଧାରା ୧୫(ଖ) ଅନୁଯାୟୀ ଓ.ଏସ୍.ଏସ୍ ମୋକଦ୍ଦମା ନଂ.- ୨୪୩/୨୦୨୩

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତା ଆଦେଶ ନଂ- ୫, ନିୟମ ନଂ- ୨୦ ମୁତାବକ)

ଶ୍ରୀ କେଦାରନାଥ ସାହୁ ........ବାଦୀ

ବନାମ

ତହସିଲଦାର, ଭୁବନେଶ୍ୱର ଏବଂ ଓଗେର .........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା:-

ପ୍ରତିବାଦୀ ନଂ- ୧୨(ଗ) (iv): ଜ୍ୟୋସ୍ନାମୟୀ ଜେନା, ପିତା-୰ ମାନ ଦଳେଇ, ସ୍ୱାମୀ- ଗୋବିନ୍ଦ ଜେନା, ସା/ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫। ଏତଦ୍ୱାରା ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ଉକ୍ତ ମୋକଦ୍ଦମା ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଉକ୍ତ ମୋକଦ୍ଦମାର ଶୁଣାଣି ଆସନ୍ତା ତା.୦୫.୧୨.୨୦୨୫ରିଖ, ଦିବା ୧୧.୩୦ ଘଟିକା ସମୟରେ କରାଯିବ।

**ଜମିର ବିବରଣୀ**

ଜିଲ୍ଲା- ଖୋର୍ଦ୍ଧା, ଥାନା- ଚନ୍ଦକା (ନଂ- ୪୪), ମୌଜା- ଅନ୍ଧାରୁଆ, ସାବକ ଖାତା ନଂ- ୬୨୧/୫୧୭ (ସ୍ଥିତିବାନ), ପ୍ଲଟ୍ ନଂ.- ୨୦୫୯, ଏହାର ସବ୍ ପ୍ଲଟ୍ ନଂ.- ୬୦, ବିକ୍ରୟ ଦଲିଲ୍‌ର ସଂଯୁକ୍ତ ନକ୍ସା ମୁତାବକ ରକବା- ଏ୨.୩୬୫ ଡି ମଧ୍ୟରୁ ଏ୦.୬୦୦ ଡି ସ୍ଥ ଏ୦.୦୬୦ଡି। ଏହାର ଦାଖଲ କେ- ଫର୍ମ ହୋଲଣ୍ଡି ଖାତା ନଂ.- ୬୨୧/୧୦୬୨, ପ୍ଲଟ୍ ନଂ- ୨୦୫୯/୫୨୨୦, ରକବା ଏ୦.୦୬୦ଡି। ଏହାର ହାଲ୍ ବନ୍ଦୋବସ୍ତ (୨୦୧୩) ଖାତା ନଂ.- ୩୩୩(ସ୍ଥିତିବାନ), ପ୍ଲଟ୍ ନଂ.- ୪୯୨୯ (ପୁରା), ରକବା- ଏ୦.୦୬୦ଡି।

ଏଣୁ ଉପରୋକ୍ତ ମୋକଦ୍ଦମାରେ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ଉତ୍ତରାଧିକାରୀ ବା ତାଙ୍କର କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶ ଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମାର ବିଚାର କରାଯିବ।

ତାରିଖ: ୧୯.୧୧.୨୦୨୫ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର ସ୍ୱା/- କୋର୍ଟ ଅଫିସର
D-2764

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦେଶୀ ବନ୍ଧୁକ କାରଖାନା ଠାବ, ଜଣେ ଗିରଫ

ଫୁଲବାଣୀ,୪।୧୨ (ରାକେଶ କୁମାର ରାଉତ)



ଜବତ ବନ୍ଧୁକ ସହ ତିଆରି ପାଇଁ ବିଭିନ୍ନ ସାମଗ୍ରୀ।

କନ୍ଧମାଳ ଜିଲ୍ଲା ଗୋଚ୍ଛାପଡ଼ା ଥାନା କଟ୍ରିଙ୍ଗିଆ ପଞ୍ଚାୟତର ପାଙ୍ଗାପାଞ୍ଜୁ ଗ୍ରାମରେ ପୋଲିସ ଦେଶୀ ବନ୍ଧୁକ କାରଖାନା ଠାବ କରିଛି। ସେଠାରୁ ୩ଟି ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ ସହିତ ବନ୍ଧୁକ ତିଆରି ପାଇଁ ବ୍ୟବହୃତ ସରଞ୍ଜାମ ଜବତ କରାଯାଇଛି। ଏହି ଘଟଣାରେ କଟ୍ରିଙ୍ଗିଆ ପଞ୍ଚାୟତ ପାଙ୍ଗାପାଞ୍ଜୁ ଗ୍ରାମର ବାଞ୍ଛାନିଧି ବିନ୍ଧାଣୀଙ୍କୁ ଗିରଫ କରାଯାଇଥିବା ଗୁରୁବାର ସଦର ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କନ୍ଧମାଳ ଏସ୍‌ପି ହରିଶ ବିସି ପ୍ରକାଶ କରିଛନ୍ତି। ବୁଧବାର ସକାଳେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ କଟ୍ରିଙ୍ଗିଆ ପଞ୍ଚାୟତ ଅଞ୍ଚଳରେ ଏକ ଦେଶୀ ବନ୍ଧୁକ ତିଆରି କାରଖାନା ଚାଲିଥିବା ନେଇ ଖବର ମିଳିଥିଲା। ସୂଚନା ଆଧାରରେ ଏସ୍‌ଆଇ ଅନନ୍ତ କୁମାର ପ୍ରଧାନଙ୍କ ନେତୃତ୍ୱରେ ବାଞ୍ଛାନିଧିଙ୍କ ଘରେ ଚଢାଉ କରାଯାଇଥିଲା। ଘଟଣାସ୍ଥଳରୁ ବନ୍ଧୁକ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯିବା ସହ ବାଞ୍ଛାନିଧିଙ୍କୁ ଗିରଫ କରାଯାଇଥିଲା। ବାଞ୍ଛାନିଧି ଅନେକ ଦିନ ଧରି ଏଭଳି ବନ୍ଧୁକ ତିଆରି କରି ନିକଟସ୍ଥ ଅଞ୍ଚଳରେ ବିକ୍ରି କରୁଥିଲେ। ଏହି ବନ୍ଧୁକ ସାଧାରଣତଃ ଶିକାର ପାଇଁ ବ୍ୟବହାର କରା ଯାଉଥିଲା। ବାଞ୍ଛାନିଧିଙ୍କ ନାମରେ ପୂର୍ବରୁ ମଧ୍ୟ ଗୋଚ୍ଛାପଡ଼ା ଥାନାରେ ଏଭଳି ମାମଲା ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଏ ନେଇ ନଂ. ୨୪୯/୨୫ରେ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି ସଦର ଏସ୍‌ଡିପିଓ ଶୁଭ୍ରଜିତ ବିଶ୍ୱାଳ କହିଛନ୍ତି।

# ମହିଳାଙ୍କ ମୁଣ୍ଡବିହୀନ ମୃତଦେହ ଜବତ

ମାଲକାନଗିରି, ୪।୧୨ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ଥାନା ଅନ୍ତର୍ଗତ ପୋଟେରୁ ନଦୀରୁ ପୋଲିସ ଗୁରୁବାର ଜଣେ ମହିଳାଙ୍କ ମୁଣ୍ଡ ବିହୀନ ମୃତଦେହ ଜବତ କରିଛି। ମୃତା ହେଲେ ରାଖାଲଗୁଡ଼ା ଗ୍ରାମର ସ୍ୱର୍ଗତ ମୁକା ପଡ଼ିଆମୀଙ୍କ ସ୍ତ୍ରୀ ଲାକେ ପଡ଼ିଆମୀ (୫୦)। ମହିଳାଙ୍କ ମୁଣ୍ଡ କାଟି ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମଧ୍ୟ ପ୍ରାଥମିକ ତଦନ୍ତରୁ ଏହା ହତ୍ୟା ହୋଇଥାଇପାରେ ବୋଲି କହିଛି। ତଦନ୍ତ ପରେ ଘଟଣାର ସତ୍ୟାସତ୍ୟ ଜଣାପଡ଼ିବ ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ରାଖାଲଗୁଡ଼ା ଗ୍ରାମର ଲାକେ ଗତ ୨ ଦିନ ହେଲା ନିଖୋଜ ଥିଲେ। ଏ ନେଇ ତାଙ୍କ ପୁଅ ରବି ପଡ଼ିଆମୀ ସଦର କୋରୁକୋଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଓ ପରିବାରବର୍ଗ ବହୁସ୍ଥାନରେ ଖୋଜାଖୋଜିକରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳି ନ ଥିଲା। ଗୁରୁବାର ସକାଳେ ପୋଟେରୁ ନଦୀରେ ଏକ ମୁଣ୍ଡବିହୀନ ମହିଳାଙ୍କର ମୃତଦେହ ଭାସୁଥିବା ଗ୍ରାମବାସୀ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ଖବରପାଇ ମୃତ ମହିଳାଙ୍କ ପରିବାର ଲୋକେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। କୋରୁକୋଣ୍ଡା ପୋଲିସ ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି।

# କଣ୍ଟାବାଞ୍ଜି ବିଧାୟକଙ୍କୁ ହତ୍ୟା ଧମକ

କଣ୍ଟାବାଞ୍ଜି/ଟିଟିଲାଗଡ/ବଲାଙ୍ଗୀର, ୪।୧୨ (ଗୁରୁଦୟାଲ ହଂସ/ଶରତ ମିଶ୍ର/ବୀରେନ୍ଦ୍ର କୁମାର ଝାଙ୍କର)



ଜିଆର୍‌ପି ଥାନା ପରିସରରେ ବିଧାୟକଙ୍କ ସହ ଯୁକ୍ତି କରୁଛନ୍ତି କାଉନ୍‌ସିଲର।

- ଦାଦନ ଶ୍ରମିକ ଚାଲାଣ ହେଉଥିବା ନେଇ ହସ୍ତକ୍ଷେପ ପରେ ମୁହାଁମୁହିଁ
- କାଉନ୍‌ସିଲର ଇମ୍ରାନ୍‌ଙ୍କ ବିରୋଧରେ ଏତଲା ଦେଲେ ବିଧାୟକ
- ବିଧାୟକଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଲେ ଇମ୍ରାନ୍

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ରେଳଷ୍ଟେଶନରେ ବୁଧବାର ରାତିରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଓ ସ୍ଥାନୀୟ ଏନ୍‌ଏସି ୱାର୍ଡ ନମ୍ବର ୧ର ବିଜେଡି କାଉନ୍‌ସିଲର ମହମ୍ମଦ ଇମ୍ରାନ ଖାନ ଓରଫ ବଷ୍ଟି ମୁହାଁମୁହିଁ ହେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଦାଦନ ଯାଉଥିବା ମହିଳାପୁରୁଷଙ୍କୁ ରେଳ ଷ୍ଟେଶନ ପ୍ଲାଟଫର୍ମରେ ଦେଖି ପଚରାଉଚରା କରୁଥିବାବେଳେ କାଉନ୍‌ସିଲର ଏବଂ ତାଙ୍କ ସହଯୋଗୀ ବିଧାୟକଙ୍କୁ ଜୀବନରେ ମାରିଦେବାକୁ ଧମକ୍ ଦେଇଥିବା ବିଧାୟକ ବାଗ୍ ଜିଆର୍‌ପି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେହିପରି କାଉନ୍‌ସିଲର ଇମ୍ରାନ୍ ମଧ୍ୟ ବିଧାୟକଙ୍କ ବିରୋଧରେ ପାଲଟା ଅଭିଯୋଗ ଆଣିଥିବା ଜଣାପଡ଼ିଛି। ଉଭୟଙ୍କ ଅଭିଯୋଗକୁ ଭିତ୍ତି କରି ତଦନ୍ତ କରୁଛି।

ବିଧାୟକ ବାଗ ଅଭିଯୋଗ କରିଛନ୍ତି, ବୁଧବାର ରାତିରେ ସେ କଣ୍ଟାବାଞ୍ଜି ରେଳ ଷ୍ଟେଶନକୁ ଜଣେ ବନ୍ଧୁଙ୍କୁ ଭେଟିବା ସହ ଖାଇବାକୁ ଦେବା ପାଇଁ ଆସିଥିଲେ। ଏହି ସମୟରେ ଷ୍ଟେଶନ ପ୍ଲାଟଫର୍ମ ନମ୍ବର ୨ରେ ୫୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଏବଂ ଶିଶୁ ଥିଲେ। ସେମାନଙ୍କୁ ବିଧାୟକ ବାଗ କୁଆଡ଼େ ଯାଉଛନ୍ତି ବୋଲି ପଚାରିବାରୁ ସେମାନେ ହାଇଦ୍ରାବାଦ ଓ ବିଜୟୱାଡା ଯିବେ ବୋଲି କହିଥିଲେ। ଏନେଇ ବିଧାୟକ ଜିଆର୍‌ପି ଏବଂ କଣ୍ଟାବାଞ୍ଜି ଥାନାକୁ ଖବର ଦେଇ ସେହି ୫୦ ଜଣ ଦାଦନ ଶ୍ରମିକ କି ନୁହେଁ ସେମାନଙ୍କୁ କିଏ ନେଇ କରି ଯାଉଛି ପଚାରିବାକୁ କହିଥିଲେ। ଏପରି କି ଷ୍ଟେଶନରେ ଦାଦନଙ୍କୁ ରୋକିବା ପାଇଁ ଗଠିତ ଟାସ୍କଫୋର୍ସ କୁଆଡ଼େ ଗଲେ ବୋଲି ପ୍ରଶ୍ନ କରିଥିଲେ। ଏତିକି ବେଳେ କାଉନ୍‌ସିଲର ବଷ୍ଟି ଏବଂ ତାଙ୍କର ୬ ଜଣ ସହଯୋଗୀ ବିଧାୟକଙ୍କ ପାଖକୁ ଦୌଡ଼ି ଆସି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବା ଧମକ ଦେଇଥିବା ବିଧାୟକ ବାଗ ଜିଆର୍‌ପି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇଲା ପରେ ଟିଟିଲାଗଡ଼ ଜିଆରପି ଥାନାରେ ବଷ୍ଟିଙ୍କୁ ଅଟକ ରଖାଯାଇଥିବା ଜଣାପଡ଼ିଛି। ଅନ୍ୟପଟେ ବଷ୍ଟି ବିଧାୟକ ବାଗଙ୍କ ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି। ଜିଆର୍‌ପି ପୋଲିସ ଫାଣ୍ଡି ଭିତରେ ବିଧାୟକଙ୍କ ସହ ବଷ୍ଟିଙ୍କ ଯୁକ୍ତିତର୍କ ଭିଡିଓ ଭାଇରାଲ ହେବାପରେ ଏହି ଘଟଣା ଅଧିକ ଚର୍ଚ୍ଚାର ବିଷୟ ହୋଇଛି।

# ଫୁଲବାଣୀ ସଦର ଥାନାଧିକାରୀ ନିଲମ୍ବିତ



ଗିରଫ ଅଭିଯୁକ୍ତ।

ଫୁଲବାଣୀ, ୪।୧୨ (ରାକେଶ କୁମାର ରାଉତ)

କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ଥାନାଧିକାରୀ ସତୀଶ ଚନ୍ଦ୍ର ନାୟକଙ୍କୁ ରାଜ୍ୟ ଗୃହ ବିଭାଗ ନିଲମ୍ବନ କରିଛି। ତାଙ୍କ ନାମରେ ଗୁରୁତର ଅଭିଯୋଗ ଥିବାରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ବର୍ତ୍ତମାନ ସେ ବ୍ରହ୍ମପୁର ଦକ୍ଷିଣାଞ୍ଚଳ ଆଇଜିଙ୍କ ଅଧୀନରେ କାର୍ଯ୍ୟ କରିବେ। ନିକଟରେ ସତୀଶ ଇନ୍ସପେକ୍ଟରରୁ ଡିଏସ୍‌ପି ପଦବୀକୁ ପଦୋନ୍ନତି ପାଇଥିଲେ। ମିଳିଥିବା ସୂଚନା ଅନୁସାରେ ସଦର ଥାନା ପୋଲିସ ୬ କୁଇଣ୍ଟାଲ ଗଞ୍ଜେଇ ଜବତ କରିଥିଲା। ସେଥିରୁ ୨ କୁଇଣ୍ଟାଲର ହିସାବ ମିଳୁନାହିଁ। ସତୀଶ ଏହି କାର୍ଯ୍ୟରେ ଲିପ୍ତଥିବା ନେଇ ଜଣାପଡିବା ପରେ ତାଙ୍କ ନାମରେ ସରକାରଙ୍କ ପାଖରେ ଅଭିଯୋଗ କରାଯାଇଥିଲା। ସେହି ଅନୁସାରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ତାଙ୍କ ନାମରେ ବିଭାଗୀୟ ତଦନ୍ତ ଚାଲିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

# ନିଆଁରେ ପୋଡ଼ିହୋଇ ବୃଦ୍ଧା ଗୁରୁତର

ତିହିଡ଼ି,୪।୧୨(ସଞ୍ଜିତ ବଳ)

**ଜାଳିଦେଇଥିବା ସନ୍ଦେହରେ ପୁଅ ଥାନାରେ ଅଟକ**

ଭଦ୍ରକ ଜିଲା ତିହିଡ଼ି ଥାନା ଅଧୀନ ବିଲଣା ପଞ୍ଚାୟତର ଗଳଗଣ୍ଡପୁର ଗ୍ରାମରେ ଗୁରୁବାର ସକାଳ ୮ଟା ବେଳେ ନିଆଁରେ ପୋଡ଼ିହୋଇ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ସେ ହେଲେ ଉକ୍ତ ଗ୍ରାମର ଜ୍ୟୋତ୍ସ୍ନାରାଣୀ ନାୟକ(୬୫)। ଟଙ୍କା ନ ଦେବାରୁ ମା' ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ସନ୍ଦେହରେ ଜ୍ୟୋତ୍ସ୍ନାରାଣୀଙ୍କ ପୁଅଙ୍କୁ ପୋଲିସ ଥାନାରେ ଅଟକ ରଖି ପଚରାଉଚରା ଜାରି ରଖିଛି।

ପଡ଼ୋଶୀଙ୍କ କହିବା ଅନୁଯାୟୀ, ସକାଳେ ଜ୍ୟୋତ୍ସ୍ନାରାଣୀଙ୍କୁ ତାଙ୍କ ପୁଅ ଟଙ୍କା ମାଗିଥିଲେ। ହେଲେ ପୁଅ ମଦ ପିଇବ ଜାଣି ସେ ଟଙ୍କା ଦେଇ ନ ଥିଲେ। କିଛିସମୟ ପରେ ହଠାତ୍ ଜ୍ୟୋତ୍ସ୍ନାରାଣୀଙ୍କ ଚିତ୍କାର ସେମାନେ ଶୁଣିଥିଲେ। ସେମାନେ ତାଙ୍କ ଘର ପାଖକୁ ଆସି କବାଟ ଆଉଜା ହୋଇଥିବା ବେଳେ ଭିତରେ ନିଆଁରେ ଜ୍ୟୋତ୍ସ୍ନାରାଣୀ ଜଳୁଥିବା ଦେଖିବାକୁ ପାଇଥିଲେ। ପଡ଼ୋଶୀ ମହିଳାଙ୍କ ଦେହରୁ ନିଆଁ ଲିଭାଇବା ସହ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଜ୍ୟୋତ୍ସ୍ନାରାଣୀଙ୍କ ଶରୀରର ୭୦ଭାଗରୁ ଉର୍ଦ୍ଧ୍ୱ ପୋଡ଼ିଯାଇଛି। ଖବରପାଇ ତିହିଡ଼ି ଥାନା ଆଇଆଇସି ସତ୍ୟବ୍ରତ ଗ୍ରହାଚାର୍ଯ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ପରିବାର ସଦସ୍ୟଙ୍କ ଅନୁପସ୍ଥିତିରେ ଏପରି ଘଟିଥିବାବେଳେ ଟଙ୍କାଦେଇ ନ ଥିବାରୁ ଜ୍ୟୋତ୍ସ୍ନାରାଣୀଙ୍କ ଦେହରେ ତାଙ୍କ ପୁଅ ନିଆଁ ଲଗାଇ ଦେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ଅପରପକ୍ଷେ ମା' ଦେହରେ ନିଆଁ ଲାଗିଥିବା ସମୟରେ ସେ ଘରେ ଅନୁପସ୍ଥିତ ଥିଲେ ବୋଲି ଜ୍ୟୋତ୍ସ୍ନାରାଣୀଙ୍କ ପୁଅ ପ୍ରକାଶ କରିଥିବା ଆଇଆଇସି ଗ୍ରହାଚାର୍ଯ୍ୟ କହିଛନ୍ତି। ତେବେ ରିପୋର୍ଟ ଲେଖାହେବା ସୁଦ୍ଧା ଏନେଇ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।

# ଥାନା ପରିସରରେ ସାଙ୍ଗଙ୍କୁ ପେଟ୍ରୋଲ ଢାଳି ପୋଡ଼ିବାକୁ ଉଦ୍ୟମ

ପାରାଦୀପ, ୪।୧୨(ଶରତ ରାଉତ)

**୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କଲା ପୋଲିସ**

ଜଣେ ନିଶାସକ୍ତ ଯୁବକଙ୍କୁ ପୋଲିସ ପାଖରୁ ଉଦ୍ଧାର କରିବା ପାଇଁ ଆସିଥିବା ଦୁଇ ଜଣ ସାଙ୍ଗ ତାଙ୍କୁ ପେଟ୍ରୋଲ ଢାଳି ମାରିବାକୁ ଉଦ୍ୟମ କରିଛନ୍ତି। ପାରାଦୀପର ଅନ୍ୟତମ ପର୍ଯ୍ୟଟନ ସ୍ଥାନ ନେହେରୁ ବଙ୍ଗଳାସ୍ଥିତ ମେରାଇନ ଥାନା ପରିସରରେ ବୁଧବାର ରାତିରେ ଏହି ଅଭାବନୀୟ ଘଟଣା ଘଟିଛି। ମେରାଇନ ପୋଲିସ ଉଭୟ ସାଙ୍ଗଙ୍କୁ ଗିରଫ ପରେ ଗୁରୁବାର କୋର୍ଟ ଚାଲାଣ କରିଛି। ଏନେଇ ଥାନାରେ ମାମଲା (ନଂ. ୬୫ /୨୫) ରୁଜୁ ହୋଇଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ପୂର୍ବତନ କାଉନ୍‌ସିଲର ଥିବା ଜଣାପଡ଼ିଛି।

ବୁଧବାର ସନ୍ଧ୍ୟାରେ ମେରାଇନ ପୋଲିସ ନେହେରୁ ବଙ୍ଗଳା ପର୍ଯ୍ୟଟନ ସ୍ଥାନ ପଥରବନ୍ଧ ସଂଯୋଗ ରାସ୍ତାରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ ତାରିଣୀଗଡା ଅଞ୍ଚଳର ଯୁବକ ଶୁଭେନ୍ଦୁ କୁମାର ପରିଡା ନିଶାସକ୍ତ ଭାବେ ଗାଡ଼ି ଚଳାଉଥିବା ବେଳେ ପୋଲିସ ହାବୁଡ଼ରେ ପଡିଥିଲେ। ପୋଲିସ ମଦ ମାପକ ଯନ୍ତ୍ର ଜରିଆରେ ପରୀକ୍ଷା କରିବା ପରେ ତାଙ୍କୁ ଥାନାକୁ ନେଇଥିଲେ। ଖବରପାଇ ତାଙ୍କୁ ଥାନାରୁ ବାହାର କରିବା ପାଇଁ ଦୁଇ ଜଣ ସାଙ୍ଗ ପୂର୍ବତନ କାଉନ୍‌ସିଲର ନରେଶ ବିଶ୍ୱାଳ ଓ ଅଭିମନ୍ୟୁ ପଡ଼ିହାରୀ ପହଞ୍ଚି ପୋଲିସ ସହ ଆଲୋଚନା କରିଥିଲେ। ପୋଲିସ ପକ୍ଷରୁ ଶୁଭେନ୍ଦୁଙ୍କ ଚାଲାଣ କଟା ସରିଛି। କିଛି ସମୟ ପରେ ନୋଟିସ ଦିଆଯାଇ ଛଡ଼ାଯିବ ବୋଲି କୁହାଯାଇଥିଲା। ଏଥିରେ ନରେଶ ଓ ଅଭିମନ୍ୟୁ ରାଗିଯାଇ ଥାନାରୁ ଚାଲିଯାଇଥିଲେ। ବିଳମ୍ବିତ ରାତିରେ ଏକ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ଧରି ଉଭୟ ଅଭିଯୁକ୍ତ ଥାନାରେ ପହଞ୍ଚି ପୋଲିସକୁ ଧମକ ଦେଇଥିଲେ। ଶୁଭେନ୍ଦୁଙ୍କୁ ନ ଛାଡ଼ିଲେ ବାଇକ୍ ସହ ତାଙ୍କୁ ପୋଡ଼ିଦେବାକୁ କହି ଧମକ ଦେବା ସହ ତାଙ୍କ ଉପରେ ପେଟ୍ରୋଲ ଢାଳି ଜାଳି ଦେବାକୁ ଉଦ୍ୟମ କରିଥିଲେ। ପୋଲିସ ତୁରନ୍ତ ନରେଶ ଓ ଅଭିମନ୍ୟୁଙ୍କୁ କାବୁ କରି ନେବାରୁ ଏକ ବଡ଼ ବିପଦ ଟଳିଯାଇଥିଲା। ପରେ ଶୁଭେନ୍ଦୁଙ୍କୁ ପୋଲିସ ଛାଡି ଦେଇଥିବାବେଳେ ତାଙ୍କ ୨ ସାଙ୍ଗଙ୍କୁ କୋର୍ଟ ଚାଲାଣ କରିଛି ବୋଲି ଥାନାଧିକାରିଣୀ ବବିତା ଦେହୁରୀ କହିଛନ୍ତି।

# ଦେଢ଼ଶ୍ୱଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂ ମୃତ

ଢେଙ୍କିକୋଟ/ଘଟଗାଁ,୪।୧୨ (ନୀଳମଣି ମଣ୍ଡଳ/ ରାଜେନ୍ଦ୍ର ପଟ୍ଟନାୟକ)

**ଘରୋଇ କଳିର କରୁଣ ପରିଣତି**

କେନ୍ଦୁଝର ଜିଲା ଘଟଗାଁ ଥାନା ଅନ୍ତର୍ଗତ ବଡ଼ଜାମପଶି ପଞ୍ଚାୟତ ବାଇଗଣପାଳ ଗ୍ରାମରେ ଘରୋଇ କଳିର କରୁଣ ପରିଣତି ଦେଖିବାକୁ ମିଳିଛି। ଘରୋଇ କଳିରୁ ଦେଢ଼ଶ୍ୱଶୁରଙ୍କ ଟାଙ୍ଗିଆ ଚୋଟରେ ଭାଇବୋହୂଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଗ୍ରାମର ହୃଷୀକେଶ ମହାକୁଡ଼ଙ୍କ ସ୍ତ୍ରୀ ନିରୁପମା ମହାକୁଡ଼(୩୫)। ପୋଲିସ ଅଭିଯୁକ୍ତ ଦେଢ଼ଶ୍ୱଶୁର ଶୈଳ ମହାକୁଡ଼(୪୫)ଙ୍କୁ ଗିରଫକରି ତଦନ୍ତ କରୁଛି। ପ୍ରକାଶ ଯେ, ଜମିବାଡ଼ି ଓ ଚଲାରାସ୍ତାକୁ ନେଇ ୨ଭାଇଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଲାଗି ରହିଥିଲା। ଗୁରୁବାର ଅପରାହ୍ନରେ ଶୈଳ କାମରୁ ଫେରି ଘରକୁ ଯିବା ରାସ୍ତା କବାଟ ବନ୍ଦ ଥିବା ଦେଖିଥିଲେ। ଉତ୍ତ୍ୟକ୍ତ ହୋଇ ଏକ ଟାଙ୍ଗିଆ ଆଣି ଘରେ ଥିବା ସାନ ଭାଇବୋହୂଙ୍କୁ ଅତର୍କିତ ଭାବେ ହାଣିଥିଲେ। ନିରୁପମାଙ୍କ ମୁଣ୍ଡରେ ଚୋଟ ବାଜିଥିବା ବେଳେ ସେ ଘଟଣାସ୍ଥଳରେ ପଡ଼ିଯାଇଥିଲେ। ତଳେ ପଡ଼ିଯିବା ପରେ ତାଙ୍କୁ ପୁଣି ଆକ୍ରମଣ କରି ହତ୍ୟା କରିଥିଲେ। ଖବର ପାଇ ଘଟଗାଁ ଏସ୍‌ଡିପିଓ ବିଜୟ କୁମାର ମହାପାତ୍ର, ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ସଦଳବଳ ପହଞ୍ଚି ଅଭିଯୁକ୍ତ ଦେଢ଼ଶ୍ୱଶୁରଙ୍କୁ ଗିରଫ କରିଥିଲେ। ହତ୍ୟାରେ ବ୍ୟବହୃତ ଟାଙ୍ଗିଆକୁ ପୋଲିସ ଜବତ କରିଛି। ଏ ନେଇ ଘଟଗାଁ ଥାନାରେ ଏକ ମାମଲା (ନଂ.୫୬୯/୨୫) ରୁଜୁ ହୋଇଛି।

# ବିଳମ୍ବିତ ରାତିରେ ଧରାପଡ଼ିଲେ ୪ ଡକାୟତ

ଭୁବନେଶ୍ୱର,୪।୧୨ (ସତ୍ୟଜିତ ରାଉତ)

ଚନ୍ଦ୍ରଶେଖରପୁର ଥାନା ପୋଲିସ ହାତରେ ୪ ଜଣ ଡକାୟତ ଧରାପଡ଼ିଛନ୍ତି। ବୁଧବାର-ଗୁରୁବାର ବିଳମ୍ବିତ ରାତିରେ ଡକାୟତି ଯୋଜନାବେଳେ ପୋଲିସ ପଟିଆ ଅଞ୍ଚଳରେ ଚଢ଼ାଉ କରି ସମସ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଚନ୍ଦକା ଥାନା ଦାରୁଠେଙ୍ଗ ଗ୍ରାମର ବୁଦ୍ଧଦେବ ବାରିକ , ମଞ୍ଚେଶ୍ୱର ଥାନା ଇଞ୍ଜଣା ଗାଁର ଲକି ସୋରେନ୍, ଇନ୍‌ଫୋସିଟି ଥାନା ଶିଖରଚଣ୍ଡୀ ନଗରର ସାଗର ବିଶୋଇ ଓ ଶୈଳେଶ୍ରୀ ବିହାର ଅଞ୍ଚଳର କରୁଣାକର ଦିଗଲ। ସେମାନଙ୍କଠାରୁ ଦୁଇଟି ଖଣ୍ଡା, ଗୋଟିଏ କଟୁରୀ, ଲଙ୍କା ପାଉଡର, ଗୋଟିଏ ସ୍କୁଟି, ମଦ ବୋତଲ ଆଦି ଜବତ କରିଛି। ଗୁରୁବାର ୪ଜଣଙ୍କୁ କୋର୍ଟ ଚାଲାଣ କରାଯିବା ପରେ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଘଟଣାସ୍ଥଳରୁ ୨ଜଣ ଅଭିଯୁକ୍ତ ପୋଲିସକୁ ଚକ୍‌ମା ଦେଇ ଖସିପଳାଇଥିବା ବେଳେ ସେମାନଙ୍କୁ ଧରିବାକୁ ଉଦ୍ୟମ ଚାଲିଛି ବୋଲି ପୋଲିସ କହିଛି।

ସୂଚନା ଅନୁଯାୟୀ, ବୁଧବାର-ଗୁରୁବାର ରାତି ପ୍ରାୟ ରାତି ପ୍ରାୟ ୩ଟା ୩୦ ବେଳେ ୬ଜଣ ଅଭିଯୁକ୍ତ ମାରଣାସ୍ତ୍ର ଧରି ପଟିଆ ବରାଦେଇ ମନ୍ଦିର ନିକଟସ୍ଥ ଏକ ଖୋଲା ପଡ଼ିଆରେ ଏକତ୍ରିତ ହୋଇ ଡକାୟତି କରିବାକୁ ଯୋଜନା କରୁଥିବା ପୋଲିସକୁ ସୂଚନା ମିଳିଥିଲା। ପୋଲିସ ଟିମ୍ ଘଟଣାସ୍ଥଳରେ ଚଢ଼ାଉ କରିବାରେ ଅଭିଯୁକ୍ତମାନେ ଖସିଯିବାକୁ ଉଦ୍ୟମ କରି ଦୌଡ଼ିଥିଲେ। ପୋଲିସ ଘେରିଯାଇ ୪ଜଣଙ୍କୁ କାବୁ କରିଥିବାବେଳେ ଗୋଟିଏ ବାଇକରେ ଦୁଇଜଣ ପଳାଇଯାଇଥିଲେ।


## OFFICE OF THE MANAGING DIRECTOR, WATCO

Ground Floor, Unnati Bhawan, H.B. Colony
Satyanagar, Bhubaneswar - 751007, Odisha, India
Telefax: +91-674-2571444, E-mail: mdwatcoodisha@gmail.com

No.C-1585 **INVITATION FOR BIDS (IFB)**

**Bid Identification No. WATCO (W) - 26/2025-26 Dtd.25.11.2025**
**WATCO No. 8931 / Date: 25.11.2025**

1. Name of the Work : **1.** Construction of Internal house sewer connection and interlinking with inspection chamber in different zones of sewerage system, Cuttack. **2.** Upgradation of old W.T.P. (3 MLD), intake well with mechanical arrangement under WATCO section, Rairangpur in Mayurbhanj district. **3.** Laying of Distribution water supply pipe line in newly developed areas to Zone No. 08 under Vyasanagar Municipality, Jajpur Road. **4.** Provision for procurement & installation of DG sets for 43 MLD intake well and WTP at Panposh in connection with 24*7 DFT water supply to Rourkela town. **5.** Improvement W/S system to different area of Zone 1 to Zone 7 under Vyasanagar Municipality, Jajpur Road. **6.** Laying of distribution pipe line in newly developed area to zone 09 to 10 for 24*7 W/S to Vyasanagar Municipality, Jajpur Road.
2. Estimated Cost : Rs.140.37 Lakh to Rs.323.48 Lakh
3. Period of Completion : 03 (Three) Months to 12 (Twelve) Months
4. Date & time of availability of bid document in the portal : From 5.00 P.M. of Dt.05.12.2025 to 5.00 P.M. of 20.12.2025
5. Last date/time of receipt of bids in the portal : 5.00 P.M. of 20.12.2025
6. Date & time of Opening of technical bids : 12.30 P.M. of 23.12.2025
7. Name and address of the Officer Inviting Bid : MD, WATCO, Telefax: 0674-2571444 E-Mail: **mdwatcoodisha@gmail.com**
8. The bidders have to participate in ONLINE bidding only.

Further details can be seen from the website **www.tendersodisha.gov.in**
**OIPR-13263/11/0021/2526** **Sd./- (Managing Director) WATCO**

GOVERNMENT OF ODISHA
AGRICULTURE DEPARTMENT
## OFFICE OF THE EXECUTIVE ENGINEER (AGRIL.), HORTICULTURE, SOUTHERN ZONE, BERHAMPUR

No. 500 **INVITATION FOR BIDS (IFB)** Date.02.12.2025
e procurement notice

**Bid identification number / Tender call notice no - E E (A) Hort S/Z-01 of 2025-26**

**No.L-123** : The Executive Engineer (Agril.), Horticulture, Southern Zone, Berhampur who has been authorized as the procuring officer for the projects of Directorate of Horticulture, Southern Zone is directed to invite percentage rate bid on behalf of the Governor of Odisha for the Civil construction works under Directorate of Horticulture, Southern Zone. The list of the works is given below.

| Sl No. | Name of the work | District | Tender Cost (Rs.) |
|---|---|---|---|
| 1 | Extension of AHO Building at Mohana | Gajapati | 670079.00 |
| 2 | ADH Office Chatrapur | Ganjam | 5430270.00 |
| 3 | Overhead Tank at Ghodahada Farm | Ganjam | 1256078.00 |
| 4 | Construction of Storehouse at BLT & EC, Tumudibandha | Kandhamal | 667361.00 |
| 5 | Construction of Watchman Shed cum Godown at ADH Office, Baliguda | Kandhamal | 1005623.00 |
| 6 | Approach Road (Phase-I) at Chitrakonda Farm | Malkangiri | 2920885.00 |
| 7 | Overhead Tank (RCC) at Chitrakonda Farm | Malkangiri | 1668463.00 |
| 8 | Construction of Watchman Shed cum Godown at BLT & EC, Malkangiri | Malkangiri | 838241.00 |
| 9 | Conference Hall at Office of the DDH, Nabarangpur | Nabarangpur | 2681892.00 |
| 10 | Watchman Shed cum Godown at HDPO, Nabarangpur | Nabarangpur | 835813.00 |
| 11 | Construction of Working Shed at HDPO, Umerkote | Nabarangpur | 502324.00 |

Bid document consisting of detailed tender call notice, the schedule of quantities and the set of terms and conditions of the contract and other necessary documents can be downloaded from www.tendersorissa.gov.in from 10.12.2025 at 10.00 hours to 26.12.2025 at 16.00 hours. The bid will be opened on 31.12.2025 at 11.00 hours in the O/o Executive Engineer (Agril.), Horticulture, Southern Zone, Berhampur. All other details regarding terms and conditions, corrigendum from time to time if any, DTCN etc. can be seen and downloaded from www.tendersorissa.gov.in.
**Email ID:-executiveengineerhortsouthern@gmail.com**

**Sd./- Executive Engineer (Agril) Horticulture, Southern Zone, Berhampur**
**OIPR-01469/11/0004/2526**

## ଜିଲ୍ଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟ, କଟକ

No.g-126 **ବିଜ୍ଞପ୍ତି**



ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଯାଉଅଛି କି ଯେ ଏହି ସହୋଦର ଦୁଇ ଶିଶୁ କନ୍ୟା ଅବହେଳିତ ଥିବାର ଖବର ପାଇ କଟକ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପଦାଧିକାରୀଙ୍କ ଦ୍ୱାରା ଏହି ଦୁଇ ଭଉଣୀଙ୍କୁ ତାଙ୍କର ରହିବା ସ୍ଥାନ (ଡବରା ସାହି, ଖୁଣ୍ଟୁଣୀ, କଟକ) ରୁ ତା.୨୩.୦୩.୨୦୨୪ ରିଖରେ ଉଦ୍ଧାର କରାଯାଇଥିଲା । ସେହି ସମୟରେ ତାଙ୍କ ବାପା ମା'ଙ୍କର କୌଣସି ଖୋଜଖବର ନଥିଲା । କଟକ ଶିଶୁ ମଙ୍ଗଳ କମିଟିଙ୍କ ନିର୍ଦ୍ଦେଶନାମା ନଂ.୧୨୬/୨୦୨୪ ଓ ୧୨୭/୨୦୨୪ ଅନୁଯାୟୀ ଏହି ଶିଶୁ କନ୍ୟା ଦୁଇଜଣଙ୍କୁ ପାଗାସ୍ଥିତ CCI KGNM Trustରେ ସେମାନଙ୍କ ସୁରକ୍ଷା ଯତ୍ନ ନିମନ୍ତେ ରଖାଯାଇଛି । ଏହି ଶିଶୁକନ୍ୟାଙ୍କର ନାମ ତୁଳସୀ ପ୍ରଧାନ ଓ ମାମିନା ପ୍ରଧାନ ଅଟେ । ସେମାନଙ୍କ ବାପାଙ୍କ ନାମ ଶରତ ପ୍ରଧାନ ଓ ମା'ଙ୍କର ନାମ ଗିନି ପ୍ରଧାନ ଅଟେ । ଏହି ଦୁଇ ଶିଶୁକନ୍ୟା ଅନୁଷ୍ଠାନକୁ ଆସିବା ଦିନଠାରୁ ତାଙ୍କର ବାପା ମାଆ କିମ୍ବା ଅନ୍ୟ କେହି ପରିବାର ବର୍ଗ ଦେଖା ସାକ୍ଷାତ କରିବାକୁ ଆସିନାହାନ୍ତି । ତେଣୁ ଯଦି ଏହି ଶିଶୁ କନ୍ୟା ଦୁଇଜଣଙ୍କ ପିତାମାତା କିମ୍ବା କେହି ଆଇନସିଦ୍ଧ ଦାବିଦାର ଥାଆନ୍ତି, ତେବେ ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ତିରିଶ (୩୦) ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣପତ୍ର ସହ ଆସି ଜିଲ୍ଲା ଶିଶୁ ମଙ୍ଗଳ କମିଟି, ରେଡକ୍ରସ୍ ଭବନ, କଲେକ୍ଟୋରିଏଟ୍ କ୍ୟାମ୍ପସ ପାଖ, କଟକ-୭୫୩୦୦୨ କିମ୍ବା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କୋଠରି ନଂ.-୫୪, କଲେକ୍ଟୋରିଏଟ୍ ବିଲ୍ଡିଙ୍ଗ, କଟକ, ଫୋନ୍ ନଂ-୦୬୭୧-୨୫୦୯୦୦୯ ରେ ଯୋଗାଯୋଗ କରିବାକୁ ଅନୁରୋଧ । ଏହି ସମୟ ଅତିକ୍ରାନ୍ତ ପରେ ଏହି ଶିଶୁ କନ୍ୟା ଦୁଇଜଣଙ୍କ ଉପରେ କୌଣସି ଦାବି ଗ୍ରହଣ କରାଯିବ ନାହିଁ ଏବଂ ଶିଶୁ କନ୍ୟା ଦୁଇଜଣଙ୍କୁ କିଶୋର ନ୍ୟାୟ (ଶିଶୁ ଯତ୍ନ ଓ ସୁରକ୍ଷା) ଆଇନ-୨୦୧୫ (ସଂଶୋଧିତ-୨୦୨୧) ଅନୁଯାୟୀ ଉପଯୁକ୍ତ ଥଇଥାନ କରାଯିବ । ଉକ୍ତ ବିଜ୍ଞପ୍ତି ଶିଶୁ ଦୁଇଜଣଙ୍କର ସର୍ବୋତ୍ତମ ହିତ ଉଦ୍ଦେଶ୍ୟରେ ପ୍ରକାଶ କରାଯାଉଅଛି ।

ସ୍ୱା./-
ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, କଟକ
OIPR-33038/11/0038/2526

GOVERNMENT OF ODISHA No.A-1027
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER
## RENGALI LEFT BANK CANAL DIVISION, AT/P.O. Kamakhyanagar

Dist-Dhenkanal, Odisha, Pin-759018
Ph:06769-270771, Email ID:eerlbcdivision@gmail.com
e-PROCUREMENT NOTICE No.RLBCD-P$_1$-07/2025-26

| | | |
|---|---|---|
| 1 | Category of Work | "Civil Flood Protection Works" |
| 2 | Total No. of Works | 06 (Six) Nos. of Work |
| 3. | Estimated Cost | Varies From Rs.29.86 Lakhs to Rs.14.86 Lakhs |
| 4. | Period of Completion | Varies From 60 Days to 30 Days |
| 5. | Class of Contractor | 'B' Class & 'C' Class and "C" & "D" (Odisha P.W.D.) or equivalent grade/class |
| 6. | Cost of Bid Document/ Mode of Payment | Rs.6000/- (Non-Refundable)/ Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 7. | EMD/Bid Security Amount/ Mode of Payment | Varies From Rs.29,860/- to Rs.14,860/- Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8. | Other details: | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar |
| | (ii) Availability of Bid documents for Online Bidding | 05.12.2025 from 10.00 hours to 14.12.2025 upto 17.00 Hours. |
| | (iii) Date, time & venue of Bid opening (Online) | On Dt.15.12.2025 at 11.00 Hours in the O/o the Superintending Engineer, Rengali Left Bank Canal Division, Kamakhyanagar (through online) |
| | (iv) Date, time & venue of transparent lottery for finalization of bids, if required | On Dt.24.12.2025 at 11.00 Hours (Tentative Date) in the O/o the Superintending Engineer, Rengali Left Bank Canal Division, Kamakhyanagar |

*Further details can be seen from the Government of Odisha website https://tendersodisha.gov.in.
**Sd./-Superintending Engineer R.L.B. Canal Division, Kamakhyanagar**
**OIPR-32298/11/0032/2526**

## ODISHA HYDRO POWER CORPORATION LTD.
OFFICE OF THE SENIOR GENERAL MANAGER (ELECTRICAL)
BALIMELA HYDRO ELECTRIC PROJECT: AT/POST: BALIMELA: DIST: MALKANGIRI, PIN: 764051 (ODISHA)
Phone No.:06861-232581 (O)/ 232641 (R), Fax:06861- 232541, Email- unit.head_balimela@yahoo.com/bhep.balimela@gmail.com

**'e'- Procurement Notice**
**NOTICE INVITING TENDER No.BHEP/46/2025-26, Dated 29.11.2025**

**No.CAD-2536:** The Unit Head, Balimela Hydro Electric Project, Balimela, Dist-Malkangiri invites percentage rate bids in double cover system i.e. Cover-I (Technical Bid) & Cover II (Price Bid) for the work through e-Procurement as detailed in the table below.

| Sl. No. | Name of Work | Approx. Estimated Cost in Rs. | E.M.D. in Rs. | Class of Contractor | Cost of Bid documents in Rs. | Period of Completion |
|---|---|---|---|---|---|---|
| 1 | "Annual Maintenance Contract for Up-keeping & Sewerage Cleaning of Residential and Non-Residential Buildings on job contract basis for period of one year" | 34,48,202.00 | 34,500.00 | 'C' or 'B' | 6000/-+ GST @18%= 7080/- | 365 Days |

Date & Time of availability of bid document in the portal : From 10.00 Hrs. of 04.12.2025 to 17.12.2025 (upto 17.00 Hrs.)
Last date & time of submission of bid: Upto 17.00 Hrs. of 17.12.2025
The date & time of opening of the bid: 12.00 Hrs. onwards of 18.12.2025 (Only Technical Bid)
Further details can be seen from the e-procurement portal https://tendersodisha.gov.in.
**OIPR-04019/11/0120/2526** **Sd./- Unit Head, Balimela Hydro Electric Project, Balimela**


## ODISHA PUBLIC SERVICE COMMISSION CUTTACK

### NOTICE

**No. 8377 / P.S.C., Dt. 03.12.2025**
**(DR-IV)(2PF-01-2025-26)**

**Recruitment to the post of Veterinary Assistant Surgeon/AVAS**
**(Advt. No. 04 of 2025-26)**

**No.D-271** : It is for information of all 86 (35-w) provisionally qualified candidates that, the Document Verification for recruitment to the post of **Veterinary Assistant Surgeon/AVAS**, pursuant to Advertisement No. 04 of 2025-26 will be held on **11.12.2025 and 12.12.2025** in the Office of Commission, at 19, Dr. P. K. Parija Road, Cuttack - 753001 as per the programme detailed below:-

| Date of Verification | Time of verification | Roll Number of the candidates |
|---|---|---|
| 11.12.2025 | 11.00 A.M. to 01.30 P.M. | 100002, 100003, 100004, 100005, 100006, 100007, 100009, 100010, 100011, 100012, 100013, 100014, 100015, 100016, 100017, 100019, 100020, 100021, 100022, 100024, 100025, 100026, 100027 = **23 Candidates** |
| | 02.30 P.M. to 05.30 P.M. | 100028, 100029, 100030, 100031, 100032, 100033, 100034, 100036, 100037, 100038, 100039, 100040, 100042, 100043; 100044, 100045, 100046, 100047, 100048, 100051 = **20 Candidates** |
| 12.12.2025 | 11.00 A.M. to 01.30 P.M. | 100052, 100053, 100054, 100055, 100056, 100057, 100058, 100060, 100061, 100062, 100064, 100066, 100067, 100068, 100069, 100070, 100071, 100073, 100074, 100076, 100077, 100078, 100079 = **23 Candidates** |
| | 02.30 P.M. to 05.30 P.M. | 100082, 100084, 100087, 100088, 100089, 100090, 100091, 100092, 100093, 100094, 100095, 100096, 100099, 100100, 100101, 100103, 100104, 100105, 100107, 100108 = **20 Candidates** |

N.B.- The candidates are required to report **30 minutes before** the commencement of document verification in the scheduled programme.

It is also made clear that the candidature of these candidates for the above recruitment is **purely provisional**. The candidature is liable to rejection in the event of inadequacy/ deficiency found at any stage before or after the verification of original certificates/documents and is subject to fulfilment of terms & conditions laid down in the Advertisement.

**THE CANDIDATES ARE REQUIRED TO SUBMIT THE FOLLOWING ORIGINAL DOCUMENTS ALONG WITH A SET OF SELF ATTESTED PHOTOCOPIES OF ALL CERTIFICATES/DOCUMENTS AT THE TIME OF DOCUMENT VERIFICATION FAILING WHICH THEIR CANDIDATURE WILL BE REJECTED.**

1. Hard copy of online Application form **mentioning Roll No. at the Top Right-Hand Corner**. Application Forms are available in the website of the Commission.
   The candidates are required to download the same using their respective e-mail ID/Phone Number and Password/ OTP etc through OPSC e-Chayan Portal via www.opscechayan.in.
2. **Four (04) recent passport size photographs** within six months (unsigned & unattested) tagged with the Application Form.
3. **H.S.C. or Equivalent Certificate** in support of declaration of age.
4. **B.V. Sc. & A.H. Degree Certificate** issued by the recognized University/ College/Institution.
5. Mark-lists in support of all the aforesaid examinations (H.S.C to Degree in B.V.Sc. & A.H.) passed including fail marks, if any, issued by the concerned Board/Council/University;
6. **Conversion Certificate/ Conversion Formula** in case of award of "GRADE MARKS" from the concerned University indicating the actual equivalent percentage of marks and the conversion formula, wherever applicable.
7. **Permanent Registration Certificate under the Odisha Veterinary Practitioners Act, 1970. (Issued within last date** of submission of online application form i.e., **31.07.2025**).
8. Required **Odia Test Pass Certificate** issued within **31.07.2025**.
9. **Caste Certificate by birth (SC/ST) issued within the last date i.e 31.07.2025.**
10. **Recent SEBC Certificate** (issued within the last three years by the submission date of online application form), wherever applicable.
11. **Permanent Disability Certificate (indicating percentage of disability i.e. 40% or more) issued by the concerned Medical Board wherever applicable issued within the last date i.e. 31.07.2025.**
12. **Discharge** Certificates in case of Ex-Servicemen **issued as per Orissa Ex-Servicemen (Recruitment to State Civil Services and Posts) Rules, 1985 vide G.A. Department notification No.22586-Gen., dt.16.10.1985**, wherever applicable.
13. **Sports Identity Card/Certificate** issued by the Director of Sports, Odisha **(issued within the last date i.e. 31.07.2025)**; wherever applicable.
14. **No Objection Certificate** issued by the Competent Authority in case of in-service candidates; wherever applicable.
15. **Any proof of photo Identity**.
16. **Attestation Form** duly filled-in by the candidate and signed by a Gazetted Officer (to be downloaded from the website of the Commission).
17. Any other documents as per Para-11 of the Advertisement.

The candidates are required to mention **"Submitted by me and Certified as genuine and has not been cancelled"** and put their **full signature and date on the same**.

**OIPR-12002/11/0337/2526** **Sd./- Secretary**

# ବ୍ରିସ୍‌ବେନ ଟେଷ୍ଟ: ଇଂଲଣ୍ଡ ୩୨୫/୯

ବ୍ରିସବେନ୍,୪।୧୨

ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାରଠାରୁ ଦ୍ୱିତୀୟ ଆଶେସ ଟେଷ୍ଟ ଆରମ୍ଭ ହୋଇଯାଇଛି। ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡ ପ୍ରଥମ ଦିନ ଶେଷ ସୁଦ୍ଧା ୯ ଉଇକେଟରେ ୩୨୫ ରନ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ଜୋ ରୁଟ ୧୩୫ ଓ ଜୋଫ୍ରା ଆର୍ଚ୍ଚର ୩୨ ରନରେ ଅପରାଜିତ ରହିଛନ୍ତି।

ଇଂଲଣ୍ଡ ବ୍ୟାଟିଂ ଆରମ୍ଭରୁ ବେନ ଡକେଟ ଓ ଓଲି ପୋପ୍‌ଙ୍କ ଉଇକେଟ ହରାଇଥିଲା। ଦୁଇ ବ୍ୟାଟର ଖାତା ଖୋଲି ପାରି ନ ଥିଲେ। ଚତୁର୍ଥ ଉଇକେଟରେ ଜ୍ୟାକ କ୍ରଲି ଓ ରୁଟ୍ ୧୧୭ ରନ ଯୋଡ଼ିଥିଲେ। କ୍ରଲି ୭୬ ରନ କରି ଆଉଟ୍ ହେବା ପରେ ହ୍ୟାରୀ ବ୍ରୁକ(୩୧)ଙ୍କ ସହ ମିଶି ରୁଟ୍ ଦଳୀୟ ସ୍କୋରକୁ ୧୭୬ ରନରେ ପହଞ୍ଚାଇଥିଲେ। ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇବା ଆରମ୍ଭ କରିଥିଲା। ଏକଦା ୨୧୦ ରନରେ ୪ ଉଇକେଟ ହରାଇଥିବା ଇଂଲଣ୍ଡ ପରବର୍ତ୍ତୀ ୫୪ ରନ ମଧ୍ୟରେ ୫ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ରୁଟ୍ ଓ ଆର୍ଚ୍ଚର ଆଟାକିଂ ବ୍ୟାଟିଂ କରିବା ସହ ଘରୋଇ ବୋଲରଙ୍କୁ ଆଉ ଉଇକେଟ ନେବାକୁ ସୁଯୋଗ ଦେଇ ନ ଥିଲେ। ଦୁହେଁ ତାଙ୍କର ଅବିଭାଜିତ ଦଶମ ଉଇକେଟରେ ୭.୨ ଓଭରରେ ୬୧ ରନ ଯୋଡ଼ିଛନ୍ତି। ଅଷ୍ଟ୍ରେଲିଆ ପକ୍ଷରୁ ମିଚେଲ ଷ୍ଟାର୍କ ୬ ଉଇକେଟ ନେଇଥିବା ବେଳେ ସ୍କଟ ବୋଲାଣ୍ଡ ଓ ମାଇକେଲ ନେସର ଗୋଟିଏ ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଇଂଲଣ୍ଡ ପ୍ରଥମ ଇନିଂସ: ୩୨୫/୯ (ଜୋ ରୁଟ-୧୩୫*, ଜ୍ୟାକ କ୍ରଲି-୭୬, ଜୋଫ୍ରା ଆର୍ଚ୍ଚର-୩୨*, ମିଚେଲ ଷ୍ଟାର୍କ-୬/୭୧)।

### ଆକ୍ରମଙ୍କୁ ଟପିଲେ ଷ୍ଟାର୍କ

ଅଷ୍ଟ୍ରେଲିଆର ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ଗୁରୁବାର ଟେଷ୍ଟ କ୍ରିକେଟରେ ସବୁଠୁ ସଫଳ ବାମହାତୀ ପେସର ହେବାର ରେକର୍ଡ କରିଛନ୍ତି। ଇଂଲଣ୍ଡ ବିପକ୍ଷ ଦ୍ୱିତୀୟ ଟେଷ୍ଟର ପ୍ରଥମ ଦିନରେ ୬ ଉଇକେଟ ସଫଳତା ପାଇବା ସହ ପାକିସ୍ତାନର ଲିଜେଣ୍ଡ ପେସର ୱାସିମ ଆକ୍ରମଙ୍କ ୪୧୪ ଟେଷ୍ଟ ଉଇକେଟ ରେକର୍ଡକୁ ଅତିକ୍ରମ କରିଛନ୍ତି। ୩୫ ବର୍ଷୀୟ ଷ୍ଟାର୍କ ୧୦୨ତମ ଟେଷ୍ଟରେ ଏହି ମାଇଲଷ୍ଟୋନ ଅତିକ୍ରମ କରିଥିବା ବେଳେ ଆକ୍ରମ ମୋଟ ଉପରେ ୧୦୪ ଟେଷ୍ଟ ଖେଳିଥିଲେ। ଷ୍ଟାର୍କ ଏବେ ଟେଷ୍ଟରେ ସର୍ବାଧିକ ଉଇକେଟ ନେଇଥିବା ବୋଲରଙ୍କ ତାଲିକାରେ ୧୬ତମ ସ୍ଥାନରେ ରହିଛନ୍ତି।



ଶତକ ହାସଲ ପରେ ଜୋ ରୁଟ୍।

### ଅଷ୍ଟ୍ରେଲିଆରେ ରୁଟ୍‌ଙ୍କ ଶତକ

ଇଂଲଣ୍ଡର ସିନିୟର ବ୍ୟାଟର ଜୋ ରୁଟ୍ ଗୁରୁବାରଠାରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହୋଇଥିବା ଦ୍ୱିତୀୟ ଟେଷ୍ଟରେ ଶତକ ହାସଲ କରିଛନ୍ତି। ଏଥିସହିତ ଅଷ୍ଟ୍ରେଲିଆରେ ଶତକ ହାସଲ କରିବା ଲାଗି ତାଙ୍କର ୧୨ ବର୍ଷର ଲମ୍ବା ଅପେକ୍ଷାର ଅନ୍ତ ଘଟାଇଛନ୍ତି। ୨୦୧୩ରେ ପ୍ରଥମ ଥର ଅଷ୍ଟ୍ରେଲିଆ ଟୁର କରିଥିବା ରୁଟ୍‌ଙ୍କ ଲାଗି ଏହା ଚତୁର୍ଥ ଅଷ୍ଟ୍ରେଲିଆ ଟୁର। ଏଥିପୂର୍ବରୁ ସେ ଅଷ୍ଟ୍ରେଲିଆ ମାଟିରେ ଖେଳିଥିବା ୧୫ ଟେଷ୍ଟରେ ଶତକ ହାସଲ କରିବାରେ ବିଫଳ ହୋଇଥିଲେ।

# ଓଭାଲ୍ ଇନ୍‌ଭିନ୍‌ସିବଲ୍‌ସର ନୂଆ ନାଁ 'ଏମ୍‌ଆଇ ଲଣ୍ଡନ'



ମୁମ୍ବାଇ, ୪।୧୨

### 'ଦି ହଣ୍ଡ୍ରେଡ୍'ରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରବେଶ

ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ଏକ ସହାୟକ କମ୍ପାନୀ ରିଲାଏନ୍ସ ଷ୍ଟ୍ରାଟେଜିକ୍ ବିଜ୍‌ନେସ୍ ଭେଞ୍ଚର୍ସ ଲିମିଟେଡ୍ ଏବଂ ସରେ କାଉଣ୍ଟି କ୍ରିକେଟ୍ କ୍ଲବ୍ ପକ୍ଷରୁ ଦି ହଣ୍ଡ୍ରେଡ୍ ଲୋକପ୍ରିୟ ଫ୍ରାଞ୍ଚାଇଜ୍ ଓଭାଲ୍ ଇନଭିନ୍ସିବଲ୍‌ସରେ ଏକ ସହଭାଗିତା ଘୋଷଣା କରାଯାଇଛି। ଏହି ସହଭାଗିତା ଅନୁଯାୟୀ, ସରେକୁ ୫୧ ପ୍ରତିଶତ ଅଂଶଧନ ଏବଂ ରିଲାଏନ୍ସକୁ ୪୯ ପ୍ରତିଶତ ଅଂଶଧନ ମିଳିଛି। ୨୦୨୬ରୁ ପୁରୁଷ ଏବଂ ମହିଳା ଉଭୟ ଦଳ 'ଏମ୍‌ଆଇ ଲଣ୍ଡନ' ନାମରେ ଖେଳିବେ। ଦି ହଣ୍ଡ୍ରେଡ୍ ଇତିହାସରେ ଓଭାଲ୍ ଇନଭିନ୍ସିବଲ୍ସ ସବୁଠାରୁ ସଫଳ ଦଳ, ଯାହା ୫ ବର୍ଷ ମଧ୍ୟରେ ରେକର୍ଡ ୫ଟି ଟାଇଟଲ ଜିତିଛି। ଏହି ଦଳରେ ସାମ୍ ଓ ଟମ୍ କରନ୍, ୱିଲ୍ ଜାକ୍ସ ଏବଂ ଆଲିସ୍ କ୍ୟାପ୍ସିଙ୍କ ପରି ଘରୋଇ ତାରକାଙ୍କ ସହିତ ରଶିଦ୍ ଖାଁ, ଆଡାମ ଜାମ୍ପା ଏବଂ ମାରିଜାନ୍ କାପ୍‌ଙ୍କ ଭଳି ଅଭିଜ୍ଞ ଖେଳାଳି ସାମିଲ ରହିଛନ୍ତି। ଦି ହଣ୍ଡ୍ରେଡ୍ ବ୍ରିଟେନର ଏକ ପ୍ରଫେଶନାଲ କ୍ରିକେଟ୍ ଲିଗ୍ ଯାହା ବିଶ୍ୱରେ ୧୦୦-ବଲ୍ ବିଶିଷ୍ଟ ଏକମାତ୍ର ଫର୍ମାଟ। ପ୍ରତିବର୍ଷ ଜୁଲାଇ-ଅଗଷ୍ଟରେ ଇଂଲଣ୍ଡ ଆଣ୍ଡ ୱେଲ୍ସ କ୍ରିକେଟ୍ ବୋର୍ଡ (ଇସିବି) ଏହି ଟୁର୍ନାମେଣ୍ଟ ଆୟୋଜନ କରି ଆସୁଛି। ଏହି ଲିଗରେ ମୋଟ ଆଠଟି ଦଳ ଖେଳନ୍ତି।

ମୁମ୍ବାଇ ଇଣ୍ଡିଆନ୍ସ ପରିବାରରେ ଏହି ନୂତନ ଦଳ ଯୋଡ଼ି ହେବା ସହିତ ଏହି ଫ୍ରାଞ୍ଚାଇଜର ବର୍ତ୍ତମାନ ପାଞ୍ଚଟି ଦେଶରେ ସାତଟି ଦଳ ଅଛି। ଗତ ୧୭ ବର୍ଷ ମଧ୍ୟରେ ଏମ୍‌ଆଇ ଫ୍ରାଞ୍ଚାଇଜ୍ ବିଶ୍ୱବ୍ୟାପୀ ୧୩ଟି ଲିଗ୍ ଟାଇଟଲ୍ ଜିତିଛି, ଯେଉଁଥିରେ ୫ ଆଇପିଏଲ, ୨ ମହିଳା ପ୍ରିମିୟର ଲିଗ୍ ଟାଇଟଲ୍, ୨ ମେଜର୍ ଲିଗ୍ କ୍ରିକେଟ୍, ୨ ଚାମ୍ପିୟନ୍ସ ଲିଗ୍ ଟି୨୦ ଏବଂ ଆଇଏଲ ଟି୨୦ (ଏମ୍‌ଆଇ ଏମିରେଟସ, ୨୦୨୪) ଏବଂ ଏସଏ୨୦ (ଏମ୍‌ଆଇ କେପ୍ ଟାଉନ୍, ୨୦୨୫)ରେ ଗୋଟିଏ ଲେଖାଏ ଟାଇଟଲ୍ ଅନ୍ତର୍ଭୁକ୍ତ। ଏମ୍‌ଆଇର ପ୍ରଭାବଶାଳୀ ଟ୍ରାକ୍ ରେକର୍ଡ ଏହାକୁ ବିଶ୍ୱ ଟି୨୦ କ୍ରିକେଟରେ ସବୁଠାରୁ ସଫଳ ଫ୍ରାଞ୍ଚାଇଜ୍ କରିଛି। ମୁମ୍ବାଇ ଇଣ୍ଡିଆନ୍ସର ଏହି ପଦକ୍ଷେପ ନେଇ ନୀତା ଏମ୍. ଅମ୍ବାନୀ କହିଛନ୍ତି, ଆମେ ୱାନ ଫ୍ୟାମିଲିରେ 'ଏମ୍‌ଆଇ ଲଣ୍ଡନ'କୁ ସ୍ୱାଗତ କରି ବେଶ୍ ଆନନ୍ଦିତ। କ୍ରିକେଟରେ ଲଣ୍ଡନର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି ଏବଂ ଆମେ ଏହାର ପ୍ରସିଦ୍ଧ ଐତିହ୍ୟର ଏକ ଅଂଶ ହୋଇପାରିଥିବାରୁ ଗର୍ବିତ ଅନୁଭବ କରୁଛୁ।

# ଓଡ଼ିଶାର ରୋମାଞ୍ଚକ ବିଜୟ

ଭୁବନେଶ୍ୱର,୪।୧୨(ଅନାଦି କର)

### ସୟଦ ମୁସ୍ତାକ ଅଲୀ ଟି୨୦

ସୌମ୍ୟ ରଞ୍ଜନ ଲେଙ୍କାଙ୍କ ଅଲରାଉଣ୍ଡ ପ୍ରଦର୍ଶନ ବଳରେ ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୧ ରନରେ ରେଲୱେକୁ ପରାସ୍ତ କରି ଏକ ରୋମାଞ୍ଚକ ବିଜୟ ହାସଲ କରିଛି। ସୌମ୍ୟଙ୍କ ଅପରାଜିତ ୭୫ ରନର ବିସ୍ଫୋରକ ପାଳି ବଳରେ ଓଡ଼ିଶା ଦ୍ୱାରା ଧାର୍ଯ୍ୟ ୧୭୦ ରନର ବିଜୟ ଲକ୍ଷ୍ୟକୁ ପିଛା କରି ରେଲୱେ ଅନ୍ତିମ ବଲରେ ୧୬୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଚଳିତ ଟୁର୍ନାମେଣ୍ଟରେ ଏହା ଓଡ଼ିଶାର ଲଗାତର ଦ୍ୱିତୀୟ ବିଜୟ। ହ୍ୟାଟ୍ରିକ ପରାଜୟ ସହ ଅଭିଯାନ ଆରମ୍ଭ କରିଥିବା ଓଡ଼ିଶା ଏବେ ଏଲିଟ୍ ଗ୍ରୁପ୍-ଏ'ରେ ୫ ମ୍ୟାଚ୍‌ରେ ୮ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଛି। ଅଲରାଉଣ୍ଡ ପ୍ରଦର୍ଶନ ଓ ଅନ୍ତିମ ଓଭରରେ ଚମତ୍କାର ବୋଲିଂ ପ୍ରଦର୍ଶନ କରି ଓଡ଼ିଶାକୁ ଜିତାଇବା ପାଇଁ ସୌମ୍ୟ ରଞ୍ଜନ ଲେଙ୍କାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି।

ଲକ୍ଷ୍ନୌର ଭାରତରତ୍ନ ଶ୍ରୀ ଅଟଳ ବିହାରୀ ବାଜପେୟୀ ଷ୍ଟାଡିୟମରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଆରମ୍ଭରୁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୬.୧ ଓଭରରେ ୩୮ ରନରେ ୪ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ସାଙ୍ଘାତିକ ପରିସ୍ଥିତିରେ ସୌମ୍ୟ ଓ ଆଶୀର୍ବାଦ ସ୍ୱାଇଁ ପଞ୍ଚମ ଉଇକେଟରେ ୧୨ ଓଭରରେ ଦ୍ରୁତ ୧୦୫ ରନ ଯୋଡ଼ିଥିଲେ। ଅର୍ଦ୍ଧଶତକ ନିକଟରେ ଥିବା ଆଶୀର୍ବାଦ (୪୮ ରନ, ୧ ଚୌକା ଓ ୨ ଛକା) ଆଉଟ୍ ହୋଇଥିଲେ। ଏହାପରେ ସୌମ୍ୟ ଏକାକୀ ଦଳୀୟ ସ୍କୋରକୁ ୧୬୯/୫ରେ ପହଞ୍ଚାଇଥିଲେ। ସୌମ୍ୟ ୪୦ ବଲରେ ଅପରାଜିତ ୭୫ ରନର ପାଳି ଖେଳିଥିଲେ। ତାଙ୍କ ଇନିଂସରେ ୩ ଚୌକା ଓ ୬ ଛକା ସାମିଲ ଥିଲା। ତାଙ୍କ ସହିତ ପ୍ରୟାଶ ସିଂ ୮ ରନ କରି ଅପରାଜିତ ଥିଲେ। ଜବାବରେ ରେଲୱେ ମଧ୍ୟ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୩୭ ରନରେ ୩ ଉଇକେଟ ହରାଇଥିଲା। ଏହାପରେ ଅକ୍ଷତ ପାଣ୍ଡେ (୬୦ ରନ, ୫ ଚୌକା ଓ ୪ ଛକା) ଓ ସୁରଜ ଆହୁଜା (୩୯ ରନ, ୫ ଚୌକା ଓ ୧ ଛକା) ଦଳୀୟ ସ୍ଥିତିରେ ସୁଧାର ଆଣିଥିଲେ। ଦଳ ଏକଦା ୧୫ ଓଭରରେ ୪ ଉଇକେଟ ହରାଇ ୧୨୫ ରନ କରି ସୁରକ୍ଷିତ ସ୍ଥାନରେ ଥିଲା। ଫଳରେ ଅନ୍ତିମ ୫ ଓଭରରେ ଦଳକୁ ଜିତିବା ପାଇଁ ୪୫ ରନ ଦରକାର ଥିବାବେଳେ ଦଳ ହାତରେ ୬ ଉଇକେଟ ରହିଥିଲା। ହେଲେ ଏହିଠାରୁ ଦଳ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଏଥିଯୋଗୁ ରେଲୱେ ଅନ୍ତିମ ଓଭରର ଅନ୍ତିମ ବଲରେ ୧୬୮ ରନରେ ଅଲଆଉଟ୍ ହୋଇଯାଇଥିଲା। ଓଡ଼ିଶା ପାଇଁ ଶେଷ ଓଭରରେ ମିଡିୟମ ପେସର ସୌମ୍ୟ ୨ ଉଇକେଟ ନେବା ସହ ଏକ ରନ ଆଉଟ୍ କରିଥିଲେ। ଓଡ଼ିଶା ପକ୍ଷରୁ ସୌମ୍ୟ ୩ ଉଇକେଟ ନେଇଥିବା ବେଳେ ରାଜେଶ ମହାନ୍ତି ଓ ପ୍ରୟାଶ ସିଂ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା: ୨୦ ଓଭରରେ ୧୬୯/୫(ସୌମ୍ୟ ରଞ୍ଜନ ଲେଙ୍କା-୭୫*, ଆଶୀର୍ବାଦ ସ୍ୱାଇଁ-୪୮, କୁନାଲ ଯାଦବ-୨/୩୬, କର୍ଣ୍ଣ ଶର୍ମା-୧/୨୨)। ରେଲୱେ: ୨୦ ଓଭରରେ ୧୬୮/ଅଲଆଉଟ୍ (ଅକ୍ଷତ ଆର ପାଣ୍ଡେ-୬୦, ସୁରଜ ଆହୁଜା-୩୯, ସୌମ୍ୟ ରଞ୍ଜନ ଲେଙ୍କା-୩/୫୦, ରାଜେଶ ମହାନ୍ତି-୨/୨୨, ପ୍ରୟାଶ ସିଂ-୨/୨୯)।

# ଆଗୁଆ ଆସିବେ ହାର୍ଦ୍ଦିକ

ଭୁବନେଶ୍ୱର,୪।୧୨(ଅନାଦି କର)

ଆସନ୍ତା ୯ ତାରିଖରେ କଟକର ଐତିହାସିକ ବାରବାଟୀ ଷ୍ଟାଡିୟମରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ ମ୍ୟାଚ୍ ଖେଳାଯିବ। ଏଥିଲାଗି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ବୃଦ୍ଧି ପାଉଥିବା ବେଳେ ଷ୍ଟାଡିୟମଠାରୁ ଆରମ୍ଭ କରି ଦଳୀୟ ହୋଟେଲ ପର୍ଯ୍ୟନ୍ତ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଚଳିତ ଦିନିକିଆ ସିରିଜ୍‌ର ଅଂଶ ନ ଥିବା ଭାରତୀୟ ଖେଳାଳିମାନେ ଶୁକ୍ରବାର ଭୁବନେଶ୍ୱରରେ ପହଞ୍ଚିବେ ବୋଲି ସୂଚନା ମିଳିଛି। ପ୍ରିମିୟର ହ୍ୱାଇଟ-ବଲ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଆଗୁଆ ଭୁବନେଶ୍ୱରରେ ପହଞ୍ଚିପାରନ୍ତି। ବିସିସିଆଇ ସିଓଇରୁ କ୍ଲିଅରାନ୍ସ ପାଇବା ପରେ ପାଣ୍ଡ୍ୟା ବରୋଦା ପାଇଁ ପଞ୍ଜାବ ଓ ଗୁଜରାଟ ବିପକ୍ଷ ସୟଦ ମୁସ୍ତାକ ଅଲୀ ଟି୨୦ ମ୍ୟାଚ୍‌ରେ ଖେଳିଥିଲେ। ଆସନ୍ତା ୬ ତାରିଖ ତଥା ଶନିବାର ହରିୟାଣା ବିପକ୍ଷ ମ୍ୟାଚ୍‌ରେ ମଧ୍ୟ ତାଙ୍କର ଖେଳିବାର ଯୋଜନା ଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବା ଜଣାପଡ଼ିଛି।

# ଭାରତ ଆଜି ବେଲଜିୟମକୁ ଭେଟିବ

ଚେନ୍ନାଇ, ୪।୧୨ (ପି.ଟି.)

ଚଳିତ ଏଫ୍‌ଆଇଏଚ୍ ପୁରୁଷ ଜୁନିୟର ହକି ବିଶ୍ୱକପ୍‌ର କ୍ୱାର୍ଟରଫାଇନାଲରେ ଭାରତ ଶୁକ୍ରବାର ବେଲଜିୟମକୁ ଭେଟିବ। ପୁଲ୍ ପର୍ଯ୍ୟାୟରେ ଭାରତର ଅଭିଯାନ ସହଜ ଥିଲା। ବେଲଜିୟମ ବିପକ୍ଷ ମ୍ୟାଚରେ ଭାରତର ପ୍ରକୃତ ଶକ୍ତି ପରୀକ୍ଷା ହେବ। ଚିଲି, ଓମାନ ଓ ସୁଇଜରଲାଣ୍ଡ ସହ ପୁଲ୍ 'ବି'ରେ ସ୍ଥାନ ପାଇଥିବା ଭାରତ ମୋଟ ୨୯ଟି ଗୋଲ ସ୍କୋର କରିଥିବା ବେଳେ ଗୋଟିଏ ହେଲେ ଗୋଲ୍ ବରଣ କରିନ ଥିଲା। ଟୁର୍ନାମେଣ୍ଟରେ ଭାଗ ନେଇଥିବା ୨୪ଟି ଦଳ ମଧ୍ୟରେ ଭାରତର ଷ୍ଟ୍ରାଇକ୍ ସର୍ବଶ୍ରେଷ୍ଠ ରହିଥିଲା। କିନ୍ତୁ ପି.ଆର୍. ଶ୍ରୀଜେସଙ୍କଠାରୁ ଟ୍ରେନିଂ ନେଉଥିବା ଦଳ ଭଲରୂପେ ଜାଣିଛି ପୁଲ୍ ପର୍ଯ୍ୟାୟରେ ଦୁର୍ବଳ ଦଳ ବିପକ୍ଷରେ ବିଜୟ ହାସଲ କରିଛି। ଟୁର୍ନାମେଣ୍ଟର ଶେଷ ଭାଗରେ ଏହାକୁ ଶକ୍ତିଶାଳୀ ଦଳଗୁଡ଼ିକ ସହ ମୁକାବିଲା କରିବାକୁ ପଡ଼ିବ। ଭାରତ ଗତଥର ୨୦୧୬ରେ ଲକ୍ଷ୍ନୌଠାରେ ଟାଇଟଲ ବିଜୟୀ ହୋଇଥିଲା। ଦଳ ୯ ବର୍ଷ ପରେ ପୁଣି ଟାଇଟଲ ହାସଲ କରିବା ଲକ୍ଷ୍ୟରେ ରହିଛି। ପୁଲ୍ ପର୍ଯ୍ୟାୟରେ ଭାରତ ୧୮ଟି ଫିଲ୍ଡ ଗୋଲ୍ ସ୍କୋର କରିଛି। ୯ଟି ଗୋଲ ପେନାଲ୍ଟି କର୍ଣ୍ଣର ଏବଂ ଦୁଇଟି ପେନାଲ୍ଟି ଷ୍ଟ୍ରୋକ୍ ଜରିଆରେ ସ୍କୋର ହୋଇଛି। ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ଭାରତ ଦୁର୍ବଳ ଥିବା ଅନୁଭବ କରାଯାଇଛି। ଗତ ମ୍ୟାଚରେ ଶିଳାନନ୍ଦ ଲାକ୍ରା ଯଦିଓ ଦୁଇଟିରେ ସଫଳ ହୋଇଛନ୍ତି, ଆଗାମୀ ମ୍ୟାଚଗୁଡ଼ିକରେ ଅଧିନାୟକ ରୋହିତ ଓ ଅନମୋଲ ଏକ୍କାଙ୍କଠାରୁ ଭାରତ ଭଲ ପ୍ରଦର୍ଶନ ଆଶା କରୁଛି। ପୁଲ୍ ପର୍ଯ୍ୟାୟରେ ଭାରତ ତରଫରୁ ଗୋଲ ସ୍କୋର କରିଥିବା ଖେଳାଳିମାନେ ହେଲେ ଧୀରଜ ସିଂ (୬ ଗୋଲ୍), ମନମିତ୍ (୫), ଅର୍ଶଦୀପ ସିଂ (୪), ଅଜିତ ଯାଦବ ଓ ଗୁରଜୋତ୍ ସିଂ (୨)। ରୋସନ କୁଜୁର, ଆଡ୍ରୋଇ ଏକ୍କା, ଅଙ୍କିତ ପାଲ୍ ଓ ଇଙ୍ଗାଲେମ୍ବା ଲୁୱାଙ୍ଗ ଥୋନାଓଜାମ ପ୍ରମୁଖ ମିଡ୍ ଫିଲ୍ଡରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି। ମାତ୍ର କ୍ୱାଲିଟି ପ୍ରତିପକ୍ଷ ଦଳ ବିପକ୍ଷରେ ସେମାନଙ୍କ ପ୍ରଦର୍ଶନ କିପରି ରହୁଛି ତାହା ଲକ୍ଷ୍ୟ କରିବାର କଥା। ଅନ୍ୟପକ୍ଷରେ ବେଲଜିୟମ ଦ୍ୱିତୀୟ ଶ୍ରେଷ୍ଠ ରନରଅପ୍ ଦଳ ଭାବେ ସେମାନଙ୍କ ଦଳରେ ଦୁଇଟି ବିଜୟ ସହ ଟପ୍‌ର ସ୍ପେନ ପଛକୁ ଦ୍ୱିତୀୟ ସ୍ଥାନ ଅଧିକାର କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛି। ପୁଲ୍ ପର୍ଯ୍ୟାୟରେ ଦଳ ୧୧ ଫିଲ୍ଡ ଗୋଲ୍ ଓ ସମାନ ସଂଖ୍ୟକ ପେନାଲ୍ଟି କର୍ଣ୍ଣର ଗୋଲ୍ ସମେତ ମୋଟ ୨୨ଟି ଗୋଲ୍ ସ୍କୋର କରିଛି। ଜୁନିୟର ବିଶ୍ୱକପ୍ ଏକ ସହଜ ପ୍ଲାଟଫର୍ମ ନୁହେଁ। ଏଥିରେ କୌଣସି ଦଳକୁ ସହଜ ମନେ କରିହେବ ନାହିଁ। ବର୍ତ୍ତମାନଠାରୁ ପ୍ରକୃତ ଖେଳ ଆରମ୍ଭ ହେବ। ସାମାନ୍ୟ ତ୍ରୁଟି ପାଇଁ ବହୁମୂଲ୍ୟ ଦେବାକୁ ପଡ଼ିପାରେ ବୋଲି ମୁଖ୍ୟ କୋଚ୍ ଶ୍ରୀଜେସ ପ୍ରକାଶ କରିଛନ୍ତି।

# ନାଗେଶ ଟ୍ରଫି: ସୁପର-୮ରେ ଓଡ଼ିଶା



ପ୍ଲେୟର ଅଫ୍ ଦି ମ୍ୟାଚ୍ ଧନପତି ଗୌଡ଼ଙ୍କୁ ପୁରସ୍କୃତ କରାଯାଉଛି।

ଭୁବନେଶ୍ୱର,୪।୧୨ (ଅନାଦି କର)

ମଧ୍ୟପ୍ରଦେଶର ଜବଲପୁରଠାରେ ଚାଲିଥିବା ଦୃଷ୍ଟି ବାଧିତ ପୁରୁଷ ଜାତୀୟ ଟି୨୦ ନାଗେଶ ଟ୍ରଫିରେ ଗୁରୁବାର ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଶା ୬ ଉଇକେଟରେ ବିହାରକୁ ପରାସ୍ତ କରିଛି। ବିହାର ଦ୍ୱାରା ପ୍ରଦତ୍ତ ୧୫୨ ରନର ଟାର୍ଗେଟକୁ ଓଡ଼ିଶା ୧୧.୪ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଓଡ଼ିଶା ପକ୍ଷରୁ ଧନପତି ଗୌଡ଼ ୩୦ ବଲରେ ବିସ୍ଫୋରକ ୫୫ ରନର ପାଳି ଖେଳିଥିଲେ। ତାଙ୍କୁ ଲାଲପ୍ରସାଦ ସୋରେନ ଓ ଅଞ୍ଜନ ସିଂ ସହଯୋଗ ପ୍ରଦାନ କରିଥିଲେ। ବିସ୍ଫୋରକ ପାଳି ଖେଳିଥିବା ଧନପତି ଗୌଡ଼ଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଏହି ବିଜୟ ସହ ଓଡ଼ିଶା ଗ୍ରୁପ୍-ଡି'ରେ ସମସ୍ତ ମ୍ୟାଚ୍ ଜିତି ସୁପର-୮ ପର୍ଯ୍ୟାୟରେ ପ୍ରବେଶ କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ହରିୟାଣା ୮ ଉଇକେଟରେ ମଧ୍ୟପ୍ରଦେଶକୁ ପରାସ୍ତ କରିଛି। ମଧ୍ୟପ୍ରଦେଶ ପକ୍ଷରୁ ଦିଆଯାଇଥିବା ୧୩୮ ରନର ଟାର୍ଗେଟକୁ ହରିୟାଣା ୧୨.୫ ଓଭରରେ ୨ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଜୟୀ ଦଳ ପାଇଁ ଅଧିନାୟକ ଦୀପକ ମଲିକ ୨୬ ବଲରେ ଅପରାଜିତ ୪୦ ଓ ଚନ୍ଦନ ଠାକୁର ୨୮ ରନ କରିଥିଲେ।

# ସେମିରେ ତନ୍‌ଭୀ, ସାତି-ନିମିଶା

ଭୁବନେଶ୍ୱର, ୪।୧୨(ବିଜୟ ରଣା)




ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

### ଜାତୀୟ ସବ୍ ଜୁନିୟର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ପରିସରସ୍ଥିତ ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଉତ୍କର୍ଷ କେନ୍ଦ୍ର (ସଟଲ)ରେ ଆୟୋଜିତ ୩୭ତମ ଜାତୀୟ ସବ୍‌ଜୁନିୟର ବ୍ୟାଡ୍‌ମିଣ୍ଟନ ଚମ୍ପିୟନଶିପ୍‌ର ଚତୁର୍ଥ ଦିବସରେ ଉଭୟ ବୟସ ବର୍ଗରେ ସମସ୍ତ ବିଭାଗର ସେମିଫାଇନାଲ ଲାଇନ ବୃତ୍ତାନ୍ତ ହୋଇଯାଇଛି। ଓଡ଼ିଆ ଖେଳାଳି ତନ୍‌ଭୀ ପତ୍ରୀ ୧୫ବର୍ଷରୁ କମ୍ ବୟସ ବର୍ଗର କ୍ୱାର୍ଟର ଫାଇନାଲରେ ଉତ୍ତରପ୍ରଦେଶର ଅଗ୍ରୀମା ସିଂଙ୍କୁ ୨୧-୧୪, ୨୧-୧୪ଗେମ୍‌ରେ ପରାଜିତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଏହି ବୟସ ବର୍ଗରେ ତେଲଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ହାମସିନୀ ଚନ୍ଦରମ ଓ ପଞ୍ଜାବର ଇନାୟତ ଗୁଲାଟି ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

୧୫ବର୍ଷରୁ କମ୍ ବାଳକ ବିଭାଗ କ୍ୱାର୍ଟରଫାଇନାଲରେ ତେଲଙ୍ଗାନାର ଶ୍ରୀଚେତନ ସାମଲା ଟପ୍ ସିଡ ପଞ୍ଜାବର ୱାଜିର ସିଂଙ୍କୁ ୨୧-୧୯,୨୧-୨୩,୨୧-୧୮ ରେ ହରାଇ ସେମିଫାଇନାଲ ପହଞ୍ଚିଛନ୍ତି। ଏହି ବିଭାଗରେ କର୍ଣ୍ଣାଟକର ପୁଷ୍କର ସାଇ, ଦିଲ୍ଲୀର ହର୍ଷିତ ଖତ୍ରୀ ଓ ରାଜସ୍ଥାନର ଅଂଶୁମାନ ଚୌଧୁରୀ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୫ବର୍ଷରୁ କମ ବାଳିକା ଡବଲ୍ସରେ ଓଡ଼ିଆ ଯୋଡ଼ି ସାତୀ ନାୟକ ଓ ନିମିଶା ଓଝା ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀ କର୍ଣ୍ଣାଟକର ଶ୍ରେୟା କାନ୍ଦିବିଲ୍ଲା ଓ ଶ୍ରୀନାଗଲକ୍ଷ୍ମୀ ପି.ଙ୍କୁ ୨୨-୨୦,୧୪-୨୧,୨୧-୧୧ରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ବିଭାଗର ଅନ୍ୟ ଏକ କ୍ୱାର୍ଟରଫାଇନାଲରେ ତାମିଲନାଡୁ ଯୋଡି ନୟୋନିକା ଏ. ଏବଂ ଧନ୍ୟା ଏସ. ଜେ. ଆନ୍ଧ୍ର-ହରିୟାଣା ଯୋଡି ତ୍ରିସିଆ ଓ ଜୋଏଲ ରାଣାଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୭ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସ ବିଭାଗରେ ତନ୍‌ଭୀ ପତ୍ରୀ ନିଜ ପ୍ରତିଦ୍ୱନ୍ଦ୍ୱୀ କେରଳର ହିଆ ମାରିଆ ଜୋସଙ୍କୁ ୨୧-୧୫,୨୧-୧୨ରେ ପରାସ୍ତ କରିଛନ୍ତି। ଏହି ବିଭାଗର ଅନ୍ୟ କ୍ୱାର୍ଟର ଫାଇନାଲରେ ତାମିଲନାଡୁର ଦୀକ୍ଷା ଏସ. ଆର, ଦିଲ୍ଲୀର ରକ୍ଷିକା ନନ୍ଦୀ ନିଜ ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ୧୭ ବର୍ଷ କମ ବାଳକ ବିଭାଗରେ ଟପ୍ ସିଡ ଜଗସେର ସିଂ ଖାଙ୍ଗୁରା କର୍ଣ୍ଣାଟକର ପ୍ରଣବ ଏମ୍‌ଙ୍କୁ ୨୧-୧୪,୨୧-୧୭ ହରାଇ ଦେଇଛନ୍ତି। ଏହି ବିଭାଗରେ ଆସାମର ବର୍ନିଲ ଆକାଶ ଚେଙ୍ଗମାଇ, ପଞ୍ଜାବର ବିରାଜ ଶର୍ମା, ମହାରାଷ୍ଟ୍ରର ଦେବ ରୂପରେଲିଆ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଶୁକ୍ରବାର ତାରିଖ ଦିନ ସମସ୍ତ ବିଭାଗର ସେମିଫାଇନାଲ ଏବଂ ଶନିବାର ଏହି ଜାତୀୟ ଚମ୍ପିୟାନଶିପର ସମସ୍ତ ଫାଇନାଲ ଖେଳ ଅନୁଷ୍ଠିତ ହେବ ବୋଲି ଓସବା ତଥା ଆୟୋଜନ କମିଟି ସମ୍ପାଦକ ନିଲିନ କୁମାର ସୂଚନା ଦେଇଛନ୍ତି।

# ବାରବାଟୀରେ ଟି୨୦



ଫଟୋ: ରାଜକିଶୋର ମହାନ୍ତି

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ୫ ମ୍ୟାଚ ବିଶିଷ୍ଟ ସିରିଜର ପ୍ରଥମ ଟି୨୦ ଆସନ୍ତା ୯ ତାରିଖରେ କଟକର ବାରବାଟୀ ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହା ପୂର୍ବରୁ ଏପର୍ଯ୍ୟନ୍ତ ବାରବାଟୀରେ ଅନୁଷ୍ଠିତ ଟି୨୦ ମ୍ୟାଚ ଗୁଡ଼ିକର ଇତିହାସ ଓ ରେକର୍ଡକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ପ୍ରସ୍ତୁତି: ତପନ କୁମାର ସ୍ୱାଇଁ

କଟକର ଐତିହାସିକ ବାରବାଟୀ ଷ୍ଟାଡିୟମ ଏବେ ଚଳଚଞ୍ଚଳ। ଭାରତ, ଦକ୍ଷିଣ ଆଫ୍ରିକା ମଧ୍ୟରେ ଆସନ୍ତା ୯ ତାରିଖରେ ଏଠାରେ ଅନୁଷ୍ଠିତ ହେବ ୫ ମ୍ୟାଚ ବିଶିଷ୍ଟ ଟି୨୦ ସିରିଜର ପ୍ରଥମ ମ୍ୟାଚ। ତେଣୁ ଦେଶ ବିଦେଶର କ୍ରିକେଟପ୍ରେମୀଙ୍କ ନଜର ରହିଛି ଏହି ଷ୍ଟାଡିୟମ ଉପରେ। ଦକ୍ଷିଣ ଆଫ୍ରିକା ଏବେ ଜବରଦସ୍ତ ଫର୍ମରେ ରହିଛି। ଭାରତ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ଟେଷ୍ଟରେ ଦମ୍‌ଦାର ପ୍ରଦର୍ଶନ କରି ସିରିଜ ସୁଇପ୍ କରିଛି। ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜର ପ୍ରଥମ ମ୍ୟାଚରେ ପରାଜିତ ହୋଇଥିଲେ ହେଁ ଶେଷ ପର୍ଯ୍ୟନ୍ତ ଲଢ଼େଇ କରି ଭାରତୀୟ କ୍ରିକେଟ ପ୍ରେମୀଙ୍କ ହୃତ୍‌ସ୍ପନ୍ଦନ ବଢ଼ାଇଥିଲା। ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ବିଜୟ ଲକ୍ଷ୍ୟ ମଧ୍ୟ କମ୍ ମନେ ହୋଇଥିଲା। ତେଣୁ ଆଗାମୀ ଟି୨୦ ସିରିଜ ମଧ୍ୟ ବେଶ୍ ସଂଘର୍ଷପୂର୍ଣ୍ଣ ଏବଂ ରୋମାଞ୍ଚଭରା ରହିବ ବୋଲି ଆଶା କରାଯାଉଛି। ସବୁ ସିରିଜର ପ୍ରଥମ ମ୍ୟାଚ ଅନେକ ଗୁରୁତ୍ୱ ବହନ କରିଥାଏ। ସେ ଦୃଷ୍ଟିରୁ ବାରବାଟୀ ଟି୨୦ରେ ଉଭୟ ଦଳ ବିଜୟ ଲକ୍ଷ୍ୟରେ ରହିବେ ନିଶ୍ଚିତ। ଏହି ପରିପ୍ରେକ୍ଷୀରେ ବାରବାଟୀରେ ପୂର୍ବରୁ ଅନୁଷ୍ଠିତ ଟି୨୦ ଅନ୍ତର୍ଜାତୀୟ ମ୍ୟାଚକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା...

ରେକର୍ଡ ଦେଖିଲେ ବାରବାଟୀରେ ଏପର୍ଯ୍ୟନ୍ତ ମୋଟ ୩ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଅନୁଷ୍ଠିତ ହୋଇଛି। ସଂଯୋଗବଶତଃ ଦକ୍ଷିଣ ଆଫ୍ରିକା ହିଁ ସବୁଠାରୁ ଅଧିକ ଅର୍ଥାତ୍ ୨ଟି ମ୍ୟାଚ ଖେଳି ସାରିଛି। ବାରବାଟୀ ଦକ୍ଷିଣ ଆଫ୍ରିକା ପାଇଁ ଲକି ଗ୍ରାଉଣ୍ଡ ସାବ୍ୟସ୍ତ ହୋଇଛି। କାରଣ ଏଠାରେ ଭ୍ରମଣକାରୀ ଦଳ ଖେଳିଥିବା ୨ଟି ଯାକ ମ୍ୟାଚରେ ବିଜୟ ହାସଲ କରିଛି। ଆସନ୍ତା ମ୍ୟାଚରେ ଭାରତ ଏହି ରେକର୍ଡ ଭାଙ୍ଗିବାକୁ ନିଶ୍ଚିତ ଚେଷ୍ଟା କରିବ। ଅନ୍ୟପକ୍ଷରେ ଦକ୍ଷିଣ ଆଫ୍ରିକା ଏଠାରେ ବିଜୟରେ ହ୍ୟାଟ୍ରିକ କରିବା ଲକ୍ଷ୍ୟରେ ରହିବ।


ମ୍ୟାଚରେ ବାଧା ଯୋଗୁ ଅପେକ୍ଷାରତ ଦ.ଆଫ୍ରିକା ଖେଳାଳି


ଭାରତୀୟ ଖେଳାଳିମାନେ ପଡ଼ିଆ ମଝିରେ ବସି ରହିଛନ୍ତି


ପ୍ରଥମ ଟି୨୦: ଦର୍ଶକ ଫିଙ୍ଗିଥିବା ପାଣି ବୋତଲ

## ପ୍ରଥମ ଟି୨୦ (ଭାରତ ବନାମ ଦକ୍ଷିଣ ଆଫ୍ରିକା)

**୨୦୧୫ ଅକ୍ଟୋବର ୫: ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ**

ବାରବାଟୀରେ ଅନୁଷ୍ଠିତ ପ୍ରଥମ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଭାରତ ପାଇଁ ତିକ୍ତତାରେ ଭରି ରହିଥିଲା। ବ୍ୟାଟରଙ୍କ ଅତି ଖରାପ ପ୍ରଦର୍ଶନକୁ ସହଜରେ ହଜମ କରିପାରି ନ ଥିଲେ ବାରବାଟୀ ଦର୍ଶକ। ଫଳରେ ଦ୍ୱିତୀୟ ଇନିଂସରେ ଦକ୍ଷିଣ ଆଫ୍ରିକା ବ୍ୟାଟିଂ ସମୟରେ ବୋତଲ ଫିଙ୍ଗି ମ୍ୟାଚରେ ବାଧା ଉପୁଜାଇବାକୁ ଚେଷ୍ଟା କରିଥିଲେ ଉତ୍ସାହୀ କ୍ରିକେଟପ୍ରେମୀ। ତତ୍କାଳୀନ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ଅନୁରୋଧ ଏବଂ ସୁରକ୍ଷାକର୍ମୀଙ୍କ ହସ୍ତକ୍ଷେପ ଯୋଗୁ ମ୍ୟାଚ ସମ୍ପୂର୍ଣ୍ଣ ହୋଇଥିଲେ ହେଁ ବିଶ୍ୱ ସ୍ତରରେ ନିନ୍ଦିତ ହୋଇଥିଲା ବାରବାଟୀ। ଏଠାରେ ମଧ୍ୟ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଅତ୍ୟନ୍ତ ଖରାପ ପ୍ରଦର୍ଶନ କରି ୧୭.୨ ଓଭରରେ ମାତ୍ର ୯୨ ରନରେ ଅଲ୍‌ଆଉଟ ହୋଇ ଯାଇଥିଲା। ରୋହିତ ଶର୍ମା ଓ ସୁରେଶ ରାଇନା ସର୍ବାଧିକ ୨୨ ରନ ଲେଖାଏ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଆଲ୍‌ବି ମୋର୍କେଲ ୩ଟି, ଇମ୍ରାନ ତାହିର ଓ କ୍ରିସ୍ ମୋରିସ ୨ଟି ଲେଖାଏ ଏବଂ କାଗିଶୋ ରାବାଡ଼ା ଗୋଟିଏ ଉଇକେଟ ନେଇ ଭାରତର ସାଂଘାତିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଦକ୍ଷିଣ ଆଫ୍ରିକା ମଧ୍ୟ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟରେ ପଡ଼ି ୩୯ ରନ ମଧ୍ୟରେ ୩ଟି ଉଇକେଟ ହରାଇଥିଲା। ତେବେ ମିଡିଲ ଅର୍ଡରରେ ଜନ୍-ପଲ୍ ଡୁମିନି ଧୈର୍ଯ୍ୟପୂର୍ଣ୍ଣ ବ୍ୟାଟିଂକରି ୩୦ ରନରେ ଅପରାଜେୟ ରହିବା ସହ ଦକ୍ଷିଣ ଆଫ୍ରିକାକୁ ୬ ଉଇକେଟରେ ବିଜୟୀ କରିଥିଲେ। ଭ୍ରମଣକାରୀ ଦଳ ୧୭.୧ ଓଭରରେ ୪ ଉଇକେଟ ହରାଇ ୯୬ ରନ ସଂଗ୍ରହ କରିଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୩ଟି ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ମୋର୍କେଲ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ମ୍ୟାଚରେ ମୋଟ ୧୮୮ ରନ ସଂଗ୍ରହ ହୋଇଥିଲା, ଯାହାକି ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ ଇତିହାସରେ ସର୍ବନିମ୍ନ ରହିଥିଲା। ଏଠାରେ ବିଜୟ ସହ ୩ ମ୍ୟାଚ ବିଶିଷ୍ଟ ସିରିଜରେ ଦକ୍ଷିଣ ଆଫ୍ରିକା ୨-୦ରେ ଅଗ୍ରଣୀ ହାସଲ କରି ନେଇଥିଲା।

**ଦର୍ଶକ ବିଶୃଙ୍ଖଳା/ବୋତଲ ଫିଙ୍ଗା:** ୧୧ ଓଭରରେ ଦକ୍ଷିଣ ଆଫ୍ରିକା ୩ ଉଇକେଟ ହରାଇ ୬୪ ରନ ସଂଗ୍ରହ କରିଥିବାବେଳେ ଦର୍ଶକମାନେ ଗ୍ୟାଲେରିରୁ ବୋତଲ ଫିଙ୍ଗିବା ଆରମ୍ଭ କରି ଦେଇଥିଲେ। ଫଳରେ ଖେଳାଳିମାନେ ମଝି ପଡ଼ିଆରେ ବସି ରହିଥିଲେ ଏବଂ ଖେଳ ବାଧାପ୍ରାପ୍ତ ହୋଇଥିଲା। ପରେ ୨ ଓଭର ଖେଳ ହୋଇଥିଲା। ୧୩ ଓଭରରେ ଦକ୍ଷିଣ ଆଫ୍ରିକା ସ୍କୋର ୭୦/୩ ଥିବାବେଳେ ପୁଣି ବୋତଲଫିଙ୍ଗା ଆରମ୍ଭ ହୋଇ ଯାଇଥିଲା। ଫଳରେ ଖେଳାଳିମାନେ ଡ୍ରେସିଂ ରୁମ୍‌କୁ ଫେରି ଯାଇଥିଲେ। ଦର୍ଶକ ଷ୍ଟାଣ୍ଡରେ ସୁରକ୍ଷାକର୍ମୀ ମୁତୟନ ପରେ ଖେଳ ସମ୍ପୂର୍ଣ୍ଣ ହୋଇଥିଲା। ୨ଥର ବ୍ରେକ୍‌ରେ ମୋଟ ୫୧ ମିନିଟଧରି ଖେଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ବାରବାଟୀକୁ ପୁଣି ଅନ୍ତର୍ଜାତୀୟ ମ୍ୟାଚ ଫେରିବ କି ନାହିଁ ଏହାକୁ ନେଇ ଆଶଙ୍କା ପ୍ରକାଶ ପାଇଥିଲା।

**ଆଶଙ୍କାର ଅବସାନ:** ଖେଳାଳିଙ୍କ ସୁରକ୍ଷା ଏବଂ ମ୍ୟାଚର ସୁପରିଚାଳନା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲକୁ ସନ୍ତୁଷ୍ଟ କରିପାରିଥିଲା ଓସିଏ। ଫଳରେ ଗୋଟିଏ ବର୍ଷର ବ୍ୟବଧାନ ପରେ ବାରବାଟୀକୁ ପୁଣି ଫେରିଥିଲା ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚ। ଦର୍ଶକ ଷ୍ଟାଣ୍ଡରେ ନେଟ୍ ଲଗାଯିବା ସହ ଦର୍ଶକଙ୍କୁ ପଡ଼ିଆ ମଧ୍ୟକୁ ପାଣି ବୋତଲ ଆଣିବାକୁ ବାରଣ କରାଯାଇଥିଲା। କାଗଜ ଗ୍ଲାସରେ ଦର୍ଶକଙ୍କୁ ପାଣି ଯୋଗାଇ ଦେବାର ବ୍ୟବସ୍ଥା ଓସିଏ ପକ୍ଷରୁ କରାଯାଇଥିଲା। ପ୍ରଥମେ ଏକଦିବସୀୟ ଅନ୍ତର୍ଜାତୀୟ ମ୍ୟାଚ ଆୟୋଜନ ହୋଇଥିଲା। ୨୦୧୭ ଜାନୁଆରୀ ୧୯ରେ ଭାରତ ଓ ଇଂଲଣ୍ଡ ଏଠାରେ ଦିନିକିଆ ସିରିଜର ଦ୍ୱିତୀୟ ମ୍ୟାଚରେ ପରସ୍ପରକୁ ଭେଟିଥିଲେ। ହାଇ ସ୍କୋରିଂ ମ୍ୟାଚରେ ଭାରତ ୫୦ ଓଭରରେ ୬ ଉଇକେଟ ହରାଇ ୩୮୧ ରନ କରିଥିବାବେଳେ ଇଂଲଣ୍ଡ ଇନିଂସ ୩୬୬/୮ରେ ସୀମିତ ରହିଥିଲା। ଭାରତ ୧୫ ରନରେ ବିଜୟ ହାସଲ କରିବା ସହ ବାରବାଟୀ ମଧୁର ସ୍ମୃତି ସହ ପ୍ରତ୍ୟାବର୍ତ୍ତନ କରିଥିଲା।

## ଦ୍ୱିତୀୟ ଟି୨୦ (ଭାରତ ବନାମ ଶ୍ରୀଲଙ୍କା)

**୨୦୧୭ ଡିସେମ୍ବର ୨୦: ଭାରତ ୯୩ ରନରେ ବିଜୟୀ**

୨୦୧୭ ଡିସେମ୍ବର ୨୦ରେ ଏଠାରେ ଅନୁଷ୍ଠିତ ଦ୍ୱିତୀୟ ଟି୨୦ରେ ଭାରତ ୯୩ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ୨୦ ଓଭରରେ ୩ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରିଥିଲା। ଲୋକେଶ ରାହୁଲ ୪୮ ବଲ୍‌ରୁ ୬୧, ମହେନ୍ଦ୍ର ସିଂ ଧୋନୀ ୨୨ ବଲ୍‌ରୁ ୩୯* ଏବଂ ମନୀଷ ପାଣ୍ଡେ ୧୮ ବଲ୍‌ରୁ ୩୨* ରନ ସଂଗ୍ରହ କରି ଭାରତକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇଥିଲେ। ପ୍ରଭାବହୀନ ରହିଥିବା ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଆଞ୍ଜେଲୋ ମାଥ୍ୟୁସ, ଥିସାରା ପେରେରା ଓ ନୁୱାନ ପ୍ରଦୀପ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୮୧ ରନ ବିଜୟ ଲକ୍ଷ୍ୟରେ ଶ୍ରୀଲଙ୍କା ୧୬ ଓଭରରେ ମାତ୍ର ୮୭ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ଉପୁଲ ଥରଙ୍ଗା ସର୍ବାଧିକ ୨୩ ରନ କରିଥିଲେ। ଭାରତୀୟ ବୋଲରଙ୍କ ମଧ୍ୟରେ ଯୁଜବେନ୍ଦ୍ର ଚହଲ ଚମତ୍କାର ବୋଲିଂ କରି ୪ଟି, ହାର୍ଦ୍ଦିକ ପାଣ୍ଡ୍ୟା ୩ଟି, କୁଲଦୀପ ଯାଦବ ୨ଟି ଏବଂ ଜୟଦେବ ଉନାଡକଟ ଗୋଟିଏ ଉଇକେଟ ନେଇଥିଲେ। ଚହଲ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିବାବେଳେ ଏଠାରେ ବିଜୟ ସହ ଭାରତ ୩ ମ୍ୟାଚ ବିଶିଷ୍ଟ ସିରିଜରେ ୧-୦ରେ ଅଗ୍ରଣୀଲାଭ କରିଥିଲା।

## ତୃତୀୟ ଟି୨୦ (ଭାରତ ବନାମ ଦକ୍ଷିଣ ଆଫ୍ରିକା)

**୨୦୨୨ ଜୁନ୍ ୧୨: ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟୀ**

ବାରବାଟୀ ଷ୍ଟାଡିୟମରେ ତୃତୀୟ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ୨୦୨୨ ଜୁନ୍ ୧୨ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତୀୟ ଦଳକୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା। ୫ ମ୍ୟାଚ ବିଶିଷ୍ଟ ସିରିଜର ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ୪ ଉଇକେଟରେ ବିଜୟ ସହ ୨-୦ରେ ସିରିଜ ଅଗ୍ରଣୀଲାଭ କରିଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଏହାର ବୋଲରମାନେ ଚମତ୍କାର ବୋଲିଂ କରି ଭାରତ ଇନିଂସକୁ ୨୦ ଓଭରରେ ୬ ଉଇକେଟରେ ୧୪୮ ରନ ମଧ୍ୟରେ ସୀମିତ ରଖିଥିଲେ। ଭାରତ ପକ୍ଷରୁ ଶ୍ରେୟସ ଆୟର୍ ସର୍ବାଧିକ ୪୦, ଈଶାନ କିଶନ ୩୪ ଓ ଦୀନେଶ କାର୍ତ୍ତିକ ୩୦* ରନ କରିଥିଲେ। ଦକ୍ଷିଣ ଆଫ୍ରିକା ପକ୍ଷରୁ ଏନରିଚ ନର୍ଜେ, କାଗିଶୋ ରାବାଡ଼ା, ୱେନ୍ ପାର୍ନେଲ, ଡ୍ୱାଇନ ପ୍ରିଟୋରିଅସ ଓ କେଶବ ମହାରାଜ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୪୯ ରନର ବିଜୟ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୬ ଉଇକେଟ ହରାଇ ହାସଲ କରି ନେଇଥିଲା। ୪ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିଲେ ମଧ୍ୟ ହେନରିଚ କ୍ଲାସେନ ୪୬ ବଲ୍‌ରୁ ୮୧ ରନ ସଂଗ୍ରହ କରି ମ୍ୟାଚର ହିରୋ ବନି ଯାଇଥିଲେ। ଅଧିନାୟକ ଟେମ୍ବା ବଭୁମା ୩୫ ରନ କରିଥିଲେ। ଭାରତ ପକ୍ଷରୁ ଭୁବନେଶ୍ୱର କୁମାର ମାତ୍ର ୧୩ ରନ ଦେଇ ୪ ଉଇକେଟ ନେଇଥିଲେ ମଧ୍ୟ ଦକ୍ଷିଣ ଆଫ୍ରିକାକୁ ବିଜୟରୁ ରୋକିପାରି ନ ଥିଲେ। ଯେଜୁବେନ୍ଦ୍ର ଚହଲ ଓ ହର୍ଷଲ ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ ଲାଗି କ୍ଲାସେନ ନିର୍ବିବାଦୀୟ ପସନ୍ଦର ଖେଳାଳି ଥିଲେ।


ହେନରିଚ କ୍ଲାସେନ

## ସବୁ ମ୍ୟାଚରେ ଭିନ୍ନ ଅଧିନାୟକ

ରେକର୍ଡ ଦେଖିଲେ ଜଣାଯାଏ ଯେ ଏପର୍ଯ୍ୟନ୍ତ ବାରବାଟୀରେ ଅନୁଷ୍ଠିତ ୩ଟିଯାକ ଟି୨୦ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଭିନ୍ନ ଭିନ୍ନ ଅଧିନାୟକ ଦୁଇ ଦଳର ନେତୃତ୍ୱ ନେଇଛନ୍ତି। ଅର୍ଥାତ୍ କେହି ଜଣେ ହେଲେ ଅଧିନାୟକ ଭାବେ ୨ଟି ମ୍ୟାଚ ଖେଳିନାହାନ୍ତି। ୨୦୧୫ ଅକ୍ଟୋବର ୫ରେ ଅନୁଷ୍ଠିତ ମ୍ୟାଚରେ ମହେନ୍ଦ୍ର ସିଂ ଧୋନୀ ଭାରତ ଓ ଫାଫ୍ ଡୁ ପ୍ଲେସି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ୨୦୧୭ ଡିସେମ୍ବର ୨୦ରେ ଆୟୋଜିତ ମ୍ୟାଚରେ ରୋହିତ ଶର୍ମା ଭାରତ ଓ ଥିସରା ପେରେରା ଶ୍ରୀଲଙ୍କା ଦଳର ଅଧିନାୟକ ଥିଲେ। ୨୦୨୨ ଜୁନ୍ ୧୨ରେ ଅନୁଷ୍ଠିତ ମ୍ୟାଚରେ ରିଷଭ ପନ୍ତ ଭାରତ ଓ ଟେମ୍ବା ବଭୁମା ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେଇଥିଲେ। ଆସନ୍ତା ୯ ତାରିଖରେ ହେବାକୁଥିବା ମ୍ୟାଚରେ ଏଡେନ ମାରକ୍ରମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଟି୨୦ ଦଳର ଖେଳାଳି ତାଲିକା ୩ ତାରିଖରେ ଘୋଷଣା କରାଯାଇଛି।


ଦ୍ୱିତୀୟ ଟି୨୦: ଶ୍ରୀଲଙ୍କା ବିପକ୍ଷରେ ପ୍ଲେୟର ଅଫ୍ ଦି ମ୍ୟାଚ ଯୁଜବେନ୍ଦ୍ର ଚହଲ

## ଟି୨୦ ରେକର୍ଡ୍ସ

**ମୋଟ ମ୍ୟାଚ ୩:** ଭାରତ ୩ ମ୍ୟାଚରୁ ୨ ପରାଜୟ, ୧ ବିଜୟ। ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ୨ ବିଜୟ। ଶ୍ରୀଲଙ୍କା ୧ ମ୍ୟାଚରେ ପରାଜୟ।
**ସର୍ବୋଚ୍ଚ ସ୍କୋର:** ଭାରତ ୧୮୦/୩, ବନାମ ଶ୍ରୀଲଙ୍କା, ୨୦୧୭ ଡିସେମ୍ବର ୨୦।
**ସର୍ବନିମ୍ନ ସ୍କୋର:** ଶ୍ରୀଲଙ୍କା ୮୭/ଅଲ୍‌ଆଉଟ, ବନାମ ଭାରତ, ୨୦୧୭ ଡିସେମ୍ବର ୨୦।
**ସର୍ବାଧିକ ମ୍ୟାଚ ଏଗ୍ରିଗେଟ:** ୨୯୭ ରନ, ଭାରତ ବନାମ ଦକ୍ଷିଣ ଆଫ୍ରିକା, ୨୦୨୨ ଜୁନ ୧୨
**ସର୍ବନିମ୍ନ ମ୍ୟାଚ ଏଗ୍ରିଗେଟ:** ୧୮୮ ରନ, ଭାରତ ବନାମ ଦକ୍ଷିଣ ଆଫ୍ରିକା, ୨୦୧୫ ଅକ୍ଟୋବର ୫।
**ବୃହତ୍ ବ୍ୟବଧାନରେ ବିଜୟ (ରନ ଦୃଷ୍ଟିରୁ):** ଭାରତ ୯୩ ରନରେ ବିଜୟୀ, ବନାମ ଶ୍ରୀଲଙ୍କା, ୨୦୧୭ ଡିସେମ୍ବର ୨୦।
**ବୃହତ୍ ବ୍ୟବଧାନରେ ବିଜୟ (ଉଇକେଟ ଦୃଷ୍ଟିରୁ):** ଦକ୍ଷିଣ ଆଫ୍ରିକା ୬ ଉଇକେଟରେ ବିଜୟୀ, ବନାମ ଭାରତ, ୨୦୧୫ ଅକ୍ଟୋବର ୫।
**ସର୍ବାଧିକ ବ୍ୟକ୍ତିଗତ ରନ:** ୮୧-ହେନରିଚ୍ କ୍ଲାସେନ (ଦକ୍ଷିଣ ଆଫ୍ରିକା) ବନାମ ଭାରତ।
**ଅର୍ଦ୍ଧଶତକ:** ହେନରିଚ କ୍ଲାସେନ-୧ (ଦକ୍ଷିଣ ଆଫ୍ରିକା), ଲୋକେଶ ରାହୁଲ-୧ (ଭାରତ)।
**ସବାଧିକ ଛକା:** ୫-ହେନରିଚ୍ କ୍ଲାସେନ (ଦକ୍ଷିଣ ଆଫ୍ରିକା) ବନାମ ଭାରତ।
**ଇନିଂସରେ ସର୍ବାଧିକ ଷ୍ଟ୍ରାଇକ୍ ହାର:** ୧୭୭.୭୭-ମନୀଷ ପାଣ୍ଡେ, ବନାମ ଶ୍ରୀଲଙ୍କା।
**ସର୍ବାଧିକ ଉଇକେଟ:** ଯୁଜବେନ୍ଦ୍ର ଚହଲ ୨ ମ୍ୟାଚରୁ ୫ ଉଇକେଟ, ୨୦୧୭-୨୦୨୨।
**ଇନିଂସରେ ଶ୍ରେଷ୍ଠ ବୋଲିଂ ଫିଗର:** ଭୁବନେଶ୍ୱର କୁମାର-୪/୧୩, ବନାମ ଦକ୍ଷିଣ ଆଫ୍ରିକା। ଯୁଜବେନ୍ଦ୍ର ଚହଲ-୪/୨୩, ବନାମ ଶ୍ରୀଲଙ୍କା।
**ସର୍ବାଧିକ ଡିସ୍‌ମିଶାଲ:** ୪-ମହେନ୍ଦ୍ର ସିଂ ଧୋନୀ (ଉଇକେଟ କିପର), ୨୦୧୫-୨୦୧୭।
**ସର୍ବାଧିକ କ୍ୟାଚ:** ୨-ଲୋକେଶ ରାହୁଲ (୨୦୧୭), ଭାନ ଡର୍ ଡୁସେନ (୨୦୨୨), ହାର୍ଦ୍ଦିକ ପାଣ୍ଡ୍ୟା (୨୦୧୭-୨୦୨୨)।
**ସର୍ବୋଚ୍ଚ ପାର୍ଟନରଶିପ୍ (ରନ ଦୃଷ୍ଟିରୁ):** ୬୮ (୪ର୍ଥ ଉଇକେଟ), ମନୀଷ ପାଣ୍ଡେ-ମହେନ୍ଦ୍ର ସିଂ ଧୋନୀ ବନାମ ଶ୍ରୀଲଙ୍କା।

## ଫ୍ୟୁଚର

କ୍ଲିନ ସୁଇପ କରି ସାଉଥ ଆଫ୍ରିକା
ଟେଷ୍ଟରେ ମାରିଲା ମାଡ଼
ଚାରିଶହ ଆଠ ରନ ଗ୍ୟାପ୍‌ରେ
ଏ ଡିଫିଟ ହିଷ୍ଟ୍ରି ବଡ଼
ଟିମ୍ ଇଣ୍ଡିଆକୁ ଜାଡ଼
ପଚିଶ ବରଷ ପରେ ଆଫ୍ରିକାର
ଭାରତ ମାଟିରେ ରଡ଼।



ଜିରୋ-ଟୁରେ ଟେଷ୍ଟ ସିରିଜ
ହାରିବାରୁ
ଟିମ୍ ଫ୍ୟୁଚର ଖତ
କୁହେ କୋଚ ଗୌତମ ବିସିସିଆଇର
ହାତେ ମୋର ଭବିଷ୍ୟତ
ପ୍ଲେୟର ଷ୍ଟାଫ ପ୍ରଭାବିତ
ଡବ୍ଲୁଟିସି ତାଲିକାରେ ଏବେ ଟିମ୍
ପାକିସ୍ତାନ ତଳେ ମିତ।

କମ୍ପିଟିଶନରେ ହାର ଜିତ ରହିଛି
ନୁହେଁ ଆତ୍ମସମର୍ପଣ
ଟ୍ରୁପ୍ ସହ ଦେଶ ନାଁ ପଡିଥାଏ
ପଚାର ଯା ଜଣ ଜଣ
ହାର ପଛେ ଥିଲେ ପଣ
ଅଯଥା ଯାଏନି ଫ୍ୟୁଚର କାହାର
ମନୋବଳ ଥିଲେ ଟାଣ।

-ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଡିସେମ୍ବର ୫/୨୦୨୫ Bhubaneswar, Friday, December 5/ 2025

# ଆଜିଠୁ କାଉଣ୍ଟର ଟିକେଟ ବିକ୍ରି




ଟିକେଟ କାଉଣ୍ଟର ପ୍ରସ୍ତୁତି ଅନୁଧ୍ୟାନ କରୁଛନ୍ତି ପୋଲିସ ଅଧିକାରୀ। (ଫଟୋ: ରାଜକିଶୋର ମହାନ୍ତି)

**କଟକ,୪।୧୨(ଶିଳ୍ପା ପ୍ରିୟଦର୍ଶିନୀ)**

ବାରବାଟୀ ଟି୨୦ ମ୍ୟାଚ୍‌କୁ ଆଉ ମାତ୍ର ଚାରିଦିନ ଥିବାବେଳେ ଷ୍ଟାଡିୟମ ସମ୍ପୂର୍ଣ୍ଣ ରୂପେ ସଜେଇ ହୋଇଛି। ଷ୍ଟାଡିୟମ ସୁରକ୍ଷିତ ଭାବେ ମ୍ୟାଚ୍ ପରିଚାଳନା କରିବା ପାଇଁ ସକ୍ଷମ ବୋଲି ଆଇଆଇଟି ଭୁବନେଶ୍ୱରର ବୈଷୟିକ ଟିମ୍ ସାର୍ଟିଫିକେଟ ପ୍ରଦାନ କରିଥିବା ସୂଚନା ମିଳିଛି। ସେହିପରି ମ୍ୟାଚ୍ ପୂର୍ବରୁ ଅଗ୍ନିଶମ ବିଭାଗ ପକ୍ଷରୁ ଅଧିକାରୀ ମାନେ ଗୁରୁବାର ବାରବାଟୀରେ ଅଗ୍ନିଶମ ବ୍ୟବସ୍ଥାକୁ ତନତନ କରି ପରଖିଛନ୍ତି। ଏବଂ ଡିସେମ୍ବର ୬ ଓ ୭ ତାରିଖ ସନ୍ଧ୍ୟା ସମୟରେ ଷ୍ଟାଡିୟମକୁ ସମ୍ପୂର୍ଣ୍ଣ ଭାବେ ଅନ୍ଧାର କରାଯିବ ଏବଂ ଅଗ୍ନିଶମ ବିଭାଗ ଦ୍ୱାରା ମକ୍‌ଡ୍ରିଲ ହେବ। ଇତିମଧ୍ୟରେ ଦୁଇଦିନ ଧରି ଓସିଏ ଅନୁବନ୍ଧିତ ସଂସ୍ଥାଗୁଡିକୁ ଟିକେଟ ବିକ୍ରି ଶେଷ ହୋଇଛି। ଶୁକ୍ରବାରଠାରୁ କାଉଣ୍ଟରରେ ଟିକେଟ ବିକ୍ରି ଆରମ୍ଭ କରାଯିବ। ଟିକେଟ ବିକ୍ରି ସମୟରେ ଧାଡିଠାରୁ ଆରମ୍ଭ କରି କାଉଣ୍ଟର ଯାଏଁ ସମସ୍ତ ସ୍ଥାନକୁ ୪୩ଟି ବୁଲେଟି ଆଇପି କ୍ୟାମେରା ଜଗିବ। ଏପରିକି ପ୍ରଥକରି ଚଳିତ ମ୍ୟାଚ୍‌ରେ ଏଲଇଡି ପ୍ୟାନେଲର ବ୍ୟବସ୍ଥା କରାଯାଇଛି। ଦୁଇଟି ଏଲଇଡି ପ୍ୟାନେଲ ଯୋଗେ ଟିକେଟ କିଣିବା ସମୟରେ ବିଶୃଙ୍ଖଳା ସୃଷ୍ଟି କରୁଥିବା ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ ବାରବାଟୀରେ ଡିଏମ୍‌ଏକ୍ସ ଶୋ’ ନିମନ୍ତେ ଗୁରୁବାର ଫ୍ଲଡ୍ ଲାଇଟ୍‌ର ଗୋଟିଏ ଖୁଣ୍ଟିର ଡ୍ରାଏ ରନ୍ କରାଯାଇଛି ଏବଂ ଦିନେ ଦୁଇଦିନରେ ସମସ୍ତ ଲାଇଟ୍‌ର ଏକା ସଙ୍ଗେ ଡ୍ରାଏ ରନ୍ କରାଯିବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ)ର କନ୍‌ସଲଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟର ଏହି ଏକମାତ୍ର ଅନ୍ତର୍ଜାତୀୟ କ୍ରିକେଟ ଭେନ୍ୟୁରେ ୪ର୍ଥ ଥର ଟି୨୦ ମ୍ୟାଚ୍ ଖେଳାଯିବ। ବିଶୃଙ୍ଖଳାକୁ ଏଡାଇବାକୁ ପ୍ରଥମ କରି ଲୁହା ବ୍ୟାରିକେଡ୍‌ର ବ୍ୟବସ୍ଥା କରାଯାଇଛି। ପୂର୍ବରୁ ଟିକେଟ ଆଶାୟୀଙ୍କ ନିମନ୍ତେ ଉଦ୍ଦିଷ୍ଟ ବ୍ୟାରିକେଡ୍‌ର ଚଉଡା ୨ଫୁଟ୍ ରହୁଥିଲା। ଏହା ନିକଟରେ ଥିବା ସର୍ଭିସ ବ୍ୟାରିକେଡ ରହୁଥିଲା ୩ ଫୁଟ୍। ହେଲେ ଏଥର ଜନସାଧାରଣଙ୍କ ପାଇଁ ହେବାକୁ ଥିବା ବ୍ୟାରିକେଡ୍ ଅଢ଼େଇ ଫୁଟ ବିଶିଷ୍ଟ ହେବ। ସର୍ଭିସ ବ୍ୟାରିକେଡକୁ ୪ ଫୁଟ୍ ଚଉଡା କରାଯିବ ବୋଲି ସ୍ଥିର ହୋଇଛି। କାଉଣ୍ଟର ପାଖରୁ ୮୦୦ ମିଟର ପର୍ଯ୍ୟନ୍ତ ଷ୍ଟିଲ ବ୍ୟାରିକେଡ୍ ଲଗାଯାଇଛି। ସେହିପରି ଆମ୍ବୁଲାନ୍ସ, ବାୟୋଟଏଲେଟ୍ ଏବଂ ଏକ ମେଡିକାଲ ଟିମ୍ ନିୟୋଜିତ କରାଯିବା। କାଉଣ୍ଟରରେ ସକାଳ ୯ଟାରୁ ସନ୍ଧ୍ୟା ୬ଟା ଯାଏ ଟିକେଟ ବିକ୍ରି କରାଯିବ।

**ବାରବାଟୀ ଟି୨୦**



ଦର୍ଶକଙ୍କ ଉଦ୍ଦେଶ୍ୟରେ ଏକାଡ଼େମୀ ପଡ଼ିଆରେ ନିର୍ମିତ ବାରିକେଡ।

# ଆନନ୍ଦଙ୍କୁ ହରାଇ ଟାଇଟଲ ଜିତିଲେ ଏରିଗେସି

**ଜେରୁଜେଲମ, ୪।୧୨ (ପି.ଟି.)**

ଭାରତୀୟ ଗ୍ରାଣ୍ଡମାଷ୍ଟର ଅର୍ଜୁନ ଏରିଗେସି ଏଠାରେ ଜେରୁଜେଲମ ମାଷ୍ଟର୍ସ ଚେସ୍ ଟାଇଟଲ ଜିତିଛନ୍ତି। ଦୁଇ ଭାରତୀୟ ଖେଳାଳିଙ୍କ ମଧ୍ୟରେ ଅନୁଷ୍ଠିତ ଫାଇନାଲରେ ସେ ୫ଥର ବିଶ୍ୱ ଚାମ୍ପିୟନ ବିଶ୍ୱନାଥନ ଆନନ୍ଦଙ୍କୁ ହରାଇ ଦେଇଛନ୍ତି। ଦୁହେଁ ଓପନିଂ ରାପିଡ୍ ଗେମ୍ ଡ୍ର’ ରଖିବା ପରେ ସେ ଧଳାଦାନ ସହ ପ୍ରଥମ ବ୍ଲିଜ୍ ଟାଇ-ବ୍ରେକ୍ ମ୍ୟାଚ ଜିତିଥିଲେ। ୨୨ବର୍ଷୀୟ ଖେଳାଳି ଦ୍ୱିତୀୟ ବ୍ଲିଜ୍ ମୁକାବିଲାରେ ଜିତିବା ସ୍ଥିତିରେ ଥାଇ ଶେଷରେ ଡ୍ର’ ରଖିଥିଲେ, ଯାହାକି ମୁକାବିଲାକୁ ୨.୫-୧.୫ରେ ଜିତିବା ପାଇଁ ଯଥେଷ୍ଟ ଥିଲା। ଏହି ବିଜୟ ଦ୍ୱାରା ଏରିଗେସି ପୁରସ୍କାର ବାବଦରେ ୫୫,୦୦୦ ଆମେରିକୀୟ ଡଲାର ପକେଟସ୍ଥ କରିଥିବା ବେଳେ ଆନନ୍ଦଙ୍କୁ ୩୫,୦୦୦ ଡଲାର ମିଳିଛି। ଏରିଗେସି ସେମିଫାଇନାଲରେ ରୁଷୀୟ ଗ୍ରାଣ୍ଡମାଷ୍ଟର ପିଟର ସ୍ୱିଡଲରଙ୍କୁ ହରାଇ ଦେଇଥିବା ବେଳେ ଆନନ୍ଦ ବର୍ତ୍ତମାନର ବିଶ୍ୱ ବ୍ଲିଜ ଚାମ୍ପିୟନ ଇଆନ ନେପମନିଆଚ୍‌ଚିଙ୍କୁ ପରାସ୍ତ କରିଥିଲେ। ତୃତୀୟ ସ୍ଥାନ ପ୍ଲେ-ଅଫ୍‌ରେ ସ୍ୱିଡଲର ତାଙ୍କ ଦେଶର ନେପମନିଆଚ୍‌ଚିଙ୍କୁ ୨.୫-୧.୫ରେ ହରାଇ ଦେଇଥିଲେ। ଜେରୁଜେଲମ ମାଷ୍ଟର୍ସ ଆମନ୍ତ୍ରଣୀୟ ଟୁର୍ନାମେଣ୍ଟ ୧୨ଜଣ ଖେଳାଳିଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ଏହି ରାଉଣ୍ଡ-ରବିନ ଟୁର୍ନାମେଣ୍ଟର ଶ୍ରେଷ୍ଠ ୪ ଖେଳାଳି ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଥିଲେ।



ଜେରୁଜେଲମ ମାଷ୍ଟର୍ସ ଚେସ୍ ଟାଇଟଲ ବିଜୟୀ ଅର୍ଜୁନ ଏରିଗେସି।

# କିସ୍, ଓଡ଼ିଶା ପୋଲିସର ବଡ଼ ବିଜୟ

**ଭୁବନେଶ୍ୱର,୪।୧୨(ଅନାଦି କର)**

ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ(ବିଏଏ) ଆନୁକୂଲ୍ୟରେ ୟୁନିଟ୍-୧ସ୍ଥିତ କିଶୋର କ୍ଲବରେ ଚାଲିଥିବା ଭୁବନେଶ୍ୱର ମହିଳା ଫୁଟବଲ ଲିଗ୍‌ରେ ଗୁରୁବାର ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ କିସ୍ ଓ ଓଡ଼ିଶା ପୋଲିସ ଦଳ ବଡ଼ ବିଜୟ ହାସଲ କରିଛନ୍ତି। ପ୍ରଥମ ମ୍ୟାଚ୍‌ରେ କିସ ୭-୦ ଗୋଲରେ ଓଡିଏମ୍ ଗ୍ଲୋବାଲ ସ୍କୁଲକୁ ପରାସ୍ତ କରିଥିଲା। ଦଳ ପାଇଁ ଅଙ୍କିତା ନାଏକ ହ୍ୟାଟ୍ରିକ ଗୋଲ ସ୍କୋର କରିଥିବା ବେଳେ ମାନିନି ପଟାମାଝୀ, ମାମା ସୋରେନ, ଜ୍ୟୋତ୍ସ୍ନା ମୁଣ୍ଡାରୀ ଓ ସୋନାଲି ଓରାମ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ହ୍ୟାଟ୍ରିକ ଗୋଲ କରିଥିବା ଅଙ୍କିତା ନାଏକଙ୍କୁ ଅତିଥି ଭାବେ ବିଏଏର ଉପ ସଭାପତି ଭାଗ୍ୟଧର ଜଗଦେବ ପୁରସ୍କାର ପ୍ରଦାନ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌ରେ ୧୪-୦ ଗୋଲରେ କିଟ୍‌କୁ ହରାଇଛି। ବିଜୟୀ ଦଳ ପାଇଁ ପ୍ୟାରୀ ଖାଖା ସର୍ବାଧିକ ୬ଟି, ମନୀଷା ନାୟକ ୩ଟି ଓ ସତ୍ୟବତୀ ଖାଡ଼ିଆ ଦୁଇଟି ଗୋଲ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମିନି ମୁଣ୍ଡା, ଦୀପା ନାୟକ ଓ ବନ୍ୟା କବିରାଜ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ପ୍ଲେୟର ଅଫ୍ ଦି ମ୍ୟାଚ୍ ପ୍ୟାରୀ ଖାଖାଙ୍କୁ ଅତିଥି ଭାବେ ମୋଦ୍ୱାନି କନଷ୍ଟ୍ରକଶନ ପ୍ରାଇଭେଟ ଲିମିଟେଡ୍ ଚେୟାରମ୍ୟାନ ଦିଲୀପ କୁମାର ମୋଦ୍ୱାନି ପୁରସ୍କୃତ କରିଥିଲେ।

**ଭୁବନେଶ୍ୱର ମହିଳା ଫୁଟ୍‌ବଲ ଲିଗ୍**




ପୁରସ୍କାର ଗ୍ରହଣ କରୁଛନ୍ତି ପ୍ୟାରୀ ଖାଖା।




^Ex-showroom price India for base variant under BaaS unique ownership programme. **All prices are ex-showroom India. All variants showcased are top models. Actual performance figures may differ in conditions other than test conditions. Vehicle body colour may differ due to the printing process. Images used in this ad are for representation purposes only. In view of our policy of continuously improving our products, we reserve the right to alter specifications, features and designs without prior notice and without liability. All variants are subject to availability. Please check details with your nearest MG dealer for the latest information. Accessories and features shown in the pictures may not be a part of standard equipment and will differ according to the variant. Available in select cities. ^Colours of the gifts are subject to availability. Festival Benefit Pool of ₹11 crore refers to the total cumulative value of benefits made available to all customers collectively during the offer period. 'Assured benefit' means each customer is eligible for one assured benefit with every retail purchase, not prizes worth ₹11 crore per customer. Benefits include premium electronic gadgets, appliances, holiday vouchers and more. Images shown are for representation purposes only and actual products may vary. Offers valid from 5th to 7th December at all MG dealerships in India. Assured benefits applicable only for vehicle deliveries taken on or before 31st December 2025. In the state of Tamil Nadu, customers will be eligible only for the 'Choose Your Gift' and 'Holiday Voucher' benefits. Other scratch-and-win gifts are not applicable. Get free public charging for 6 months through eHub by MG app. T&C apply. #T&C apply on all benefits and offers.

**Angul:** MG Angul (+917684996444) **Balasore:** MG Balasore (+917684996444) **Bhubaneswar:** MG Bhubaneswar (+917684996444), MG Bhubaneshwar Central (+919124835999) MG Khandagiri (+917941050770) **Berhampur:** MG Berhampur (+919124835999) **Jajpur:** MG Jajpur (+919124835999) **Rourkela:** MG Rourkela (+917684996444) **Sambalpur:** MG Sambalpur (+917684996444)

Cheil 29719/25

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ